# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨/୨୦୧୯ (୧୬ ପୃଷ୍ଠା) Sambalpur, Monday, September 2 / 2019 ★★

୧୪୬ ଭାଗ ୨୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP
GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
PAN MASALA
Watch at:
YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨/୨୦୧୯ | Sambalpur, Monday, September 2 / 2019 | ପୃଷ୍ଠା-୧



**ଫିଲ୍ମ ଶୁଟିଂ ସହଜ କହିଲେ ଜୁବେର**
ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ ବୋଲି କହିଛନ୍ତି ବଲିଉଡ୍ ଅଭିନେତା ଜୁବେର କେ. ଖାନ୍।

୦୯

୧୩

**ଯଶସ୍ୱିନୀଙ୍କୁ ସ୍ୱର୍ଣ୍ଣ ପଦକ**
ଆଇଏସ୍ଏସ୍ଏଫ୍ ରାଇଫଲ/ ପିସ୍ତଲ ବିଶ୍ୱକପ୍‌ରେ ଭାରତର ଯଶସ୍ୱିନୀ ସିଂ ଦେଶୱାଲ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ସଙ୍କଟରେ 'ବ୍ୟାଙ୍କ ଅନ୍ ହୁଇଲ୍ସ'

- ଖର୍ଚ୍ଚ ବୋଝ ବୋହିବାକୁ ଡିସିସିବି ଅମଙ୍ଗ
- ଖର୍ଚ୍ଚ ଦେବାକୁ ମଙ୍ଗୁ ନାହାନ୍ତି ରାଜ୍ୟ ସରକାର
- ଇଣ୍ଟରନେଟ ସାଜିଛି ବାଧକ



ଅନୀଲ ଦାସ
ଭୁବନେଶ୍ୱର,୧।୯

ରାଜ୍ୟର ଦୁର୍ଗମ ଅଞ୍ଚଳକୁ ବ୍ୟାଙ୍କ ସୁବିଧା ଯୋଗାଇ ଦେବା ସକାଶେ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ବ୍ୟାଙ୍କ ଅନ୍ ହୁଇଲ୍ସ' ଯୋଜନା। ବହୁ ଆଡ଼ମ୍ବରରେ ଆରମ୍ଭ କରାଯାଇଥିବା ଏହି ଯୋଜନା ପ୍ରାୟ ୪ ବର୍ଷ ପରେ ବାଟ ହୁଡ଼ିଲାଣି। ଦୁର୍ଗମ ଅଞ୍ଚଳକୁ ଆଉ ଗଡୁ ନାହିଁ ବ୍ୟାଙ୍କ ଗାଡ଼ି। ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି)ଗୁଡିକ ଖର୍ଚ୍ଚ ବୋଝରେ ଅତିଷ୍ଠ ହେଲେଣି। ଠିକ୍ ଢଙ୍ଗରେ ରକ୍ଷଣାବେକ୍ଷଣ କରାଯାଇ ପାରୁ ନ ଥିବାରୁ ବ୍ୟାଙ୍କ ସେବା ଯୋଗାଇବାକୁ କିଣାଯାଇଥିବା ଗାଡ଼ି ଖତ ଖାଇବାକୁ ମଧ୍ୟ ବସିଲାଣି।

୨୦୧୫ ସେପ୍ଟେମ୍ବର ୯ରେ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳ ଏବଂ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ଏହି ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିରେ ଗରିବ ଆଦିବାସୀ ଏବଂ ଚାଷୀମାନେ ଉପକୃତ ହୋଇଥାଆନ୍ତେ। ପ୍ରଥମ ପର୍ଯ୍ୟାୟରେ ୧୬ ଜିଲାର ୨୦ଟି ଆଦିବାସୀ ବହୁଳ ଓ ପଛୁଆ ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆରକେଭିୱାଇ)ରେ ୨୦ଟି ମିନିବସ୍ କିଣିବା ପାଇଁ ୬ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। କେନ୍ଦୁଝର ଜିଲାର ବାଂଶପାଳ ଓ ତେଲକୋଇ, ନବରଙ୍ଗପୁର ଜିଲାର କୋଷାଗୁମୁଡା, କୋରାପୁଟ ଜିଲାର ଦଶମନ୍ତପୁର, ରାୟଗଡା ଜିଲାର ପଦ୍ମପୁର, ସୁନ୍ଦରଗଡ଼ ଜିଲାର ଲାଠିକଟା ଓ କୁଆଁରମୁଣ୍ଡା, ଗଜପତି ଜିଲାର ଆର. ଉଦୟଗିରି, କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ଥୁଆମୂଳ ରାମପୁର, ମୟୂରଭଞ୍ଜ ଜିଲାର ତିରିଙ୍ଗି, ଶ୍ୟାମାଖୁଣ୍ଟା, ସମ୍ବଲପୁର ଜିଲାର ଜୁଜୁମୁରା, ଅନୁଗୋଳ ଜିଲାର ପାଲଲହଡା, ଢେଙ୍କାନାଳ ଜିଲାର ପରଜଙ୍ଗ, ବୌଦ୍ଧ ଜିଲାର କଣ୍ଟାମାଳ, କନ୍ଧମାଳ ଜିଲାର ଦାରିଙ୍ଗବାଡି, ନୟାଗଡ ଜିଲାର ଦଶପଲ୍ଲା, ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ଓ ମାଲକାନଗିରି ଜିଲାର କୁଡୁମୁଲୁଗୁମା ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ପ୍ରତ୍ୟେକ ବ୍ଲକକୁ ଗୋଟିଏ ଲେଖାଏ ମିନିବସ୍ ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଲୋକେ ଘର ପାଖରେ ବ୍ୟାଙ୍କ ସୁବିଧା ପାଇପାରିବେ। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଏଟିଏମ୍‌ରୁ ପଇସା ଉଠାଇ ପାରିବେ। ଏହାର ତଦାରଖ ଦାୟିତ୍ୱ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଓଏସସିବିରେ ଥିବା ଡାଟା ସେଣ୍ଟର ସହ ତାହାକୁ ସଂଯୋଗ କରାଯିବ। ସମବାୟ ବ୍ୟାଙ୍କ ଖାତାଧାରୀମାନେ ଗାଡ଼ିରେ ଲାଗିଥିବା କିଓସ୍କୋ ଜରିଆରେ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ। ଏହାଛଡ଼ା ବ୍ୟାଙ୍କ ଅନ୍ ହୁଇଲ୍ସରେ ଲାଗିଥିବା ଟେଲିଭିଜନ ପରଦାରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବିଭିନ୍ନ ସ୍କିମ ଏବଂ ସେବା ବିଷୟରେ ତଥ୍ୟ ଉପଲବ୍ଧ ହୋଇପାରିବ। ମୋଟାମୋଟି କହିବାକୁ ଗଲେ ଏହା ଏକ କ୍ଷୁଦ୍ର ବ୍ୟାଙ୍କ ଭଳି କାର୍ଯ୍ୟ କରିବ। କିଷାନ କ୍ରେଡିଟ କାର୍ଡ ପାଇଥିବା ବ୍ୟକ୍ତି ଓ ବ୍ୟାଙ୍କ ଖାତାଧାରୀମାନେ ଏହା ଜରିଆରେ ଟଙ୍କା ଦେଣନେଣ କରିପାରିବେ। ଜିଲା ସମବାୟ ବ୍ୟାଙ୍କ ଉପରେ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଆରମ୍ଭ ବେଳେ ବ୍ୟାଙ୍କଗୁଡିକ ଏହି ଗାଡ଼ିଗୁଡିକୁ ଉତ୍ସାହର ସହ ନେଇଯାଇଥିଲେ। ତେବେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଜନିତ ବ୍ୟୟ ଭାରରେ ବ୍ୟାଙ୍କଗୁଡିକ ନୟାନ୍ତ ହେଲେଣି। ସମୁଦାୟ ୨୦ ଗାଡ଼ିରୁ ୧୪ଟି କାଁଭାଁ ଚାଲୁଥିବା ବେଳେ ୬ଟି ଅଚଳ ହୋଇପଡିଛି। ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନ ଥିବାରୁ ହାଟ ବଜାରଗୁଡିକରେ ବ୍ୟାଙ୍କ ସୁବିଧା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ଓଏସସିବି ପକ୍ଷରୁ କୁହାଯାଉଛି। ମାତ୍ର ଅସଲ କଥା ହେଲା, ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏହି ଯୋଜନାର ଖର୍ଚ୍ଚ ବହନ କରିବା ନେଇ ନାକେଦମ ହେଲାଣି। ବ୍ୟାଙ୍କ ଅନ୍ ହୁଇଲ ସେବା ଯୋଗାଇ ଦେବାକୁ ଦିନକୁ ୩୦ କିଲୋମିଟର ସକାଶେ ୧୫ ଲିଟର ଡିଜେଲ ଓ ଦୁଇଜଣ କର୍ମଚାରୀଙ୍କ ଖର୍ଚ୍ଚ ବାବଦରେ ମାସକୁ ହାରାହାରି ୧୫ରୁ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡା ଗାଡିଗୁଡିକର ରକ୍ଷଣାବେକ୍ଷଣ ବାବଦରେ ମଧ୍ୟ ଆହୁରି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ପ୍ରତ୍ୟେକ ଗାଡି ପିଛା ୨ ଲକ୍ଷ ଟଙ୍କା ହିସାବରେ ବାର୍ଷିକ ୪୦ ଲକ୍ଷ ଟଙ୍କା ଦେବାକୁ ବ୍ୟାଙ୍କଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ଗତ ଦେଢ ବର୍ଷ ହେବ ଦାବି କରି ଆସୁଛନ୍ତି। ମାତ୍ର ସରକାର ଏ ବାବଦରେ ଟଙ୍କାଟିଏ ସୁଦ୍ଧା ଦେବାକୁ ରାଜି ହେଉନାହାନ୍ତି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଏହି ଯୋଜନା ଫେଲ ମାରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଫନୀ ବାତ୍ୟା ବେଳେ ସେଥିରୁ କିଛି ଗାଡ଼ି ଆଣି ପୁରୀରେ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଇଥିଲା। ଗୋଟିଏ ପଟେ ଆର୍ଥିକ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟେ ଇଣ୍ଟରନେଟ ଅପହଞ୍ଚ ଏହି ଯୋଜନାକୁ ଆହୁରି ବାଟବଣା କରିଛି।

ଏ ସମ୍ପର୍କରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଜଣେ ସମ୍ପାଦକ କହିଛନ୍ତି ଯେ, ଖର୍ଚ୍ଚ ବଢୁଥିବାରୁ ଏହି ଯୋଜନା ଚଳାଇବା ବ୍ୟାଙ୍କ ପକ୍ଷେ କଷ୍ଟକର ହେଉଛି। ସରକାର ଗାଡି ଗୁଡିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହନ ନ କଲେ ଏହି ଯୋଜନା ସଫଳ ହେବ ନାହିଁ।

# ୫ ପର୍ଯ୍ୟନ୍ତ ବର୍ଷା

- ଆଜି ୫ ଜିଲାକୁ ଅରେଞ୍ଜ, ୧୫କୁ ୟେଲୋ ୱାର୍ନିଂ
- ବଜ୍ରପାତ ନେଇ ଚାଷୀଙ୍କୁ ସତର୍କ କଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଆଜି ଆଉଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ବର୍ଷା ପରିମାଣ ବଢ଼ିବା ସହ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ସୋନପୁର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, କଟକ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଆଦି ୧୫ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

୩ ତାରିଖ ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର, ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ବଲାଙ୍ଗୀର, କୋରାପୁଟ ଓ ନବରଙ୍ଗପୁର ଆଦି ୧୨ ଜିଲାକୁ ପାଣିପାଗ ବିଭାଗ ସତର୍କ କରିଛି। ତେବେ ଏସବୁ ଜିଲା ମଧ୍ୟରୁ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର ଆଦି ୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବାକି ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ୪ ତାରିଖରେ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼, କେନ୍ଦୁଝର ଓ କୋରାପୁଟ ଆଦି ୭ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୫ ତାରିଖ ଦିନ ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ଉପରେ କଟକଣା ଜାରି ହୋଇଛି। ଆସନ୍ତା ୨ ଓ ୩ ତାରିଖ ଦିନ ସମୁଦ୍ର ଭିତରକୁ ଆଦୌ ନ ଯିବା ପାଇଁ ସତର୍କ କରାଯାଇଛି। ସେପଟେ ସୋମବାର କୃଷକଙ୍କ ପାଇଁ ମଧ୍ୟ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ବିଭିନ୍ନ ଜିଲାରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ବିଲକୁ ନ ଯିବା ପାଇଁ କୁହାଯାଇଛି। ସେହିପରି ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ଥିବାରୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଅର୍ଥନୀତି ନେଇ ମୁହଁ ଖୋଲିଲେ ମନମୋହନ ସିଂହ

# କୁପରିଚାଳନାରୁ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୧।୯



ଦେଶର ଅର୍ଥନୀତି ଏବେ ଚିନ୍ତାଜନକ ସ୍ଥିତିରେ ରହିଛି। ମୋଦି ସରକାରଙ୍କ ଆର୍ଥିକ କୁପରିଚାଳନା ଯୋଗୁ ଅର୍ଥନୀତି ମାନ୍ଦାବସ୍ଥାର ବୁଢ଼ିଆଣି ଜାଲରେ ଛନ୍ଦି ହୋଇଯାଇଛି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂହ କହିଛନ୍ତି।

ଡ.ସିଂହଙ୍କ କହିବାନୁଯାୟୀ, ଦେଶର ଅର୍ଥନୀତି ଏବେ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ମୋଦି ସରକାର ପ୍ରତିଶୋଧର ରାଜନୀତି ଛାଡ଼ନ୍ତୁ ବୋଲି ମନମୋହନ କହିବା ସହ ବିମୁଦ୍ରୀକରଣ ଓ ଜିଏସ୍‌ଟିକୁ 'ମାନବ ରଚିତ ସଙ୍କଟ' ବୋଲି ଅଭିହିତ କରିଛନ୍ତି। ତାଙ୍କର କହିବାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ହାର ୫% ରହିବାରୁ ସ୍ପଷ୍ଟ ହେଉଛି ଯେ, ଭାରତର ଅର୍ଥନୀତି ଲମ୍ବା ଅବଧିର ମାନ୍ଦାବସ୍ଥା ଚକ୍ରରେ ଫସିଯାଇଛି। ଦେଶ ଦ୍ରୁତଗତିରେ ବଢ଼ିପାରିବ,କିନ୍ତୁ ମୋଦି ସରକାରଙ୍କ କୁପରିଚାଳନା କାରଣରୁ ଏବେ ମାନ୍ଦାବସ୍ଥା ମାଡି ଆସିଛି। ସେ କହିଛନ୍ତି ଯେ,ମାନବ ରଚିତ ସଙ୍କଟ ଯୋଗୁ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି। ଏଥିରୁ ବାହାରିବା ଲାଗି ଚିନ୍ତାଶୀଳ ବ୍ୟକ୍ତିଙ୍କ ସହ ସରକାର ଆଲୋଚନା କରନ୍ତୁ। ଡ.ସିଂହ କହିଛନ୍ତି ଯେ, ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ମାତ୍ର ୦.୬% ରହିବା ଅତ୍ୟନ୍ତ ଚିନ୍ତାଜନକ ବ୍ୟାପାର। ବିଭିନ୍ନ ପ୍ରତିଷ୍ଠାନକୁ ବରବାଦ୍ କରାଯାଉଛି ଏବଂ ସେମାନଙ୍କଠାରୁ ସ୍ୱାଧୀନତା ଛଡ଼ାଇ ନିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା କେନ୍ଦ୍ର ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, ଏତେ ବିଶାଳ ପରିମାଣ ରାଶି ଦେବା ପରେ କୌଣସି ବିପଦର ମୁକାବିଲା ବେଳେ ଆର୍‌ବିଆଇ ପରୀକ୍ଷାର ସମ୍ମୁଖୀନ ହେବ। ଘରୋଇ ଚାହିଦା ହ୍ରାସ ପାଇଛି, ବ୍ୟୟ ହାର ୧୮ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିସାରିଲାଣି। ସେହିପରି ଜିଡିପି ଅଭିବୃଦ୍ଧି ହାର ୧୫ ବର୍ଷର ସବୁଠାରୁ ନିମ୍ନରେ ରହିଥିବା ବେଳେ ଟିକସ ଆଦାୟ ଏବେ ସୁଦ୍ଧା ଅନେକ କମ୍ ରହିଛି ବୋଲି ଦେଶର ଅର୍ଥନୀତି ସ୍ଥିତି ସଂକ୍ରାନ୍ତରେ ଉଲ୍ଲେଖ କରି ମନମୋହନ ଏହା କହିଛନ୍ତି। ଜିଏସ୍‌ଟି ଲାଗୁ ହେବା ପରେ ଟିକସ ସଂଗ୍ରହ ବଢ଼ିବ ବୋଲି ଆଶା କରାଯାଉଥିଲା ବେଳେ ତାହା ଦୃଷ୍ଟିଗୋଚର ହେଉନାହିଁ। ଛୋଟ ହେଉ କିମ୍ବା ବଡ଼, ସମସ୍ତ ବର୍ଗର ବ୍ୟବସାୟୀଙ୍କୁ ହଇରାଣ କରାଯାଉଛି। ☞ ପୃଷ୍ଠା-୨

# ୫ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ,୧।୯(ପି.ଟି.)

କେନ୍ଦ୍ର ସରକାର ରବିବାର ୫ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ମୁସ୍‌ଲିମ ନେତା ଅରିଫ ମହମ୍ମଦ ଖାନ୍‌ଙ୍କୁ କେରଳ ରାଜ୍ୟପାଳ କରାଯାଇଥିବାବେଳେ ଭାଜପା ନେତା ତଥା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂ କୋଶୟାରୀଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ କରାଯାଇଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ଜଣାପଡିଛି। ସେହିପରି ତାମିଲନାଡୁରେ ଭାଜପା ସଭାପତି ଥିବା ତାମିଲିସାଇ ସୌନ୍ଦରରାଜନଙ୍କୁ ତେଲେଙ୍ଗାନା ରାଜ୍ୟପାଳ କରାଯାଇଥିବାବେଳେ ବର୍ତ୍ତମାନ ହିମାଚଳପ୍ରଦେଶର ରାଜ୍ୟପାଳ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ରଙ୍କୁ ରାଜସ୍ଥାନ ଗଭର୍ନର ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ ହିମାଚଳପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି।

ଅରିଫ ମହମ୍ମଦ ରାଜୀବ ଗାନ୍ଧୀ ସରକାରରେ ମନ୍ତ୍ରୀ ଥିଲେ। ତେବେ ଶାହ ବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ନିଷ୍କ୍ରିୟ କରିବା ☞ ପୃଷ୍ଠା-୨

### ପ୍ରଥମ ଦିନରେ ଗାଡ଼ି ଯାଞ୍ଚ କଡ଼ାକଡ଼ି

# ୧୦ ଗୁଣା ଜରିମାନା ଗଣିଲେ ଉଲ୍ଲଂଘନକାରୀ

ଭୁବନେଶ୍ୱର,୧।୯(ବ୍ୟୁରୋ)



ଭୁବନେଶ୍ୱର ଏଜି ଛକ ନିକଟରେ ଟ୍ରାଫିକ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

- ହଠାତ୍ ଏତେ ଟଙ୍କା ଦେବାକୁ ଯାତ୍ରୀ କୁନ୍ଥୁ କୁନ୍ଥୁ
- ପୋଲିସ ପକ୍ଷରୁ କରାଯିବ ସରପ୍ରାଇଜ୍ ଯାଞ୍ଚ

ସାରା ଦେଶରେ ନୂଆ ମୋଟର ଆଇନ ରବିବାରଠାରୁ ଲାଗୁ ହୋଇଛି। ଏହି ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୦ ଗୁଣା ଜରିମାନା ଆଦାୟ କରାଯାଉଛି। ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ଜିଲାର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବିଶେଷକରି କଟକ, ଭୁବନେଶ୍ୱର, ରାଉରକେଲା, ପୁରୀ ଓ ଅନ୍ୟ ସହରଗୁଡ଼ିକରେ ମଧ୍ୟ ପ୍ରଥମ ଦିନରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିଲେ ସେମାନଙ୍କଠାରୁ ପୋଲିସ ମୋଟା ରକମର ଜରିମାନା ଆଦାୟ କରିଛି। ଏପରିକି ପ୍ରଥମ ଦିନରେ ମଧ୍ୟ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ସ୍କୁଲ ପିଲାଙ୍କୁ ପୋଲିସ ଧରି ଜରିମାନା ଆଦାୟ କରିଥିଲା।

ରାଜଧାନୀରେ ଟ୍ରାଫିକ୍ ପୋଲିସ ପକ୍ଷରୁ ରବିବାର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଛକର ଦୁଇ ପାର୍ଶ୍ୱରେ ଟ୍ରାଫିକ୍ ପୋଲିସ ଛକି ରହୁଥିଲେ। ବିନା ହେଲମେଟ୍ କିମ୍ବା ସିଟ୍‌ବେଲ୍ଟ ବାନ୍ଧି ନ ଥିବା କାର ଚାଳକଙ୍କୁ ପୋଲିସ ମାଡ଼ି ବସୁଥିଲା। ଏପରିକି ଅନେକେ ନୂଆ ନିୟମ ବିଷୟରେ ଜାଣି ନ ଥିବା, ପରବର୍ତ୍ତୀ ସମୟରେ ଏଭଳି ଭୁଲ କରିବେ ନାହିଁ ବୋଲି କହିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ବିଶେଷ କରି ଭୁବନେଶ୍ୱରର ଏଜି ଛକ, ନାଲ୍‌କୋ ଛକ, ରାଜମହଲ, ପଟିଆ, ରାମମନ୍ଦିର, ସିଆରପି, ଆଚାର୍ଯ୍ୟବିହାର, ଜୟଦେବବିହାର ଛକ ଆଦି ସ୍ଥାନରେ ବଡ଼ଧରଣର ଯାଞ୍ଚ ☞ ପୃଷ୍ଠା-୨

**ପରିବର୍ତ୍ତନର ବାର୍ତ୍ତାବହ ହୁଅ: ନବୀନ**
........୩........

**ଆଜିର ସମ୍ପାଦକୀୟ**
**ବିଦେଶୀ କିଏ**

**ଆଜିର ମନ୍ତବ୍ୟ**
"କଶ୍ମୀର ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ନେତାମାନେ ଲଜ୍ଜିତ ହେବା ଉଚିତ।
-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 01.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 49 | 92 | 102 |
| BHM | 50 | 93 | 103 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

# ଆଣ୍ଡାମାନରେ ଚାଇନାର ଗୁପ୍ତଚର ଜାହାଜ

ଚେନ୍ନାଇ,୧।୯



- ସଂଗ୍ରହ କରୁଛି ନୌସେନାର ଗୋପନୀୟ ପ୍ରତିରକ୍ଷା ତଥ୍ୟ
- ବାଲିଷ୍ଟିକ୍ ମିଶାଇଲ୍‌ର ଅବସ୍ଥିତି ଠାବ କରିବାରେ ସକ୍ଷମ
- ପାକିସ୍ତାନ ସହ ମିଶି ଭାରତ ବିରୋଧରେ ବ୍ୟବହାର କରିପାରେ ପିଏଲ୍ଏ

ଭାରତର ସ୍ଥଳଭାଗ ପରେ ଜଳପଥରେ ଅନୁପ୍ରବେଶ କରୁଛି ଚାଇନା। ଭାରତୀୟ ମହାସାଗର କ୍ଷେତ୍ର (ଆଇଓଆର୍)ରେ ଚାଇନାର ଆଡ୍‌ଭାନ୍ସ ସର୍ଭିଲାନ୍ସ ଜାହାଜ ପ୍ରବେଶ କରି ନୌସେନାର ଅତ୍ୟନ୍ତ ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ସଂଗ୍ରହ କରୁଛି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ନିୟମିତ ଭାବେ ଏହାର ଗୁପ୍ତଚର ଜାହାଜକୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପକୂଳକୁ ପଠାଉଥିବା ଜଣାପଡ଼ିବା ପରେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହୋଇଛି।

କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁସାରେ ନିକଟରେ ଚାଇନା ଏକ ଗୁପ୍ତଚର ଜାହାଜକୁ ଭାରତର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ (ଇଇଜେଡ୍)କୁ ପଠାଇଥିଲା। 'ଡାଇଆନ୍‌ୱାଙ୍ଗ୍‌ଜିଙ୍ଗ୍' ନାମକ ଡୋଙ୍ଗ୍‌ଡିଆଓ ଶ୍ରେଣୀର ଏହି ଜାହାଜ ସେଠାରେ କିଛିଦିନ ରହି ଭାରତୀୟ ନୌସେନା ଶିବିରଗୁଡ଼ିକର ଗୋପନୀୟ ତଥ୍ୟ ସଂଗ୍ରହ କରିଥିଲା। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବାଞ୍ଚଳ ସମୁଦ୍ର ସୀମାରେ ଏହାକୁ ଠାବ କରାଯାଇଥିଲା। କେବଳ ଥରେ ନୁହେଁ, ବରଂ ନିୟମିତ ଭାବେ ପିଏଲ୍ଏର ଜାହାଜ ଆଇଓଆର୍‌କୁ ଆସି ଏପରି ତଥ୍ୟ ଯୋଗାଡ଼ କରୁଛି। ସେଠାକାର କେଉଁ କେଉଁ ସ୍ଥାନରେ ଭାରତୀୟ ନୌସେନା ଘାଟି ରହିଛି ଓ ଯୁଦ୍ଧଜାହାଜ ମୁତୟନ କରାଯାଇଛି ସେନେଇ ଉଚ୍ଚକ୍ଷମତାସମ୍ପନ୍ନ ସର୍ଭିଲାନ୍ସ ଜରିଆରେ ଗୁପ୍ତଚରଗିରି କରିବା ପରେ ଚାଇନାକୁ ତଥ୍ୟ ପ୍ରେରଣ କରୁଛି। ଏହି ଜାହାଜରେ ତିନୋଟି ସାଟେଲାଇଟ୍ କମ୍ୟୁନିକେଶନ ରହିଛି। ଏହାର ବୃହତ୍ ଆଣ୍ଟିନା ବୈଦ୍ୟୁତିକ ଗୋଇନ୍ଦା ସଙ୍କେତକୁ ଅନୁଧ୍ୟାନ ଓ ବାଲିଷ୍ଟିକ୍ ମିଶାଇଲ୍‌ର ଅବସ୍ଥିତିକୁ ଠାବ କରିବାରେ ସକ୍ଷମ।

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ହେଉଛି ନୌସେନାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଘାଟି। ପୋର୍ଟ ବ୍ଲେୟାରରେ ଭାରତୀୟ ସଶସ୍ତ୍ର ବଳର ପ୍ରଥମ ଓ ଏକମାତ୍ର ଟ୍ରାଇ-ସର୍ଭିସ୍ ଥିଏଟର କମାଣ୍ଡ ରହିଛି। ଉକ୍ତ କ୍ଷେତ୍ରରେ ଟାଇପ୍ ୮୧୫ଜି ଶ୍ରେଣୀର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ ଜାହାଜ ଡାଇଆନ୍‌ୱାଙ୍ଗ୍‌ଜିଙ୍ଗ୍‌ର ଉପସ୍ଥିତି ଭାରତୀୟ ନିରାପତ୍ତା ପ୍ରତିଷ୍ଠାନଗୁଡ଼ିକ ପାଇଁ ବିପଦ ସୃଷ୍ଟି କରିଛି। ଗତ ଡିସେମ୍ବରରେ ମଧ୍ୟ ଏହି ଜାହାଜ ଆଇଓଆର୍‌ରେ ଦୁଇ ସପ୍ତାହ ଧରି ଘୂରି ବୁଲୁଥିଲା ବୋଲି ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚାଇନା ଏହାର ସହଯୋଗୀ ପାକିସ୍ତାନର ଗ୍ୱାଦର ଓ କରାଚୀ ନୌସେନା ଘାଟିର ଆଧୁନିକୀକରଣ କରୁଛି। ଭାରତ ଉପରେ ଗୁପ୍ତଚରଗିରି କରିବା ପାଇଁ ଚାଇନା ଏହି ଘାଟିଗୁଡ଼ିକୁ ବ୍ୟବହାର କରୁଛି। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀର ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ନେଇ ଚାଇନା କ୍ଷୁବ୍ଧ ହୋଇଛି। ଏଭଳି ସ୍ଥିତିରେ ସଂଗୃହୀତ ଗୋପନୀୟ ତଥ୍ୟକୁ ଭାରତ ବିରୋଧରେ ଚାଇନା ଓ ପାକିସ୍ତାନ ବ୍ୟବହାର କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେଣୁ ଭାରତୀୟ ଜଳସୀମାରେ ରହଣି କାଳରେ ଏହି ଜାହାଜ ବେଜିଂକୁ କେଉଁସବୁ ଗୋପନୀୟ ତଥ୍ୟ ପଠାଇଛି ଏବଂ ଏହା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଖୋଳତାଡ଼ କରୁଛନ୍ତି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅଦ୍ୱିକ ପରିବାରବର୍ଗ



ଦିପ୍ତୀ ରଞ୍ଜନ ପରିବାରବର୍ଗ



ରେୟାନ୍ ପରିବାରବର୍ଗ



ରିଧି ପରିବାରବର୍ଗ



ସୁନେନା ପରିବାରବର୍ଗ



ସୁଚିସ୍ମିତା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଅଗଷ୍ଟରେ ଦେଶର କୋଇଲା ଉତ୍ପାଦନ ୧୦.୩% ହ୍ରାସ ଘଟି ୩୪.୭୭ ମିଲିୟନ ଟନ୍ ରହିଛି।

- କୋଲ୍ ଇଣ୍ଡିଆ ଲିମିଟେଡ

**ପ୍ରଥମ ପୃଷ୍ଠାରୁ...**

## କୁପରିଚାଳନା...

ଟିକସ ଆତଙ୍କବାଦ କମୁନାହିଁ। ନିବେଶକ ସମ୍ପୂର୍ଣ୍ଣ ଭାବେ ନିରୁତ୍ସାହିତ। ଏଭଳି ସ୍ଥିତିରେ ମାନ୍ଦାବସ୍ଥାରୁ ବାହାରି ଆସିବା ଅସମ୍ଭବ ବୋଲି ସେ କହିଛନ୍ତି। ରୋଜଗାରହୀନ ଅର୍ଥନୀତିକୁ ନେଇ ମୋଦି ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, କେବଳ ଅଟୋମୋବାଇଲ କ୍ଷେତ୍ରରେ ସାଢ଼େ ୩ ଲକ୍ଷରୁ ଅଧିକ କର୍ମଚାରୀ ବେକାର ହୋଇଗଲେଣି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ ବଡ଼ ଧରଣର ନିଯୁକ୍ତି ହ୍ରାସ ପାଇଛି। ଫଳରେ ଅତି ଦୁର୍ବଳ ଶ୍ରେଣୀ ଏହାଦ୍ୱାରା ବେଶି ପ୍ରଭାବିତ। ଗ୍ରାମୀଣ ଭାରତର ଅବସ୍ଥା ଏବେ ଅତ୍ୟନ୍ତ ସାଂଘାତିକ। କାରଣ କୃଷକଙ୍କୁ ସେମାନଙ୍କ ଫସଲର ଉଚିତ ଦାମ ମିଳୁନାହିଁ। ଫଳରେ ଗ୍ରାମାଞ୍ଚଳର ଆୟ କମିବାରେ ଲାଗିଛି। ମୋଦି ସରକାର ମୁଦ୍ରାସ୍ଫୀତି ହ୍ରାସ କରିଥିବା ଡିଣ୍ଡିମ ପିଟୁଥିବା ବେଳେ ଏହାର ପ୍ରଭାବ ଚାଷୀ ଓ ସେମାନଙ୍କ ଆୟ ଉପରେ ପଡିଛି ବୋଲି ମନମୋହନ ଅଭିଯୋଗ କରିଛନ୍ତି।

## ୫ ନୂଆ...

ପାଇଁ ଅଣାଯାଇଥିବା ଆଇନକୁ ବିରୋଧ କରି ସେ ଇସ୍ତଫା ଦେଇଥିଲେ। କେରଳ ରାଜ୍ୟପାଳ ଥିବା ପୂର୍ବତନ ସିଜେଆଇ ପାଲାନିସାମୀ ସଥାଶିବମ୍ଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ରାଜସ୍ଥାନ ରାଜ୍ୟପାଳ ଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସ୍ଥାନରେ ୭୮ ବର୍ଷୀୟ କଲରାଜଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମହାରାଷ୍ଟ୍ର ରାଜ୍ୟପାଳ ଥିବା ସି. ବିଦ୍ୟାସାଗର ରାଓଙ୍କ ସ୍ଥାନରେ କୋଶୟାରୀ ଏବଂ ତେଲେଙ୍ଗାନା ରାଜ୍ୟପାଳ ଥିବା ଇଏସ୍ଏଲ୍ ନରସିଂହନଙ୍କ ସ୍ଥାନରେ ସୌନ୍ଦରରାଜନ ଦାୟିତ୍ୱ ଗ୍ରହଣ କରିବେ।

## ୧୦ ଗୁଣା...

କରାଯାଉଥିଲା। ଏପରି କି ଜେବ୍ରା କ୍ରସିଂ ଉପରେ ଗାଡ଼ି ରଖିବା, ଫୁଟ୍‌ପାଥ୍‌ରେ ଗାଡ଼ି ଚଲାଇବା ମାତ୍ରେ ପୋଲିସ ଏକ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ଅନେକ ଲୋକ ଜରିମାନା ପ୍ରତି ସତର୍କ ହୋଇପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କାରଣ ବାଇକ୍ ପଛରେ ବସିଥିବା ଲୋକ ମଧ୍ୟ ହେଲମେଟ୍ ପିନ୍ଧିଥିଲେ।

ଅନ୍ୟପକ୍ଷରେ ରବିବାର ସକାଳେ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଏଜି ଛକରେ ଲିଫଲେଟ୍ ବାଣ୍ଟି ଯାତ୍ରୀଙ୍କୁ ନୂଆ ଆଇନ ବିଷୟରେ ସଚେତନ କରିଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନ କରି ୧୦ ଗୁଣା ଜରିମାନା ଗଣିଥିବା ଅଧିକାଂଶ ଲୋକ ନୂଆ ମୋଟର ଆଇନ ବିଷୟରେ ଅବଗତ ନଥିବା କହିଛନ୍ତି। ଏଥିପାଇଁ ସଚେତନ କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଅନେକ ଯାତ୍ରୀଙ୍କଠାରୁ ଏଭଳି ଶୁଣିବା ପରେ ଶେଷରେ ପୋଲିସ ଡାକବାଜି ଯନ୍ତ୍ରରେ ରବିବାର ଏକାଧିକ ଛକରେ ଆଇନ ସମ୍ପର୍କରେ ସଚେତନ କରିଥିଲା। ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଧରାପଡିଥିଲେ, ସେମାନେ ହଠାତ୍ ଏତେ ଗୁଡ଼ାଏ ଟଙ୍କା ଦେବାକୁ କୁଣ୍ଠାବୋଧ କରିଥିଲେ। ହେଲେ ପୋଲିସ ସେମାଙ୍କୁ ଛାଡିବା ପରିସ୍ଥିତିରେ ନଥିଲା। ଜରିମାନା ଯେଉଁମାନେ ଦେଉ ନ ଥିଲେ, ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଖିବା ସହ ଗାଡ଼ି ଜବତ କରି ଟ୍ରାଫିକ୍ ଥାନାକୁ ନେଉଥିଲା। ପ୍ରଥମ ଦିନରେ ହେଲମେଟ୍ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ଅଧିକ ଫାଇନ ଅସୁଲ ହୋଇଥିଲା। ଯେଉଁମାନେ ଧରାପଡୁଥିଲେ ସେମାନଙ୍କ ଗାଡିର ଡ୍ରାଇଭିଂ ଲାଇସେନ୍ସ ଏବଂ ଇନ୍ସ୍ୟୁରାନ୍ସ ଯାଞ୍ଚ କରିବା ପରେ ପ୍ରାୟତଃ ଇନ୍ସୁରାନ୍ସ ନ ଥିବା ଜଣାପଡିଛି।

ଆଗାମୀ ଦିନରେ ପୋଲିସ ପକ୍ଷରୁ ସରପ୍ରାଇଜ୍ ଯାଞ୍ଚ କରାଯିବ। ଯେଉଁ ସ୍ଥାନରେ ଯାଞ୍ଚ ହେବ ନାହିଁ ବୋଲି ଯାତ୍ରୀ ଭାବୁଥିବେ, ସେହି ସ୍ଥାନରେ ଚଢାଉ କରାଯାଇ ଯାଞ୍ଚ କରାଯିବ ବୋଲି କଟକ-ଭୁବନେଶ୍ୱର ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା କହିଛନ୍ତି। ଡିସିପି ଅନୁପ ସାହୁ ଯାଞ୍ଚ ଚାଲିଥିବା ଅନେକ ଛକକୁ ଯାଇ ବୁଲି ଦେଖିଥିଲେ। ଏନେଇ ଡିସିପି ସାହୁ କହିଛନ୍ତି, ଆମେ ଲୋକଙ୍କୁ ସଚେତନ ହେବାକୁ କହୁଛୁ, ମୋଟା ରକମର ଜରିମାନା ଆଦାୟ କରିବା ଆମର ଉଦ୍ଦେଶ୍ୟ ନୁହେଁ।

# ଆରମ୍ଭ ହେଲା ୱାନ୍ ନେଶନ, ୱାନ୍ ରାଶନ

- ପାଇଲଟ୍ ପ୍ରକଳ୍ପ ଭାବେ ବିଏମ୍‌ସିରେ ଲାଗୁ ହେଲା
- ଖୁବ୍‌ଶୀଘ୍ର ସାରା ରାଜ୍ୟରେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୧୯(ବ୍ୟୁରୋ)

ଓଡ଼ିଶାରେ ଆରମ୍ଭ ହୋଇଛି 'ୱାନ୍ ନେଶନ ୱାନ୍ ରାଶନ' ବ୍ୟବସ୍ଥା। ପ୍ରଥମ ପାଇଲଟ୍ ପ୍ରକଳ୍ପ ଭାବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରବିବାରଠାରୁ ଲାଗୁ କରାଯାଇଛି। ଏହି ନୂଆ ବ୍ୟବସ୍ଥା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍ଏସ୍ଏସ୍)ରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଦେଶର ଯେକୌଣସି ସ୍ଥାନରୁ ସରକାରୀ ଚାଉଳ, ଗହମ, କିରୋସିନ ଆଦି ରାଶନ ସାମଗ୍ରୀ ପାଇପାରିବେ। ଏଥିପାଇଁ ରାଶନ କାର୍ଡ ସହ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ କରାଯାଇଛି। ଏବେ ରାଜ୍ୟରେ ୯୭.୩ ପ୍ରତିଶତ ରାଶନ କାର୍ଡ ସହ ଆଧାର ଲିଙ୍କ୍ ହୋଇପାରିଛି। ଆହୁରି ୨ଲକ୍ଷ ପରିବାର ଏ ପର୍ଯ୍ୟନ୍ତ ଆଧାର ଲିଙ୍କ୍ କରି ନ ଥିବା ଜଣାପଡିଛି। ତେଣୁ ରାଜ୍ୟରେ ଏହି ବ୍ୟବସ୍ଥାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆଧାର ଲିଙ୍କ୍ ପ୍ରକ୍ରିୟାକୁ ଆହୁରି ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୨୦୨୦ ଜୁଲାଇରୁ ଦେଶରେ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ବିଏମ୍‌ସିରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏଣିକି ଯେକୌଣସି ଖାଉଟି ବଣ୍ଟନ କେନ୍ଦ୍ରରୁ ହିତାଧିକାରୀମାନେ ସେମାନଙ୍କ ରାଶନ ସାମଗ୍ରୀ ନେଇପାରିବେ। ଏହାକୁ ସଫଳ କରିବାକୁ ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ୧୧୮ କେନ୍ଦ୍ର ଖୋଲାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ହିତାଧିକାରୀମାନେ କାର୍ଡ ପୋର୍ଟାବିଲିଟି କରୁଛନ୍ତି। ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହାପରେ ବିଏମ୍‌ସି ଅଞ୍ଚଳର ହିତାଧିକାରୀମାନେ ସୁବିଧା ମୁତାବକ ଯେକୌଣସି ରାଶନ କେନ୍ଦ୍ରରୁ ସାମଗ୍ରୀ ନେଇପାରିବେ। ଏହି ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ଭୂତ ହିତାଧିକାରୀ ଓ ଏକାଧିକ ସ୍ଥାନରୁ ରାଶନ କାର୍ଡ କରି ସାମଗ୍ରୀ ଉଠାଉଥିବା ହିତାଧିକାରୀ ବାଦ୍ ପଡ଼ିବେ। ଫଳରେ ଏହି ଯୋଜନାରେ ସାମଗ୍ରୀ ବାଟମାରଣା ରୋକାଯିବା ସହ ସ୍ୱଚ୍ଛତା ବଜାୟ ରହିବ।

କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବିଏମ୍‌ସିରେ ଏହି ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ସାରା ରାଜ୍ୟରେ ଲାଗୁ କରାଯିବ। ଏହାପରେ ଅନ୍ୟ ରାଜ୍ୟ ସହିତ ମଧ୍ୟ କାର୍ଡଗୁଡ଼ିକୁ ସଂଯୋଗ କରାଯିବ। ହିତାଧିକାରୀମାନେ ଏଣିକି ରାଜ୍ୟର ଯେକୌଣସି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ରରୁ ପିଡିଏସ୍ ସାମଗ୍ରୀ ନେଇପାରିବେ। ସେମାନଙ୍କୁ ନିର୍ଦ୍ଦିଷ୍ଟ ଡିଲର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଥିନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

### କାର୍ଯ୍ୟକାରୀ ହେଲା ସଂଶୋଧିତ ଗାଇଡ୍‌ଲାଇନ୍

# ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ ହେଲା ଛତୁଆ

ଭୁବନେଶ୍ୱର, ୧୯(ବ୍ୟୁରୋ)

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଅତିରିକ୍ତ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଉନ୍ନତମାନର ଛତୁଆ ଯୋଗାଇଦେବା ଉଦ୍ଦେଶ୍ୟରେ ସଂଶୋଧିତ ଗାଇଡ୍ ଲାଇନ୍ କାର୍ଯ୍ୟକାରୀ ହୋଇଛି। ଏହି କ୍ରମରେ ରବିବାର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଇଛି।

ନୂଆ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତିମାସ ୨୩ ତାରିଖରେ ଛତୁଆ ମିଶ୍ରଣ ଓ ୧ ତାରିଖରେ ବଣ୍ଟନ କରାଯିବ। ମାତୃ କମିଟି ଓ ଯାଞ୍ଚ କମିଟି ସଦସ୍ୟ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବାର ନିର୍ଦ୍ଦେଶ ରହିଛି। ତେଣୁ ରବିବାର ଛତୁଆ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ରାଜ୍ୟ ସ୍ତରରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲା ଗସ୍ତ କରିଥିଲେ। ବାଲେଶ୍ୱର, ବରଗଡ଼ ଓ ଗଜପତି ଜିଲାରେ ଜିଲାପାଳମାନେ ଅଙ୍ଗନୱାଡି କେନ୍ଦ୍ରରେ ଉପସ୍ଥିତ ରହି ଛତୁଆ ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିଥିଲେ। ସେହିଭଳି ବିଭିନ୍ନ ଜିଲାର ଜିଲାପାଳ, ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ଆଇସିଡିଏସ୍ ସୁପରଭାଇଜର ଉପସ୍ଥିତ ରହି ଛତୁଆ ବଣ୍ଟନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ୬ ମାସରୁ ୩ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ ୩ରୁ ୬ ବର୍ଷର ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଶୁଖିଲା ଖାଦ୍ୟ ଭାବେ ଛତୁଆ, ଲଡୁ, ଅଣ୍ଡା ଆଦି ଯୋଗାଇ ଦିଆଯାଉଛି। ଛତୁଆ ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହଠାରୁ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା, ଗୁଣାତ୍ମକମାନ ବଜାୟ ରଖିବା ଏବଂ ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତଙ୍କର ଉତ୍ତରଦାୟିତ୍ୱତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଓ ବଣ୍ଟନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ମତପ୍ରକାଶ କରିଛନ୍ତି।



ଅଙ୍ଗନୱାଡି କେନ୍ଦ୍ରରେ ମହିଳାମାନଙ୍କୁ ଛତୁଆ ପ୍ରଦାନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ହସ୍ତା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ପାରିବାରିକ ସୁଖ ସମୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ଆଶା ଅନୁଯାୟୀ ସୁଫଳ ପ୍ରଦାନ କରିବ। ପ୍ରତ୍ୟୁଷ ଯାତ୍ରା ସମୟରେ ଅପରିଚିତଙ୍କ ସହ କଳହ ଲାଗିବାର ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟ, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୀଚାରୋହୀ ଶୁକ୍ର ଆପଣଙ୍କୁ ଭୋଗବିଳାସରୁ ଦୂରେଇ ରଖି ଅର୍ଥସଙ୍କଟ ସୃଷ୍ଟି କରିବେ।

**ବୃଷ** କେତୁ ନକ୍ଷତ୍ରସ୍ଥ ବୁଧ ବନ୍ଧୁରେ କଳହ ସାଙ୍ଗକୁ ଧନହାନି ଘଟାଇପାରନ୍ତି। ପରିବାର ସଦସ୍ୟଙ୍କ ସହିତ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ବର୍ତ୍ତମାନ ସମୟରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନାମାନରେ ପ୍ରାଥମିକ ସ୍ତରରେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରରେ ବକ୍ରୀଶନି ଆପଣଙ୍କ ଯାତ୍ରା, ବିବାଦୀୟ ସ୍ଥିତି, ରପ୍ତାନି ବାଣିଜ୍ୟ ଓ ପ୍ରତିଯୋଗିତା ଆଦି କ୍ଷେତ୍ରରେ ବିପରୀତ ଫଳ ପ୍ରଦାନ କରିବେ। ଅବଶ୍ୟ କର୍ମକ୍ଷେତ୍ରରେ ସହମତି ଭିତ୍ତିରେ ଆଲୋଚନା କଲେ କାର୍ଯ୍ୟ ହାସଲ ହେବାର ସମ୍ଭାବନା ରହିଛି। ଘରୋଇ ସମସ୍ୟାରେ ସମାଧାନର ରାସ୍ତା ଖୋଜିବାହାର କରିବାରେ ସମର୍ଥ ହୋଇପାରନ୍ତି।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଜାତ ବ୍ୟକ୍ତି ସ୍ୱାସ୍ଥ୍ୟହାନି ଓ ଶତ୍ରୁପୀଡା କାରଣରୁ ଅଶାନ୍ତ ରହିବେ। କିନ୍ତୁ ପୁନର୍ବସୁ ସହକର୍ମୀଙ୍କ ସହଯୋଗରେ କୌଣସି ବଡ଼ କାମଟିଏ କରି ପାରିଥିବାରୁ ଆତ୍ମତୃପ୍ତି ଲାଭ କରିବା ସଙ୍ଗେ ସଙ୍ଗେ ପରିବାର ତରଫରୁ ମଧ୍ୟ ପ୍ରଶଂସିତ ହେବେ। ଦୂରଯାତ୍ରା କାଳରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ** ଆଜି ରାଜଯୋଗ ପ୍ରଭାବରୁ ଯାହା କରନ୍ତୁ ନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସ୍ୱାଦ ମନକୁ ଖୁସୀ କରାଇବ। କିନ୍ତୁ ମଘାର ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନର ଆଶା ରହିଛି।

**କନ୍ୟା** ଶୁକ୍ର କର୍ମାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆଜି ଯେଉଁ କାମଟିକୁ ଆରମ୍ଭ କରିବେ ତାହା ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ର ଏପରିକି ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଘରେ ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା** ଷଷ୍ଠାଧିପ ଧନ ଭାବସ୍ଥ ହେତୁ ଋଣ ଦ୍ୱାରା ଅର୍ଥଲାଭ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ସଂଘର୍ଷମୟ ସ୍ଥିତିରେ ଗତି କରିବାକୁ ପଡିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। କୌଣସି ମହିଳାଙ୍କ ଅନୁକମ୍ପାମୂଳକ ସାହାଯ୍ୟ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା** ଦେବଗୁରୁ ଗ୍ରହଜଗତର ରାଜକୁମାର ବୁଧଙ୍କ ନକ୍ଷତ୍ରସ୍ଥ ହେତୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କିନ୍ତୁ ଈର୍ଷାପରାୟଣ ବନ୍ଧୁମାନେ ସେହି ଅନୁପାତରେ ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ସଭାସମିତିରେ ତଥା ବାଣିଜ୍ୟ,ବ୍ୟବସାୟରେ ପରୋକ୍ଷ ଶତ୍ରୁତା କରିପାରନ୍ତି।

**ଧନୁ** ରାହୁ ଚତୁର୍ଥାଧିପତିଙ୍କ ନକ୍ଷତ୍ରରେ ପାରିବାରିକ ଅଶାନ୍ତି ସାଙ୍ଗକୁ ଲୋକସମ୍ପର୍କ ହାନି କରାଇପାରେ। କିନ୍ତୁ ଉତ୍ତରାଷାଢା ନକ୍ଷତ୍ର ଯେଉଁ କାମ ହାତକୁ ନେଇଛନ୍ତି ତାହା ବଢାଇ ନିଅନ୍ତୁ, କିଛି ଅସୁବିଧା ହେବନି। ଅବଶ୍ୟ ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି। ଅଫିସ୍ କାମରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ଧନିଷ୍ଠା ନକ୍ଷତ୍ର ବିଭିନ୍ନ କୌଶଳ ଅବଲମ୍ବନ କରି ଅର୍ଥନୀତିକୁ ଦୃଢୀଭୂତ କରିପାରନ୍ତି। ବହୁତ ଦିନ ହେଲା ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଆଜି ହାଲୁକା ଅନୁଭବ କରିବେ। ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ଆଜିର ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ପ୍ରତିଟି କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନୋବଳ ବୃଦ୍ଧି ପାଇବ।

**ମୀନ** ରେବତୀ ନକ୍ଷତ୍ର ସମସ୍ୟା ମଧ୍ୟରେ ଚଳିବା କାରଣରୁ ନେଇ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ନିଜ ଲୋକମାନେ ଅସୁବିଧାରେ ପକାଇବା ସକାଶେ ଚେଷ୍ଟା କରି ପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ହାତ ପାହାନ୍ତାରେ ସୁଯୋଗ ପାଇପାରିବେ।

ଆଜି ଗଣେଶ ଚତୁର୍ଥୀ, ସେପ୍ଟେମ୍ବର ୨ ତାରିଖ, ସୋମବାର, ରାଶିନକ୍ଷତ୍ର- ଦିବା ଘ୯ ।୧୩ମି. ଗତେ ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୫୨ମି. ମଧ୍ୟେ ଘ୧ ।୫୨ମି. ଗତେ ଘ୨ ।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୩ ।୩୦ମି. ଗତେ, ଘ୫ ।୦୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭ ।୦୭ମି. ଗତେ ଘ୮ ।୪୦ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302

**real estate**

**SALE**

Selling big patch of land @ low price, Bhubaneswar. 6371090682. D-14101

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA plot sqft. 650/-ରେ କିଣନ୍ତୁ। Contact: 6370485344, 9777764051. D-14161

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

2BHK flat near Ravi Talkies bus stop towards Lewis road, Bhubaneswar. 8328890345. D-65685

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

A high commercial building for sale at Bhubaneswar near Kalpana area, land area 2200 sqft., constructed area 4615sqft. rental income 1.10 lakh per month. Please call: 9437068886. D-14156

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**to-let**

1BHK independent house (300sqft.) available on rent at B/51, K-9, Kalinga Vihar, Near DN Regalia Mall, Bhubaneswar. Service family please contact: 7350004476. D-14168

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

Single furnished room for office near BDA, Keshari talkies, plot-5, Bhubaneswar. Contact: 9238579309. D-66187

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Experience full body massage with us (expert). Call: 7377048581, 06742597822. D-67372

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**business**

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**ଡକ୍ଟରେଟ ଲାଭ**



କେନ୍ଦ୍ର ସରକାରଙ୍କ ୟୁଜିସି ଫେଲୋଶିପ୍ ପାଇ ଶ୍ରୀ ଶୀତାଂଶୁ ଶେଖର ଦାସ ଦୀର୍ଘ ଛଅବର୍ଷ ଧରି ଆଇଆଇଟି ଖଡଗପୁରର ପ୍ରଫେସର ଡକ୍ଟର ଦାମୋଦର ସୁଆରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ମାନବ ସମ୍ବଳ ସମ୍ବନ୍ଧିତ ତାଙ୍କ ସନ୍ଦର୍ଭ 'A Multistage Model of R & D Leader Effectiveness' ଆମେରିକାର ଟେକ୍ସାସ୍ ଟେକ୍ ୟୁନିଭରସିଟିର ପ୍ରଫେସର ରୋମାନ୍ ତାରାବାନ୍ ଏବଂ ଆଇଆଇଟି କାନପୁରର ପ୍ରଫେସର ବ୍ରଜଭୂଷଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ୨୦୧୯ ଅଗଷ୍ଟ ମାସ ୨୭ତାରିଖ ଦିନ ଆଇଆଇଟି ଖଡଗପୁର ଦ୍ୱାରା ଶ୍ରୀ ଶୀତାଂଶୁଙ୍କୁ ଡକ୍ଟର ଉପାଧିରେ ସମ୍ମାନିତ କରାଯାଇଅଛି। ଡକ୍ଟର ଶୀତାଂଶୁ ହେଉଛନ୍ତି ଭଦ୍ରକ ଜିଲ୍ଲା କୋରିଗାଁ ଗ୍ରାମର ଶ୍ରୀ ରାମଚନ୍ଦ୍ର ଦାସ ଓ ଶ୍ରୀମତୀ ଗୀତାରାଣୀ ଦାସଙ୍କର କନିଷ୍ଠ ପୁତ୍ର। ବର୍ତ୍ତମାନ ଡକ୍ଟର ଶୀତାଂଶୁ ଦାସ କେରଳର କୋଚି ସ୍ଥିତ ରାଜଗିରି ବିଜ୍‌ନେସ୍ ସ୍କୁଲରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଏବଂ ସେମାନେ ଭୁବନେଶ୍ୱର ଦୁର୍ଗାମାଧବ ନଗରରେ ଅବସ୍ଥାନ କରୁଛନ୍ତି।
ଧ-୧୪୧୯୦


କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

## ବିଜେଡି ରାଜ୍ୟସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

# ପରିବର୍ତ୍ତନର ବାର୍ତ୍ତାବହ ହୁଅ: ନବୀନ




ବିଜେଡିର ରାଜ୍ୟସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି(ବାମ)। ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

- ଗାନ୍ଧିବାଦୀ ଆଦର୍ଶକୁ ଅନୁସରଣ
- ସକ୍ରିୟ ଭାବେ ସଭ୍ୟ ସଂଗ୍ରହକୁ ଗୁରୁତ୍ୱ

ଭୁବନେଶ୍ୱର,୧୯(ବ୍ୟୁରୋ)

ସାଧାରଣ ଜନତାଙ୍କ ଜୀବନରେ ଖୁସି ଆଣିବା ପାଇଁ ବିଜେଡି ସଦସ୍ୟମାନେ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ। ଲକ୍ଷ ଲକ୍ଷ କର୍ମୀ ଭଉଣୀଭାଇଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁ ବିଜେଡି ତାହାର ବିଜୟଧାରା ଅବ୍ୟାହତ ରଖିଛି। ତେଣୁ ସାଢ଼େ ୪କୋଟି ଲୋକ ଦେଇଥିବା ଆଶୀର୍ବାଦ ପାଇଁ ସେ ଜନସାଧାରଣଙ୍କ ନିକଟରେ ଋଣୀ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜଧାନୀସ୍ଥିତ ସ୍ଥାନୀୟ ଉତ୍କଳ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ଦଳର ଏକଦିବସୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ନବୀନ ଏହା କହିଛନ୍ତି। ପଞ୍ଚମ ଥର କ୍ଷମତାକୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପ୍ରଶାସନରେ ୫-ଟି ମନ୍ତ୍ରକୁ ଗୁରୁତ୍ୱ ଦେଉଛନ୍ତି। ଅନୁରୂପଭାବେ ଦଳୀୟ କାର୍ଯ୍ୟକ୍ରମରେ ମଧ ୫-ଟି ମନ୍ତ୍ରକୁ ପ୍ରାଧାନ୍ୟ ଦେବାକୁ ସେ କହିଛନ୍ତି।

ନବୀନ କହିଥିଲେ ଯେ, ଚଳିତବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି। ଗାନ୍ଧିଜୀଙ୍କ ଆଦର୍ଶ ଓ ବିଚାରଧାରାର ପ୍ରାସଙ୍ଗିକତା ଆଜି ମଧ ରହିଛି। ତେଣୁ ଗାନ୍ଧିଜୀଙ୍କ ମୂଲ୍ୟବୋଧ ଓ ଦର୍ଶନର ପ୍ରଚାର ପାଇଁ କର୍ମୀମାନେ ବିଭିନ୍ନ ଗାନ୍ଧିବାଦୀ ଅନୁଷ୍ଠାନ ସହ ମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅନୁରୂପଭାବେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସୋମବାରଠାରୁ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯାଉଛି। ଏହା ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ନେତା ଓ କର୍ମୀମାନେ ସକ୍ରିୟ ଭାବେ ସାମିଲ ହୁଅନ୍ତୁ। ତୃଣମୂଳ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ପ୍ରତି ଘରେ ପହଞ୍ଚି ଦଳର ବାର୍ତ୍ତା ପ୍ରଦାନ କରନ୍ତୁ ବୋଲି ନବୀନ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପୂର୍ବରୁ ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲିକ ଏବଂ ଅନଙ୍ଗ ଉଦୟ ସିଂଦେଓ ପ୍ରସ୍ତାବ ଆଗତ କରିଥିଲେ। ପରେ ଦଳର ଅନ୍ୟ ସଦସ୍ୟମାନେ ଏହାକୁ ସମର୍ଥନ କରିଥିଲେ। ଗତ ନିର୍ବାଚନରେ ସାଧାରଣ ଜନତା ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେବା ପାଇଁ ପ୍ରସନ୍ନ କହିଥିଲେ। ସେହିଭଳି ଦଳର କର୍ମୀ, ବିଶେଷକରି ମହିଳାମାନେ ବିଜେଡିକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେମାନଙ୍କ ପାଇଁ ପ୍ରମିଳା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଦଳର ସଭ୍ୟ ସଂଗ୍ରହ ସହ ସାଙ୍ଗଠନିକ ନିର୍ବାଚନ ମଧ ଅନୁଷ୍ଠିତ ହେବ, ଏଥିପାଇଁ ଆବଶ୍ୟକ ନିର୍ବାଚନ ପ୍ରକ୍ରିୟା ଲାଗି ଦଳ ପକ୍ଷରୁ ଜଣେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଅନଙ୍ଗ ଉଦୟ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ସାହୁ, ଦେବାଶିଷ ସାମନ୍ତରାୟ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ନିରଞ୍ଜନ ପୂଜାରୀ ପ୍ରମୁଖ ପ୍ରସ୍ତାବଗୁଡିକୁ ସମର୍ଥନ କରିଥିଲେ। କାର୍ଯ୍ୟକ୍ରମ ପରେ କୃଷିମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ସାଧାରଣ ଜନତାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦେଇଥାଆନ୍ତି। ଅନୁରୂପଭାବେ ଦଳ କଥା ଆସିଲେ ତୃଣମୂଳ କର୍ମୀଙ୍କୁ ହିଁ ଶ୍ରେୟ ଦେଇଥାଆନ୍ତି। ଏହି କାରଣରୁ ସେ ଦୀର୍ଘ ଦୁଇ ଦଶନ୍ଧି ଧରି ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁଛନ୍ତି। ଚଳିତ ବର୍ଷ ସଭ୍ୟ ସଂଗ୍ରହରେ ଏହା ପ୍ରତିଫଳିତ ହେବ ବୋଲି ଅରୁଣ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ଆରୁଖ, ରଘୁନନ୍ଦନ ଦାସ, ପ୍ରଫୁଲ୍ଲ ମଲିକ, ନବ ଦାସ, ତୁଷାରକାନ୍ତି ବେହେରା, ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ଅଚ୍ୟୁତ ସାମନ୍ତ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଉଷା ଦେବୀ, ପ୍ରଫୁଲ୍ଲ ଘଡେଇ, ଶଶିଭୂଷଣ ବେହେରା ଏବଂ ଓଏସ୍‌ଆଇସି ଅଧକ୍ଷ ଚିନ୍ମୟ ସାହୁ ପ୍ରମୁଖ ଯୋଗଦେଇଥିଲେ।




## ଏନ୍‌ଆଇଟି ଜେନେରେଟର ରୁମ୍‌ରେ ନିଆଁ

ରାଉରକେଲା ଅଫିସ,୧୯

ରାଉରକେଲା ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଜେନେରେଟର ରୁମ୍‌ରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଜେନେରେଟର ରୁମ୍‌ରେ ଥିବା ଏସି ମେଶିନରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ଜେନେରେଟର ରୁମ୍ ସହ ଅନ୍ୟ କୋଠରି ଧୂଆଁରେ ଭର୍ତ୍ତି ହୋଇଯାଇଥିଲା। ଏନ୍‌ଆଇଟି ଟେକ୍ନିକାଲ ଟିମ୍ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତେବେ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ଟେକ୍ନିକାଲ ଟିମ୍ ନିଆଁକୁ ଆୟତ୍ତ କରିଥିଲେ।




## ଭୋଟର ଯାଞ୍ଚ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୧୯(ବ୍ୟୁରୋ)

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେପ୍ଟେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କ ପକ୍ଷରୁ ଭୁବନେଶ୍ୱର(ମଧ୍ୟ) ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଯାଞ୍ଚ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ସରକାରୀ ପରିଚୟ ପତ୍ର, ରାଶନ କାର୍ଡ, କୃଷକ ପରିଚୟ ପତ୍ର, ପ୍ୟାନ୍ କାର୍ଡ, ଆଇଜିଆଇଙ୍କ ସ୍ମାର୍ଟ କାର୍ଡ, ବ୍ୟାଙ୍କ୍ ପାସ୍‌ବୁକ, ସଦ୍ୟ ପ୍ରଦାନ କରାଯାଇଥିବା ବିଜୁଳି/ଜଳକର ବିଲ୍ ଇତ୍ୟାଦିକୁ ପ୍ରଦାନ କରି ଭୋଟର ତାଲିକାରେ ଲିପିବଦ୍ଧତା ନେଇ ଯାଞ୍ଚ କରିପାରିବେ। ଅନ୍‌ଲାଇନ (HTTPS://WWW.NVSP.IN/) ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପାଦନ କରାଯାଇପାରିବ। ଗୁଗୁଲ୍ ପ୍ଲେ ଷ୍ଟୋରକୁ ଯାଇ ଆପ୍ ଡାଉନ୍‌ଲୋଡ୍ କରି ମଧ ଏହା କରାଯାଇପାରିବ। ଅଫ୍‌ଲାଇନ ମାଧ୍ୟମରେ ରାଜ୍ୟରେ HTTP://WWW.CEOORISSA.IN/ ଦ୍ୱାରା ମଧ ପଞ୍ଜୀକରଣ ଯାଞ୍ଚ କରାଯାଇପାରିବ। ଚଳିତ ମାସର ୪ଟି ରବିବାର(୮,୧୫,୨୨,୨୯)କୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶାରେ କାର୍ଯ୍ୟକ୍ଷମ ଥିବା ୧୨,୫୬୬ ଜନସେବା କେନ୍ଦ୍ର ଦ୍ୱାରା ଏହା କରାଯିବ।

### ଆଜି କ'ଣ କେଉଁଠି

**ପଡିଆବାହାଲ**
- ଗଣେଶ ପୂଜା, ବାହାମ ପଞ୍ଚାୟତର ଖଲିଆପାଲି, ସକାଳ ସାଢ଼େ ୮ଟା ।
- କେଶବ ଚନ୍ଦ୍ର ଶାଖା ଗୃହ ପ୍ରତିଷ୍ଠା, ପଟୁଆବାହାଲ, ପୂର୍ବାହ୍ନ ୯ଟା ।

**ଦେବଗଡ଼**
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଂସ୍କୃତିକ ମଣ୍ଡପ, ଗୋପବନ୍ଧୁ ଛକ, ସନ୍ଧ୍ୟା ୬ଟା।

**ସୁନ୍ଦରଗଡ**
- କବି ବିନୋଦ ଚନ୍ଦ୍ର ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ବିକାଶ ଭବନ, ପୂର୍ବାହ୍ନ ୧୦.୩୦ମିନିଟ।

**ସମ୍ବଲପୁର**
- କ୍ରୀଡା ଛାତ୍ରବାସ ନୂତନ କୋଠା ଉଦଘାଟନ ଉତ୍ସବ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ପ୍ରହଲ୍ଲାଦ ଚରିତ୍ର ଓ ନୃସିଂହ ଅବତାର ପ୍ରବଚନ, କ୍ଷେତରାଜପୁର ଅଗ୍ରେସନ ଭବନ, ଅପରାହ୍ନ ସାଢ଼େ ୧୨ଟା ।

## ମୂକ, ବଧିର ନାବାଳିକାଙ୍କୁ ବଳାତ୍କାର

- ନାବାଳିକା ୬ ମାସର ଗର୍ଭବତୀ
- ପୋଲିସରେ ଅଭିଯୋଗ
- ଜଣଙ୍କୁ ଅଟକ ରଖି ପଚରାଉଚୁରା

କୁତ୍ରା, ୧୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଡାହିଜିରା ଅଞ୍ଚଳର ଜଣୈକା ମୂକ ଓ ବଧିର ନାବାଳିକା (୧୬)ଙ୍କୁ ବଳାତ୍କାର କରାଯାଇଥିବାବେଳେ ସେ ଏବେ ୬ ମାସର ଗର୍ଭବତୀ ଥିବା ନେଇ କୁତ୍ରା ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରି ଶନିବାର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଡାହିଜିରା ଅଞ୍ଚଳରେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ବାସ କରନ୍ତି। ସେ ଓ ତାଙ୍କ ସ୍ତ୍ରୀ ପ୍ରତିଦିନ ଅନ୍ୟ ସ୍ଥାନକୁ ମଜୁରି ଲାଗି ଯାଆନ୍ତି। ତାଙ୍କର ମୂକବଧିର ନାବାଳିକା ଝିଅ ଘରେ ଏକୁଟିଆ ରୁହନ୍ତି। ଏହାର ସୁଯୋଗ ନେଇ ଗ୍ରାମର ଦୁଇ ଜଣ ଯୁବକ ୬ ମାସ ହେବ ଉକ୍ତ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରି ଆସୁଥିଲେ। ହେଲେ ଏକଥା ନାବାଳିକାଙ୍କ ମା'ବାପାଙ୍କୁ ଜଣା ନ ଥିଲା। ମାଆ ବାପା ସନ୍ଦେହ କରି ଝିଅକୁ ଠାରରେ ପଚାରିବାରୁ ସେ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପରେ ବଳାତ୍କାର କରିଥିବା ଲୋକଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏବାବଦରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ କୁମାରୀ ଗୁଡିଆଙ୍କୁ ଖବର ମିଳିବା ପରେ ସେ ମଧ ଯାଇ ନାବାଳିକା ଗର୍ଭବତୀ ଥିବା ଜାଣିଥିଲେ। ପରେ ସେ ଉକ୍ତ ଘଟଣା ସମ୍ପର୍କରେ ସିଡିପିଓଙ୍କୁ ଜଣାଇଥିଲେ। ସିଡିପିଓ ଶୁକ୍ରବାର ଉକ୍ତ ଘଟଣାର ତଦନ୍ତ କରି ଉକ୍ତ ନାବାଳିକା ଗର୍ଭବତୀ ଥିବା ଜାଣିବା ପରେ 'ମା ଓ ଶିଶୁ ସୁରକ୍ଷା' କାର୍ଡ ତିଆରି କରିଥିଲେ। ନାବାଳିକାଙ୍କୁ ସୁନ୍ଦରଗଡସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରଖିବା ପାଇଁ ସିଡ଼ିପିଓ ଏବଂ ଅଙ୍ଗନୱାଡ଼ି କର୍ମୀ ନେଇ ଯାଇଥିଲେ। ଥାନାରେ ଅଭିଯୋଗ ପରେ ରଖାଯିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା କହିବା ପରେ ନାବାଳିକାଙ୍କୁ ସିଡିପିଓ ଫେରାଇ ଆଣି ତାଙ୍କ ବାପାଙ୍କ ପାଖରେ ଛାଡ଼ିଥିଲେ। ତାଙ୍କ ବାପା ଝିଅସହ କୁତ୍ରା ଥାନାକୁ ଯାଇ ଏ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଞ୍ଚଳର କେତେକ ବ୍ୟକ୍ତି ଓ ଜଣେ ଅଭିଯୁକ୍ତଙ୍କୁ ଡକାଇଥିଲେ। ସେଠାରେ ନାବାଳିକା ଜଣକ ଜଣେ ଯୁବକଙ୍କୁ ଚିହ୍ନଟ କରିଥିବା ତାଙ୍କ ବାପା କହିଛନ୍ତି। ତେବେ ଏଥିରେ ଦୁଇ ଜଣ ଯୁବକ ସମ୍ପୃକ୍ତ ଅଛନ୍ତି ବୋଲି ନାବାଳିକା ଠାରରେ ଜଣାଇଥିବା କଥା ତାଙ୍କ ବାପା କହୁଥିବାବେଳେ ଜଣେ କି ଦୁଇ ଜଣ ଯୁବକ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ ଚକାରେ ନିଆଁ ଧରିଲା

ସମ୍ବଲପୁର,୧୯(ବ୍ୟୁରୋ)

ସମ୍ବଲପୁର ସିଟି-ମାନେଶ୍ୱର ଷ୍ଟେଶନ ମଧ୍ୟରେ ରବିବାର ଭୋରରୁ ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସର ଚକାରେ ନିଆଁ ଧରିଥିଲା। ରେଳ ବିଭାଗ କହିଛି, ବ୍ରେକ୍ ବାଇଣ୍ଡି ହୋଇ ନିଆଁ ବାହାରି ଥିଲା। କିଛି ସମୟ ପରେ ପୁଣି ଠିକ୍ ହୋଇଯିବାରୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।






## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ମୁନା


ସୁନିଲ


ଲକି


ଅଙ୍କିତା


ରାହୁଲ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

# ୨ ପୋଲିସ କର୍ମଚାରୀ ମୃତ

**ମହାକାଳପଡା,୧୧୯(ଡି.ଏନ୍.ଏ.)**

ରୋଷେଇ କରୁଥିବାବେଳେ ଗ୍ୟାସ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁ ମେରାଇନ୍ ଥାନାର ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ରାଜରଣପୁର ଥାନା ଅଧୀନ ବଡ଼ଭୂଇଁ ଗ୍ରାମର ପ୍ରକାଶ ଚନ୍ଦ୍ର ସାମନ୍ତରାୟ(୪୧) ଓ ଗଞ୍ଜାମ ଜିଲାର ଗୋପାଳପୁର ଅଧୀନ ବକ୍ସିପଲ୍ଲୀ ଗ୍ରାମର ସୁଶାନ୍ତ କୁମାର ସାହୁ(୪୭)। ଉଭୟ ଅବସରପ୍ରାପ୍ତ ସେନା କର୍ମଚାରୀ ବୋଲି ଜଣାପଡିଛି। ସେନାରୁ ଅବସର ନେବା ପରେ ପ୍ରଶାନ୍ତ ଓ ସୁଶାନ୍ତ ଜମ୍ବୁ ମେରାଇନ୍ ଥାନାରେ ନିଯୁକ୍ତି ହୋଇଥିଲେ। ସେମାନଙ୍କୁ ଖରିନାସୀ ଜେଟୀଠାରେ ସମୁଦ୍ରରେ ସ୍ପିଡ୍ ବୋଟ୍ ଜରିଆରେ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଅଗ୍ନିକାଣ୍ଡରେ ପ୍ରକାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସୁଶାନ୍ତଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଅଟୋ ଓ ପରେ ଥାନା ଜିପ ଜରିଆରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ସମୁଦ୍ରରେ ପାଟ୍ରୋଲିଂ କରୁଥିବା ଜମ୍ବୁ ମେରାଇନ୍ ଥାନାର ୬ ଜଣ କର୍ମଚାରୀଙ୍କ ସହ ପ୍ରଶାନ୍ତ ଓ ସୁଶାନ୍ତ ଖରିନାସୀଠାରେ ଏକ ଭଡାଘର ନେଇ ରହୁଥିଲେ। ସକାଳେ ଘର ସମ୍ମୁଖ ଏକ ଛୋଟ ଘରେ ଉଭୟ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ ପୂର୍ବରୁ ୨ ବ୍ୟାରେଲ ପେଟ୍ରୋଲ ଓ ଡିଜେଲ ମହଜୁଦ୍ ଥିବା ସୂଚନା ମିଳିଛି। ଗ୍ୟାସ ଲିକ୍ କରି ଏହି ତୈଳ ସଂସ୍ପର୍ଶରେ ଆସିବା ଫଳରେ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ଏସ୍‌ପି ନୀତିଶେଖର, ଡିଏସ୍‌ପି କାର୍ତ୍ତିକଚନ୍ଦ୍ର ମଲ୍ଲିକ, ମହାକାଳପଡା ଆଇଆଇସି ମନୋରଞ୍ଜନ ଚୌଧୁରୀ ଓ ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏଥିସହ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ତୁରନ୍ତ ସେମାନଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ସତ୍ୟଙ୍କ ପୁଣି ରେକର୍ଡ

- ଚକ୍‌ପିସ୍‌ରେ କଲେ ୧.୫ ଏମ୍‌ଏମ୍‌ର ଗଣେଶ ମୂର୍ତ୍ତି
- ଅଦରକାରୀ କାଗଜରେ ୭ ଇଞ୍ଚ ଉଚ୍ଚତାର ରଥାରୂଢ଼ ମୂଷା

**ବ୍ରହ୍ମପୁର ଅଫିସ,୧୧୯**


ଚକପିସରେ ତିଆରି ଗଣେଶ ମୂର୍ତ୍ତି।


ଅଦରକାରୀ କାଗଜରେ ତିଆରି ରଥାରୂଢ଼ ମୂଷା ଗଣେଶ କଳାକୃତି ସହ ଶିଳ୍ପୀ ସତ୍ୟ ମହାରଣା।

ଗଣେଶ ପୂଜାରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା। ପୂର୍ବରୁ ବିଭିନ୍ନ ସମୟରେ କାଠ, ଚକ୍‌ପିସ୍‌ରେ କ୍ଷୁଦ୍ର କଳାକୃତି କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ମହାରଣା ଗଣେଶ ପୂଜାରେ ପୁଣି ନିଜର ଆଉ ଏକ ପୂର୍ବ ରେକର୍ଡ଼କୁ ଭାଙ୍ଗିଛନ୍ତି। ୨୦୧୭ରେ ଚକ୍‌ପିସ୍‌ରେ ୩ ଏମ୍‌ଏମ୍ ଉଚ୍ଚତାର ଗଣେଶ ମୂର୍ତ୍ତି ତିଆରି କରି ୱାଲ୍ଡ ରେକର୍ଡ଼ ସେକ୍ଟରରେ ନିଜ ନାମକୁ ସ୍ଥାନିତ କରିଥିଲେ। ରବିବାର ସେ ନିଜର ଏହି ରେକର୍ଡ଼କୁ ଭାଙ୍ଗି ଚକ୍‌ପିସ୍‌ରେ ୧.୫ ଏମ୍‌ଏମ୍ ଉଚ୍ଚତାର ଗଣେଶ ମୂର୍ତ୍ତି କରି ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି। ଏହା ସହ ଗଣେଶ ପୂଜାରେ ଅଦରକାରୀ ସାମଗ୍ରୀର ପୁନଃ ବିନିଯୋଗ ଦିଗରେ ସଚେତନତା ସୃଷ୍ଟି ନେଇ ସେ ଏହା ତିଆରି କରିଛନ୍ତି। ରଥାରୂଢ଼ ମୂଷା, ଗଣେଶ କଳାକୃତି ଅଦରକାରୀ କାଗଜ, ପୁରୁଣା ରାଖୀରେ ପ୍ରସ୍ତୁତ ଏହି ରଥର ଉଚ୍ଚତା ୭ ଇଞ୍ଚ ରହିଥିବା ବେଳେ ଓସାର ୩ ଇଞ୍ଚ ଓ ଲମ୍ବ ୧୦ ଇଞ୍ଚ ରହିଛି। ରଥାରୂଢ଼ ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ୪ ଇଞ୍ଚ ରହିଥିବା ମହାରଣା କହିଛନ୍ତି।

# ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ୨ ମହାବଳ ଶିକାର

## ଉଭୟ ରାଜ୍ୟ ବନ ଅଧିକାରୀଙ୍କ ତନାଘନା

**ସିନାପାଲି,୧୧୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବନାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଭୋଗ ବନାଞ୍ଚଳ ସୀମାନ୍ତ ଉଦନ୍ତୀ ଅଭୟାରଣ୍ୟରେ ଦୁଇଟି ମହାବଳ ବାଘକୁ ଶିକାର କରାଯାଇଛି। ଶିକାର ପରେ ବାଘ ଚମଡ଼ା, ନଖ, ଦାନ୍ତ ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଶିକାରୀମାନେ ନେଇଯାଇଛନ୍ତି। ସୀମାନ୍ତବର୍ତ୍ତୀ ସୀତା ନଦୀ ଅବବାହିକାରେ ଅବସ୍ଥିତ କନକଦୁର୍ଗା ମନ୍ଦିର ନିକଟରେ ମୃତ ବାଘଦ୍ୱୟର କିଛି ଦେହାବଶେଷ ପଡ଼ିଥିବା ନେଇ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ବନବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଖୋଳତାଡ଼ କରିଛନ୍ତି। ବାଘ ଶିକାର ଦୁଇରୁ ତିନି ଦିନ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ରବିବାର ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ସମେତ ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ଅନ୍ୟପକ୍ଷରେ ଛତିଶଗଡ଼ ରାଜ୍ୟ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୀମାନ୍ତରେ ଘଟଣା ଘଟିଥିବାରୁ କେଉଁ ରାଜ୍ୟ ପରିସରରେ ଘଟିଛି, ତାକୁ ନେଇ ଉଭୟ ରାଜ୍ୟର ବନ ଅଧିକାରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ କହିଛନ୍ତି ଯେ, ଅନୁସନ୍ଧାନ ଜାରି ରହିଛି। ଘଟଣାଟି ଓଡ଼ିଶା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଘଟିଛି। ଆନ୍ତଃ ରାଜ୍ୟ ବ୍ୟାଘ୍ର ଶିକାରୀମାନେ ଏହି କାଣ୍ଡ ଘଟାଇ ଥାଇପାରନ୍ତି ବୋଲି ସେ କହିଛନ୍ତି।

# ହୀରାକୁଦର ସବୁ ଗେଟ୍ ବନ୍ଦ

**ସମ୍ବଲପୁର, ୧୧୯ (ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌ର ସବୁ ଗେଟ ରବିବାର ବନ୍ଦ ରହିଛି। ଶନିବାର ୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିଲା । ରବିବାର ଡ୍ୟାମର ଜଳସ୍ତର ୬୨୩.୦୪ ଫୁଟ ରହିଛି । ପାୱାର ଚ୍ୟାନେଲରେ ୧୮ ହଜାର ୬୯୪, ବିଭିନ୍ନ କେନାଲରେ ୨ହଜାର ୬୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୨୧ ହଜାର ୫୦୦, ପଥରିଆରେ ୪୪ ହଜାର ୮୩୫, ଖଇରମାଳରେ ୧ଲକ୍ଷ ୩୦ ହଜାର, ବଡମୂଳରେ ୧ଲକ୍ଷ ୪୧ ହଜାର ୮୭୫ ଓ ମୁଣ୍ଡଳିରେ ୧ଲକ୍ଷ ୬୩ ହଜାର ୮୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଡ୍ୟାମ ଉପର ମୁଣ୍ଡ ଓ ତଳ ମୁଣ୍ଡରେ ବର୍ଷା ହୋଇ ନ ଥିବା ରେକର୍ଡ କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାହିଁ ଗୋରୁଗାଈ, ନ କାଟେ ଘାସ;**
**ରାନ୍ଧିବା ବାଢ଼ିବା, ଖାଇବ ଆସ ।**

ଗାଈଗୋରୁ ନ ଥିଲେ ତାଙ୍କ ଖାଇବା ପାଇଁ ଘାସ କାଟିବାର ଆବଶ୍ୟକତା ପଡ଼ି ନ ଥାଏ କି ସେଭଳି କିଛି ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ି ନ ଥାଏ ବା ଦହଗଞ୍ଜ ହେବାକୁ ପଡ଼ି ନ ଥାଏ। ପରୋକ୍ଷରେ ସ୍ୱାମୀ, ସ୍ତ୍ରୀ ଦୁଇ ପରାଣୀଙ୍କ ସେଭଳି କିଛି ଦାୟିତ୍ୱ ବା ଜଞ୍ଜାଳ ନାହିଁ। ଏପରିସ୍ଥଳେ ଖାଲି ମୁଠାଏ ରୋଷେଇବାସ କରି ଖାଇପିଇ ଆରାମରେ ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନିତି ପଖାଳୁଆ ସାଇ ରସିକ**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ପଖାଳ ଖାଇ ଫେଣ୍ଟା ମାରି ରସିକିଆ ପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



## ଜିଲା ଚିଠି
### ବାଲେଶ୍ୱର

# ୧୮ ଗାଁ ଉପରେ ପଶ୍ଚିମବଙ୍ଗର ଆଖି

ଦେଶ ସ୍ୱାଧୀନ ହେବା ପରଠାରୁ ଓଡିଶା-ପଶ୍ଚିମବଙ୍ଗ ମଧ୍ୟରେ ସୀମା ବିବାଦକୁ ନେଇ ଅଡୁଆ ସ୍ଥିତି ଲାଗି ରହିଛି। ଉପାନ୍ତ ଇଲାକାରେ ଥିବା ବାଲେଶ୍ୱର ଜିଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୧୮ଟି ଗାଁ ଉପରେ ପଶ୍ଚିମବଙ୍ଗ ସରକାର ବିଭିନ୍ନ ଉପାୟରେ ପ୍ରଭାବ ବିସ୍ତାର କରିଚାଲିଛନ୍ତି। ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ବିଭିନ୍ନ ଗାଁରେ ପଶ୍ଚିମବଙ୍ଗ ବାଲିମାଫିଆଙ୍କ ରାଜ୍ ଚାଲିଛି। ସେମାନେ ନଦୀରୁ ବେଆଇନ ବାଲି ଉତ୍ତୋଳନ କରି ବିକ୍ରି କରି ମାଲେମାଲ ହେଉଥିବାବେଳେ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ପ୍ରତିକାର କରିବାରେ ବିଫଳ ହେଉଥିବାରୁ ଉପାନ୍ତବାସୀ କାହାର ହେବେ, ଏନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୧୯୭୮ ମସିହାରୁ ପଶ୍ଚିମବଙ୍ଗ ସରକାର ଦୋକାନଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଯାଏ ସବୁଠି ନିଜର ପ୍ରାଦୁର୍ଭାବ ବଢ଼ାଇ ଚାଲିଛନ୍ତି। ଭୋଗରାଇ ବ୍ଲକର ଅନଳିଆ ପଞ୍ଚାୟତର ଶଙ୍ଖାମେଦୀ ଗ୍ରାମ ଏହାର ଏକ ଉଦାହରଣ। ସେଠାରେ ଓଡ଼ିଆ ସ୍କୁଲ ଅଛି, କିନ୍ତୁ ପିଲାମାନେ ବଙ୍ଗଳା ପଢୁଛନ୍ତି। ଓଡ଼ିଶା ଏମ୍‌ପି ଫଣ୍ଡରୁ ନିର୍ମିତ ଯୁବକ ସଂଘ ଗୃହରେ ପଶ୍ଚିମବଙ୍ଗ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ସମାନ ଚିତ୍ର ଜଳେଶ୍ୱର ବ୍ଲକ ସୀମାନ୍ତବର୍ତ୍ତୀ ଅନ୍ୟ ଗ୍ରାମଗୁଡ଼ିକରେ ଦେଖିବାକୁ ମିଳୁଛି।

ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ଯୋଗୁ ଏହା ଗତିପଥ ବଦଳାଇ କ୍ରମଶଃ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ମାଡ଼ି ଆସିବାରେ ଲାଗିଛି। ନଦୀର ଅପରପାର୍ଶ୍ୱରେ ଥିବା ବାଲେଶ୍ୱର ଜିଲା ଅନ୍ତର୍ଗତ ଗାଁଗୁଡ଼ିକୁ ପଶ୍ଚିମବଙ୍ଗ ନିଜର ବୋଲି ଦାବି କରି ଲୋକଙ୍କ ମନଜିଣିବାକୁ ବିଭିନ୍ନ ସେବା ଯୋଗାଇ ଦେଉଛି। ଏସବୁ ଗାଁ ମଧ୍ୟରେ ଭୋଗରାଇ ବ୍ଲକର ୮ ଓ ଜଳେଶ୍ୱର ବ୍ଲକର ୧୦ଟି ଜନପଦ ରହିଛି। ଶାହାବାଜିପୁରରୁ ଉଦୟପୁର ଯାଏ ୧.୫ କିମି ରାସ୍ତାକୁ ପଶ୍ଚିମବଙ୍ଗ ନିଜର ବୋଲି ଦାବି କରି ଆସୁଛି। ଓଡ଼ିଶା ଜଳସେଚନ ବିଭାଗ ପକ୍ଷରୁ ଶାହାବାଜିପୁରରେ ଏକ ବାତ୍ୟା ସୂଚନାକେନ୍ଦ୍ର ନିର୍ମାଣ କରାଯାଇଥିଲା। ୧୯୮୨ ମସିହାରେ ପଶ୍ଚିମବଙ୍ଗର ଦୀଘା ଉନ୍ନୟନ ପରିଷଦ କର୍ମକର୍ତ୍ତା ଏହାକୁ ଭାଙ୍ଗି ଦେଇଥିଲେ। ୨୦୧୪ରେ ତାଳସାରୀ ସାମୁଦ୍ରିକ ଥାନାକୁ ପଶ୍ଚିମବଙ୍ଗ ସରକାର ତିନି ଥର ଭାଙ୍ଗିଥିଲେ। ସେହିପରି ଓଡ଼ିଶା ଫରେଷ୍ଟ ଗେଟ୍‌କୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା। ୧୯୮୪ ମସିହା ପରଠାରୁ ଜଳେଶ୍ୱର ଓ ରାଇବଣିଆ ଅଞ୍ଚଳରେ ବଙ୍ଗ ବାଲିମାଫିଆଙ୍କ ଆଧିପତ୍ୟ ବିସ୍ତାର ଅଧିକ ଚିନ୍ତା ବଢାଇଛି। ବେଆଇନ ବାଲି ଉତ୍ତୋଳନ କାରଣରୁ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରତି ବିପଦ ଘନେଇବାରେ ଲାଗିଛି। ବାଲିମାଫିଆଙ୍କୁ ବିରୋଧ କରିବାରୁ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟିଛି। ୨୦୧୪ ଡିସେମ୍ବର ୮ରେ ବାଲିମାଫିଆମାନେ ଜଳେଶ୍ୱର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅପହରଣ କରିନେଇଥିଲେ। ଗୋଟିଏ ଦିନ ଅଟକ ରଖି ଛାଡ଼ିଥିଲେ। ୨୦୧୬ ଜୁଲାଇ ୨୦ରେ କୁଅଁରପୁର ଘାଟରୁ ୮ଜଣ ଓଡ଼ିଆଙ୍କୁ ଡଙ୍ଗା ସହ ଅପହରଣ କରି ନିଆଯାଇ ଦୁଇଦିନ ପରେ ଛଡାଯାଇଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ଓ ରାଜ୍ୟ ପ୍ରଶାସନ ସେମିତି କିଛି ଠୋସ୍ ପଦକ୍ଷେପ ନେଉ ନ ଥିବାରୁ ଆଗାମୀ ଦିନରେ ଅନେକ ଉପାନ୍ତ ଗ୍ରାମ ଓଡ଼ିଶା ମାନଚିତ୍ରରୁ ହଜିଯିବା ନେଇ ଆଶଙ୍କା ଉପୁଜିଛି।

**– ମାନସ ବିଶ୍ୱାଳ**


## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
**ନୟାପଲ୍ଲୀ ଶାଖା** : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ରମାଦେବୀ ଫୁଡ୍ସ ପ୍ରା.ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ମାନସ ରଞ୍ଜନ ସୁତାର, ନିର୍ଦ୍ଦେଶକ:ଶ୍ରୀ ମନୋଜ କୁମାର ସୁତାର, ଜାମିନ୍‌ଦାରମାନେ:(୧)ଶ୍ରୀ ମାନସ ରଞ୍ଜନ ସୁତାର,(୨)ଶ୍ରୀ ମନୋଜ କୁମାର ସୁତାର, (୩)ଶ୍ରୀମତୀ ରମାମଣୀ ସୁତାର (୪) ଶ୍ରୀ ମହେନ୍ଦ୍ର ସୁତାର,** ସମସ୍ତଙ୍କ ଠିକଣା: ପ୍ଲଟ ନଂ.୭୭୨, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩, ଜିଲ୍ଲା-ଖୋର୍ଦ୍ଧା। | (୧) ବ୍ୟାଙ୍କ ଫାଇନାନ୍ସରୁ ନିର୍ମିତ ହୋଇଥିବା ବହୁ ପରିମାଣର ଅସ୍ଥାବର ସମ୍ପତ୍ତି, **(୨)ମନୋଜ କୁମାର ସୁତାର ଏବଂ** | ୨୧.୦୫.୨୦୧୯ | ୨୯.୦୮.୨୦୧୯ | ତା.୨୦.୦୫.୨୦୧୯ ସୁଦ୍ଧା **ଟ.୩,୫୫,୭୩,୪୭୧/-** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ମାନସ ରଞ୍ଜନ ସୁତାର**ଙ୍କ ନାମରେ ଥିବା ପ୍ରୋଜେକ୍ଟ ଜମିର ଅଂଶବିଶେଷ ଯାହାର ଖାତା ନଂ.-୩୭୩/୧୫୮, ପ୍ଲଟ ନଂ.-୧୦୫୩, ଏରିଆ-ଏକର୦.୧୨୦ ଡିସିମିଲି, ପ୍ଲଟ ନଂ.-୧୦୫୪, ଏରିଆ-ଏକର୦.୮୪୦ ଡିସିମିଲି, ପ୍ଲଟ ନଂ.-୧୧୩୧/୧୪୪୪/୧୫୫, ଏରିଆ-ଏକର୦.୧୨୦ ଡିସିମିଲି, ଖାତା ନଂ.-୩୭୩/୧୫୭, ପ୍ଲଟ ନଂ.-୧୦୬୨, ଏରିଆ- ଏକର୧.୨୨୦ ଡିସିମିଲି, ସମୁଦାୟ ଏରିଆ-ଏକର୨.୩୦ ଡିସିମିଲି, ମୌଜା-ମୁଳକୁଦେଇ, ତହସିଲି-ବାହାନଗା ନଂ.୭୮, ଜିଲ୍ଲା-ବାଲେଶ୍ୱରରେ ଅବସ୍ଥିତ, ଚଉହଦି: ପୂର୍ବ-ପ୍ଲଟ ନଂ.୧୪୫୦, ୧୪୬୧, ପ୍ଲଟ ନଂ.୧୧୩୧/୧୪୪୪ର ବଳକା, ପଶ୍ଚିମ- ପ୍ଲଟ ନଂ.୧୦୫୭, ୧୦୫୬, ୧୪୪୩, ୧୦୫୫, ୧୦୫୨, ୧୦୪୯, ଉତ୍ତର- ପ୍ଲଟ ନଂ.୧୦୬୧, ୧୦୬୪, ୧୦୫୩, ୧୦୫୪, ୧୦୫୫, ୧୦୪୮, ଦକ୍ଷିଣ- ପ୍ଲଟ ନଂ.୧୦୫୪, ୧୧୪୧, ୧୦୫୨, ୧୧୩୧, ୧୧୩୧/୧୪୪୪ ଏବଂ ରାସ୍ତା। **(୩) ଶ୍ରୀ ଏମ୍.କେ. ସୁତାର**ଙ୍କ ନାମରେ ଥିବା ଜମି ଏବଂ ସେଠାରେ ହୋଇଥିବା ନିର୍ମାଣର ଅଂଶବିଶେଷ ଯାହାର ଖାତା ନଂ.-୧୨୬୮/୨୫୫, ପ୍ଲଟ ନଂ.-୨୮୮, (ଚଉହଦି: ଉତ୍ତର-ପ୍ଲଟ ନଂ.୨୧୭, ଦକ୍ଷିଣ- ପ୍ଲଟ ନଂ.୨୮୯), ଏବଂ ଖାତା ନଂ.୧୨୬୮/୨୫୪, ପ୍ଲଟ ନଂ.୨୮୯ (ଚଉହଦି: ଉତ୍ତର-ପ୍ଲଟ ନଂ.୨୮୮, ଦକ୍ଷିଣ-ପ୍ଲଟ ନଂ.୪୧୭୦), ପ୍ରତ୍ୟେକ ପ୍ଲଟର ଏରିଆ-ଏକର୦.୯୩୦ ଡିସିମିଲି, (ଏରିଆ-ଏକର୧.୮୬୦ ଡିସିମିଲି), ମୌଜା-ବଇରି, ଥାନା-ବଡଚଣା, ତହସିଲି-ଦର୍ପଣ, ଜିଲ୍ଲା-ଯାଜପୁରରେ ଅବସ୍ଥିତ। **(୪) ମାନସ ରଞ୍ଜନ ସୁତାର ଏବଂ ମନୋଜ କୁମାର ସୁତାର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ପଥରଗାଡିଆ, ଖାତା ନଂ.-୧୭୭, ପ୍ଲଟ ନଂ.-୬୫୦, ଏରିଆ-ଏକର୦.୧୮୯ ଡିସିମିଲି, ଥାନା-ଚନ୍ଦକା, ତହସିଲି/ଏସ୍ଆରଓ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ସବ୍ ପ୍ଲଟ ନଂ.୧,୨ ଏବଂ ୩, ପ୍ରତ୍ୟେକ ସବ୍ ପ୍ଲଟର ଏରିଆ-୦.୦୬୩ ଡିସିମିଲି, ସବ୍ ପ୍ଲଟ ନଂ୧ ଓ ୨ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତ୍ତର-ପାଣ୍ଡୁ ବେହେରା ଓ ଅନ୍ୟମାନଙ୍କ ଜମି, ଦକ୍ଷିଣ-ସବ୍ ପ୍ଲଟ ନଂ.୩, ସବ୍ ପ୍ଲଟ ନଂ.୩ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତ୍ତର-ସବ୍ ପ୍ଲଟ ନଂ.୨, ଦକ୍ଷିଣ-ମନୋଜ କୁମାର ସୁତାରଙ୍କ ନାମରେ ଥିବ ସବ୍ ପ୍ଲଟ ନଂ.୪। **(୫)ଶ୍ରୀମତୀ ରମାମଣୀ ସୁତାର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା - ନୟାପଲ୍ଲୀ, ଖାତା ନଂ.-୧୬୬, ପ୍ଲଟ ନଂ.-୭୭୧, ଏରିଆ-ଏକର୦.୦୫୦ ଡିସିମିଲି, ପୋ/ଥାନା- ନୟାପଲ୍ଲୀ, ତହସିଲି/ଏସ୍ଆରଓ- ଭୁବନେଶ୍ୱର, ଚଉହଦି: ପୂର୍ବ-ଡ୍ରେନ ଏବଂ ପଡୀ ବେୱା, ପଶ୍ଚିମ- ଡ୍ରେନ ଏବଂ ପ୍ଲଟ ନଂ.୭୭୬, ଉତ୍ତର-ଡ୍ରେନ ଏବଂ ପ୍ଲଟ ନଂ.୭୬୦, ଦକ୍ଷିଣ- ପ୍ଲଟ ନଂ.୭୭୨, (ରମାମଣୀ ସୁତାରଙ୍କ ବାସସ୍ଥାନ)।

**ସ୍ଥାନ-ଭୁବନେଶ୍ୱର, ତାରିଖ-୩୧.୦୮.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

## ଉତ୍କଳ ଗ୍ରାମୀଣ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ନି/ପୋ-ଧନୁପାଲି, ସମ୍ବଲପୁର- ୭୬୮୦୦୫

## ସ୍ଥାବର ସମ୍ପତ୍ତିର
ଦଖଲ ନୋଟିସ (ରୁଲ-୮(୧))

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ-୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍-୨୦୦୨ ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।**ଏତତ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ବେଲପାହାଡ ଶାଖା / ଋଣଗ୍ରହୀତା/ ଜାମିନଦାର(ମାନଙ୍କ ନାମ ଓ ଠିକଣା) | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ନୋଟିସ ତାରିଖ ଧାରା ୧୩ (୨) / ୧୩ (୪) |
|---|---|---|---|
| ଋଣଗ୍ରହିତା- **ଶ୍ରୀମତୀ ରଶ୍ମିତା ପାଢ଼ୀ, ପ୍ରୋ- ଏମଏସ୍. ସମ୍ବଲପୁର ପ୍ରିଣ୍ଟିଙ୍ଗ୍ ୱାର୍କ୍ସ, ସ୍ୱା- ଶ୍ରୀ ଉମେଶ ଚନ୍ଦ୍ର ପାଢ଼ୀ,** ନି- ଗିଙ୍ଗରାପଡା, ପୋ- ବଡବଜାର, ଜି- ସମ୍ବଲପୁର- ୭୬୮୦୦୬, **ଜାମିନଦାର- ୧) ଶ୍ରୀ ଉମେଶ ଚନ୍ଦ୍ର ପାଢ଼ୀ, ପି- ଶ୍ରୀ କଙ୍ଗାଳି ଚରଣ ପାଢ଼ୀ ୨) ଶ୍ରୀ ତ୍ରିନାଥ ଓରାମ,** ପି- ଭିଖ ଓରାମ, | **ଶ୍ରୀମତୀ ରଶ୍ମିତା ପାଢ଼ୀ, ସ୍ୱା- ଶ୍ରୀ ଉମେଶ ଚନ୍ଦ୍ର ପାଢ଼ୀ**ଙ୍କ ନାମରେ ଥିବା ସଂପତ୍ତି ଯାହାକି ମୌଜା ସମ୍ବଲପୁର ଟାଉନ, ୟୁନିଟ ନଂ- ୩ ସୁନାପାଲି, ତହସିଲ/ଥାନା- ସମ୍ବଲପୁର, ଥାନା- ନଂ. ୨୩, ଜି- ସମ୍ବଲପୁର, ଖାତା ନଂ.- ୩୪୪/୨୧୨୫, ପ୍ଲଟ ନଂ. ୨୨୯୧/୫୬୨୨, କ୍ଷେତ୍ର. ଏ. ୦.୦୫୦ ଡି., **ଶ୍ରୀ ଉମେଶ ଚନ୍ଦ୍ର ପାଢ଼ୀ, ପି- ଶ୍ରୀ କଙ୍ଗାଳି ଚରଣ ପାଢ଼ୀ**ଙ୍କ ନାମରେ ଥିବା ଖାତା ନଂ.- ୩୪୪/୨୧୨୬, ପ୍ଲଟ ନଂ. ୨୨୯୧/୫୬୨୩, କ୍ଷେତ୍ର. ଏ. ୦.୦୫୦ ଡି., **ଶ୍ରୀ ଉମେଶ ଚନ୍ଦ୍ର ପାଢ଼ୀ, ପି- ଶ୍ରୀ କଙ୍ଗାଳି ଚରଣ ପାଢ଼ୀ**ଙ୍କ ନାମରେ ଥିବା ଖାତା ନଂ.- ୧୫୪, ପ୍ଲଟ ନଂ. ୨୨୯୧ (ପି), କ୍ଷେତ୍ର. ଏ. ୦.୦୨୫ ଡି., ଏବଂ ପ୍ଲଟ ନଂ. ୨୨୯୦ (ପି), କ୍ଷେତ୍ର. ଏ. ୦.୦୨୫ ଡି. | **ଟ.୩୫,୬୨,୨୫୯** (ପଇଁତିରିଶ ଲକ୍ଷ ବାଆଷଠି ହଜାର ଦୁଇ ଶହ ଅଣସାଠେ ଟଙ୍କା ) ମାତ୍ର ତା.୨୨.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | **୦୩.୧୨.୨୦୧୫ / ୨୯.୦୮.୨୦୧୯** |
| ଋଣଗ୍ରହିତା- **ଶ୍ରୀ ଦିଗବିଜୟ ତୋରିଆ, ପ୍ରୋ- ଡିଗୁ ଆକ୍ୟୁଟିକ, ପି- ଶ୍ରୀ ଅର୍ଜୁନ ତୋରିଆ,** ନି- ସେକ୍ଟର- ୨୦, ସୋପ୍ ନଂ- ୧୩, ରାଉରକେଲା- ୫, ଜି- ସୁନ୍ଦରଗଡ, **ଜାମିନଦାର- ଶ୍ରୀ ଅର୍ଜୁନ ତୋରିଆ, ପି- ସ୍ୱର୍ଗତ ବେଣୁଧର ତୋରିଆ,** ଏବଂ **ଶ୍ରୀ ଭୀମସେନ ତୋରିଆ, ପି- ସ୍ୱର୍ଗତ ବେଣୁଧର ତୋରିଆ** | **ଶ୍ରୀ ଅର୍ଜୁନ ତୋରିଆ ଏବଂ ଶ୍ରୀ ଭୀମସେନ ତୋରିଆ**ଙ୍କ ନାମରେ ଥିବା ସଂପତ୍ତି ଯାହାକି ମୌଜା ବ୍ରାହ୍ମଣମରା, ତହସିଲ- ପାନପୋଷ, ଥାନା- ବୀରମିତ୍ରପୁର, ଜି- ସୁନ୍ଦରଗଡ, ଖାତା ନଂ.- ୧୨୦, ପ୍ଲଟ ନଂ. ୨୧୧, କ୍ଷେତ୍ର. ଏ. ୦.୧୫୦ ଡି. (ଘରବାରି) | **ଟ.୧୦,୪୦,୪୮୧** (ଦଶ ଲକ୍ଷ ଚାଳିଶ ହଜାର ଚାରି ଶହ ଏକାଅଶି ଟଙ୍କା ) ମାତ୍ର ତା.୧୨.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | **୨୪.୦୧.୨୦୧୯ / ୩୦.୦୮.୨୦୧୯** |
| ଋଣଗ୍ରହିତା- **ଶ୍ରୀ ଅର୍ଜୁନ ତୋରିଆ, ପି- ସ୍ୱର୍ଗତ ବେଣୁଧର ତୋରିଆ ଏବଂ ଶ୍ରୀ ଦିଗବିଜୟ ତୋରିଆ, ପି- ଶ୍ରୀ ଅର୍ଜୁନ ତୋରିଆ** ସମସ୍ତଙ୍କ ଠିକଣା ନି- ବ୍ରାହ୍ମଣମରା, ପୋ- ବୀରମିତ୍ରପୁର, ଜି- ସୁନ୍ଦରଗଡ -୭୭୦୦୩୩, **ଜାମିନଦାର- ଶ୍ରୀ ଭୀମସେନ ତୋରିଆ, ପି- ସ୍ୱର୍ଗତ ବେଣୁଧର ତୋରିଆ** | **ଶ୍ରୀ ଅର୍ଜୁନ ତୋରିଆ ଏବଂ ଶ୍ରୀ ଭୀମସେନ ତୋରିଆ**ଙ୍କ ନାମରେ ଥିବା ସଂପତ୍ତି ଯାହାକି ମୌଜା- ବ୍ରାହ୍ମଣମରା, ତହସିଲ- ପାନପୋଷ, ଥାନା- ବୀରମିତ୍ରପୁର, ଜି- ସୁନ୍ଦରଗଡ, ଖାତା ନଂ.- ୧୨୦, ପ୍ଲଟ ନଂ. ୨୧୧, କ୍ଷେତ୍ର. ଏ. ୦.୧୫୦ ଡି. (ଘରବାରି) | **ଟ.୧୨,୩୨,୯୭୮** (୧୨ ଲକ୍ଷ ବତିଶ ହଜାର ନଅ ଶହ ଅଠସ୍ତରି ଟଙ୍କା ) ମାତ୍ର ତା.୧୨.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | **୨୪.୦୧.୨୦୧୯ / ୩୦.୦୮.୨୦୧୯** |

**ତାଃ ୦୧.୦୯.୨୦୧୯**
**ସ୍ଥାନ- ସମ୍ବଲପୁର**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,**
**ଚାପଗ୍ରସ୍ତ ଶାଖା, ସମ୍ବଲପୁର**



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯୀଶୁଖ୍ରୀଷ୍ଟ

**ସଂକ୍ଷେପରେ**

## କଳାମାଟି ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ

ଚିପିଲିମା, ୧।୯ (ଡି.ଏନ.ଏ) ସମ୍ବଲପୁର ଜିଲା ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ବେହେରାଟିକ୍ରାରେ ନବନିର୍ମିତ ଆବାସ କଲୋନୀରେ ବିଭିନ୍ନ କିସମର ଗଛ ଲଗାଯାଇଛି। ଧନକଉଡା ଜୋନ-୨ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀହରି ନାଗ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଜୁ ଯୁବ ବାହିନୀର ସଦସ୍ୟ ସହ କଲୋନୀବାସୀ ସହଯୋଗ କରିଥିଲେ।

## ସୁଇଟ ପରିସରରେ ଚାରା ରୋପଣ

ସମ୍ବଲପୁର, ୧।୯ (ବ୍ୟୁରୋ) ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୁଇଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ନାରାୟଣ ପଣ୍ଡା ସ୍ମୃତି ପରିଷଦ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁଇଟ କର୍ମଚାରୀଙ୍କ ସମେତ ଆୟୋଜକ, ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳର ପରିବେଶ ପ୍ରେମୀ ଯୋଗଦେଇ ୧୬୦ଟି ଚାରା ରୋପଣ କରିଥିଲେ । ବନ ଅଧିକାରୀ ଗୌରିଶଙ୍କର ଦାଶ ଓ ହିମାଂଶୁ ସେଟ ଯୋଗ ଦେଇଥିଲେ । ସୁଇଟ ନିର୍ଦ୍ଦେଶକ ନିହାରରଞ୍ଜନ ଶତପଥୀ, ପ୍ରଶାନ୍ତ କୁମାର ନାଥଶର୍ମା, ଶିବମ୍ ନାଥ ଶର୍ମା, କୈଳାଶ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ । ରବୀନ୍ଦ୍ର କିଶୋର ପାଢ଼ୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

# ଶୁଭାରମ୍ଭ ହେଲା 'ବାଟେଘାଟେ'



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ଦେବଗଡ,୧।୯(ଡି.ଏନ୍.ଏ.)

ଲୋକମାନଙ୍କ ପାଖରେ ପ୍ରଶାସନକୁ ପହଞ୍ଚାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାର ମାସର ପ୍ରଥମ ରବିବାରରେ ଏକ ଅଭିନବ କାର୍ଯ୍ୟକ୍ରମ 'ବାଟେଘାଟେ'(ରାହାଗିରି) ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ସମେତ ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ ଓ ପଦାଧିକାରୀ, କଳାକାର, ଖେଳାଳି, ପ୍ରକୃତିପ୍ରେମୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ସମସ୍ତ ଭେଦଭାବ ଭୁଲି ଏହି ନିଆରା ଉତ୍ସବକୁ ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଛି । ଦେବଗଡ ଜିଲାକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ ଭାବେ ଗଢିତୋଳିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ତୃତୀୟ ରବିବାର ସଫେଇ କରାଯାଉଛି । ସେହିପରି ଜିଲା ପ୍ରଶାସନକୁ ନସାଧାରଣଙ୍କ ନିକଟତର କରିବାକୁ ପ୍ରତ୍ୟେକ ମାସର ପ୍ରଥମ ରବିବାରକୁ ଜନସାଧାରଣଙ୍କ ସହ ମିଳିମିଶି ଉତ୍ସବ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛତା,ପରିବେଶ ସୁରକ୍ଷା, ଇନ୍ଧନ ସଂରକ୍ଷଣ ସହ ଖେଳକୁଦ ଓ ଆମୋଦ ପ୍ରମୋଦ ମାଧ୍ୟମରେ ଲୋକଙ୍କ ସହ ସୁସମ୍ପର୍କ ରକ୍ଷା ଏବଂ ଶାରିରୀକ ଓ ମାନସିକ ସୁସ୍ଥତା ରକ୍ଷାପାଇଁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ପ୍ରଧାନପାଟର ବିଭିନ୍ନ ସ୍ଥାନରେ ନୃତ୍ୟ, ସଙ୍ଗୀତ, ଯୋଗ, କବିତା ପାଠୋତ୍ସବ, ଝୋଟି, କବାଡି, ଭଲିବଲ ଓ କ୍ରିକେଟ ସମେତ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏଥିସହ ପାରମ୍ପରିକ ପାଲା,ସଂକୀର୍ତ୍ତନ ଓ ଦାଶକିଠିଆ କଳା,ରଙ୍ଗୋଲି, ପେଣ୍ଟିଂ ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ସବୁବର୍ଗର ଜନସାଧାରଣ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ଆୟୋଜିତ ସ୍ୱାସ୍ଥ୍ୟଶିବିରରେ ସ୍ୱାସ୍ଥ୍ୟପରୀକ୍ଷା ଓ ମାଗଣା ଔଷଧର ମଧ୍ୟ ଲାଭ ଉଠାଇଥିଲେ । ଜିଲାରେ ପ୍ରଥମଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆବାଳ ବୃଦ୍ଧ ବନିତାଙ୍କୁ ଆମୋଦିତ କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ଅତିରିକ୍ତ ଜିଲାପାଳ ଧରମ ହାଂସଦା, ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ,ସହକାରୀ ଜିଲାପାଳ ଯଶୋବନ୍ତ ଦେହୁରୀ, କୈବଲ୍ୟ କର, ଦିବ୍ୟଶଙ୍କର ଜୟପୁରିଆ,ସୁଶାନ୍ତ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଦେବଗଡ ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ ।

# ବାରକୋଟ ଟ୍ରକ-ଟିପ୍ପର ମାଲିକ ସଂଘର ବାର୍ଷିକ ବୈଠକ



ବୈଠକରେ ଉପସ୍ଥିତ ସଦସ୍ୟମାନେ ।

ବାରକୋଟ, ୧।୯ (ଡି.ଏନ.ଏ)- ଦେବଗଡ ଜିଲା ବାରକୋଟ ଟ୍ରକ ଏବଂ ଟିପ୍ପର ମାଲିକ ସଂଘର ୬ଷ୍ଠ ବାର୍ଷିକ ସାଧାରଣ ବୈଠକ ବାରକୋଟ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବେଣୁଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାଲପରିବହନ ଏବଂ ରାସ୍ତାର ଦୂରାବସ୍ଥା ଉପରେ ଆଲୋଚନା ହୋଇଥିଲା । ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ସଭାରେ ସଂଘର ଉପସଭାପତି ଶିବପ୍ରସାଦ ମହାରଣା, ସମ୍ପାଦକ କ୍ଷେତ୍ରବାସୀ ଦଳ ବେହେରା, ସହ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ କ୍ଷମାନିଧି ସାହୁ, ପରିଚାଳକ ରାଜେଶ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଅଶୋକ ଜୟସ୍ୱାଲ, ଉପଦେଷ୍ଟା କମିଟିର ସଦସ୍ୟ ପ୍ରତାପ କୁମାର ପାଣି, ଗଦାଧର ମହାକୁର, କମଲେଶ ବେହେରା, ସ୍ମୃତିରଞ୍ଜନ ଦ୍ୱିବେଦୀ, ପ୍ରକାଶ କୁମାର ପାଣି, ସିକୁନ ପାଣି, ଫଣିଭୂଷଣ ପ୍ରଧାନ, ଯୋଗାଯୋଗ ମାଧ୍ୟମ ସମ୍ପାଦକ ଲଳିତ କୁମାର ପାଲ ଉପସ୍ଥିତ ରହି ନିଜ ନିଜର ମତପ୍ରକାଶ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ କୁଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପ୍ର ଗୌରବ ସମ୍ମାନ ଉତ୍ସବ

ସମ୍ବଲପୁର, ୧।୯ (ବ୍ୟୁରୋ)



 କ୍ଷେତରାଜପୁର ଦୁର୍ଗା ମଙ୍ଗଳମ୍ ପରିସରରେ ବିପ୍ର ଗୌରବ ଓ ପ୍ରତିଭା ସମ୍ମାନ ପ୍ରଦାନ ଅବସରରେ ଆୟୋଜକ ଓ ଅତିଥିଙ୍କ ସହ ସମ୍ମାନିତ ପ୍ରତିଭା ମାନେ ।

କ୍ଷେତରାଜପୁର ଦୁର୍ଗା ମଙ୍ଗଳମ୍ ପରିସରରେ ବିପ୍ର ଫାଉଣ୍ଡେସନ ସମ୍ବଲପୁର ଶାଖା ପକ୍ଷରୁ ବିପ୍ର ଗୌରବ ଓ ପ୍ରତିଭା ସମ୍ମାନ- ୨୦୧୯ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନତ ଶର୍ମାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିପ୍ର ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ସଂଯୋଜକ ସୁଶୀଲ ଓଝା, ଜୟପୁରର ପବନ ପାରିକ, ରାମଅବତାର ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତାଳଚେରର ଅଶୋକ କୁମାର ଶର୍ମା, ସମ୍ବଲପୁରର ରାଜ କୁମାର ସାଣ୍ଡିଲ୍ୟ ଓ ମୁକେଶ କୁମାର ଶର୍ମାଙ୍କୁ ବିପ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଭୁବନେଶ୍ୱରର ଡ. ଶଙ୍କରଲାଲ ଶର୍ମା ଓ ରାଉରକେଲାର ଡ. ସୁଶୀଲ ଡାହିମାଙ୍କୁ ସାହିତ୍ୟ ସମ୍ମାନ, କିଶୋରିଲାଲ ଶର୍ମା, ରାଜକୁମାର ଦଧିଚ, ସୁରେଶ କୁମାର ଶର୍ମା, ଓମ ପ୍ରକାଶ ଶାଙ୍ଗୁଲିଆଙ୍କୁ ଉଦ୍ୟୋଗ ପତି ପ୍ରଦାନ କରାଯାଇଥିଲା । ପ୍ରଶାସନିକ ସେବା, ଆଧ୍ୟାତ୍ମିକ, କଳା, ଜନସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୦ମ ଓ ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ସମ୍ବଲପୁରର ନିଷ୍ଠା ଶର୍ମା, ପ୍ରଥମ ଶର୍ମା, ବରଗଡର ଦକ୍ଷ ଶର୍ମା, ପ୍ରେରଣା ଶର୍ମା, ତନିକ ଶାସ୍ତ୍ରୀ, କଟକର ଜାଗୃତି ଭରଦ୍ୱାଜ, ଅମ୍ରିତା ସାରସ୍ୱତ, ଆଦିତ୍ୟ ବିକ୍ରମ ଶର୍ମା, ଝାରସୁଗୁଡାର ଶଶିକାନ୍ତ ଶର୍ମା ଓ ରାଜଗାଙ୍ଗପୁରର ବିକାଶ ଶର୍ମାଙ୍କୁ ବିପ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଗଣେଶ ପୂଜା ପାଇଁ କଳସ ଶୋଭାଯାତ୍ରା

ଦେବଗଡ, ୧।୯(ଡି.ଏନ.ଏ)



କଳସ ଯାତ୍ରାରେ ଯାଉଛନ୍ତି କମିଟି ସଦସ୍ୟ ।

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ପୂଜା ନିମନ୍ତେ ରବିବାର ସନ୍ଧ୍ୟାରେ ପବିତ୍ର କଳସ ଯାତ୍ରା ଓ ଅଧିବାସ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଢୋଲ, ମାଦଳ, ଆତଶବାଜି ଶବ୍ଦ ସହ ସଂକୀର୍ତ୍ତନ୍ୟ ମଧ୍ୟରେ ଶତାଧିକ ମହିଳା ପୁରୁଷ ମା' ପ୍ରଧାନପାଟେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ମା' ପ୍ରଧାନପାଟେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ପ୍ରଧାନପାଟ ଜଳପ୍ରପାତରୁ ପବିତ୍ର ଜଳ ସଂଗ୍ରହ କରିଥିଲେ। କଳସ ଶୋଭାଯାତ୍ରା ସ୍ଥାନୀୟ ରାଜବାଟି ସମ୍ମୁଖରେ ପହଞ୍ଚିବା ପରେ ମା' ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଏହି କଳସ ଶୋଭାଯାତ୍ରା ପୁରୁଣା ପୋଷ୍ଟଅଫିସ ଛକଠାରେ ପହଞ୍ଚିବା ସହ ସେଠାରେ ନିର୍ମିତ ମୁଖ୍ୟ ତୋରଣରେ ପୂଜାର୍ଚ୍ଚନା କରାଯାଇଥିଲା। ଜଳପୂର୍ଣ୍ଣ କଳସଗୁଡିକୁ ଶ୍ରୀ ଗଣେଶଙ୍କ ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ନିର୍ମିତ ଶ୍ରୀ ଗଣେଶଙ୍କ ଦୀର୍ଘକାୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ମାର୍କେଟ କୋଠା ସ୍ଥିତ ପୂଜା ମଣ୍ଡପକୁ ଅଣାଯିବା ପରେ ସେଠାରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ଅଧିବାସ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶ୍ରୀଶ୍ରୀ ଗଣେଶ ମେଳା କମିଟି ସଭାପତି ସମ୍ଭୁଲାଲ ଗୋଏଲ, ସମ୍ପାଦକ ଶୁକଦେବ ଭଞ୍ଜ, କମିଟି ସଦସ୍ୟ ତ୍ରିବିକ୍ରମ ଶତପଥି, ସୁରଞ୍ଜିତ ମହାପାତ୍ର, ଆଲୋକ କୁମାର ଅମାନ୍ତ, ଅହିଂଶା ନାୟକ, ମୋତିଲାଲ ଶର୍ମା, ଶଶାଙ୍କ ଶେଖର ନାଗ, କୈଳାଶ ଅଗ୍ରୱାଲ, ସଞ୍ଜୀବ ଅଗ୍ରୱାଲ, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ଅଜିତ କୁମାର ମୋଦୀ, ଜନ୍ମେଜୟ ନାୟକ, ପିଣ୍ଟୁ ମେହେର, କାହ୍ନୁ ଦେବତା, ସୁବାସ କୁମାର ପୃଷ୍ଟି,ବାବୁଲ ପ୍ରସାଦ, ମୁନା ସାହୁ, ଅରୁଣ ଗୋଏଲ, ସୁଧିର ଗୋଏଲ, ଅରୁଣ ଅଗ୍ରୱାଲା ଓ ସୁବ୍ରତ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସଦସ୍ୟ ଏବଂ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ପୁରୋହିତ ଭାବେ ମନୋରଞ୍ଜନ ଶତପଥି ଓ ଫକୀର ମୋହନ କର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।

## ପାରପୋଷି ଫୁଟବଲ ପ୍ରତିଯୋଗିତା

# ଗୁରୁମୁଣ୍ଡାଲଇ ବିଜୟୀ



ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

ଦେବଗଡ,୧।୯(ଡି.ଏନ.ଏ)

ତିଲେଇବଣି ବ୍ଲକ ଅନ୍ତର୍ଗତ ପାରପୋଶି ଖେଳପଡିଆଠାରେ ରବିବାର ପାରପୋଶି ଫୁଟବଲ କ୍ଲବ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମ୍ବଲପୁର ଜିଲା ଗୁରୁମୁଣ୍ଡାଲଇ ଓ ଦେବଗଡ ଜିଲା ବାରକୋଟ ବ୍ଲକର କୁଣ୍ଡାପିଠା ଫୁଟବଲ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ଶେଷ ହେବା ପର୍ଯ୍ୟନ୍ତ ମ୍ୟାଚଟି ଅମିମାଂଶିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଗୁରୁମୁଣ୍ଡାଲଇ ଦଳ ବିଜୟୀ ହୋଇଥିଲା। ପାରପୋଶି ଫୁଟବଲ କ୍ଲବର ସଭାପତି ନରହରି ନାୟକ ଓ ସମ୍ପାଦକ ବିରେନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଫୁଟବଲ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଶୁଭାରମ୍ଭ କରିବା ସହ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ପାରପୋଶି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ, ଭାଜପା ଦେବଗଡ ନଗର ମଣ୍ଡଳ ସଭାପତି ରମଣୀକାନ୍ତ ଦାଶ, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୂତିଆ, ଡୋଳାମଣୀ ସୁହୁଲା ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ ସୁନ୍ଦର ମାଝୀ, କୁଶ କିସାନ, ସୁରଜ ନାୟକ, ରଞ୍ଜନ ଭୋଇ, ସୁଦନ ବାଗଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡିଛି।

## ସାପ କାମୁଡ଼ାରେ ନାବାଳକ ମୃତ

କୁଆଁରମୁଣ୍ଡା,୧।୯(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଝାରବେଡ଼ାର ଜୁନାସ ସିନ୍ଦୁରଙ୍କ ଘରକୁ ବୁଲିବାକୁ ଆସିଥିବା ନାବାଳକ ଗୋବିନ୍ଦ କିସପଟା(୧୬)ଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ତାଙ୍କ ଘର ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବାରଗାଡ଼ିଆରେ। ଶନିବାର ରାତିରେ ଶୋଇଥିବାବେଳେ ଏକ ସାପ କାମୁଡ଼ି ଦେଇ ଚାଲିଯାଉଥିବା ଘର ଲୋକେ ଦେଖିଥିଲେ। ପରେ ଗୋବିନ୍ଦଙ୍କୁ ରାଉରକେଲା ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବସ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

ଜୁନାଗଡ,୧।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମଥୁରା ଛକ ୨୬ ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ମଥୁରା ଗ୍ରାମର ଧର୍ମାନନ୍ଦ ବଗର୍ତ୍ତୀ ଓରଫ ମିଲୁ (୧୩)। ଖବର ପାଇ ଉତ୍ତ୍ୟକ୍ତ ମଥୁରା ଗ୍ରାମବାସୀ ଓ ସମ୍ପର୍କୀୟ ଲୋକେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ଯାଏ କ୍ଷତିପୂରଣ ଦାବିରେ ମୃତଦେହ ରଖି ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ, ଏସ୍ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ, ସାବିତ୍ରୀ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ବସ୍ ମାଲିକଙ୍କ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ପୋଲିସ ଉପସ୍ଥିତିରେ ଦେଢଲକ୍ଷ ଟଙ୍କା ଦିଆଯିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଯୋଗୁ ଯାନବାହନ ଚଳାଚଳ ବ୍ୟାଘାତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଗା ବା ନ କଳାକେନ୍ଦ୍ରର ବାର୍ଷିକ ଉତ୍ସବ





ରବିବାର ସମ୍ବଲପୁର ଗା ବା ନ କଳାକେନ୍ଦ୍ରର ବାର୍ଷିକ ଉତ୍ସବରେ ପ୍ରଶିକ୍ଷାର୍ଥୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।

ସମ୍ବଲପୁର, ୧।୯ (ବ୍ୟୁରୋ)

ଗା ବା ନ କଳାକେନ୍ଦ୍ରରେ ବାର୍ଷିକ ଉତ୍ସବ ଶନିବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରୀ, ଓଡିଶୀ, ଆଧୁନିକ ନୃତ୍ୟ, ଗୀତରେ କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷାବିତ ଅଜିତ କୁମାର ଦାଶ, ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉପନିର୍ଦ୍ଦେଶକ ମୋହନକୃଷ୍ଣ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗୀତଜ୍ଞ ଅରୁଣ ପ୍ରସନ୍ନ ସେଠ, ନବୀନ ଚନ୍ଦ୍ର ବୋଷ, ଜୟଶଙ୍କର ମହାରଣା ଓ ପ୍ରମୋଦ ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଗୁରୁ ପ୍ରମୋଦ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକେନ୍ଦ୍ର ସଭାପତି କିଶୋର ବାବୁଙ୍କ ପରିଚାଳନାରେ ସମ୍ପାଦକ ବସନ୍ତ ମିଶ୍ର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶିବ ନାରାୟଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ



ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ର ନୂଆ ମୁଖ୍ୟ ସତର୍କତା ଅଧିକାରୀ ଭାବେ ବି.ପି. ଶର୍ମା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ରେଙ୍ଗାଲି ଷ୍ଟେଶନରେ ମାଗଣା ୱାଇଫାଇ ସେବାର ଶୁଭାରମ୍ଭ

ରେଙ୍ଗାଲି, ୧।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ରେଲ ଷ୍ଟେଶନରେ ଜନସାଧାରଣଙ୍କ ନିମନ୍ତେ ମାଗଣା ୱାଇଫାଇ ସେବାର ଶୁଭାରମ୍ଭ କରାଯାଇଛି । ରବିବାର ଏହି ମାଗଣା ୱାଇଫାଇ ସେବାକୁ ରେଙ୍ଗାଲି ଷ୍ଟେଶନ ମ୍ୟାନେଜର ବସନ୍ତ କୁମାର ଦାଶ ଶୁଭାରମ୍ଭ କରିଥିଲେ । ଏହି ମାଗଣା ୱାଇଫାଇ ପାଇଁ ପ୍ରଥମେ ଷ୍ଟେଶନ ପରିସରରେ ନିଜ ମୋବାଇଲ ଫୋନକୁ ରେଜିଷ୍ଟ୍ରେସନ କରିବା ପରେ ଏକ ପାସ୍‌ୱାର୍ଡ ମାଧ୍ୟମରେ ସଂଯୋଗ କରି ଜଣେ ମାଗଣା ୱାଇଫାଇ ସେବା ପାଇପାରିବ ବୋଲି ସୂଚନା ଦିଆ ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ସ୍ୱାଇଁ, ଷ୍ଟେଶନ ମାଷ୍ଟର ଗୋପାଳ ଦୀପ, କିଶୋରଚନ୍ଦ୍ର କିଶାନ, ସରୋଜ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଫେସର ଏ.କେ. ଦାସ ଏସ୍‌ୟୁ ପିଜି କାଉନସିଲ ଅଧ୍ୟକ୍ଷ



ସମ୍ବଲପୁର, ୧।୯(ବୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଭାବେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଯୋଗ ଦେଇଛନ୍ତି। ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ । ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଶ୍ୱ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ କାମ କରିବେ । ପୂର୍ବରୁ ସେ ୟୁଜିସି ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ, ବିତ୍ତ ନିୟନ୍ତ୍ରକ, ଓଏସଡି, ଦୂର ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ, ଏମବିଏ ବିଭାଗ ମୁଖ୍ୟ, ଫାକଲ୍ଟି ଅଫ ମ୍ୟାନେଜମେଣ୍ଟର ଡିନ୍, ସିଣ୍ଡିକେଟ ସଭ୍ୟ ପରି ପଦରେ ରହିଥିଲେ । ତେବେ ପୂର୍ବତନ ପିଜି କାଉନସିଲ ଅଧ୍ୟକ୍ଷ ଅଶୋକ କୁମାର ଦାସ ଅବସର ନେଇଛନ୍ତି।

■ ରବିବାର ସହ ନୂଆଁଖାଇ, ଗଣେଶପୂଜା ଛୁଟିକୁ ବାତିଲ କରିଦେଲା ସମବାୟ ବିଭାଗ

# କର୍ମଚାରୀଙ୍କ ବିରୋଧ, ମାନିବେନି ନିର୍ଦ୍ଦେଶ

ସମ୍ବଲପୁର, ୧।୯(ବୁରୋ)



ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ବୈଠକ ବସିଛି।

ପଶ୍ଚିମ ଓଡିଶା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ରହି ଆସୁଛି । ଏହା ନିଜେ ରାଜ୍ୟ ସରକାର ପ୍ରମାଣିତ କରିଛନ୍ତି । ସମବାୟ ବିଭାଗ ଗଣେଶ ପୂଜା, ନୂଆଁଖାଇ ଓ ଏହା ସହ ରବିବାର ଛୁଟିକୁ ବାତିଲ କରିଛି। ଏହି ଦିନରେ ଅଫିସ ଖୋଲି ଚାଷୀ ପଞ୍ଜିକରଣ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସମବାୟ ସମିତି କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରବିବାର ସମଲେଶ୍ୱରୀ ପ୍ରାଥମିକ ଦୁଗ୍ଧ ଓ ବହୁମୁଖୀ ସମବାୟ ସମିତି ପକ୍ଷରୁ ସମଲେଇ ମନ୍ଦିର ପରିସରରେ ଏକ ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସର୍ବସମ୍ମତି କ୍ରମେ କୌଣସି କର୍ମଚାରୀ କାମରେ ଯୋଗ ନ ଦେବାକୁ ନିଷ୍ପତ୍ତି ନିଆଯାଇଛି।

ବିଧାୟକ ନାଉରୀ ନାଏକ ଏଥିରେ ଯୋଗ ଦେଇ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ। ସରକାର ଗଣେଶ ପୂଜା ଓ ନୂଆଁଖାଇ ଛୁଟି ଘୋଷଣା କରିଛନ୍ତି। ହେଲେ ସମବାୟ ବିଭାଗ ଛୁଟି ବାତିଲ କରି ସେହିଦିନ ଚାଷୀ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛି, ଯାହା ଦୁର୍ଭାଗ୍ୟ ଜନକ। ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ଏକ ଗଣପର୍ବ। ଗାଁରୁ ସହର ସବୁଠି ଧୁମ୍‌ଧାମ୍‌ରେ ଲୋକେ ଏହାକୁ ପାଳନ କରନ୍ତି। ଘରଠୁ ବାହାରେ ରହୁଥିବା ଲୋକମାନେ ଛୁଟି ନେଇ ଘରକୁ ଆସନ୍ତି। ହେଲେ ଏଠାରେ କର୍ମଚାରୀମାନଙ୍କୁ କାମ କରିବାକୁ ବାଧ କରାଯାଉଛି। ସେମାନଙ୍କ ଉପରେ ଚାପ ପକାଯାଉଛି। ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ସମୟ ଅଗଷ୍ଟ ୩୧ ତାରିଖଠାରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। କୃଷି ଭିତ୍ତିକ ପର୍ବ ହୋଇଥିବାରୁ ପ୍ରତି ଚାଷି ପରିବାର ନୂଆଁଖାଇ ପାଳନ କରିବେ। ଏଣୁ ସେମାନେ ଚାଷୀଙ୍କ ନାମ ପଞ୍ଜୀକରଣ କାମ କରିବା ପାଇଁ ଆସିବା ସମ୍ଭବ ହେବନି। ତେଣୁ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି ବିଧାୟକ କହିଛନ୍ତି। ଏହି ବୈଠକରେ ସମ୍ବଲପୁର ସମେତ ବରଗଡ, ଦେବଗଡ, ଝାରସୁଗୁଡା ଜିଲାର କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ବୈଠକରେ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ବିଧାୟକ ନାଏକ ରହିଛନ୍ତି। ସମ୍ପାଦକ ଭାବେ ନିତେଶ କୁମାର ସାହୁ, ଉପସଭାପତି ଭାବେ ଭଗବାନ ପଟେଲ, ଦାଶରଥି କର୍ଣ୍ଣ, ସୁମନ୍ତ ଦୀକ୍ଷିତ, ସରୋଜ ପ୍ରଧାନଙ୍କ ନାମ ଚୟନ କରାଯାଇଛି। ତୋଫାନ ଭୋଇ, ଜିତେନ୍ଦ୍ର ପ୍ରଧାନ, ଗଣେଶ ସାହୁ, ସୂର୍ଯ୍ୟ କାଣ୍ଡ, ପ୍ରଦ୍ୟୋତ ପଟ୍ଟନାୟକ ଓ ହାରାଧନ ପଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭାବନୀ ଶଙ୍କର ଭୋଇ ଓ ଭାଜପା ମିଡିଆ ପ୍ରଭାରୀ ମାନସ ବକ୍ସି ସରକାରଙ୍କ ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି।

# ସ୍କୁଲ ଘର ଭାଙ୍ଗି ଚାଉଳ ଖାଇଗଲା ଦନ୍ତା

■ ବନ ବିଭାଗର ଚିନ୍ତା ନାହିଁ, ଲୋକେ ଆତଙ୍କିତ

ରେଢାଖୋଲ, ୧।୯(ଡି.ଏନ.ଏ.)



ରେଢାଖୋଲ ଉପଖଣ୍ଡର ବଡମାଳ ରେଞ୍ଜ ଅଧୀନ ଗରଗଡବାହାଲ ପଞ୍ଚାୟତ କର୍ଡାପାଳ ଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରିଗୁଡିକୁ ଗୋଟିଏ ଦନ୍ତା ହାତୀ ଭାଙ୍ଗି ଦେଇଛି । ଏଥି ସହିତ ଝରକା କବାଟ ଭାଙ୍ଗି ଶ୍ରେଣୀ କୋଠରୀରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ଖାଇ ମାଡି ଦଳି ନଷ୍ଟ କରିଛି। ଅନ୍ୟପକ୍ଷେ ଗାଁରେ ପଶି ହାତୀ ଏଭଳି ଉତ୍ପାତ ରଚି ଥିବାରୁ ଲୋକେ ଭୟଭୀତ ହୋଇ ପଡିଛନ୍ତି। କେତେବେଳେ ବି ପୁଣି ହାତୀଟି ଗାଁରେ ପଶି ଆତଙ୍କ ସୃଷ୍ଟି କରିବା ଆଶଙ୍କା ରହିଛି। ତେବେ ଏହି ଖବର ପାଇ ଗରଗଡବାହାଲ ସରପଞ୍ଚ ଦୀପ୍ତିବାଳା ଗଡନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବିଡିଓ ପରିକ୍ଷିତ ସାହୁ, ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଭାଙ୍ଗିଥିବା ସ୍କୁଲ କୋଠରିଗୁଡିକର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ଦେଢଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ସରପଞ୍ଚ କହିଛନ୍ତି।

ରେଢାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଉଛି। ଗତ ପ୍ରାୟ ୨/୩ ବର୍ଷ ହେବ ଏହି ଅଞ୍ଚଳରେ ବ୍ୟାପକ ଧାନ, ଫଳ ବଗିଚା ନଷ୍ଟ ହେବା ସହ ବହୁ ଲୋକଙ୍କ ଜୀବନ ଗଲାଣି। ତଥାପି ବନ ବିଭାଗ ଏହି ଦନ୍ତା ହାତୀକୁ ଘଉଡାଇବା ପାଇଁ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅଞ୍ଚଳବାସୀ ବନବିଭାଗଠୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ନିରାଶ ହୋଇଛନ୍ତି। ଶେଷରେ ବିଧାୟକ ରୋହିତ ପୂଜାରୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ହାତୀ ଘଉଡାଇବା ସହ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଧାୟକଙ୍କୁ ଲୋକେ କହିଥିଲେ। ଏହାପରେ ଗତ ବିଧାନସଭା ଅଧିବେଶନ ବେଳେ ବିଧାୟକ ପୂଜାରୀ ତୁରନ୍ତ ହାତୀ ଘଉଡାଇବା ସହ ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗୃହରେ ଦାବି କରିଥିଲେ। ଏହା ସତ୍ତ୍ୱେ ବି ବନ ବିଭାଗ କିମ୍ବା ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଣୁ ବନ ବିଭାଗର ଉଦାସିନତାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଏହି ଅସନ୍ତୋଷ କେତେବେଳେ ବି ବିସ୍ଫୋରକ ପରସ୍ଥିତି ସୃଷ୍ଟି କରିପାରେ।

■ ଗୋବିନ୍ଦପୁର ଥାନାରେ ଆମ ପୋଲିସ ସମିତି ବୈଠକ

# ସମସ୍ୟା ସମାଧାନ ହେଉ ନ ଥିବାରୁ କ୍ଷୋଭ

ବାମରା, ୧।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ପୋଲିସ ସମିତି ଗଠନ ପରଠାରୁ ବୈଠକ ଗୁଡିକରେ ଉପସ୍ଥାପନ କରାଯାଉଥିବା ସମସ୍ୟା ଗୁଡିକର ସମାଧାନ ନ ହେବାରୁ ଉପସ୍ଥିତ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଥାନା ଅଧିକାରୀ ପ୍ରତାପ କୁମାର ରଣା ସଭାପତିତ୍ୱ କରିଥିଲେ । ଉପସ୍ଥିତ ସଭ୍ୟମାନେ ପୂର୍ବରୁ ଅଞ୍ଚଳରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଦାବି ଜଣାଇଥିଲେ । ଏହା ସହିତ ବାମରା ଅଞ୍ଚଳରେ ବୁଲା ଗାଈ ଗୋରୁ ଆତଙ୍କ, ଟ୍ରାଫିକ ସମସ୍ୟା, ଛକ ଗୁଡିକରେ ଡଷ୍ଟବିନ ବ୍ୟବସ୍ଥା, ଗାଡି ମୋଟର ଯାଞ୍ଚ ବିଷୟରେ ଆଲୋଚନା ହୋଇଥିଲା। ଆମ ପୋଲିସ ସମିତିର ସଭ୍ୟ ପ୍ରଶାନ୍ତ ଶତପଥୀ, ମହେନ୍ଦ୍ର ଚୌଧୁରୀ, ବୁଲୁ ଶୁକ୍ଳା, ଶାନ୍ତି କଂସଲ, ନିର୍ମଳା କଶ୍ୟପ, ଶଶିଭୂଷଣ ସେଠୀ, ମହାବୀର ଖଣ୍ଡେଲୱାଲ ଓ ସୁଶୀଲ ପ୍ରସାଦଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଏସ୍‌ଆଇ ଥୋମାସ କେର୍କେଟା ଓ ଶର୍ମିଷ୍ଠା ସୁନା ସହଯୋଗ କରିଥିଲେ ।



ଗୋବିନ୍ଦପୁର ଥାନାରେ ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଓ ସଦସ୍ୟମାନେ।

## ସଙ୍ଗୀତ, କୁଇଜ ପ୍ରତିଯୋଗିତା

ସମ୍ବଲପୁର, ୧।୯ (ବ୍ୟୁରୋ)

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ରାଷ୍ଟ୍ରୀୟ ସମୂହ ସଙ୍ଗୀତ ଗାନ ଓ ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହୋଇ ଯାଇଛି। ଏଥିରେ ୪ଟି ସ୍କୁଲର ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ରଞ୍ଜନ ମିଶ୍ର, ଯୋସେଫ ଦୀପ, ମଧୁସ୍ମିତା ହୋତା ବିଚାରକ ଭାବେ ଯୋଗ ଦେଇଥିଲେ । ହିଣ୍ଡାଲ୍‌କୋ ହୀରାକୁଦ ସ୍ମେଲ୍ଟର୍ ଜେନେରାଲ ମ୍ୟାନେଜର ଏସ. ଷଡଙ୍ଗୀ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରତାପ ନାୟକ, ଭାରତ ବିକାଶ ପରିଷଦ ପ୍ରାନ୍ତ ଉପସଭାପତି ସୁଦର୍ଶନ ପୂଜାରୀ, ପ୍ରାନ୍ତୀୟ ପର୍ଯ୍ୟବେକ୍ଷକ ଚଞ୍ଚଳା ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ । ସରୋଜ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ମନୋହର ସିଂ, ବ୍ରହ୍ମାନନ୍ଦ ସାହୁ, ଅବନି ପାଣିଗ୍ରାହୀ, ଅଶୋକ ମହାପାତ୍ର, ପ୍ରତିଭା ମିଶ୍ର, ପ୍ରଫୁଲ୍ଲ ଭୋଇ, ହିମାଂଶୁ ଶେଖର ହୋତା, ବିକାଶ ଅଗ୍ରୱାଲ, ଦିବାକର ମହାନନ୍ଦ, ରଞ୍ଜନ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ପଲିଟେକନିକ କଲେଜ ନବାଗତଙ୍କୁ ସ୍ୱାଗତ

# ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ସମ୍ବଲପୁର/ରେଙ୍ଗାଲି, ୧।୯ (ବ୍ୟୁରୋ/ଡି.ଏନ.ଏ)

ରେଙ୍ଗାଲି ସରକାରୀ ପଲିଟେକନିକ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ତଥା ପାୱାର ପ୍ଲାଣ୍ଟ ମୁଖ୍ୟ ସୁଶାନ୍ତ କୁମାର ଗୁରୁ, ରେଙ୍ଗାଲି ୱେସ୍କୋ ସବ୍ ଡିଭିଜନାଲ ମ୍ୟାନେଜର ରାତୁ ସାହା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବରିଷ୍ଠ ଅଧ୍ୟାପକ ସ୍ୱରଜିତ ବିଶ୍ୱାସ ପ୍ରାରମ୍ଭିକ ଅଭିଭାଷଣରେ ପଲିଟେକନିକ୍‌ର ବିଶେଷ ଶିକ୍ଷା ପଦ୍ଧତି ବିଷୟରେ ଆଲୋକପାତ କରିବା ସହ ବିଭିନ୍ନ ସରକାରୀ ପ୍ରୋତ୍ସାହନ, ଯୋଜନା ଓ ବୃତ୍ତି ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଇଂ. ଜ୍ଞାନରଞ୍ଜନ ରାୟ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ତଥା ଉଚ୍ଚତର ଶିକ୍ଷା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଗୁରୁ ତାଙ୍କ ଶିକ୍ଷାନୁଷ୍ଠାନରୁ ପାଠ୍ୟକ୍ରମ ତଥା ପ୍ରାକ୍ଟିକାଲ ଶିକ୍ଷା ସମ୍ପର୍କୀୟ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା, ଟାଇମ୍ ମ୍ୟାନେଜମେଣ୍ଟ ଆଦି ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଶାହା ସବୁ ଛାତ୍ରୀଛାତ୍ରମାନଙ୍କୁ କଠୋର ପରିଶ୍ରମ କରିବା ଓ ଏକ ଶୃଙ୍ଖଳିତ ଛାତ୍ର ଭାବେ ଜୀବନଯାପନ କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ସମସ୍ତ ସିନିୟର ଛାତ୍ରୀଛାତ୍ର ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ଶୃଙ୍ଖଳାର ସହ ଅଧ୍ୟୟନ କରିବାରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ସରୋଜକାନ୍ତ ରାୟ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମୂଳ ଭାଷାକୁ ରକ୍ଷା କରିବା ଆବଶ୍ୟକ

ସମ୍ବଲପୁର, ୧।୯ (ବ୍ୟୁରୋ)




ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ପ୍ରଫେସର ରାମ ନିବାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ପୃଥିବୀରେ ବହୁ ମୂଳଭାଷା ବିଲୁପ୍ତ ହେବାରେ ଲାଗିଛି । ଲେଖକ ଓ ସାହିତ୍ୟକମାନେ ବିପ୍ଳବାତ୍ମକ ସାହିତ୍ୟ ସୃଷ୍ଟି କରିବା ଉଚିତ । ଏହାଦ୍ୱାରା ମୂଳ ସାହିତ୍ୟ ଓ ଭାଷା ସୁରକ୍ଷିତ ହେବ । ଏ ଦିଗରେ ସବୁ ସ୍ତରରୁ ଉଦ୍ୟମ ଜରୁରୀ। ନିଜ ଭୂମି, ଭାଷା, ସାହିତ୍ୟ, ପରମ୍ପରା ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ। ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଆୟୋଜିତ 'ମୂଳ ସାହିତ୍ୟ' ଶୀର୍ଷକ ବକ୍ତୃତା ମାଳାରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରାମ ନିବାସ ଏହା କହିଛନ୍ତି । ପ୍ରଫେସର ଶଙ୍କର ପ୍ରସାଦ ପତି ଅଧ୍ୟକ୍ଷତା କରିଥିଲେ। କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ପ୍ରଫେସର ସୁଷମା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ମୀନକେତନ ପାଠି ଅତିଥି ପରିଚୟ ପ୍ରଦାନ କରିଥିଲେ। ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁପତ୍ର ଚୋରାଚାଲାଣରେ ପୋଲିସ, ବନବିଭାଗ ନିରବ

■ ଗାଡି ପିଛା ୨୦ ହଜାର ଟଙ୍କାର ମୂଲଚାଲ

■ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି

ସମ୍ବଲପୁର, ୧।୯(ବୁରୋ)

ସମ୍ବଲପୁର ଜିଲାରେ କେନ୍ଦୁପତ୍ର ମାଫିଆମାନେ ସକ୍ରିୟ ହୋଇ ପଡିଛନ୍ତି । ପ୍ରାୟ ଏକ ମାସ ହେଲା ବେଧଡକ ଭାବେ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି । ଏଥିରେ ବନ ବିଭାଗ ଓ ପୋଲିସ ବିଭାଗ ନୀରବ ହୋଇ ରହିଛନ୍ତି । ଚାଲାଣକାରୀଙ୍କ ସହ ସଲାସୁତୁରା କରି ଉଭୟ ବିଭାଗ ସବୁ ଜାଣି ଅଜଣା ଭଳି ରହୁଛି। ଟ୍ରକ୍, ମିନିଟ୍ରକ୍ ଓ କଣ୍ଟେନର, ତେଲଟ୍ୟାଙ୍କି ପ୍ରଭୃତି ଗାଡିରେ କେନ୍ଦୁପତ୍ର ଚାଲାଣ କରାଯାଉଛି । ହେଲେ ପ୍ରତି ଗାଡି ପିଛା ୨୦ ହଜାର ଟଙ୍କା ଲେଖାଏଁ ଦଲାଲାମାନଙ୍କ ସହ ମୂଲଚାଲ ହେଉଛି । ଚୋରା ଚାଲାଣ ବେଳେ ଜାତୀୟ ରାଜପଥରେ ପୋଲିସ ପିସିଆର ଗାଡି ପାଇଲଟିଂ କରୁଛି। ଅନେକ ସମୟରେ ଜାଣିଶୁଣି ଏ ସବୁ ଗାଡିକୁ ଥାନା ପରିସରରେ ରଖା ଯାଉଛି। କେନ୍ଦୁପତ୍ର ମିଳୁଥିବା ଥାନା ଅଞ୍ଚଳରେ ଏଭଳି ହେଉଛି। ଲୋଡ୍ ସମୟରେ ସ୍ଥାନୀୟ ପୋଲିସକୁ ଖବର ଦେଲେ ପୋଲିସ ଯାଉଛୁ କହି ଆଉ ଆସୁନି। ଗାଡି ଓ କର୍ମଚାରୀ ନ ଥିବା ଆଳ ଦେଖାଇ ଆସୁନି। ସେହିପରି ବନ ବିଭାଗ କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ଅଭିଯୁକ୍ତଙ୍କ ସହ ବୁଝାମଣା କରି ନେଉଛନ୍ତି। ମାଫିଆମାନେ ପ୍ରତି ପଞ୍ଚାୟତରେ ଦଲାଲ ନିୟୋଜିତ କରୁଛନ୍ତି। ଦିନ ଓ ସମୟ ଧାର୍ଯ୍ୟ କରି ଗୋଟିଏ ଗ୍ରାମରେ କେନ୍ଦୁପତ୍ର ଠୁଳ କରି ରଖୁଛନ୍ତି । ବିଳମ୍ବିତ ରାତିରେ ବାଇକ୍, ସାଇକେଲ ଆଦିରେ ଗୋଟିଏ ସ୍ଥାନକୁ ଆଣି ବଡ ବଡ ଗାଡିରେ ଲୋଡ୍ କରୁଛନ୍ତି । ଏହା ଛତିଶଗଡ, କଲିକତା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟକୁ ଯାଉଛି । କେନ୍ଦୁପତ୍ର ତୋଳାଳିଙ୍କଠାରୁ ସରକାର ପ୍ରାୟ ୩୬ ଶହ ଟଙ୍କା ପ୍ରତି କୁଇଣ୍ଟାଲ ଦେଇ କିଣୁଛନ୍ତି। କେନ୍ଦୁପତ୍ର ଦର ଦେବା ସହ ତୋଳାଳିଙ୍କ ସ୍ୱାସ୍ଥ୍ୟ, ଘର ପାଇଁ ଆର୍ଥିକ ସାହାଯ୍ୟ ଦେଇ ପ୍ରୋତ୍ସାହନ ଦେଉଛନ୍ତି। ହେଲେ ମାଫିଆମାନେ ଅଧିକ ଟଙ୍କା ଦେଉଥିବାରୁ ସେମାନଙ୍କ ପାଖରେ କେନ୍ଦୁପତ୍ରକୁ ଲୋକେ ଲୋଭରେ ପଡି ବିକ୍ରି କରୁଛନ୍ତି। ଦଲାଲଙ୍କ ଜରିଆରେ କିଣାଯାଉଥିବା କେନ୍ଦୁପତ୍ର ଦର ପ୍ରାୟ ୫ ହଜାର ଟଙ୍କାରୁ ୧୦ ଟଙ୍କା ରହିଛି। ତେବେ ଏ ସମ୍ପର୍କରେ ଏସ୍‌ପି କନୱର ବିଶାଳ ସିଂଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଫଟୋରେ ଖବର





ସମ୍ବଲପୁର ଜିଲା ନାକଟିଦେଉଳ ବ୍ଳକ ଅନ୍ତର୍ଗତ ଘୋଷରାମାଳ-ଲାଣ୍ଡିମାଳ ରାସ୍ତାର ଘୋଷରାମାଳ ନିକଟସ୍ଥ ଚମ୍ପାଳି ନଦୀ ପୋଲର ଗୋଟିଏ ପାର୍ଶ୍ୱ ବର୍ଷା ଯୋଗୁ ଧସି ଯାଇଛି (ବାମ)। ନୂଆଁଖାଇ ପର୍ବ ଲାଗି ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଭିତର ପାର୍ଶ୍ୱରେ ରଙ୍ଗ ଦିଆଯାଉଛି ।

# ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କୋଲାବିରା, ୧।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଲରିଆପାଲି ନିକଟରେ ଏକ ଟ୍ରକ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମ୍ବଲପୁର ଜିଲା ଜମନକିରା ଥାନା କୁସୁମି ଗ୍ରାମର ମଳୟ ସେଠ (୩୦)। ମଳୟ ଓଡି ୨୮-୦୨୪୦ନଂ ବାଇକ୍‌ରେ କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଆସୁଥିବା ବେଳେ ପୂର୍ବାହ୍ନ ୯ଟାରେ ବିପରୀତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ. ଓଡି୨୩-ଜି୦୬୯୯) ଧକ୍କା ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଦୀନବନ୍ଧୁ ମହାକୁଲ (୩୫)ଙ୍କୁ ପୋଲିସ ଅଟକ ରଖିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୧୦୬/୧୯) ରୁଜୁ କରି ପୋଲିସ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ଓ ୧୦ନଂ ରାଜ୍ୟ ରାଜପଥ ମରଣାଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଗତ ସପ୍ତାହକ ମଧ୍ୟରେ ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆକୁ ପାଠ୍ୟକ୍ରମ ସ୍ୱୀକୃତି

■ଜନସ୍ୱାର୍ଥ ମାମଲା ସପକ୍ଷରେ ଛତିଶଗଡ଼ ହାଇକୋର୍ଟଙ୍କ ରାୟ

■ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଆପ୍ରେମୀ ପ୍ରେମଶଙ୍କର ପଣ୍ଡା

ଲଖନପୁର,୧୯(ଡି.ଏନ୍.ଏ.)

ଛତିଶଗଡ଼ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ (ଓଡ଼ିଆ ଭାଷାଭାଷୀ ଅଞ୍ଚଳ) ଶିକ୍ଷାନୁଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମରେ ସାମିଲ କରିବା ପାଇଁ ଐତିହାସିକ ରାୟ ଶୁଣାଇଛନ୍ତି। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ଉତ୍କଳ ସମ୍ମିଳନୀ ଜରିଆରେ ପ୍ରୟାସ ଜାରି ରହିଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଓଡ଼ିଆ ପାଠ୍ୟପୁସ୍ତକ ବଣ୍ଟନ, ଶିକ୍ଷକ ନିଯୁକ୍ତି ଆଦି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆପ୍ରେମୀମାନେ ସହଯୋଗର ହାତ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଛତିଶଗଡ଼ ରାୟଗଡ଼ ଜିଲା ପୁଷୋର ବ୍ଲକ ପଡ଼ି ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରେମଶଙ୍କର ପଣ୍ଡା (୮୦)। ପ୍ରେମଶଙ୍କର ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ ଛାତ୍ର ଜୀବନରୁ ତାଙ୍କର ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଦୁର୍ବଳତା ରହିଛି। ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳ ଶିକ୍ଷାନୁଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମ ଭାବେ ପ୍ରଚଳନ ପାଇଁ ସେ ଛତିଶଗଡ଼ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାମଚନ୍ଦ୍ର ମେନନ୍ ଓ ସଞ୍ଜୟ କୁମାର ଅଗ୍ରୱାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଚ୍ଛିନ୍ନାଞ୍ଚଳର ପ୍ରତି ସ୍କୁଲରେ ଓଡ଼ିଆ ଭାଷାକୁ ପାଠ୍ୟକ୍ରମ ଭାବେ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରେମଶଙ୍କରଙ୍କ ଏହି ଉଦ୍ୟମ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଶନିବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ରଙ୍କୁ ଭେଟି ଛତିଶଗଡ଼ ହାଇକୋର୍ଟଙ୍କ ଏହି ଐତିହାସିକ ରାୟର ନକଲ ପ୍ରଦାନ କରିଛନ୍ତି। ଏ ଦିଗରେ ସେ ଓଡ଼ିଶା ସରକାରଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହାର ଅଗ୍ରଗତି ତଦାରଖ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର ଛତିଶଗଡ଼ ମୁଖ୍ୟ ଶାସନ ସଚିବଙ୍କ ସହ ଯୋଗାଯୋଗ କରି ଅଗ୍ରଗତି ସମ୍ପର୍କରେ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଉତ୍କଳ ସମ୍ମିଳନୀ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ସୂଚନା ଦେଇଛନ୍ତି। ଶନିବାର ପ୍ରେମଶଙ୍କରଙ୍କ ସହ ଉତ୍କଳ ସମ୍ମିଳନୀ ସଭାପତି ଡ. ପାତ୍ର, ଉପସଭାପତି ଉଷାରାଣୀ ମହାନ୍ତି, ସମ୍ପାଦକ ଅନନ୍ତ ପ୍ରସାଦ ଜେନା, କୋଷାଧ୍ୟକ୍ଷ ବିମଳଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ନୀଳିମା ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।



ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାଙ୍କ ସହ ପ୍ରେମଶଙ୍କର ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ


ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ : ପଦକ ସହ କୃତୀ ପ୍ରତିଯୋଗୀ ।

## ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୯(କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗର ଆସାନସୋଲଠାରେ ୪ର୍ଥ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍ ରବିବାର ଉଦ୍ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ୧୦ ମିଟର ଏୟାର ରାଇଫଲ ସିନିୟର ବର୍ଗରେ ସୁମିତ କୁମାର ପାଣ୍ଡବ, ୫୦ ମିଟର .୨୨ ରାଇଫଲ ଭେଟେରାନ ବର୍ଗରେ ଭଗବାନ ବେହେରା ଓ ୧୦ ମିଟର ଏୟାର ପିସ୍ତଲ ସିନିୟର ବର୍ଗରେ ଅର୍ଜୁନ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ରାଇଫଲ ଜୁନିୟର ବର୍ଗରେ କିରନ କୁମାର ନନ୍ଦ ଓ ୧୦ ମିଟର ଏୟାର ପିସ୍ତଲ ସିନିୟର ବର୍ଗରେ ପରେଶ କୁମାର ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଡ. ହରିପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କଟକରେ ଜାତୀୟ ସବ୍‌ଜୁନିୟର ବାସ୍କେଟ୍‌ବଲ ୩ରୁ

କଟକ ଅଫିସ,୧୯

ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ କଟକରେ ୪୬ତମ ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ କମ୍ପ୍ଲେକ୍ସରେ ଚାମ୍ପିୟନଶିପର ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଗତ ୨୦୧୩ରେ ଶେଷଥର ପାଇଁ କଟକରେ ଜାତୀୟସ୍ତରୀୟ ବାସ୍କେଟବଲ ଟୁର୍ନାମେଣ୍ଟ ହୋଇଥିଲା। ୧୯୬୪, ୧୯୮୪-୮୫, ୨୦୦୩-୦୪ ମସିହାରେ ସିନିୟର, ୧୯୮୯ରେ ୟୁଥ ଓ ୨୦୧୩ରେ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବାବେଳେ ସବଜୁନିୟର ବର୍ଗର ଜାତୀୟ ପ୍ରତିଯୋଗିତା ପ୍ରଥମ ଥର ଲାଗି ହେବ । ବାରବାଟୀ ଷ୍ଟାଡିୟମ ହର୍ସଗେଟ ନିକଟସ୍ଥ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ରାଜ୍ୟ ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଛି ।

ସାତ ଦିନର ଏହି ପ୍ରତିଯୋଗିତାରେ ୨୬ ରାଜ୍ୟରୁ ୧୦୦୦ ପ୍ରତିଯୋଗୀ, ମ୍ୟାଚ୍ ଅଫିସିଆଲ ଯୋଗଦେବେ । ରାଜ୍ୟ ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଖେଳାଳିମାନଙ୍କ ରହଣି, ଖାଦ୍ୟପେୟ ଓ ଯାତାୟାତର ସମସ୍ତ ସୁବିଧା ଯୋଗାଇ ଦିଆଯିବ । ବାରବାଟୀ ଷ୍ଟାଡିୟମ ସମେତ କିଛି ହୋଟେଲରେ ଖେଳାଳିମାନଙ୍କ ରହଣୀ ବ୍ୟବସ୍ଥା କରାଯାଇଛି । ଏ ବାବଦରେ ମୋଟ ୧.୦୫ କୋଟି ଟଙ୍କାର ବଜେଟ କରାଯାଇଛି ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତା ପରିଚାଳନା ନିମନ୍ତେ ରାଜ୍ୟ ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି ଗଠିତ ହୋଇଥିବା ବେଳେ ଅନେକ ବିଭାଗର କମିଟି ଗଠନ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆସନ୍ତା ୩ ତାରିଖ ସନ୍ଧ୍ୟା ୬ଟାରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ । ଅନ୍ୟପକ୍ଷରେ ପ୍ରତିଯୋଗିତାର ବାଳିକା ବର୍ଗରେ ଓଡ଼ିଶା ଗ୍ରୁପ-ଡିରେ ସ୍ଥାନ ପାଇଛି। ଏହି ଗ୍ରୁପରେ ମଧ୍ୟପ୍ରଦେଶ ଓ ଗୋଆ ରହିଛନ୍ତି । ବାଳକ ବର୍ଗରେ ଓଡ଼ିଶା ଗ୍ରୁପ-ଏଫରେ ସ୍ଥାନ ପାଇଛି । ଏହି ଗ୍ରୁପରେ କେରଳ, ଚଣ୍ଡୀଗଡ଼, ପୁଡୁଚେରୀ ମଧ ରହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ଅମୀୟ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ମଦନ ରାଓ, ବିନୋଦ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କାଉନସିଲ ମେମ୍ବର ନିରୋଜ ବନ୍ଧୁ ଯାଦବ, ସତୀଶ ସାହୁ, ସନ୍ତୋଷ କୁମାର ମହାନ୍ତି, ମହେଶ କୁମାର ସାହୁ, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ସବ୍‌ଜୁନିୟର ବାଳିକା ଓ ବାଳକ ଦଳର ଖେଳାଳିମାନେ ।

### ରାଜ୍ୟ ବାଳିକା, ବାଳକ ଦଳ ଘୋଷିତ

ଆଗାମୀ ଜାତୀୟ ଚାମ୍ପିୟନଶିପ ନିମନ୍ତେ ୧୨ ଜଣ ଲେଖାଏ ରାଜ୍ୟ ବାଳିକା, ବାଳକ ଦଳ ଘୋଷଣା କରାଯାଇଛି। ଅଶୋକ କୁମାର ନାୟକ ବାଳକ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଶଶୀକାନ୍ତ ନାୟକ-ସହକାରୀ କୋଚ୍, ସୟଦ ଅକମଲ ଅଲ୍ଲୀ-ମ୍ୟାନେଜର ଭାବେ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳର କୋଚ୍ ରହିଛନ୍ତି ସ୍ମରିତା ସାମନ୍ତରାୟ। ପି.ମନୋଜ କୁମାର-ସହକାରୀ କୋଚ୍, ମଦନ ରାଓ-ମ୍ୟାନେଜର ଭାବେ ଏହି ଦଳରେ ଅଛନ୍ତି ।

**ବାଳକ ଦଳ**
ଟିକେଶ୍ୱର ବୁଢ଼ିଆ, ଚର୍ଚ୍ଚିଲ ମୁର୍ମୁ, କେ.ବରିଷ୍ଠ, ପ୍ରଣବ କୁମାର ସ୍ୱାଇଁ, ଉପାସକ ମହାନ୍ତି, ସମ୍ବିତ କୁମାର ନାୟକ, ଶ୍ରେୟାଂଶ ପଣ୍ଡା, ପ୍ରତ୍ୟୁଷ ପ୍ରିୟଦର୍ଶୀ ପ୍ରଧାନ, ସଞ୍ଜୟ ସବର, ଶୁଭମ ସିଂ, କାଇନା ଗୁଣ୍ଡରା ମାଝୀ, ଅନୁପ କୁମାର ଜେନା ।

**ବାଳିକା ଦଳ**
ଲିସା ଆନ୍ଥୋନୀ, ଶ୍ରାବଣୀ ସାମଲ, ସାଇନା ମହାପାତ୍ର, ପଲ୍ଲବୀ ସବର, ପିଙ୍କି ମଲ୍ଲିକ, ଶିଳ୍ପା ସାଲୋନୀ ପଣ୍ଡା, ସ୍ନେହାଶ୍ରୀ ଦାସ, ଚିନ୍ମୟୀ ରଣା, ସରିତା ପ୍ରିୟଦର୍ଶିନୀ ସିଂ, ଲିପ୍ସା ସେଠୀ, ସଞ୍ଜିଲା କୁଜୁର, କାଜଲ ବାରିକ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

FINANCE

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764 9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781 9667987587 9717166871
balajitrusty@gmail.com

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374 8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ ।
୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସଂମ୍ପର୍କ କରନ୍ତୁ
8278077123 8607378206

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008 99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

**ବିମାନ ଦୁର୍ଘଟଣାରେ ୭ ମୃତ**

ଫିଲିପାଇନ୍ସ ରାଜଧାନୀ ମାନିଲା ନିକଟରେ ରବିବାର ଏକ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ଆକାଶରେ ଜଳିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଦୌଡ଼ାଦୌଡ଼ି କରିଥିଲେ। ୭ ମୃତଦେହ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣଙ୍କ ପତ୍ତା ମିଳିନାହିଁ। ସମସ୍ତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବିଶ୍ୱାସ କରାଯାଉଛି।

# ବିଦେଶୀ ଗଣମାଧ୍ୟମରେ ଏନ୍‌ଆର୍‌ସି ରିପୋର୍ଟ

ନୂଆଦିଲ୍ଲୀ,୧୯

ଚୂଡ଼ାନ୍ତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ରେ ୩,୧୧,୨୧,୦୦୪ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ତାଲିକାରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଯୋଗ୍ୟ ଦର୍ଶାଯାଇ ବାଦ୍ ଦିଆଯାଇଛି। ଆସାମରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କୁ ଚିହ୍ନଟ କରିବା ଏହାର ଉଦ୍ଦେଶ୍ୟ ବୋଲି ଏନ୍‌ଆର୍‌ସି ପକ୍ଷରୁ ଦାବି କରାଯାଇଛି। ତେବେ ଏହି ତାଲିକାରେ ସ୍ଥାନ ପାଇ ନ ଥିବା ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କରାଯିବ ନାହିଁ ଏବଂ ସେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଉତ୍ତର-ପୂର୍ବ ରାଜ୍ୟ ଆସାମରେ ଶନିବାର ଏନ୍‌ଆର୍‌ସି ପ୍ରକାଶ ପାଇବା ପରେ ବିଶ୍ୱ ଗଣମାଧ୍ୟମର ପ୍ରତିକ୍ରିୟା ଓ ରିପୋର୍ଟର କିଛି ଅଂଶ।

## ଆଗକୁ ଅସ୍ପଷ୍ଟ ସ୍ଥିତି

'ଭାରତୀୟ ରାଜ୍ୟରେ ନାଗରିକତ୍ୱ ତାଲିକାରୁ ପ୍ରାୟ ୨ ନିୟୁତ ଲୋକଙ୍କୁ ବାଦ୍ ଦିଆଯାଇଛି' ଶୀର୍ଷକରେ ଆମେରିକାର ୱାଶିଂଟନ ପୋଷ୍ଟରେ ଏନ୍‌ଆର୍‌ସି ତାଲିକାକୁ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ବେଆଇନ ପ୍ରବାସୀଙ୍କୁ ଏନ୍‌ଆର୍‌ସିରୁ ବାଦ୍ ଦିଆଯିବାର ପରିଣାମ ସମେତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଏଥିରେ ସାୟେରା ବେଗମଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତାଙ୍କ ନାମ ଏନ୍‌ଆର୍‌ସି ତାଲିକାରେ ନାହିଁ ବୋଲି ଗୁଜବ ଶୁଣିବା ପରେ ସାୟେରା ଏକ କୂଅକୁ ଡେଇଁପଡ଼ିଥିଲେ। ତାଲିକା ପ୍ରକାଶ ପାଇବା ପରେ ତାଙ୍କ ନାମ ସେଥିରେ ରହିଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଏହି ଖବରକାଗଜ କେତେଜଣ ବ୍ୟାକୁଳ ନାଗରିକଙ୍କ ସାକ୍ଷାତ୍‌କାର ଏବଂ ଏହି ପ୍ରସଙ୍ଗରେ ଭାରତର ପ୍ରଭାବଶାଳୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ପୂର୍ବରୁ କ'ଣ କହିଥିଲେ ସେନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମନେପକାଇ ଦେଇଛି। ବାଂଲାଦେଶୀ ପ୍ରବାସୀମାନେ ଅନୁପ୍ରବେଶକାରୀ ଓ କୀଟ ବୋଲି ପୂର୍ବରୁ ଶାହ କହିଥିଲେ। ଆସାମରେ ନାଗରିକତ୍ୱ ପ୍ରକଳ୍ପକୁ ପୂର୍ଣ୍ଣ ସମର୍ଥନ କରୁଥିବା ମୋଦିଙ୍କ ନେତୃତ୍ୱାଧୀନ ସରକାର ସାରା ଦେଶରେ ଅନୁରୂପ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଶପଥ ନେଇଥିବା ଏଥିରେ କୁହାଯାଇଛି।

## ସେମାନଙ୍କ ମଧ୍ୟରେ ବାଂଲାଦେଶୀ ନାହାନ୍ତି

ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ଲୋକଙ୍କ ମଧ୍ୟରେ କେହି ବାଂଲାଦେଶୀ ନାହାନ୍ତି ବୋଲି ବାଂଲାଦେଶର ପ୍ରମୁଖ ଖବରକାଗଜ 'ଦି ଡେଲି ଷ୍ଟାର'ରେ ଏକ ରିପୋର୍ଟ ପ୍ରକାଶ କରିଛି। ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ୍ ମୋମେନ୍ କହିଛନ୍ତି, ଆସାମ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ଲୋକେ ବାଂଲାଦେଶୀ ବୋଲି ସେ ମନେକରୁନାହାନ୍ତି। ଏନ୍‌ଆର୍‌ସି ହେଉଛି ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ। ତାକୁ ନେଇ ଆମର ଚିନ୍ତା କରିବାର କିଛି ନାହିଁ। ଭାରତ ସଂଲଗ୍ନ ବିଶେଷକରି ଆସାମ ସୀମାରେ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରାଯାଇଛି ବୋଲି ବର୍ଡର ଗାର୍ଡ ବାଂଲାଦେଶ ଅଧିକାରୀମାନେ କହିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମାନବିକ ସଙ୍କଟ ଆଶଙ୍କା

ଗାର୍ଡିଏନ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ଏନ୍‌ଆର୍‌ସି ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଅଟକ ରଖାଯାଇପାରେ। ଏଥିଯୋଗୁ ଆସାମରେ ମାନବିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଏଥିରେ ମାନବାଧିକାର ଗୋଷ୍ଠୀଗୁଡ଼ିକ ସତର୍କ କରାଇଦେଇଛନ୍ତି। ଏହାସହ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କେତେକ ପକ୍ଷଙ୍କ ସାକ୍ଷାତ୍‌କାର ପ୍ରକାଶ ପାଇଛି। ତାଲିକାରୁ ତ୍ରୁଟିପୂର୍ଣ୍ଣ ଭାବେ ଅନେକ ଲୋକଙ୍କୁ ବାଦ୍ ଦିଆଯାଇଛି। ଉଦାହରଣ ସ୍ୱରୂପ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିପାରୁ ନ ଥିବା ମହିଳା ଓ ସଂଖ୍ୟାଲଘୁଙ୍କ ସହ କର୍ମୀ ଏବଂ ଆଇନଜୀବୀଙ୍କ ଆଲୋଚନା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

## ପ୍ରବାସୀଙ୍କୁ କୀଟ କହିଥିଲେ ଶାହ

ତାଲିକାରୁ ବାଦ୍ ପଡ଼ିଥିବା ଲୋକେ ସମ୍ମୁଖୀନ ହେଉଥିବା ଆଇନଗତ କଠିନତାକୁ ନେଇ ଅଲ୍-ଜଜିରା ଏନ୍‌ଆର୍‌ସି ସମ୍ପର୍କିତ ରିପୋର୍ଟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛି। ଅଧିକାର କର୍ମୀମାନଙ୍କ ଅନୁସାରେ ଆବେଦନ କରିବାର ଅବଧି କମ୍ ଥିବାରୁ କୋର୍ଟରେ ବାଦ୍ ପଡ଼ିଥିବା ଲୋକଙ୍କ ଭିଡ଼ ଲାଗିବ। ୧୨୦ ଦିନ ମଧ୍ୟରେ ୨୦ ଲକ୍ଷରୁ ୩୦ ଲକ୍ଷ ମାମଲାର ବିଚାର କରିବା ବିଦେଶୀ ଟ୍ରିବ୍ୟୁନାଲଗୁଡ଼ିକ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ନୂଆଦିଲ୍ଲୀସ୍ଥିତ ରାଇଟ୍ସ ଆଣ୍ଡ ରିସ୍କସ ଆନାଲିସିସ୍ ଗ୍ରୁପ୍ ନିର୍ଦ୍ଦେଶକ ସୁହାସ ଚକ୍‌ମା କହିଛନ୍ତି। ବିନା ବିଚାରରେ ଲୋକଙ୍କୁ ବିଦେଶୀ ଘୋଷଣା କରିବା ଓ ଏକତରଫା ରାୟ ଦେବା ନେଇ ଫରେନର୍ସ ଟ୍ରିବ୍ୟୁନାଲଗୁଡ଼ିକ ସମାଲୋଚନାର ପାତ୍ର ହୋଇଥିବା ଏଥିରେ କୁହାଯାଇଛି। ସେହିପରି ଜାତୀୟ ସ୍ତରରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବା ପାଇଁ ଚାହୁଁଥିବା ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକଦା ପ୍ରବାସୀଙ୍କୁ କୀଟ ଭାବେ ଅଭିହିତ କରିଥିଲେ, ଯାହାକୁ ଭାଜପା ସମର୍ଥନ କରିଥିଲା।

# କୁଳଭୂଷଣଙ୍କୁ ଆଜି ମିଳିବ କୂଟନୈତିକ ସହାୟତା

ଇସ୍‌ଲାମାବାଦ,୧୯(ପି.ଟି.)



ପାକିସ୍ତାନରେ ବନ୍ଦୀ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଇସ୍‌ଲାମାବାଦ ସୋମବାର ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଜରିଆରେ ଆଇନଗତ ସହାୟତା ଯୋଗାଇଦେବ ବୋଲି ରବିବାର ଘୋଷଣା କରିଛି। କନ୍‌ସୁଲାର ସମ୍ପର୍କିତ ଭିଏନା ଚୁକ୍ତିନାମା, ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ରାୟ ଏବଂ ପାକିସ୍ତାନୀ ଆଇନ ଅନୁଯାୟୀ କୁଳଭୂଷଣଙ୍କୁ ଏହି ସହାୟତା ଯୋଗାଇଦିଆଯିବ ବୋଲି ପାକ୍ ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମହମ୍ମଦ ଫୈଜଲ କହିଛନ୍ତି। କୁଳଭୂଷଣ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ପାକିସ୍ତାନର ସାମରିକ ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛି। ନୌସେନାରୁ ଅବସର ନେବା ପରେ ବ୍ୟବସାୟିକ କାର୍ଯ୍ୟରେ ଇରାନ ଯାଇଥିବା କୁଳଭୂଷଣଙ୍କୁ ଅପହରଣ କରାଯାଇ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା ଭାରତ କହିଆସୁଛି। ପାକ୍ କୋର୍ଟର ରାୟ ବିରୋଧରେ ନୂଆଦିଲ୍ଲୀ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ନ କରିବାକୁ ଜୁଲାଇରେ ଆଇସିଜେ ପାକିସ୍ତାନକୁ କହିବା ସହ ତୁରନ୍ତ କୂଟନୈତିକ ସ୍ତରରେ ଆଇନଗତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଟେକ୍ସାସ୍‌ରେ ଗୁଳି: ୫ ମୃତ



ହ୍ୟୁଷ୍ଟନ,୧୯(ପି.ଟି.)

ଆମେରିକାର ଟେକ୍ସାସରେ ଗୁଳିକାଣ୍ଡ ଘଟି ୫ ଜଣ ନିହତ ହୋଇଥିବାବେଳେ ୨୧ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଟ୍ରାଫିକ୍ ଅଧିକାରୀମାନେ ଅଟକାଇବା ପରେ ସେ ଆଖିବୁଜା ଗୁଳି ଚଳାଇଥିଲା। ମିଡ୍‌ଲ୍ୟାଣ୍ଡ ଏବଂ ଓଡେସା ସହରରେ ଏହି ଗୁଳିକାଣ୍ଡ ଘଟିଛି। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ।

ତାଙ୍କୁ ଅଟକାଇଥିବା ଯବାନଙ୍କୁ ପ୍ରଥମେ ସେ ଗୁଳି ଚଳାଇଥିଲେ। ପରେ ଲୋକମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେ ନିଜ କାର ଛାଡ଼ିଦେଇ ଆମେରିକା ପୋଷ୍ଟାଲ ସେବା ବିଭାଗର ଏକ ଭ୍ୟାନକୁ ନେଇଯାଇ ସେଥିରୁ ଗୁଳି ଚଳାଇଥିଲେ। ଆକ୍ରମଣରେ ଦୁଇଜଣ ପୋଲିସ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣକାରୀ ଦୁଇଜଣ ବୋଲି ପ୍ରଥମେ ପୋଲିସ ସନ୍ଦେହ କରୁଥିଲା। କାରଣ ଯୁବକ ଜଣକ ପ୍ରଥମେ ଧଳା ରଙ୍ଗର ଟୟୋଟା ଓ ପରେ ପୋଷ୍ଟାଲ ସର୍ଭିସ ଭ୍ୟାନ ବ୍ୟବହାର କରିଥିଲେ। ଆକ୍ରମଣକାରୀ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ତଦନ୍ତ ଜାରି ରହିଛି।



ହଉତି ବିଦ୍ରୋହୀଙ୍କ ଦଖଲରେ ଥିବା ୟେମେନର ଧମାରସ୍ଥିତ ଏକ କଲେଜକୁ ସୌଦୀ ନେତୃତ୍ୱାଧୀନ ସେନା ରବିବାର ଟାର୍ଗେଟ କରିଛି। ଆକାଶମାର୍ଗରୁ ବୋମାମାଡ଼ କରାଯିବା ଫଳରେ ଅନ୍ୟୂନ ୬୦ ଜଣ ନିହତ ଓ ଶତାଧିକ ଆହତ ହୋଇଛନ୍ତି।

# ପଥରଫିଙ୍ଗା ଉତ୍ସବରେ ୪୦୦ ଆହତ

**ଭୋପାଳ,୧୯:** ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ଶନିବାର ଅନୁଷ୍ଠିତ ଗୋଟମାର ମେଳା (ବାର୍ଷିକ ପଥରଫିଙ୍ଗା ଉତ୍ସବ)ରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୧୨ ଜଣଙ୍କୁ ପର୍ଣ୍ଣୁର୍ଣ୍ଣାସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁଇଜଣଙ୍କ ଆଖି କ୍ଷତିଗ୍ରସ୍ତ ହୋଇଛି। ଗୋଟମାର ମେଳା ନାମରେ ଏହି ପରମ୍ପରା ୪୦୦ ବର୍ଷ ହେଲା ଚଳିଆସୁଛି। ଏଥିପାଇଁ ଜାମ୍ ନଦୀର ଉଭୟ ପାର୍ଶ୍ୱରେ ପର୍ଣ୍ଣୁର୍ଣ୍ଣା ଏବଂ ସାୱରଗାଁର ଲୋକେ ଏକତ୍ରିତ ହୋଇଥାନ୍ତି। ଏହା ପରେ ନଦୀ ମଝିରେ ଲଗାଯାଇଥିବା ଏକ ପତାକାକୁ ହାତେଇବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ଉଭୟ ପକ୍ଷର ଟିମ୍ ପତାକା ହାସଲ କରିବା ପାଇଁ ଉଦ୍ୟମ ଚଳାଇଥିଲାବେଳେ ଗ୍ରାମବାସୀ ସେମାନଙ୍କୁ ପଥର ଫିଙ୍ଗିଥାନ୍ତି। ଚଳିତ ବର୍ଷ ପର୍ଣ୍ଣୁର୍ଣ୍ଣା ଗ୍ରାମବାସୀ ପତାକା ହାସଲ କରିବା ସହ ବିଜୟୀ ଘୋଷିତ ହୋଇଛନ୍ତି। ସ୍ଥାନୀୟ ଭାଷାରେ ଗୋଟମାର ଅର୍ଥ ପଥର ମାଡ଼ କରିବା।

# ବାଚସ୍ପତି ସମ୍ମିଳନୀରେ କଶ୍ମୀର ପ୍ରସଙ୍ଗ ଉଠାଇଲା ପାକିସ୍ତାନ

ନୂଆଦିଲ୍ଲୀ,୧୯

ମାଳଦ୍ୱୀପ ପାର୍ଲାମେଣ୍ଟରେ ରବିବାର ଅନୁଷ୍ଠିତ ଚତୁର୍ଥ ଦକ୍ଷିଣ ଏସିଆ ବାଚସ୍ପତି ସମ୍ମିଳନୀରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବାରୁ ଏହାକୁ ନେଇ ହଟ୍ଟଗୋଳ ହୋଇଛି। ଭାରତୀୟ ପ୍ରତିନିଧି ଏହାର ତୀବ୍ର ବିରୋଧ କରିଥିଲେ। ସମିଟ୍‌ରେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଉପରେ ଆଲୋଚନା ଚାଲିଥିବାବେଳେ ପାକ୍ ଉପବାଚସ୍ପତି କାସିମ୍ ସୁରି ୩୭୦ ଉଚ୍ଛେଦ ପରବର୍ତ୍ତୀ କଶ୍ମୀର ସ୍ଥିତି ସମ୍ପର୍କରେ କହିଥିଲେ। ଏହାର ଜବାବରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ କହିଥିଲେ, ୧୯୭୧ରେ ବାଂଲାଦେଶ ଗଣହତ୍ୟାରେ ସମ୍ପୃକ୍ତ ଓ ବେଆଇନ ଭାବେ ଆଜାଦ କଶ୍ମୀରକୁ ଦଖଲ କରିଥିବା

## ଭାରତର ନିନ୍ଦା



ହରିବଂଶ ନାରାୟଣ ସିଂ

ଦେଶ ଅନ୍ତର୍ଜାତୀୟ ସ୍ତରରେ ଏଭଳି ପ୍ରସଙ୍ଗ ଉଠାଇବାର ନୈତିକ ଅଧିକାର ନାହିଁ। ଏଭଳି ଏକ ଫୋରମରେ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ଉଠାଇବାକୁ ସେ ଦୃଢ଼ ବିରୋଧ କରିଥିଲେ। ସମିଟ୍‌ର ଲକ୍ଷ୍ୟଠାରୁ ଦୂରେଇ ଯାଇ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଇ ଏହାକୁ ରାଜନୀତିକରଣ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଏସ୍‌ଡିଜି ଆଲୋଚନାବେଳେ ପାକିସ୍ତାନ ଉଠାଇଥିବା ପ୍ରସଙ୍ଗକୁ ସ୍ଥାନ ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ସମିଟରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।

ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ପାକିସ୍ତାନ ଏହାକୁ ବିଭିନ୍ନ ଅନ୍ତର୍ଜାତୀୟ ଫୋରମରେ ଉଠାଇବାକୁ ଉଦ୍ୟମ ଚଳାଇଥିବାବେଳେ ଏହା ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଭାରତ କହିଆସୁଛି।

# ଭାରତୀୟ ବଂଶୋଦ୍ଭବ ହେବେ ଆମେରିକା ବିଚାରପତି

ୱାଶିଂଟନ,୧୯(ପି.ଟି.)

ଭାରତୀୟ ବଂଶୋଦ୍ଭବ ଆଟର୍ନି ଶିରୀନ୍ ମାଥ୍ୟୁସ୍ ଆମେରିକାର ଏକ ଜିଲା କୋର୍ଟ ବିଚାରପତି ହେବାକୁ ଯାଉଛନ୍ତି। କାଲିଫର୍ନିଆ ସଦର୍ନ ଜିଲା କୋର୍ଟର ବିଚାରପତି ଭାବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ମନୋନୀତ କରିଛନ୍ତି। ସଦର୍ନ ଜିଲାରେ ସଂଘୀୟ ବିଚାରପତି ହେବାରେ ସେ ହେବେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରଥମ ମହିଳା ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ। ଆର୍ଟିକିଲ ୩ ବିଚାରପତିମାନଙ୍କୁ ଜୀବନବ୍ୟାପୀ ନିଯୁକ୍ତି ମିଳିଥାଏ। କେବଳ ପ୍ରତିନିଧି ସଭାରେ ମହାଭିଯୋଗ ଆସିଲେ



ଶିରୀନ୍ ମାଥ୍ୟୁସ୍

ଏବଂ ସିନେଟରେ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ବହିଷ୍କାର କରାଯାଇପାରିବ। ମାଥ୍ୟୁସ୍ ଏବେ ସାନ ଡିଏଗୋରେ ଥିବା ଆମେରିକାର ପଞ୍ଚମ ବୃହତ ଆଇନ ଫାର୍ମ 'ଜୋନ୍ସ ଡେ'ର ଅଂଶୀଦାର ଅଛନ୍ତି।

■ ଦିଗ୍‌ବିଜୟଙ୍କ ବିସ୍ଫୋରକ ବୟାନ

# ଆଇଏସ୍‌ଆଇଠାରୁ ଟଙ୍କା ନେଇଛି ଭାଜପା

**ଭୋପାଳ,୧୯:** ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇଠାରୁ ଭାଜପା ଓ ବଜରଙ୍ଗ ଦଳ ଟଙ୍କା ନେଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ ଅଭିଯୋଗ କରିଛନ୍ତି। ତାଙ୍କର ଏହି ଚାଞ୍ଚଲ୍ୟକର ବୟାନ ହଇଚଇ ସୃଷ୍ଟି କରିଛି। ମୁସଲମାନଙ୍କ ଅପେକ୍ଷା ଅଧିକ ଅଣମୁସଲମାନ ଆଇଏସ୍‌ଆଇ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ଦିଗ୍‌ବିଜୟ କହିଛନ୍ତି। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ମାତ୍ରାରେ ଶେୟାର ହୋଇଛି।

ଭିଣ୍ଡ୍‌ଠାରେ ଶନିବାର ମହାରାଣା ପ୍ରତାପଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଟଙ୍କା ନେଇ ଆଇଏସ୍‌ଆଇ ପାଇଁ ଗୋଇନ୍ଦାଗିରି କରିବା ଅଭିଯୋଗରେ ବଜରଙ୍ଗ ଦଳ କର୍ମୀ ଏବଂ ଭାଜପା ଆଇଟି ସେଲ୍ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟପ୍ରଦେଶ ପୋଲିସ ଗିରଫ କରିଥିଲା। ସେହି କଥାକୁ ସେ ଗଣମାଧ୍ୟମ ସମ୍ମୁଖକୁ ଆଣିଥିବା କଥା କହିଛନ୍ତି।



# ସର୍କୁଲାର ଅର୍ବିଟ୍‌କୁ ଗଲା ଚନ୍ଦ୍ରୟାନ-୨

**ଶ୍ରୀହରିକୋଟା:** ପୃଥିବୀପୃଷ୍ଠରୁ ଦୀର୍ଘ ୩.୮ଲକ୍ଷ କିଲୋମିଟର ଯାତ୍ରା କରିବା ପରେ ଚନ୍ଦ୍ରୟାନ-୨ ରବିବାର ସନ୍ଧ୍ୟାରେ ଚନ୍ଦ୍ରର ବୃତ୍ତାକାର କକ୍ଷପଥ(ସର୍କୁଲାର ଅର୍ବିଟ୍)ରେ ପ୍ରବେଶ କରିଛି। ଏହା ଚନ୍ଦ୍ର ଅଭିଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ। ଚନ୍ଦ୍ରୟାନ-୨ ଦୀର୍ଘ ୪୨ଦିନ ଯାତ୍ରା କରିବା ପରେ ଏହି କକ୍ଷପଥ ଚୂଡ଼ାନ୍ତ ପର୍ଯ୍ୟାୟ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ସୋମବାର ଲ୍ୟାଣ୍ଡର 'ବିକ୍ରମ' ଅର୍ବିଟରଠାରୁ ପୃଥକ୍ ହୋଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ନିମ୍ନଗାମୀ ହେବ। ଏହି ଦିନଠାରୁ ବିକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏଥିସହିତ ଏକ ପୃଥକ୍ ଟିମ୍ ଅର୍ବିଟର୍‌ର ଗତିବିଧି ତର୍ଜମା କରିବ। ଅର୍ବିଟର ଚନ୍ଦ୍ରର ସର୍କୁଲାର ଅର୍ବିଟ୍‌ରେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଘୂରିବୁଲି ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ସକ୍ଷମ ହେବ। ସେପ୍ଟେମ୍ବର ୪ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ନିକଟତମ କକ୍ଷପଥରେ ପ୍ରବେଶ କରି ୩ ଦିନ ପର୍ଯ୍ୟନ୍ତ



ସେଠାରେ ଘୂରିବୁଲିବ। ୭ ସେପ୍ଟେମ୍ବର ମଧ୍ୟରାତ୍ର ୧ଟା ୪୦ରେ ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ୩୫ କିଲୋମିଟର ଉଚ୍ଚତାରୁ ଅବତରଣ ଆରମ୍ଭ କରିବ। ଏହା ପ୍ରତି ସେକେଣ୍ଡରେ ୨ ମିଟର ତଳକୁ ଖସି ଶେଷରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଭୋର୍ ୩ଟା ୫୫ରେ ଲ୍ୟାଣ୍ଡର ବିକ୍ରମର କବାଟ ଖୋଲିବ ଏବଂ ଏହା ମଧ୍ୟ ଦେଇ ୬ ଚକା ବିଶିଷ୍ଟ ରୋଭର 'ପ୍ରଜ୍ଞା' ବାହାରକୁ ଆସିବ। ଭୋର୍ ୫ଟା ୧୦ରେ ଏହା ଚନ୍ଦ୍ରପୃଷ୍ଠରେ ଚାଲିବା ଆରମ୍ଭ କରିବ। ଏହା ପ୍ରତି ସେକେଣ୍ଡରେ ଏକ ସେଣ୍ଟିମିଟର ଗତି କରି ୧୪ଦିନ ଯାତ୍ରା କରିବ। ଏହି ସମୟ ମଧ୍ୟରେ ପ୍ରଜ୍ଞା ୫୦୦ମିଟର ଯାତ୍ରା କରି ଚନ୍ଦ୍ରପୃଷ୍ଠର ଫଟୋ ଉଠାଇବା ସହ ପୃଥିବୀକୁ ପ୍ରେରଣ କରିବ।

[ଇତିହାସର ଆଇନାରେ]

## ସେପ୍ଟେମ୍ବର ୨ର ପ୍ରମୁଖ ଘଟଣା

୧୯୮୫ ସେପ୍ଟେମ୍ବର ୨ରେ ଶ୍ରୀଲଙ୍କାର ତାମିଲ ରାଜନେତା ତଥା ପୂର୍ବତନ ଏମ୍‌ପି ଏମ. ଅଲାଲାସୁନ୍ଦରମ୍ ଏବଂ ଭି. ଧର୍ମଲିଙ୍ଗମ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ଥିଲା ଶ୍ରୀଲଙ୍କା ଗୃହଯୁଦ୍ଧ ବେଳର ଘଟଣା। ୧୯୮୩ ଜୁଲାଇ ୨୩ରେ ଶ୍ରୀଲଙ୍କାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଶ୍ରୀଲଙ୍କାର ଉତ୍ତର ଓ ପୂର୍ବଭାଗରେ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ନିମନ୍ତେ ତାମିଲ ମୁକ୍ତି ସଂଗଠନ (ଏଲ୍‌ଟିଟିଇ) ଶ୍ରୀଲଙ୍କା ସରକାରଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ।

୨୦୧୦ ସେପ୍ଟେମ୍ବର ୨ରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ଶାନ୍ତି ଆଲୋଚନା ଜାତିସଂଘ ଉଦ୍ୟମରେ ଆରମ୍ଭ ହୋଇଥିଲା। ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ପାଲେଷ୍ଟାଇନ୍‌ର ଅଥରିଟି ଚେୟାରମ୍ୟାନ୍ ମହମ୍ମଦ ଅବ୍ବାସ୍।

# 'ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ'

**ମୁମ୍ବାଇ:** ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ ବୋଲି କହିଛନ୍ତି ବଲିଉଡ୍ ଅଭିନେତା ଜୁବେର କେ. ଖାନ୍। 'କସମ୍ ତେରେ ପ୍ୟାର କୀ' ଏବଂ 'ନାଗିନ୍-୩' ଭଳି ଶୋ'ରେ ଅଂଶଗ୍ରହଣ କରିସାରିବା ପରେ ବର୍ତ୍ତମାନ 'ଧଡ଼୍‌କେ ଦିଲ୍ ବାର୍ ବାର୍' ଫିଲ୍ମରେ ଅଭିନୟ କରୁଛନ୍ତି ଜୁବେର। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ୱାଲିଆ। ଜୁବେର ପ୍ରଥମକରି ଟିଭି ଶୋ'ରେ ଶୁଟିଂ ଆରମ୍ଭ କରିଥିଲେ। ଏଥିପାଇଁ ଖୁବ୍ କଠିନ ପରିଶ୍ରମ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ଟିଭି ଶୋ' ତୁଳନାରେ ଫିଲ୍ମ ଶୁଟିଂ ସହଜ। ନିକଟରେ ସେ ୧୨୮ ଦିନ ଶୁଟିଂ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଟିଭି ଶୁଟିଂ ପାଇଁ ରାତିରେ ଏବଂ ଫିଲ୍ମ ପାଇଁ ଦିନବେଳା ବ୍ୟସ୍ତ ରହୁଥିଲେ। ଯଦିଓ କଷ୍ଟ ଲାଗୁଥିଲା, ତଥାପି ଏଥିରୁ ଖୁବ୍ ଆନନ୍ଦ ମିଳୁଥିଲା ବୋଲି ଜୁବେର କହିଛନ୍ତି। ଟିଭି, ଫିଲ୍ମ ଏବଂ ଥିଏଟର ଭଳି ବିଭିନ୍ନ ପ୍ଲାଟଫର୍ମରେ ସେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏହି ୩ ମାଧ୍ୟମ ତାଙ୍କ ପାଇଁ ସମାନ ଗୁରୁତ୍ୱ ରଖେ। ଫିଲ୍ମରେ ସ୍ୱାଧୀନ ଭାବେ ଅଭିନୟ କରିବାକୁ ହୋଇଥାଏ। ଏଥିରେ ଜଣେ କଳାକାରଙ୍କ ଦକ୍ଷତା ବୃଦ୍ଧି ପାଇଥାଏ। ଅଧିକ ଆୟ ପାଇଁ ଟିଭି ମଧ୍ୟ ଏକ ଭଲ ମାଧ୍ୟମ। କିନ୍ତୁ ଯେ କୌଣସି ମାଧ୍ୟମ ହେଉନା କାହିଁକି ଜଣେ କଳାକାର ଭାବରେ ମୋ ପାଇଁ କିଛି ଫରକ ପଡେନି। ଯାହା ବି କରେ, ସେଥିରେ ଶତ ପ୍ରତିଶତ ଶ୍ରମ ଓ ଦକ୍ଷତା ବିନିଯୋଗ କରିଥାଏ ବୋଲି ଜୁବେର ପ୍ରକାଶ କରିଛନ୍ତି।



ଜୁବେର କେ. ଖାନ୍

# ଖାଇବା ଶୈଳୀ ଓ ବ୍ୟକ୍ତିତ୍ୱ





ନିଜର ଖାଇବା ଶୈଳୀ ଆପଣଙ୍କର ବ୍ୟକ୍ତିତ୍ୱକୁ ଆହୁରି ବୃଦ୍ଧି କରିଥାଏ। ଏପରି ଏକ ବିଷୟବସ୍ତୁକୁ ନେଇ ହୋଇଥିବା ସର୍ଭେ ସମୟରେ ଏକଥା ଜଣାପଡ଼ିଛି। ଯେଉଁମାନେ ନିଜର ଖାଇବା ଶୈଳୀ ପ୍ରତି ସଚେତନ ସେମାନେ ନିଜର ବ୍ୟକ୍ତିତ୍ୱରେ ଅନ୍ୟମାନଙ୍କୁ ଅନେକାଂଶରେ ପ୍ରଭାବିତ କରିଥାଆନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେଜଣ ବ୍ୟକ୍ତିଙ୍କ ଖାଇବା ଶୈଳୀ ଏବଂ ବ୍ୟକ୍ତିତ୍ୱକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଖାଇବା ଶୈଳୀ ସୁନ୍ଦର ଥିଲା ସେମାନଙ୍କ ମଧ୍ୟରୁ ଅନେକଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ଆମେରିକାସ୍ଥିତ ବୋଷ୍ଟନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଏହି ସର୍ଭେ କରାଯାଇଥିଲା। ଏ ସମ୍ପର୍କରେ ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତି ନିଜର ଖାଇବା ଶୈଳୀ ପ୍ରତି ସଚେତନ ହେଲେ ତାଙ୍କର ମାନସିକତା ସେହି ଅନୁସାରେ ସକାରାତ୍ମକ ରହିଥାଏ।

# ପାଠପଢ଼ା ଆଗ୍ରହକୁ ସକ୍ରିୟକରେ ବ୍ୟାୟାମ

ବ୍ୟାୟାମ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ସହଜ ନୁହେଁ। ଆଜିକାଲି ଅନେକେ ଏହାକୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟା ଚାଲିବା ଏବଂ ତା'ପରେ କିଛି ସମୟ ନିଜର ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରିବା ଦ୍ୱାରା ମନ ତ ପ୍ରଫୁଲ୍ଲ ରହିଥାଏ, ତା'ସହ ଏପରି ଅଭ୍ୟାସ ଆମକୁ ପରୋକ୍ଷରେ କେତେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ଯୋଡ଼ାଯାଇଛି। ନିୟମିତ ବ୍ୟାୟାମ କରିବା ଫଳରେ ପାଠପଢ଼ା ପ୍ରତି ଆଗ୍ରହ ଆହୁରି ବଢ଼ିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ପ୍ରତିଦିନ ବ୍ୟାୟାମ କରୁଥିବା ବ୍ୟକ୍ତି ଏବଂ କେତେଜଣ ଛାତ୍ରୀଛାତ୍ର ପଢ଼ିବା ପ୍ରତି କେତେ ଆଗ୍ରହ କରୁଛି ତାହାକୁ ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ଏବଂ ଛାତ୍ରୀଛାତ୍ରଙ୍କର ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେଉଥିବାର ସେମାନେ ଜାଣିପାରିଥିଲେ। କିନ୍ତୁ ଏହି ବ୍ୟାୟାମ ନିଜର ସାମର୍ଥ୍ୟ ଅନୁସାରେ କରିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ନୋବେଲ ଇତିହାସରେ ବିରଳ ପରମ୍ପରା



ନିକୁଞ୍ଜ ବିହାରୀ ସାହୁ






ଆର୍ଥର କର୍ନବର୍ଗ



ପିୟରେ କ୍ୟୁରି –ମ୍ୟାରି କ୍ୟୁରି



ନେଲ୍‌ସ ବୋର୍

"ଡେନ୍‌ମାର୍କର ପଦାର୍ଥ ବିଜ୍ଞାନୀ ନେଲ୍‌ସ ବୋର୍ 'ପରମାଣୁର ଗଠନ ଓ ବିକିରଣ' ସମ୍ପର୍କରେ ଗବେଷଣାକରି ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲାବେଳେ ୧୯୭୫ ମସିହାରେ ତାଙ୍କର ସୁଯୋଗ୍ୟ ପୁତ୍ର ଆଜେ ବୋର୍ ସେହି ପଦାର୍ଥ ବିଜ୍ଞାନରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।"

### ପିତାଙ୍କ ନୋବେଲ ପୁତ୍ର ଜିନ୍‌ରେ

୧୯୫୯ ମସିହାରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ପୁରସ୍କାର ଜଣେ ଆମେରିକୀୟ ବୈଜ୍ଞାନିକ ଆର୍ଥର କର୍ନବର୍ଗଙ୍କୁ ମିଳିଥିଲା। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ମା' କୋଷରୁ କନ୍ୟା କୋଷକୁ ଜିନୀୟ ସନ୍ଦେଶ ସଞ୍ଚରଣ'। ୨୦୦୬ ଅକ୍ଟୋବର ୩ରେ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଗ୍ରହଣ ପାଇଁ ମଞ୍ଚରେ ଆଉ ଜଣେ କର୍ନବର୍ଗଙ୍କୁ ଦେଖିବାକୁ ମିଳିଥିଲା। ସେ ଥିଲେ ଆର୍ଥର କର୍ନବର୍ଗଙ୍କ ସୁଯୋଗ୍ୟ ପୁତ୍ର ରଜର କର୍ନବର୍ଗ। ଦିନେ ସେ ପିତାଙ୍କ ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ତାଙ୍କ ସହ ଯାଇଥିଲେ ଷ୍ଟକ୍‌ହୋମ୍। ସେତେବେଳେ ସେ ଥିଲେ ମାତ୍ର ୧୨ବୟସର ବାଳକ। ସେଦିନର ସେ ଘଟଣା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ପରବର୍ତ୍ତୀ କାଳରେ, ସେ ପିତାଙ୍କ ଜିନ୍ ସଂକ୍ରାନ୍ତୀୟ ଗବେଷଣାକୁ ଆଉ କେଇ ପାଦ ଆଗେଇନେଇ ଜିନ୍‌ରେ ସଞ୍ଚିତ ମଣିଷର ସମସ୍ତ ଗୁଣାବଳୀର ସନ୍ଦେଶ କିପରି ପ୍ରତିଲିପୀକରଣ ଜରିଆରେ ପ୍ରୋଟିନ୍‌ରେ ରୂପାନ୍ତରିତ ହୋଇ ନୂଆ ଜୀବକୋଷ ସୃଷ୍ଟିକରେ, ତା' ଉପରେ ଆଲୋକପାତ କରିଥିଲେ।

### ପିତାଙ୍କ ମତକୁ କାଟି ପୁଅ ଜିତିଲେ ନୋବେଲ

୧୯୦୬ ମସିହାରେ ଇଂଲଣ୍ଡର ବୈଜ୍ଞାନିକ ଜେ. ଜେ. ଟମ୍‌ସନ୍ ସ୍ୱଳ୍ପ ଚାପଯୁକ୍ତ ଗ୍ୟାସ୍ ମଧ୍ୟରେ ବିଦ୍ୟୁତ୍ ପ୍ରବାହିତକରି ଏକ ରହସ୍ୟମୟ ଉପାଦାନ ଆବିଷ୍କାର କରିଥିଲେ। ସେ ଏହି ଉପାଦାନର ଚାର୍ଜ ଓ ବସ୍ତୁତ୍ୱର ଅନୁପାତ ନିରୂପଣକରି ଏହାକୁ ଏକ କଣିକା ରୂପେ ପ୍ରତିପାଦନ କରିଥିଲେ, ଯାହାର ନାଁ ଦିଆଗଲା ଇଲେକ୍‌ଟ୍ରନ୍। ତାଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସେ ବର୍ଷର ନୋବେଲ ପୁରସ୍କାର ମିଳିଥିଲା। ପରବର୍ତ୍ତୀ କାଳରେ ଏଭଳି ଅନେକ ଘଟଣା ନଜରକୁ ଆସିଲା, ଯାହାକୁ ଇଲେକ୍‌ଟ୍ରନ୍‌ର କଣିକାତତ୍ତ୍ୱ ବୁଝାଇପାରିଲା ନାହିଁ ଏବଂ ଏକ ନୂତନ ତତ୍ତ୍ୱର ଆବଶ୍ୟକତା ଦେଖାଗଲା। ପରବର୍ତ୍ତୀ ପରିସ୍ଥିତିରେ ତାଙ୍କର ସୁପୁତ୍ର ଜି.ପି. ଟମ୍‌ସନ୍ ଏକ ଉଚ୍ଚକୋଟୀର ପରୀକ୍ଷା ମାଧ୍ୟମରେ ଇଲେକ୍‌ଟ୍ରନ୍‌ର ତରଙ୍ଗ ଆଚରଣ ସମ୍ପର୍କରେ ସୂଚନା ଦେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ମାର୍ଗଦର୍ଶନ କଲେ। ତାଙ୍କର ଏହି ବୈପ୍ଳବିକ ଆବିଷ୍କାର ପାଇଁ ତାଙ୍କୁ ୧୯୩୬ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଗଲା।

### ପିତା–ପୁତ୍ର ନିଜ ମଧ୍ୟରେ ପୁରସ୍କାର ବାଣ୍ଟିଲେ

ବ୍ରିଟେନର ଦୁଇଜଣ ପଦାର୍ଥ ବିଜ୍ଞାନୀ ଉଇଲିୟମ ହେନେରି ବ୍ରାଗ୍ (ପିତା) ଏବଂ ଉଇଲିୟମ ଲରେନ୍ସ ବ୍ରାଗ୍ (ପୁତ୍ର) ଏକ ସ୍ଫଟିକ ମଧ୍ୟରେ ରଞ୍ଜନରଶ୍ମି ଅତିକ୍ରମକରି ଗୋଟିଏ ଫଟୋଗ୍ରାଫି ଫିଲିମ୍ ଜରିଆରେ ଏହାର ପ୍ରତିଲିପି ଲକ୍ଷ୍ୟ କଲେ। ଏହି ରଶ୍ମି ସ୍ଫଟିକ ମଧ୍ୟରେ ଥିବା ପରମାଣୁ ସବୁ ଦ୍ୱାରା ବଙ୍କେଇଯାଇ ପ୍ରତିବିମ୍ବରେ ଛାଇ ଆଲୁଅର ରୂପରେଖମାନ ସୃଷ୍ଟିକଲା। ବ୍ରାଗ୍ ପିତା–ପୁତ୍ର ଦ୍ୱୟ ଏହି ରୂପରେଖ ସବୁକୁ ଆଲୋକର ଏକ ବିଶେଷ ଧର୍ମ ଡିଫ୍ରାକ୍ସନ୍ ସଙ୍ଗେ ସଂଶ୍ଳିଷ୍ଟ କରି ସ୍ଫଟିକର ପରମାଣୁ ସବୁ ମଧ୍ୟରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବଧାନକୁ ନିରୂପଣ କଲେ। ଏହି ପଦ୍ଧତି ଦ୍ୱାରା କୌଣସି ସ୍ଫଟିକର ଗଠନ ବିଶ୍ଳେଷଣ କରାଯାଇ ସ୍ଫଟିକ ମଧ୍ୟରେ ସ୍ଥାନ ବିଶେଷରେ ଖଞ୍ଜାଥିବା ପରମାଣୁ ସବୁର ତ୍ରୈମାତ୍ରିକ ସଂରଚନାର ସ୍ପଷ୍ଟ ଚିତ୍ର ମିଳିପାରିଲା। ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଯୋଗୁ ବ୍ରାଗ୍ ପିତା–ପୁତ୍ରଦ୍ୱୟଙ୍କୁ ୧୯୧୫ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପଦାର୍ଥ ବିଜ୍ଞାନୀ ପିତା–ପୁତ୍ର

ଡେନ୍‌ମାର୍କର ପଦାର୍ଥ ବିଜ୍ଞାନୀ ନେଲ୍‌ସ ବୋର୍ 'ପରମାଣୁର ଗଠନ ଓ ବିକିରଣ' ସମ୍ପର୍କରେ ଗବେଷଣାକରି ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲାବେଳେ ୧୯୭୫ ମସିହାରେ ତାଙ୍କର ସୁଯୋଗ୍ୟ ପୁତ୍ର ଆଜେ ବୋର୍ ସେହି ପଦାର୍ଥ ବିଜ୍ଞାନରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।

### ପିତା–କନ୍ୟା

ଫ୍ରାନ୍ସର ବୈଜ୍ଞାନିକ ପିୟରେ କ୍ୟୁରି ୧୯୦୩ ମସିହାରେ ପ୍ରାକୃତିକ ତେଜଷ୍କ୍ରିୟ ପଦାର୍ଥ ଉପରେ ଗବେଷଣାକରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ହାସଲ କରିଥିଲେ। ୧୯୩୫ ମସିହାରେ ତାଙ୍କର ସୁପୁତ୍ରୀ ଇରିନ୍ ଜୁଲିଅଟ୍ କ୍ୟୁରି ନିଜର କୃତ୍ରିମ ତେଜଷ୍କ୍ରିୟତା ସମ୍ପର୍କରେ ଗବେଷଣା ପାଇଁ ରସାୟନ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ନୋବେଲ ପୁରସ୍କାରପ୍ରାପ୍ତ ହୋଇ ଏକ ବିରଳ ପିତା–କନ୍ୟା ଯୋଡ଼ି ସୃଷ୍ଟି କରିଛନ୍ତି।

### ସ୍ୱାମୀ–ସ୍ତ୍ରୀ

୧୯୦୩ ମସିହାରେ ଫ୍ରାନ୍ସର ପିୟରେ କ୍ୟୁରି ଏବଂ ତାଙ୍କ ସ୍ତ୍ରୀ ମ୍ୟାରି କ୍ୟୁରି ପଦାର୍ଥ ବିଜ୍ଞାନରେ ମିଳିତ ଭାବେ ନୋବେଲ ପୁରସ୍କାର ଜିତିଥିଲାବେଳେ ୧୯୩୫ ମସିହାରେ ସେହି ଫ୍ରାନ୍ସର ଫ୍ରେଡ୍‌ରିକ୍ ଜୁଲିଅଟ କ୍ୟୁରି ଏବଂ ତାଙ୍କ ସ୍ତ୍ରୀ ଇରିନ୍ ଜୁଲିଅଟ୍ କ୍ୟୁରି ରସାୟନ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ନୋବେଲ ପୁରସ୍କାର ଲାଭ କରିଥିଲେ।

### ଦାଦା–ପୁତୁରା

୧୯୩୦ ମସିହାରେ ଭାରତୀୟ ବୈଜ୍ଞାନିକ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ ସ୍ଫଟିକ ଦ୍ୱାରା ଆଲୋକର ବିଚ୍ଛୁରଣ ଉପରେ ଗବେଷଣାକରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଲାଭ କରିଥିଲାବେଳେ ତାଙ୍କ ପୁତୁରା ସୁବ୍ରମଣ୍ୟନ୍ ଚନ୍ଦ୍ରଶେଖର ଏକ ଶ୍ୱେତ ବାମନ ତାରକା ସମ୍ପର୍କରେ ଆଲୋକପାତକରି ୧୯୮୩ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ନୋବେଲ ପୁରସ୍କାରପ୍ରାପ୍ତ ହୋଇଥିଲେ।

### ଜଣକୁ ଦୁଇଥର ନୋବେଲ

ଫ୍ରାନ୍ସର ମ୍ୟାରି କ୍ୟୁରି ଥରେ ପଦାର୍ଥ ବିଜ୍ଞାନରେ (୧୯୦୩) ଏବଂ ଆଉ ଥରେ ରସାୟନ ବିଜ୍ଞାନରେ (୧୯୧୧) ଏହିଭଳି ସମୁଦାୟ ଦୁଇଟି ନୋବେଲେ ପୁରସ୍କାର ଲାଭକରି ଏକ ବିରଳ ପ୍ରତିଭାର ଅଧିକାରିଣୀ ହୋଇଛନ୍ତି'। ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ଲିନ୍ସ ପାଉଲିଙ୍ଗ ମଧ୍ୟ ଥରେ ରସାୟନ ବିଜ୍ଞାନ (୧୯୫୪) କ୍ଷେତ୍ରରେ ଏବଂ ଆଉ ଥରେ ଶାନ୍ତି (୧୯୬୨) କ୍ଷେତ୍ରରେ ଏହିପରି ମୋଟ ଦୁଇଥର ନୋବେଲ ପୁରସ୍କାର ଜିତି ଇତିହାସ ରଚନା କରିଛନ୍ତି।

### ନୋବେଲ ପରିବାର

ଫ୍ରାନ୍ସର କ୍ୟୁରି ପରିବାର ଏଭଳି ଏକ ପରିବାର ଯେଉଁଠି ପିତା, ମାତା, କନ୍ୟା ଓ ଜାମାତା ଏକାବେଳକେ ଚାରିଜଣ ବ୍ୟକ୍ତି ନୋବେଲ ପୁରସ୍କାର ଜିତି ଇତିହାସରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୦୩ ମସିହାରେ ପିୟରେ କ୍ୟୁରି (ପିତା) ଓ ମ୍ୟାରି କ୍ୟୁରି (ମାତା) ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ମିଳିତ ଭାବେ ନୋବେଲ ପୁରସ୍କାର ଲାଭ କରିଥିଲାବେଳେ ୧୯୩୫ ମସିହାରେ ଇରିନ୍ ଜୁଲିଅଟ୍ କ୍ୟୁରି(କନ୍ୟା), ଫ୍ରେଡ୍‌ରିକ୍ ଜୁଲିଅଟ କ୍ୟୁରି (ଜାମାତା) ରସାୟନ ବିଜ୍ଞାନ କ୍ଷେତ୍ରରେ ଏକାଠି ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲେ।

–ଏଜୁକେଶନ ଅଫିସର, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ
ମୋ : ୮୦୧୮୭୦୮୮୪୮



# ଅଖାଦ୍ୟ ଘିଅ ପ୍ରତି ସାବଧାନ



ଡ. ମାନସ ରଞ୍ଜନ ସେନାପତି

ମନ୍ଦିରରେ ଦେବଦେବୀ ଦର୍ଶନ ପରେ ଆମକୁ ପ୍ରସାଦ ଭାବେ ଯେଉଁ ଘିଅ ବା ବଟର ମିଳିଥାଏ ତାହା ଖାଦ୍ୟ ଅନୁପଯୋଗୀ ହୋଇପାରେ ଏବଂ ଏପରି କି କର୍କଟ ଭଳି ମହାବ୍ୟାଧିର କାରଣ ମଧ୍ୟ ହୋଇପାରେ। ବିଶେଷକରି ଦୀପ ଜାଳିବା ପାଇଁ ଯେଉଁ ଘିଅ ଦୋକାନରେ ମିଳିଥାଏ ସେଗୁଡ଼ିକ ଖାଦ୍ୟ ଅନୁପଯୋଗୀ ବୋଲି ମଧ୍ୟ ଲେଖା ହୋଇଥାଏ। କିନ୍ତୁ ଅଜ୍ଞାନବଶତଃ ଲୋକେ ସେହି ଘିଅକୁ ଦେବାଳୟରେ ଅର୍ପଣ କରିବା ପରେ ଗ୍ରହଣ କରିଥାନ୍ତି। ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଏହି ଘିଅ ପ୍ରସ୍ତୁତକରି ବଜାରକୁ ଛାଡ଼ିଥାନ୍ତି। ସୋରିଷତେଲ ଓ ନାଲିରଙ୍ଗ ବା ଡାଇ ବ୍ୟବହାରକରି ସେମାନେ ଗାଈ ଘିଅ ସଦୃଶ ପଦାର୍ଥ ତିଆରି କରିଥାନ୍ତି। ଏପରି କି ଏଥିରେ କୋଲ୍‌ଟାର(ଯାହାକି କର୍କଟ ରୋଗର କାରଣ) ମଧ୍ୟ ମିଶିଥାଏ। ଏହି ଘିଅରୁ କିଛି ଏକ ପରୀକ୍ଷାନଳୀରେ ନେଇ ସେଥିରେ ୫ ମି.ଲି. ସଲ୍‌ଫ୍ୟୁରିକ ଏସିଡ୍ ଜଳ ସହ ମିଶାଇଲେ ଯଦି ଗୋଲାପି ରଙ୍ଗ ଦେଖାଗଲା ତେବେ ଏହା କୋଲ୍‌ଟାର ମିଶିଥିବାର ପ୍ରମାଣ ଦେଇଥାଏ। ଅତି ସହଜରେ ଏହା ପରୀକ୍ଷାଗାରରେ ମଧ୍ୟ ଦେଖିହେବ। ସେହିପରି ପରୀକ୍ଷା ଦ୍ୱାରା ଗାଈ ଘିଅରେ ବନସ୍ପତି ତୈଳ ମିଶାଯାଉଛି ବୋଲି ମଧ୍ୟ ପ୍ରମାଣିତ ହୋଇଛି। ବନସ୍ପତି ତୈଳକୁ ହାଇଡ୍ରୋଜେନେଶନ ପ୍ରକ୍ରିୟା ମାଧ୍ୟମରେ କଠିନ ଅବସ୍ଥା କରାଯାଇଥାଏ, ଯାହାକୁ ଡାଲ୍‌ଡା ଘିଅ ବୋଲି କୁହାଯାଏ। ଏହା ଗାଈ ଘିଅ ତୁଳନାରେ ଅତ୍ୟନ୍ତ ଶସ୍ତାରେ ଉପଲବ୍ଧ ହୋଇଥାଏ। ଏଥିରେ ଅଧିକ ପରିମାଣରେ ଟ୍ରାନ୍ସଫ୍ୟାଟ୍ ଥିବାରୁ ସ୍ୱାସ୍ଥ୍ୟ ପାଇଁ ଅହିତକର। ସାଧାରଣତଃ ପାମୋଲିନ ତେଲରୁ ଡାଲ୍‌ଡା ବା ବନସ୍ପତି ଘିଅ ପ୍ରସ୍ତୁତ ହୋଇଥାଏ। ପରିବେଶବିତ୍‌ମାନେ ମଧ୍ୟ ଅଧିକ ପାମୋଲିନ ତୈଳ ବ୍ୟବହାରକୁ ସତର୍କ କରାଇଥାନ୍ତି। ଏହା ଅପରପକ୍ଷେ ଜଙ୍ଗଲକ୍ଷୟ ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ। ଉକ୍ତ ରକ୍ତଚାପଜନିତ ରୋଗ ଥିବା ବ୍ୟକ୍ତିବିଶେଷମାନେ ଦେଶୀ ବା ଗାଈ ଘିଅ ଓ ଡାଲ୍‌ଡା ବା ବାନସ୍ପତି ଘିଅଠାରୁ ଦୂରେଇ ରହିବା ଉଚିତ। କେତେଜଣଙ୍କ ମତରେ ଗାଈ ଘିଅ ସ୍ମରଣଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ତେବେ ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଗୋଟିଏ ଦିନରେ ୫ରୁ ୧୦ ଗ୍ରାମ ଦେଶୀ ବା ଗାଈ ଘିଅ ନେବା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି। ତେବେ ମେଦବହୁଳ ବ୍ୟକ୍ତିବିଶେଷ ଏଥିରୁ ଦୂରେଇ ରହିଲେ ଭଲ। ତେଣୁ ଶୁଦ୍ଧ ଗାଈ ବଦଳରେ ଯଦି ବନସ୍ପତି ବା ଡାଲ୍‌ଡା ଘିଅ ମିଶ୍ରିତ ଘିଅ ସେବନ କରାଯାଏ ତେବେ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ଦେଖାଦେଇପାରେ। ତେଣୁ ବ୍ୟକ୍ତିବିଶେଷ ଏଥିପ୍ରତି ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

–ଡିନ୍ ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୨୩୭୭୯୭

## ସ୍ୱାସ୍ଥ୍ୟ ସୂଚନା

–କୌଣସି ରୋଗର ଲକ୍ଷଣକୁ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ହୁଏତ ଗମ୍ଭୀର ସମସ୍ୟା ଧାରଣ କରିପାରେ। ତେଣୁ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

–ଡାକ୍ତରଙ୍କ ସହ ରୋଗ ବିଷୟରେ ଆଲୋଚନା କରିବା ସମୟରେ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ରୋଗର କାରଣଗୁଡ଼ିକୁ ତର୍ଜମା କରି ଡାକ୍ତର ସେହି ରୋଗର ଚିକିତ୍ସା କରିଥାଆନ୍ତି।

–କେତେକ ରୋଗ ନିରୂପଣ ସମୟରେ ଡାକ୍ତର ରକ୍ତ ନମୁନା ପରୀକ୍ଷା କରିବା, ଏକ୍ସ–ରେ, ଅଲ୍‌ଟ୍ରାସାଉଣ୍ଡ, ସିଟି ସ୍କାନ୍ ଆଦି କରିବାକୁ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ଏଗୁଡ଼ିକୁ ହାଲୁକା ଭାବେ ନ ନେଇ ପରୀକ୍ଷା କରାଇନେବା ଦରକାର।

–ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରନ୍ତୁ। ଏହି ସମୟରେ ଜୁସ୍ ପିଇପାରନ୍ତି।

–ସକାଳୁ ବ୍ୟାୟାମ କରିବାର ୧୦ ମିନିଟ୍ ପୂର୍ବରୁ ଅଳ୍ପ ପାଣି ପିଅନ୍ତୁ।



# ପ୍ରବଳ ମୁଣ୍ଡ ବିନ୍ଧୁଥିଲେ..



ମୁଣ୍ଡବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଏପରି ସମସ୍ୟାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ କେତେକେ ଔଷଧ ଖାଇବାକୁ ପସନ୍ଦ କରିଥାଆନ୍ତି। ହେଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଗୁରୁତର ଆକାର ଧାରଣ କରି ନ ଥାଏ। ପ୍ରବଳ ମୁଣ୍ଡବିନ୍ଧାରୁ ଅନେକାଂଶରେ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଶରୀରରୁ ଜଳୀୟ ଅଂଶ କମିଗଲେ ମୁଣ୍ଡ ବିନ୍ଧିଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ। ଶରୀରରେ ଏହି ସ୍ତର ସନ୍ତୁଳିତ ହୋଇଗଲେ ମୁଣ୍ଡବିନ୍ଧା ଧୀରେ ଧୀରେ କମିଯାଇଥାଏ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ଏଭଳି ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। ଜଣେ ବ୍ୟକ୍ତି ଯଦି ଆବଶ୍ୟକ ମୁତାବକ ନିଦ୍ରା ନ ଯାଆନ୍ତି ତେବେ ତାହା ମୁଣ୍ଡବିନ୍ଧାର ଅନ୍ୟତମ କାରଣ ସାଜିଥାଏ। ତେଣୁ ପ୍ରତିଦିନ ଅତିକମ୍‌ରେ ୬ରୁ ୭ ଘଣ୍ଟା ଶୁଅନ୍ତୁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ଜୀର୍ଣ୍ଣ ହେବାରେ ଅସୁବିଧା ସୃଷ୍ଟି କରିବ। ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ସାମିଲ କରନ୍ତୁ। ଏହା ମୁଣ୍ଡ ବିନ୍ଧାରୁ ଉପଶମ ଦେବାରେ କେତେକାଂଶରେ ସାହାଯ୍ୟ କରିଥାଏ।

## ସଂକ୍ଷେପରେ

### ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ବଢ଼ିଲା

#### ବିମାନ ଇନ୍ଧନ ଦର କମିଲା



**ନୂଆଦିଲ୍ଲୀ, ୧-୯:** ତୈଳ କମ୍ପାନୀଙ୍କ ପକ୍ଷରୁ ରବିବାର ବିମାନ ଇନ୍ଧନ(ଏଟିଏଫ୍) ଦର ହ୍ରାସ ଘୋଷଣା କରାଯାଇଥିବା ବେଳେ ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି କରାଯାଇଛି। ପେଟ୍ରୋଲିୟମ କମ୍ପାନୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୧୫.୫୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଏଟିଏଫ୍ ଦର ପ୍ରତି କେଜି ୫୯୬.୬୨ ଟଙ୍କା ହ୍ରାସ କରାଯାଇଛି। ଫଳରେ ଏହାର ଦର ଏବେ ପ୍ରତି କେଜି ୬୨,୬୯୮.୮୬ ଟଙ୍କା ରହିଛି। ବିମାନ ଇନ୍ଧନ ଦର ପ୍ରାୟ ୧% କମିବା ଫଳରେ ଏହା ୪ ମାସର ସର୍ବନିମ୍ନ ସ୍ତରରେ ରହିଛି। କ୍ରମାଗତ ତୃତୀୟ ମାସ ହେବ ଏଟିଏଫ୍ ଦର ହ୍ରାସ ପାଇଚାଲିଛି। ସେହିପରି ଅଣ ସବ୍‌ସିଡି ଏଲ୍‌ପିଜି ଦର ଏଣିକି ୫୯୦ ଟଙ୍କା ହେବ। ସେହିପରି କିରୋସିନ ଦର କ୍ରମାଗତ ୨୬ ମାସ ହେବ ଲିଟର ପିଛା ୨୫ ପଇସା ବଢ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀ ଏନ୍‌ସିଆର୍‌ରେ ରବିବାର ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ ସିଏନ୍‌ଜି ଦର ୦.୫୦ ଟଙ୍କା ପ୍ରତି କେଜି ବୃଦ୍ଧି କରିଛି। ଏଣିକି ପ୍ରତି କେଜି ସିଏନ୍‌ଜି ଦର ଦିଲ୍ଲୀରେ ୪୭.୧୦ ଟଙ୍କା ହେବ। ସେହିପରି ନଏଡା ଓ ଗ୍ରେଟର ନଏଡାରେ ଏହା ୫୩.୫୦ ଟଙ୍କା ହେବ।

### କର୍ପୋରେଶନ ବ୍ୟାଙ୍କର ଋଣ ପରିଶୋଧ ଶିବିର

**ଭୁବନେଶ୍ୱର, ୧-୯:** କର୍ପୋରେଶନ ବ୍ୟାଙ୍କ ପକ୍ଷରୁ ଋଣ ପରିଶୋଧ ଶିବିର ସ୍ଥାନୀୟ ମୁଖ୍ୟ ଶାଖାଠାରେ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଲୋକନାଥ ସାହୁ, ମୁଖ୍ୟ ପ୍ରବନ୍ଧକ ସୁନୀଲ ସିଂ, ଷ୍ଟେଶନ ଛକ ଶାଖାର ପ୍ରବନ୍ଧକ ତପନ କୁମାର ସାହୁ ଏବଂ ଜୟଦେବ ବିହାର ଶାଖା ପ୍ରବନ୍ଧକ ମିତ୍ରଭାନୁ ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏଠାରେ ୨୫ରୁ ଉର୍ଦ୍ଧ୍ୱ ଋଣ ଗ୍ରହୀତା ସେମାନଙ୍କ ଋଣ ଫଇସଲା କରିଥିଲେ। ବିଭିନ୍ନ ଶାଖାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା ରହିଥିବା ମହାପ୍ରବନ୍ଧକ ସାହୁ କହିଛନ୍ତି। ଏହି ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ରିକଭରି ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ସନ୍ତୋଷ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

### ସୁଧହାର କମାଇଲା ୟୁନିୟନ ବ୍ୟାଙ୍କ

**ଭୁବନେଶ୍ୱର, ୧-୯:** ୟୁନିୟନ ବ୍ୟାଙ୍କ ପକ୍ଷରୁ ସୁଧହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ଏହାର ମାର୍ଜିନାଲ କଷ୍ଟ ବେସ୍‌ଡ ଲେଣ୍ଡିଂ ରେଟ(ଏମ୍‌ସିଏଲ୍‌ଆର୍)କୁ ୧୫ ବେସିସ ପଏଣ୍ଟ ହ୍ରାସ କରିଛି। ଏହା ଦ୍ୱାରା ବ୍ୟାଙ୍କର ଓଭରନାଇଟ ୮.୧୦%ରୁ ହ୍ରାସ ଘଟି ୭.୭୫%କୁ କମିଛି। ସେହିଭଳି ମାସିକିଆ ଅବଧି ବିଶିଷ୍ଟ କ୍ଷେତ୍ରରେ ଏହା ୮.୧୦%ରୁ ୮%, ୩ ମାସିଆ ଏବଂ ୬ ମାସିଆ ଏମ୍‌ସିଏଲ୍‌ଆର ୮.୧୦% ଏବଂ ୮.୨୦% ରହିଛି। ଏହା ବାଦ୍ ଗୋଟିଏ ବର୍ଷର ଅବଧି କ୍ଷେତ୍ରରେ ସୁଧହାର ୮.୫୦%ରୁ ୮.୩୫%କୁ ହ୍ରାସ ଘଟିଛି। ଏହା ସେପ୍ଟେମ୍ବର ପହିଲାରୁ ଲାଗୁ ହେବ ବୋଲି ୟୁନିୟନ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### କ୍ୟାମ୍ପସରେ ଗୀତମ ଛାତ୍ରୀଛାତ୍ରୀଙ୍କ ସଫଳତା

**ହାଇଦ୍ରାବାଦ, ୧-୯:** ଗୀତମ ଡିମ୍‌ଡ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ୟାମ୍ପସରେ ସଫଳତା ହାସଲ କରିଛନ୍ତି। ଆସେଞ୍ଚର ଇଣ୍ଡିଆ ପକ୍ଷରୁ ହୋଇଥିବା କ୍ୟାମ୍ପସ କାର୍ଯ୍ୟକ୍ରମରେ ଗୀତମର ୩୦୦ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଆସେଞ୍ଚର ଏମ୍‌ଡି ଜିଏସ୍ ରାଓ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରିପ୍ଲେସମେଣ୍ଟ ଟକ୍, ଅନଲାଇନ ଟେଷ୍ଟ, ଟେକ୍ନିକାଲ ଟେଷ୍ଟ, ଏଫ୍‌ଏସ୍‌ଇ ଏବଂ ଗ୍ରୁପ ଡିସକଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିବା ୟୁନିଭର୍ସିଟିର ପ୍ଲେସମେଣ୍ଟ ସେଲ୍ ନିର୍ଦ୍ଦେଶକ ଗୁରୁମୂର୍ତ୍ତୀ ଗଙ୍ଗାଧରନ କହିଛନ୍ତି। ସଫଳ ଛାତ୍ରୀଛାତ୍ରୀଙ୍କୁ ୟୁନିଭର୍ସିଟି ଭାଇସ୍ ଚାନସେଲର ପ୍ରଫେସର କେ.ଶିବ. ରାମକୃଷ୍ଣନ, ରେଜିଷ୍ଟ୍ରାର ପ୍ରଫେସର କେଭିଜିଡି ବାଲାଜି ଶୁଭେଚ୍ଛା ଜଣାଇଛନ୍ତି।

---

> ସୁନା ମୂଲ୍ୟର ମାନକୀକରଣ କରିବା ଲାଗି କେନ୍ଦ୍ର ସରକାର ଚେଷ୍ଟିତ। ସାରା ବିଶ୍ୱରେ ଆର୍ଥିକ ବଜାରରେ ଅସ୍ଥିରତା ଦେଖାଦେବାରୁ ନିବେଶକ ଏବେ ସୁନା କିଣିବାକୁ ସୁରକ୍ଷିତ ମଣୁଛନ୍ତି।
> – ଅଜୟ ଭୂଷଣ ପାଣ୍ଡେ, କେନ୍ଦ୍ର ରାଜସ୍ୱ ସଚିବ



> ଡିମାର୍ଟ ରିଟେଲ ଚଳିତ ଆର୍ଥିକ ବର୍ଷରେ ଆହୁରି ୬୦ଷ୍ଟୋର୍ ଖୋଲିବ। ଏଥିଲାଗି କମ୍ପାନୀ ୨୦୦୦ କର୍ମଚାରୀଙ୍କୁ ନିଯୁକ୍ତ କରିବ।
> – ଲଳିତ ଅଗ୍ରୱାଲ, ଡିମାର୍ଟ ରିଟେଲ ସିଏମ୍‌ଡି



---

### ବ୍ୟାଙ୍କ ମହାମିଶ୍ରଣକୁ ନେଇ ସୀତାରାମନ୍‌ଙ୍କ ସ୍ୱଷ୍ଟୋକ୍ତି

# କେହି ଚାକିରି ହରାଇବେ ନାହିଁ

**ଚେନ୍ନାଇ, ୧-୯**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମହାମିଶ୍ରଣ ହେବ ବୋଲି ଘୋଷଣା କରିସାରିଛନ୍ତି। ଏହାଦ୍ୱାରା କର୍ମଚାରୀ ଛଟେଇ ହୋଇଯିବେ ବୋଲି ଆଶଙ୍କା ପ୍ରକାଶ ପାଇଥିବା ବେଳେ ଅର୍ଥମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯୋଗୁ ଜଣେ ହେଲେ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବ୍ୟାଙ୍କ ମହାମିଶ୍ରଣ ଯୋଗୁ କର୍ମଚାରୀ ଛଟେଇ ହୋଇଯିବେ ବୋଲି ବ୍ୟାଙ୍କ ମହାସଂଘଗୁଡ଼ିକ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏହା ଉପରେ ନିଜର ପ୍ରତିକ୍ରିୟାରେ ସୀତାରାମନ୍ କହିଛନ୍ତି ଯେ, ଏହି ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ। ବ୍ୟାଙ୍କ ମହାମିଶ୍ରଣ ଘୋଷଣା ବେଳେ କର୍ମଚାରୀଙ୍କୁ ବିଦା କରାଯିବ ନାହିଁ ବୋଲି ସେ ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଥିବା କର୍ମଚାରୀ ମହାସଂଘଗୁଡ଼ିକ ମନେ ପକାନ୍ତୁ। ମିଶ୍ରଣ ହେବାକୁ ଥିବା ସମସ୍ତ ବ୍ୟାଙ୍କ କର୍ମଚାରୀ ୟୁନିୟନଗୁଡ଼ିକୁ ସେ ପୁଣି ଆଶ୍ୱସ୍ତ କରି କହିଛନ୍ତି ଯେ, ଜଣେ ହେଲେ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କ ମହାମିଶ୍ରଣ ଘୋଷଣା କରିବା ପରେ ଏହାକୁ ବିରୋଧ କରି ବ୍ୟାଙ୍କ ମହାସଂଘଗୁଡ଼ିକ ପକ୍ଷରୁ ଶନିବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଓ ସେମାନେ କଳାବ୍ୟାଜ୍ ପିନ୍ଧିଥିଲେ।

**ଉଦ୍ୟୋଗ ଜଗତର ସମସ୍ୟା ଶୁଣୁଛୁ**

ଦେଶରେ ମାନ୍ଦାବସ୍ଥା ଆସିଛି ବୋଲି ହେଉଥିବା ଅଭିଯୋଗକୁ ଅର୍ଥମନ୍ତ୍ରୀ ସୀତାରାମନ୍ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଅର୍ଥନୀତି ଧିମା ହୋଇଥିବା ବେଳେ ସରକାର ଉଦ୍ୟୋଗ ଜଗତ ସହ ନିରନ୍ତର ଆଲୋଚନା କରୁଛନ୍ତି ଓ ସେମାନଙ୍କ ସମସ୍ୟା ଶୁଣୁଛନ୍ତି। ସେ କହିଛନ୍ତି ଯେ, ଉଦ୍ୟୋଗ ଜଗତ ସମସ୍ୟାର ସମାଧାନ ଲାଗି କ'ଣ ଚାହୁଁଛନ୍ତି, ସରକାର ସେମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରୁଛନ୍ତି। ଇତିମଧ୍ୟରେ ସେ ଦୁଇଥର ଉଦ୍ୟୋଗ ଜଗତର ପ୍ରତିନିଧିଙ୍କୁ ଭେଟି ସାରିଛନ୍ତି ଓ ଆଗକୁ ମଧ୍ୟ ଭେଟିବେ ବୋଲି ସୀତାରାମନ୍ ଉଲ୍ଲେଖ କରିଛନ୍ତି।

**ବନ୍ଦ ହେବ ନାହିଁ କୌଣସି ବ୍ୟାଙ୍କ**



ଏଠାରେ ସୀମାଶୁଳ୍କ, ଜିଏସ୍‌ଟି ଓ ଆୟକର ବିଭାଗର ବରିଷ୍ଠ ଅଧିକାରୀଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସୀତାରାମନ୍ କହିଛନ୍ତି ଯେ, ମହାମିଶ୍ରଣ ପରେ କୌଣସି ବ୍ୟାଙ୍କକୁ ବନ୍ଦ କରାଯିବ ନାହିଁ। ଏଥିସହ କୌଣସି ବ୍ୟାଙ୍କକୁ କିଛି ନୂଆ କରିବାକୁ କୁହାଯାଇନାହିଁ। ତେବେ ସରକାରଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଅଧିକ ପୁଞ୍ଜି ଦିଆଯାଉଛି। ପୂର୍ବଭଳି ସେମାନେ ନିଜର ଗତିବିଧି ଜାରି ରଖିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

**ଅଟୋମୋବାଇଲ ସେକ୍ଟର ପାଇଁ ଜିଏସ୍‌ଟି ହ୍ରାସ ସୁପାରିସ୍**

ଅର୍ଥନୀତି ଧିମା ହେବା କାରଣରୁ ଅଟୋ ସେକ୍ଟରରେ ଗାଡ଼ି ବିକ୍ରି ହ୍ରାସ ପାଇଛି ବୋଲି କୁହାଯିବାରୁ ଅର୍ଥମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସରକାର ଇଲେକ୍ଟ୍ରିକ ଗାଡ଼ି ବିକ୍ରିକୁ ପ୍ରୋତ୍ସାହିତ କରିବେ। ତେବେ ଏଥିପାଇଁ ଅନ୍ୟ ଗାଡ଼ି ବିକ୍ରିକୁ ଅଣଦେଖା କରାଯିବ ନାହିଁ। ଅଟୋ ସେକ୍ଟରରେ ଲାଗୁ ହୋଇଥିବା ଜିଏସ୍‌ଟି ହାର ହ୍ରାସ କରିବା ଅଧିକାର ତାଙ୍କ ନିକଟରେ ନାହିଁ। ଏ ସଂକ୍ରାନ୍ତରେ ନିଷ୍ପତ୍ତି ଜିଏସ୍‌ଟି କାଉନସିଲ୍ ନେଇପାରିବ। ତେବେ କେନ୍ଦ୍ର ସରକାର ଜିଏସ୍‌ଟି ହ୍ରାସ ପାଇଁ କାଉନସିଲ୍‌କୁ ସୁପାରିସ୍ କରିଛନ୍ତି। ବଜେଟରେ ଘୋଷିତ କେତେକ ପଦକ୍ଷେପର ପରିଣାମ ଏବେ ଦେଖିବାକୁ ମିଳିଛି ବୋଲି ସୀତାରାମନ୍ ସ୍ପଷ୍ଟ କରିଛନ୍ତି।

**ମନମୋହନ ସିଂହଙ୍କ ବୟାନ ଉପରେ ନୀରବ**

କେନ୍ଦ୍ର ସରକାର ରାଜନୈତିକ ପ୍ରତିଶୋଧ ମନୋଭାବ ପରିତ୍ୟାଗ କରି ବିଶେଷଜ୍ଞଙ୍କ ସହ ବସି ମାନ୍ଦାବସ୍ଥା ଦୂର କରିବା ରାସ୍ତା ବାହାର କରନ୍ତୁ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ରବିବାର କହିଛନ୍ତି। ଏହା ଉପରେ ନିର୍ମଳା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଡ.ସିଂହଙ୍କ ବୟାନ ଉପରେ ବିଚାର କରିବେ ବୋଲି ସେ କହିଛନ୍ତି। ଏହାଛଡ଼ା ସେ ଅନ୍ୟ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

---

### ଟ୍ରେଡ ୱାର ଘନେଇଲା

# ଚାଇନା-ଆମେରିକା ଅତିରିକ୍ତ ଟାରିଫ୍ ବୃଦ୍ଧି କଲେ



**ୱାଶିଂଟନ/ବେଜିଂ, ୧-୯**

ଆମେରିକା ଓ ଚାଇନା ମଧ୍ୟରେ ଚଳିତ ମାସରେ ବାଣିଜ୍ୟ ଯୁଦ୍ଧ ନେଇ ଆଲୋଚନା ଆରମ୍ଭ ହେବାକୁ ଯାଉଥିବା ବେଳେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆସୁଥିବା ୧୨୫ ବିଲିୟନ ଡଲାର ସାମଗ୍ରୀ ଉପରେ ୧୫% ଅତିରିକ୍ତ ଆମଦାନୀ ଶୁଳ୍କ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଚାଇନା ମଧ୍ୟ ପାଲଟା ଜବାବ ଦେଇ ଆମେରିକାର ଅଶୋଧିତ ତେଲ ଉପରେ ୫% ଅତିରିକ୍ତ ଆମାଦାନୀ ଶୁଳ୍କ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛି। ଅତିରିକ୍ତ ଆମଦାନୀ ଶୁଳ୍କ ଆଦାୟ ହେବାକୁ ଥିବା ଚାଇନା ସାମଗ୍ରୀ ମଧ୍ୟରେ ସ୍ମାର୍ଟ ସ୍ପିକର, ବ୍ଲୁଟୁଥ୍ ହେଡ୍‌ଫୋନ ଓ ଏକାଧିକ ଶ୍ରେଣୀର ଫୁଟ୍‌ୱେୟାର ରହିଛି।

ଚାଇନା ମଧ୍ୟ ପାଲଟା ଜବାବ ଦେଇ ଆମେରିକାର ୭୫ ବିଲିୟନ ଡଲାର ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ତେବେ କେଉଁ ପ୍ରକାର ସାମଗ୍ରୀ ଉପରେ ଅତିରିକ୍ତ ଟାରିଫ୍ ବୃଦ୍ଧି କରାଯାଇଛି ତାହାକୁ ଚାଇନା ସ୍ପଷ୍ଟ କରିନାହିଁ। ଆମେରିକାରୁ ଆସୁଥିବା ୫୦୭୮ ପ୍ରକାର ସାମଗ୍ରୀ ମଧ୍ୟରୁ ୧୭୧୭ ପ୍ରକାର ସାମଗ୍ରୀ ଉପରେ ଚାଇନା ଅତିରିକ୍ତ ୧୫% ଟାରିଫ୍ ଆଦାୟ କରିବ। ଡିସେମ୍ବର ୧୫ରୁ ଏହା କାର୍ଯ୍ୟକାରୀ ହେବ। ସୂଚନାଥାଉ କି, ଗତମାସରେ ଟ୍ରମ୍ପ ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ୫% ଟାରିଫ ଆଦାୟ କରାଯିବ ବୋଲି ଘୋଷଣା କରିଥିଲେ। ସେଲ୍‌ଫୋନ, ଲାପଟପ୍, କମ୍ପ୍ୟୁଟର, ଖେଳନା ଓ କପଡା ଉପରେ ଡିସେମ୍ବର ୧୫ରୁ ଅତିରିକ୍ତ ଟାରିଫ୍ ବୃଦ୍ଧି କରାଯିବ ବୋଲି ଚାଇନା କହିଛି।

---

# ଜିଡିପି ପରେ ସରକାରଙ୍କୁ ଜିଏସ୍‌ଟି ଝଟକା

### ଅଗଷ୍ଟରେ ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଲା

**ନୂଆଦିଲ୍ଲୀ, ୧-୯**




ମୋଟ ଘରୋଇ ଉତ୍ପାଦ(ଜିଡିପି)ହାର ୫%କୁ ହ୍ରାସ ପାଇବା ପରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଆଦାୟ କ୍ଷେତ୍ରରେ ମୋଦି ସରକାରଙ୍କୁ ଆଉ ଏକ ଝଟକା ଲାଗିଛି। ଅଗଷ୍ଟରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ତଳକୁ ଖସି ଆସିଛି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଆଲୋଚ୍ୟ ମାସରେ କେନ୍ଦ୍ର ସରକାର ମୋଟ ୯୮,୨୦୩ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ଆଦାୟ ହୋଇଥିବା ଜିଏସ୍‌ଟି ମଧ୍ୟରୁ ୨୪ ହଜାର କୋଟି ଟଙ୍କା କେବଳ ଆମଦାନୀ ଶୁଳ୍କ ବାବଦରେ ହାସଲ କରାଯାଇପାରିଛି। ପ୍ରକାଶିତ ତଥ୍ୟରୁ ଜଣାପଡିଛି ଯେ, ସଂଗୃହୀତ ମୋଟ ଜିଏସ୍‌ଟି ମଧ୍ୟରୁ ୧୭,୭୩୩ କୋଟି ଟଙ୍କା ସିଜିଏସ୍‌ଟି ବାବଦରେ ଆଦାୟ ହୋଇଥିବା ବେଳେ ୨୪,୨୩୯ କୋଟି ଟଙ୍କା ଏସ୍‌ଜିଏସ୍‌ଟି ଏବଂ ଆଇଜିଏସ୍‌ଟି ବାବଦରେ ୪୮,୯୫୮ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ୨୪,୮୧୮ କୋଟି ଟଙ୍କା ଆମଦାନୀ ଶୁଳ୍କ ଭାବେ ସଂଗ୍ରହ କରାଯାଇଛି। ସୂଚନାଥାଉ କି, ଜୁଲାଇରେ ସରକାର ୧.୦୨ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲେ। ଗତବର୍ଷ ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ୪.୫% ଅଧିକ ଜିଏସ୍‌ଟି ଆଦାୟ କରାଯାଇପାରିଛି। ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟଥର ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ତଳକୁ ରହିଛି। ଏଥିପୂର୍ବରୁ ଜୁନ୍‌ରେ ଜିଏସ୍‌ଟି ସଂଗ୍ରହ ୯୯,୯୩୯ କୋଟି ଟଙ୍କା ଥିଲା। ଉଲ୍ଲେଖ କରାଯାଇପାରେ ଯେ, ଜୁନ୍‌ରେ ଶେଷ ହୋଇଥିବା ଚଳିତବର୍ଷର ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ ହାର ୫%କୁ ଖସି ଆସିଛି, ଯାହା କି ୬ ବର୍ଷର ସର୍ବନିମ୍ନ ସ୍ତର କୁହାଯାଉଛି।

---

# ଅଟୋ ସେକ୍ଟରରେ ମାନ୍ଦାବସ୍ଥା ପ୍ରଭାବ ଗମ୍ଭୀର

**ଅଗଷ୍ଟରେ ମାରୁତି ବିକ୍ରି ୩୩% ହ୍ରାସ**

**ନୂଆଦିଲ୍ଲୀ, ୧-୯:** ଅଟୋ ସେକ୍ଟରକୁ ମାନ୍ଦାବସ୍ଥାରୁ ବାହାର କରି ଆଣିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ଘୋଷଣା ହୋଇଥିଲେ ମଧ୍ୟ ଏହାର ପ୍ରଭାବ ସେଭଳି ଅନୁଭୂତ ହେଉ ନ ଥିବା ମନେହେଉଛି। କାରଣ ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକିର ଅଗଷ୍ଟରେ ବିକ୍ରି ୩୨.୭% ହ୍ରାସ ପାଇଛି ବୋଲି ରବିବାର କମ୍ପାନୀ ପକ୍ଷରୁ କୁହାଯାଇଛି। ଆଲୋଚ୍ୟ ମାସରେ କମ୍ପାନୀ ୧,୦୬,୪୧୩ ଗାଡ଼ି ବିକିଛି। ଗତବର୍ଷ ଏହି ସମୟରେ କମ୍ପାନୀ ୧,୫୮,୧୮୯ ଗାଡ଼ି ବିକ୍ରି କରିବାକୁ ସକ୍ଷମ ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଗତ ମାସରେ ଘରୋଇ ଗାଡ଼ି ବିକ୍ରି ୩୪.୩% ହ୍ରାସ ପାଇ ୯୭,୦୬୧ରେ ପହଞ୍ଚିଛି। ଗତ ବର୍ଷ ଏହି ସମୟରେ ୧,୪୭,୭୦୦ ଗାଡ଼ି ବିକ୍ରି ହୋଇଥିଲା। ସେହିପରି ମାରୁତି ଅଲ୍‌ଟୋ ଏବଂ ୱାଗନ ଆର୍ ଭଳି କ୍ଷୁଦ୍ର କାର୍ ବିକ୍ରି ୭୧.୮% ହ୍ରାସ ପାଇ ୧୦,୧୨୩ ହୋଇଥିଲା ବେଳେ ଗତବର୍ଷ ଏହି ସମୟରେ ୩୫,୮୯୫ ଗାଡ଼ି ବିକ୍ରି ହୋଇଥିଲା।

**ଟୟୋଟା କିର୍ଲୋସ୍କର ବିକ୍ରି ୨୧% କମିଛି**

ଅଗଷ୍ଟରେ ଟୟୋଟା କିର୍ଲୋସ୍କର ମୋଟର ଗାଡ଼ି ବିକ୍ରି ୨୧% ହ୍ରାସ ପାଇ ୧୧,୫୪୪ରେ ପହଞ୍ଚିଛି ବୋଲି ରବିବାର କମ୍ପାନୀ ପକ୍ଷରୁ କୁହାଯାଇଛି। ଗତବର୍ଷ ଏହି ସମୟରେ କମ୍ପାନୀ ୧୪,୫୮୧ ଗାଡ଼ି ବିକ୍ରି କରିପାରିଥିଲା ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଅଗଷ୍ଟରେ ଘରୋଇ ବଜାରରେ କମ୍ପାନୀର ବିକ୍ରି ୧୦,୭୦୧କୁ ଖସିଆସିଛି, ଯାହା କି ପୂର୍ବବର୍ଷ ଏହି ସମୟରେ ୧୪,୧୦୦ ୟୁନିଟ ଥିଲା, ଅର୍ଥାତ ୨୪% ବିକ୍ରି ହ୍ରାସ ପାଇଛି। ତେବେ ଆଲୋଚ୍ୟ ମାସରେ ରପ୍ତାନି ଦୁଇଗୁଣା ବୃଦ୍ଧି ପାଇଛି, ଯାହା କି ପୂର୍ବବର୍ଷ ୪୮୧ୟୁନିଟ ଥିଲା।

**ହୋଣ୍ଡା କାର୍ ବିକ୍ରି ୫୧% କମିଲା**

ହୋଣ୍ଡା କାର୍‌ସ ଇଣ୍ଡିଆ ପକ୍ଷରୁ ରବିବାର କୁହାଯାଇଛି ଯେ, ଅଗଷ୍ଟରେ କମ୍ପାନୀର କାର୍ ବିକ୍ରି ୫୧.୨୮ ପ୍ରତିଶତ ହ୍ରାସ ପାଇ ୮,୨୯୧ରେ ପହଞ୍ଚିଛି। କମ୍ପାନୀ ଗତବର୍ଷ ଅଗଷ୍ଟରେ ୧୭,୦୨୦ ଗାଡ଼ି ବିକ୍ରି ହୋଇଥିଲା। ଉପଭୋକ୍ତାଙ୍କ ମଧ୍ୟରେ ନିରୁତ୍ସାହ ଦେଖାଦେଇଥିବାରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଅତ୍ୟନ୍ତ ଗମ୍ଭୀର ହୋଇଛି ବୋଲି ହୋଣ୍ଡା କାର୍‌ସ ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଓ ଡାଇରେକ୍ଟର(ବିକ୍ରି ଓ ମାର୍କେଟିଂ) ରାଜେଶ ଗୋଏଲ କହିଛନ୍ତି।

---




# ଏଲ୍‌ଆଇସିର ପ୍ରଥମ ପ୍ରିମିୟମ ଆୟ ୧.୪୨ ଲକ୍ଷ କୋଟି

**ପାଟନା, ୧-୯**

ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଘରୋଇ ଜୀବନ ବୀମା କମ୍ପାନୀଗୁଡିକର ଉପସ୍ଥିତି ସତ୍ତ୍ୱେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ମୋଟ ବଜାର ଅଂଶର ସିଂହଭାଗ ହାସଲ କରିଛି। ଏଲ୍‌ଆଇସି ୪୦ କୋଟିରୁ ଉର୍ଦ୍ଧ୍ୱ ବୀମା ଧାରୀଙ୍କୁ ସେବା ଯୋଗାଇ ଦେଉଛି। ୨୦୧୮-୧୯ରେ ୨.୧୪ କୋଟି ନୂଆ ପଲିସି ବିକ୍ରି କରି ଜୀବନ ବୀମା ପ୍ରଡକ୍ଟ ବଜାରରେ ଏହା ୭୪.୭୧% ଅଂଶ ହାସଲ କରିଛି। କମ୍ପାନୀ ପ୍ରଥମ ପ୍ରିମିୟମ ଆୟ ଭାବେ ୧.୪୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି। ପେନସନ ଏବଂ ଗୋଷ୍ଠୀ ବୀମା କ୍ଷେତ୍ରରେ ୩.୮୩ କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହା ବୀମା ସୁବିଧା ଯୋଗାଇ ଦେଉଛି। କମ୍ପାନୀ ବର୍ତ୍ତମାନ ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ୧.୭୯ କୋଟି ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରୁଥିବା କହିଛି। ବ୍ୟକ୍ତିଗତ ବୀମା କ୍ଷେତ୍ରରେ ଏହା ୨୯ଟି ପ୍ଲାନ ପ୍ରଦାନ କରୁଛି। ୧୪ଟି ଦେଶରେ କମ୍ପାନୀ ନିଜର ଉପସ୍ଥିତିକୁ ଜାହିର କରିବାକୁ ସକ୍ଷମ ହୋଇଛି। ୨୦୧୮-୧୯ରେ ଏହା ୨.୫୪ କୋଟିରୁ ଉର୍ଦ୍ଧ୍ୱ ଦାବି ସମାଧାନ କରିବା ସହ ୧.୬୩ ଲକ୍ଷ କୋଟି ପ୍ରଦାନ କରିଛି। ମୃତ୍ୟୁଜନିତ ଦାବି କ୍ଷେତ୍ରରେ ସମାଧାନ ୯୮.୨୭% ରହିଛି।

ସାରା ଦେଶରେ ୧୨୦ ପ୍ରତ୍ୟକ୍ଷ ବୀପଣନ ପ୍ରଣାଳୀ, ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୧୮ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ୪୧ ସମବାୟ ବ୍ୟାଙ୍କ ଏବଂ ଗୋଟିଏ ବିଦେଶୀ ବ୍ୟାଙ୍କରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।

- ୬୪ ବର୍ଷରେ ପଦାର୍ପଣ କଲା
- ସାରା ଦେଶରେ ପାଳନ କରୁଛି ବୀମା ସପ୍ତାହ
- ୪୦ କୋଟିରୁ ଉର୍ଦ୍ଧ୍ୱ ବୀମାଧାରୀଙ୍କୁ ସେବା ଯୋଗାଣ
- ୨୦୧୮-୧୯ରେ ବିକିଛି ୨.୧୪ କୋଟି ନୂଆ ପଲିସି

# ରାଜ୍ୟରେ କାରବାର ୭,୦୦୦ କୋଟି ଟପିଲା

**ଭୁବନେଶ୍ୱର, ୧-୯(ବ୍ୟୁରୋ)**




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ରାଜ୍ୟରେ ୭ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହାସଲ କରିଛି। ସେହିଭଳି ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ୨୦୧୮-୧୯ ଆର୍ଥିକ ବର୍ଷରେ ୨.୧ ଲକ୍ଷ ନୂଆ ପଲିସି ବିକ୍ରି ଦ୍ୱାରା ୨୮୩ କୋଟି ଟଙ୍କା ପ୍ରିମିୟମ ସଂଗ୍ରହ କରିଛି। ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ଏହା ପଲିସି ସଂଖ୍ୟାରେ ୩% ଏବଂ ପ୍ରଥମ ପ୍ରିମିୟମ ସଂଗ୍ରହରେ ୨୯% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ଏଠାରେ ୧.୪୦ ଲକ୍ଷ ପଲିସିର ପରିପକ୍ୱ ରାଶି ବାବଦକୁ ୫୩୫.୨୮ କୋଟି ଟଙ୍କା ପ୍ରଦାନ କରିଛି। ମୃତ୍ୟୁଜନିତ ବୀମା ବାବଦକୁ ୫୧.୧୪ କୋଟି ଟଙ୍କା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ମଣ୍ଡଳ ପକ୍ଷରୁ ୨.୩୦ ଲକ୍ଷ ନୂଆ ପଲିସି ଦ୍ୱାରା ଏହା ୪୧୦ କୋଟି ଟଙ୍କାର ନୂତନ ପ୍ରିମିୟମ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ସୂର୍ଯ୍ୟ ନଗରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସିନିୟର ଡିଭିଜନାଲ ମ୍ୟାନେଜର ଅକ୍ଷୟ କୁମାର ସାହୁ ସୂଚନା ଦେଇଛନ୍ତି।

ସାହୁ କହିଛନ୍ତି ଯେ, ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ୫୮,୦୫୮ ଟି ନୂଆ ପଲିସି ବିକ୍ରି ଦ୍ୱାରା ୧୪୫.୨୪ କୋଟି ଟଙ୍କାର ପ୍ରଥମ ପ୍ରିମିୟମ ସଂଗ୍ରହ କରାଯାଇଛି। ଭୁବନେଶ୍ୱର ମଣ୍ଡଳ ୩୨,୬୪୮ ପଲିସିର ପରିପକ୍ୱ ରାଶି ବାବଦକୁ ୧୨୨.୯୦ କୋଟି, ୧୦୫୮ ଡେଥ୍ କ୍ଲେମ ବାବଦକୁ ୧୬.୩୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ମାର୍ଚ୍ଚ ସୁଦ୍ଧା ୧.୪୨ ଲକ୍ଷ ପଲିସିର ପରିପକ୍ୱ ରାଶି ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଟେକ୍ ଟର୍ମ ନାମରେ ନୂଆ ପଲିସି ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କମ୍ପାନୀ ବର୍ତ୍ତମାନ ୬୪ ବର୍ଷରେ ପଦାର୍ପଣ କରିଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବୀମା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଣ୍ଡଳ ପକ୍ଷରୁ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ଅବସରରେ ମାର୍କେଟିଂ ମ୍ୟାନେଜର ଅନନ୍ତ ଭୂଷଣ ରଥ, ସେଲସ ମ୍ୟାନେଜର ଅଶୋକ କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ।

“ ହ୍ୟାଟ୍ରିକ ପାଇଁ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ମୁଁ କୃତଜ୍ଞ। କାରଣ ମୋ ବୋଲିଂରେ ତୃତୀୟ ଶିକାର ହୋଇଥିବା ରୋଷ୍ଟନ ଚେଜ୍‌ଙ୍କ ବିପକ୍ଷରେ ସେ ରିଭ୍ୟୁ ପାଇଁ ଅପିଲ କରିଥିଲେ।–**ଯଶପ୍ରୀତ ବୁମ୍‌ରା, ଭାରତୀୟ ବୋଲର**



“ ଇଶାନ୍ତ ଶର୍ମା ଉଇକେଟର ଅପରପାର୍ଶ୍ୱରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଭଳି ବ୍ୟାଟିଂ କରିବାରୁ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ମୋ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିପାରିଲି।–**ହନୁମା ବିହାରୀ, ଭାରତୀୟ କ୍ରିକେଟର**



## ସଂକ୍ଷେପରେ

### ଜାତୀୟ ଜୁନିୟର ଗ୍ରାପ୍ଲିଂ ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ

**ଭୁବନେଶ୍ୱର, ୧।୯(କ୍ରୀଡ଼ା ପ୍ରତିନିଧି):** ହରିୟାଣାରେ ଚାଲିଥିବା ଜାତୀୟ ଜୁନିୟର, ସବ୍‌ଜୁନିୟର ଗ୍ରାପ୍ଲିଂ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ୧୬-୧୭ ବର୍ଷ (୬୫ କେଜି) ବିଭାଗରେ ମୋନାଲି ସାହୁ ଗି’ ବିଭାଗରେ ସ୍ୱର୍ଣ୍ଣ ଏବଂ ବିନା ଗି’ ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଅନୁଷ୍କା ପ୍ରିୟଦର୍ଶିନୀ ୫୮ କେଜି ବିଭାଗ ଗି’ ଏବଂ ବିନା ଗି’ ବିଭାଗରେ ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲର ଏହି ଦୁଇ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍ଲିଂ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

### ଲୋମାଚେଙ୍କୋଙ୍କୁ ଡବ୍ଲ୍ୟୁବିସି ଟାଇଟଲ

**ଲଣ୍ଡନ, ୧।୯ (ଏଏଫ୍‌ପି):** ବିଶ୍ୱର ଶ୍ରେଷ୍ଠ ‘ପାଉଣ୍ଡ ଫର୍ ପାଉଣ୍ଡ’ ଫାଇଟର ରୂପେ ପରିଚିତ ଭାସିଲ ଲୋମାଚେଙ୍କୋ ଏଠାରେ ଏକ ରୋମାଞ୍ଚକ ମୁକାବିଲାରେ ବ୍ରିଟିଶ ଚ୍ୟାଲେଞ୍ଜର ଲ୍ୟୁକ୍ କ୍ୟାମ୍ପବେଲ୍‌ଙ୍କୁ ହରାଇ ଡବ୍ଲ୍ୟୁବିସି ଲାଇଟ୍ ୱେଟ୍ ଟାଇଟଲ ହାସଲ କରିଛନ୍ତି। ୩୧ ବର୍ଷୀୟ ୟୁକ୍ରେନୀୟ ବକ୍ସର ତାଙ୍କ ପ୍ରଫେଶନାଲ କ୍ୟାରିୟରରେ ମାତ୍ର ୧୪ଟି ବାଉଟ୍‌ରେ ତିନୋଟି ପୃଥକ୍ ପୃଥକ୍ ଓଜନ କାଟେଗୋରୀରେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ପୂର୍ବରୁ ଡବ୍ଲ୍ୟୁବିଏ ଏବଂ ଡବ୍ଲ୍ୟୁବିଓ ଟାଇଟଲ ଜିତିସାରିଛନ୍ତି। ଘାନାର ରିଚାର୍ଡ କୋମେଙ୍କଠାରୁ ଆଇବିଏଫ୍ ଟାଇଟଲ ଛଡ଼ା ଆଣି ସମସ୍ତ ଚାରୋଟି ପ୍ରମୁଖ ବେଲ୍ଟ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି।

# ୱେଷ୍ଟଇଣ୍ଡିଜ ୧୧୭ରେ ଅଲ୍‌ଆଉଟ

**କିଙ୍ଗଷ୍ଟନ(ଜାମାଇକା), ୧।୯(କ୍ରୀଡ଼ା ପ୍ରତିନିଧି)**

ଏଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ମାତ୍ର ୧୧୭ ରନ କରି ଅଲଆଉଟ ହୋଇଛି। ମାତ୍ର ଭାରତ ଘରୋଇ ଦଳକୁ ଫଲୋଅନ ଡାକରା ଦେଇନାହିଁ। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ରବିବାର ୩ୟ ଦିବସରେ ଖବର ମିଳିବା ବେଳକୁ ୧ ଉଇକେଟ ହରାଇ ୧୬ ରନ ସଂଗ୍ରହ କରିଛି। ଫଳରେ ଦଳର ମୋଟ ଅଗ୍ରଣୀ ବ୍ୟବଧାନ ୩୧୫ ରନରେ ପହଞ୍ଚିଛି। ମୟଙ୍କ ଅଗ୍ରୱାଲ ୪ ରନ କରି କେମର ରୋଚ୍‌ଙ୍କ ବଲ୍‌ରେ ଏଲବିଡବଲ୍ୟୁ ଆଉଟ ହୋଇଛନ୍ତି।

ଦ୍ୱିତୀୟ ଦିବସର ଅସମାପ୍ତ ଇନିଂସ ୮୭/୭ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଆଉ ୩୦ ରନ ଯୋଗକରି ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ରାନକିମ କର୍ନୱାଲ ୧୭, ଜାମର ହାମିଲଟନ ୫ ଓ କେମର ରୋଚ୍ ୧୭ ରନ କରି ଆଉଟ ହୋଇଥିଲେ। ଭାରତ ପକ୍ଷରୁ ମହମ୍ମଦ ଶାମି, ଇଶାନ୍ତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରକାଶ ଯୋଗ୍ୟ ଯେ ଦ୍ୱିତୀୟ ଦିବସରେ ୨୨ ରନରେ ୫ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ ମଧ୍ୟଭାଗରେ ଶିମରନ ହେଟମେରଙ୍କ ୩୪ ଓ ଟେଲଏଣ୍ଡରଙ୍କ ସହାୟତାରେ ୧୦୦ ରନ ପୂରଣ କରିବାରେ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ହ୍ୟାଟ୍ରିକ ସହ ସର୍ବାଧିକ ୬ଟି, ମହମ୍ମଦ ସାମି ୨ଟି ଏବଂ ଇଶାନ୍ତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଏହି ଅବସରରେ



ରାନ୍‌କିମ୍ କର୍ନୱାଲଙ୍କ ଉଇକେଟ୍ ନେବା ପରେ ମହମ୍ମଦ ଶାମି (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ ।

ଶାମି ଟେଷ୍ଟ କ୍ରିକେଟରେ ୧୫୦ ଉଇକେଟ ପୂରଣ କରିଛନ୍ତି। ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୪୧୬ ରନ ସ୍କୋର କରିଥିଲା। ୱେଷ୍ଟଇଣ୍ଡିଜ ୧୧୭ରେ ଅଲଆଉଟ ହେବାରୁ ଭାରତ ୨୯୯ ରନରେ ଅଗ୍ରଣୀଲାଭ କରିଥିଲା। ତେବେ ଫଲୋଅନ ନ ଡାକି ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ଉଚିତ ମଣିଥିଲା। ୱେଷ୍ଟଇଣ୍ଡିଜ ସମ୍ମୁଖରେ ଏକ ବଡ଼ ଟାର୍ଗେଟ ରଖିବା ଭାରତର ଲକ୍ଷ୍ୟଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ବୃହତ୍ ଅଗ୍ରଣୀ ସତ୍ତ୍ୱେ ପ୍ରତିପକ୍ଷ ଦଳକୁ ଫଲୋଅନ ନ ଡାକିବା ଭାରତ ପାଇଁ ଏହା ତୃତୀୟ ଦୃଷ୍ଟାନ୍ତ। ୨୦୦୭ରେ ଓଭାଲଠାରେ ଇଂଲଣ୍ଡ ବିପକ୍ଷରେ ୩୧୯ ଓ ୨୦୧୭ରେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ୩୦୯ ରନରେ ଅଗ୍ରଣୀ ସତ୍ତ୍ୱେ ଭାରତ ଫଲୋଅନ ଡାକରା ଦେଇ ନ ଥିଲା। ୨୦୧୮–୧୯ରେ ମେଲବୋର୍ନଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୯୨ ଓ ୨୦୦୩–୦୪ରେ ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୩୧ ରନରେ ଅଗ୍ରଣୀ ସତ୍ତ୍ୱେ ଦଳ ସମାନ ରଣନୀତି ଅବଲମ୍ବନ କରିଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୪୧୬(ହନୁମା ବିହାରୀ–୧୧୧, ବିରାଟ କୋହଲି–୭୬, ଇଶାନ୍ତ ଶର୍ମା–୫୭, ମୟଙ୍କ ଅଗ୍ରୱାଲ–୫୧, ଜାସନ ହୋଲ୍ଡର–୫/୭୭, ରାନକିମ କର୍ନୱାଲ–୩/୧୦୫)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୧୭/ଅଲଆଉଟ(ଶିମରନ ହେଟମେର–୩୪, ଜାସନ ହୋଲ୍ଡର–୧୮, ଯଶପ୍ରୀତ ବୁମ୍‌ରା–୬/୨୭, ମହମ୍ମଦ ଶାମି–୨/୩୪, ଇଶାନ୍ତ ଶର୍ମା–୧/୨୪, ରବୀନ୍ଦ୍ର ଜାଡେଜା–୧/୧୯)।

### ୧୫୦ ଟେଷ୍ଟ ଉଇକେଟ କ୍ଲବରେ ଶାମି

କିଙ୍ଗ୍‌ଷ୍ଟନ,୧।୯: ଭାରତୀୟ ପେସର ମହମ୍ମଦ ଶାମି ରବିବାର ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛନ୍ତି। ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେ ଘରୋଇ ଅଲରାଉଣ୍ଡର ରଖିମ କର୍ନୱାଲଙ୍କୁ ଅଜିଙ୍କ୍ୟ ରାହାନେଙ୍କ ହାତରେ କ୍ୟାଚ୍ ଆଉଟ କରାଇ ଟେଷ୍ଟ କ୍ୟାରିୟରରେ ୧୫୦ ଉଇକେଟ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ଦେଶର ୫ମ ବୋଲର। ତେବେ କମ୍ ଟେଷ୍ଟ ଖେଳି ୧୫୦ ଉଇକେଟ ହାତେଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ସାମି ୩ୟ ସ୍ଥାନରେ ରହିଛନ୍ତି। ୨୮ ବର୍ଷୀୟ ପେସର କ୍ୟାରିୟରର ୪୨ତମ ଟେଷ୍ଟରେ ଏହି କ୍ଲବରେ ସ୍ଥାନ ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବ ୩୯ ମ୍ୟାଚ୍‌ରେ ୧୫୦ ଟେଷ୍ଟ ଉଇକେଟ ନେଇ ଏବେ ମଧ୍ୟ ଦ୍ରୁତତମ ଭାରତୀୟ ବୋଲର ହୋଇ ରହିଛନ୍ତି। ତାଙ୍କ ପଛକୁ ଜାଭଗଲ ଶ୍ରୀନାଥ (୪୦ ଟେଷ୍ଟ), ଜାହିର ଖାନ (୪୯) ଓ ଇଶାନ୍ତ ଶର୍ମା (୫୪) ରହିଛନ୍ତି।

### ବୁମ୍‌ରା ତୃତୀୟ ଭାରତୀୟ

କିଙ୍ଗଷ୍ଟନ,୧।୯(ପି.ଟି.)– ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଶନିବାର ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ବୁମ୍‌ରା ଏଥି ସହିତ ଟେଷ୍ଟରେ ତୃତୀୟ ଭାରତୀୟ ଭାବେ ସେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ସ୍ପିନର ହରଭଜନ ସିଂ ଓ ଇର୍ଫାନ୍ ପଠାନ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିବାର ସୌଭାଗ୍ୟ ପାଇଥିଲେ। ତେବେ ଟେଷ୍ଟରେ ଇଂଲଣ୍ଡର ମୋଇନ ଅଲି ୨୦୧୭ରେ ଶେଷଥର ପାଇଁ ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ଦି ଓଭାଲ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଡିନ୍ ଏଲଗାର, କାଗିସୋ ରାବାଡ଼ା ଓ ମର୍ନି ମୋର୍କେଲଙ୍କୁ କ୍ରମାଗତ ୩ଟି ବଲ୍‌ରେ ଆଉଟ କରିଥିଲେ।

### ଟେଷ୍ଟରେ ଭାରତୀୟ ବୋଲରଙ୍କ ହ୍ୟାଟ୍ରିକ

**ହରଭଜନ ସିଂ ବନାମ ଅଷ୍ଟ୍ରେଲିଆ (୨୦୦୧, କୋଲକାତା)**
**ଇର୍ଫାନ ପଠାନ ବନାମ ପାକିସ୍ତାନ (୨୦୦୪, କରାଚୀ)**
**ଯଶପ୍ରୀତ୍ ବୁମ୍‌ରା ବନାମ ୱେଷ୍ଟଇଣ୍ଡିଜ (୨୦୧୯, କିଙ୍ଗ୍‌ଷ୍ଟନ)**

## ଚନ୍ଦ୍ରଶେଖରଙ୍କ ସମକକ୍ଷ ହେଲେ ଶାମି

**କିଙ୍ଗଷ୍ଟନ, ୧।୯**

ଏଠାରେ ଚାଲିଥିବା ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଅବସରରେ ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଏକ ଅଲୋଡ଼ା ରେକର୍ଡ ତାଲିକାରେ ନିଜ ନାମକୁ ଯୋଡ଼ିଛନ୍ତି। ଭାରତୀୟ ବ୍ୟାଟିଂର ପ୍ରଥମ ଇନିଂସରେ ଶାମି ଖାତା ଖୋଲିବା ପୂର୍ବରୁ ୱେଷ୍ଟଇଣ୍ଡିଜର ପୃଥୁଳାକାୟ ସ୍ପିନର ରଖିମ କର୍ନୱାଲଙ୍କ ବଲରେ ଉଇକେଟ୍‌କିପରଙ୍କ ହାତରେ ଧରାପଡ଼ିଥିଲେ। ଏଥିସହ ଶାମି ଟେଷ୍ଟ ମ୍ୟାଚ୍‌ର କ୍ରମାଗତ ୬ଟି ଇନିଂସରେ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଭାରତ ପକ୍ଷରୁ ଟେଷ୍ଟରେ କ୍ରମାଗତ ଇନିଂସରେ ‘ଶୂନ’ରେ ଆଉଟ୍ ହୋଇଥିବା ବ୍ୟାଟ୍ସମ୍ୟାନ ଭାବେ ସେ ପୂର୍ବତନ ସ୍ପିନର ଭଗଓ୍ୱତ ଚନ୍ଦ୍ରଶେଖରଙ୍କ ସହ ସମକକ୍ଷ ହୋଇଛନ୍ତି। ଚନ୍ଦ୍ରଶେଖର ମଧ୍ୟ ତାଙ୍କ କ୍ୟାରିୟରରେ କ୍ରମାଗତ ୬ ଟେଷ୍ଟ ଇନିଂସରେ ଖାତା ଖୋଲିପାରି ନ ଥିଲେ। ଶାମି ଏହିକ୍ରମରେ ଅଜିତ୍ ଅଗରକର (୫ଥର)ଙ୍କୁ ପଛରେ ପକାଇ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର–ଗାଭାସ୍କର ଟେଷ୍ଟ ସିରିଜର ୨ୟ ମ୍ୟାଚ୍‌ରୁ ଶାମି ଏହି ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛନ୍ତି।

| ଶାମିଙ୍କ ଶେଷ ୬ ଟେଷ୍ଟ ଇନିଂସ |
|---|
| ୦– ବନାମ ୱେଷ୍ଟଇଣ୍ଡିଜ (କିଙ୍ଗଷ୍ଟନ) |
| ୦– ବନାମ ୱେଷ୍ଟଇଣ୍ଡିଜ (ନର୍ଥ ସାଉଣ୍ଡ) |
| ୦*– ବନାମ ଅଷ୍ଟ୍ରେଲିଆ (ମେଲବୋର୍ନ) |
| ୦*– ବନାମ ଅଷ୍ଟ୍ରେଲିଆ (ପର୍ଥ) |
| ୦– ବନାମ ଅଷ୍ଟ୍ରେଲିଆ (ପର୍ଥ) |
| ୦– ବନାମ ଅଷ୍ଟ୍ରେଲିଆ (ଆଡିଲେଡ୍) |

## ୟୁଏସ୍ ଓପନ୍: ଚତୁର୍ଥ ରାଉଣ୍ଡରେ ନାଡାଲ

**ନ୍ୟୁୟର୍କ,୧।୯**



ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର ଷଷ୍ଠ ଦିନରେ କେତେକ ସିଡେଡ୍ ଖେଳାଳି ଅଗ୍ରଗତି କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସ୍ପେନ୍‌ର ଦ୍ୱିତୀୟ ସିଡ ଖେଳାଳି ରାଫାଲ ନାଡାଲ ୬–୩, ୬–୪, ୬–୨ ସେଟରେ ଦକ୍ଷିଣ କୋରିଆର ଚୁଙ୍ଗ୍ ହେଅନଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୂର୍ବରୁ ୩ଥର ୟୁଏସ୍ ଓପନ ଟାଇଟଲ ହାସଲ କରିଥିବା ନାଡାଲ ଏବେ ୨୦୧୪ ଚାମ୍ପିୟନ କ୍ରୋଏସିଆର ମାରିନ ସିଲିକଙ୍କୁ ଭେଟିବେ। ୨୨ତମ ସିଡ୍ ସିଲିକ ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ୧୪ତମ ସିଡ ଜନ୍ ଇଜନରଙ୍କୁ ୭–୫, ୩–୬, ୭–୬, ୬–୪ ସେଟରେ ହରାଇ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ସୁଇଜରଲାଣ୍ଡର ଷ୍ଟାନିସଲାସ ୱାରିଙ୍କା ଓ ଶ୍ରେଷ୍ଠ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଟପ୍ ସିଡ ଜାପାନର ନାଓମି ଓସାକା ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେ ଆମେରିକାର ୧୫ ବର୍ଷୀୟା ଖେଳାଳି କୋକୋ ଗଫ୍‌ଙ୍କୁ ୬–୩, ୬–୦ ସେଟ୍‌ରେ ଅତି ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେ ଚତୁର୍ଥ ରାଉଣ୍ଡରେ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌କିକ୍‌ଙ୍କୁ ଭେଟିବେ। ବିଶ୍ୱର ୧୪ ନମ୍ବର ଖେଳାଳି ଇସ୍ତୋନିଆର ଆନେଟ କୋଣ୍ଟାଭେଇଟ୍ ଅସୁସ୍ଥତା କାରଣରୁ ତୃତୀୟ ରାଉଣ୍ଡରୁ ଓହରିଯିବା ଫଳରେ ବେନ୍‌କିକ୍ ୱାକ୍ ଓଭର ପାଇ ଅଗ୍ରଗତି କରିଥିଲେ।

■ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ ଆରମ୍ଭ

# ଭାଗନେଲେ ୧୨ ଜିଲ୍ଲାରୁ ୨୧୮ ପ୍ରତିଯୋଗୀ




ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**କଟକ ଅଫିସ,୧।୯**

ଷ୍ଟେଶନବଜାରସ୍ଥିତ ପୂର୍ବତଟ ରେଲୱେ ପ୍ରତିଷ୍ଠାନ କକ୍ଷରେ ଏସ୍‌ଆର୍ ଚେସ ସେଣ୍ଟର ଆନୁକୂଲ୍ୟରେ ୨ୟ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ଚାମ୍ପିୟନଶିପ ରବିବାରଠାରୁ ଆରମ୍ଭ ହୋଇଛି । ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ୩ଦିନ ଧରି ଚାଲିବ। କଟକ ଜିଲା ଚେସ ସଂଘ ଓ ଅଲ ଓଡ଼ିଶା ଚେସ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତାରେ ୧୨ ଜିଲାରୁ ୨୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୪୯ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ରହିଥିବା ବେଳେ ୬୧ଜଣ ବାଳିକା ପ୍ରତିଯୋଗୀ ଅଛନ୍ତି। ପୁରୀର ଜଗଦୀଶ ବାରିକ ହେଉଛନ୍ତି ପ୍ରତିଯୋଗିତାର ଟପସିଡ ଖେଳାଳି। ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ, କଟକର ହର୍ଷିତ ରଞ୍ଜନ ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ରବିବାର ୩ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଜଗଦୀଶ, ଆୟୁଷ ଆର୍ୟ୍ୟନ ମହାପାତ୍ର, ହର୍ଷିତ ରଞ୍ଜନ ସାହୁ, ସାଇସ୍ୱରୂପ ମିଶ୍ର, ବିକାଶ କୁମାର ଲେଙ୍କା, ଶ୍ରୀୟଂଶ ଦାସ, ପ୍ରିୟଂଶ ଦାସ, ଶ୍ରୀୟଂଶ ଦେ, ଋତୁପର୍ଣ୍ଣା ତ୍ରିପାଠୀ, ପି.ସାଇରୂପା, ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ୨୪ ପ୍ରତିଯୋଗୀ ୩ ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ନେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଖ୍ୟାତନାମା ଚେସ ତାରକା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେଣ୍ଟରର ଉପଦେଷ୍ଟା ନୀଲମ କାଣ୍ଡୋଇ, କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ଅଧ୍ୟକ୍ଷ ସି.ଏ. ରାଜନାରାୟଣ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚେସ୍ ଖେଳର ପ୍ରଚାର ଓ ପ୍ରସାରରେ ଗୁରୁଦାୟିତ୍ୱ ବହନ କରୁଥିବା ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁ, ଫଟୋଗ୍ରାଫର ରାଜକିଶୋର ମହାନ୍ତି, ସିଡିଏ ଡିଏଭିର ଶାରୀରିକ ଶିକ୍ଷା ଶିକ୍ଷକ ଡ.ସରୋଜ ସୁନ୍ଦର ବ୍ରହ୍ମାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ‘ଏସ୍‌ଆର ଚେସ୍ ସମ୍ମାନ’ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ କୁମାର ମହାନ୍ତି ଖେଳ ପରିଚାଳନା କରୁଥିବାବେଳେ ରବୀନ୍ଦ୍ର ଓଝା, ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ଜେନା, ପ୍ରଦୀପ ଜେନା ପ୍ରମୁଖ ସହଯୋଗ କରଛନ୍ତି।

## ଲେକ୍‌ରେକ୍‌ଙ୍କୁ ପ୍ରଥମ ଫର୍ମୁଲା ୱାନ ଟାଇଟଲ

**ସ୍ପା–ଫ୍ରାଙ୍କୋରଚାମ୍ପ (ବେଲଜିୟମ), ୧।୯ (ଏଏଫ୍‌ପି)**

ବେଲଜିଆନ ଗ୍ରାଁ ପ୍ରିରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତାଙ୍କ ପ୍ରଥମ ଫର୍ମୁଲା ୱାନ୍ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ଏହି ଟାଇଟଲକୁ ଫର୍ମୁଲା ଟୁ ଡ୍ରାଇଭର ଆନ୍ଥୋନୀ ହବର୍ଟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି, ଯାହାଙ୍କର ଶନିବାର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଫେରାରି ସହିତ ପ୍ରଥମ ସିଜନ ପୂର୍ବରୁ ୨୧ବର୍ଷୀୟ ଲେକ୍‌ରେକ୍ ଦୁଇଥର ବିଜୟ ନିକଟତର ହୋଇପାରିଥିଲେ। କ୍ଲାସିକ୍ ସ୍ପା ଟ୍ରାକ୍‌ରେ କିନ୍ତୁ ଚାପରେ ଥାଇ ସେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଲାଗି ମର୍ସିଡିଜର ଲୁଇସ୍ ହାମିଲଟନଙ୍କ ସହିତ ତାଙ୍କର କଡ଼ା ଟକ୍କର ହୋଇଥିଲା। ସେ ହାମିଲଟନଙ୍କଠାରୁ ଏକ ସେକେଣ୍ଡ କମ୍ ସମୟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲଙ୍କୁ ପଛରେ ପକାଇ ମର୍ସିଡିଜ ଡ୍ରାଇଭର ଭାଲ୍‌ଟେରୀ ବୋଟାସ ତୃତୀୟ ହୋଇଥିଲେ। ୧୧ତମ ଗ୍ରୀଡରୁ ରେସ୍ ଆରମ୍ଭ କରିଥିବା ୫ମ ସ୍ଥାନ ସ୍ଥାନ ଅଧିକାର କରିବେ ବୋଲି ଏକଦା ମନେ ହେଉଥିଲା। ମାତ୍ର ଫାଇନାଲ ଲାପ୍‌ରେ ତାଙ୍କ ଇଞ୍ଜିନରେ ସମସ୍ୟା ଦେଖାଦେବାରୁ ସେ ପଏଣ୍ଟ ଅର୍ଜନ କରିବାରୁ ବଞ୍ଚିତ ହୋଇଥିଲେ। ରେଡ୍‌ବୁଲ୍‌ରୁ ପ୍ରଥମ ଥର ପ୍ରତିନିଧିତ୍ୱ କରୁଥିବା ଆଲେକ୍‌ଜାଣ୍ଡର ଆଲ୍‌ବନ ୫ମସ୍ଥାନ ଦଖଲ କରିନେଇଥିଲେ। ଟପ୍ ୧୦ର ଅନ୍ୟସ୍ଥାନଗୁଡ଼ିକ ଯଥାକ୍ରମେ ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ଡାନିଲ କ୍ୟାଟ୍ (ଟୋରୋ ରୋସୋ), ନିକୋ ହକେନବର୍ଗ (ରେନଲ୍ଟ), ପିଏରେ ଗାସ୍‌ଲି(ଟୋରୋ ରୋସୋ) ଲାନ୍ସ ଷ୍ଟ୍ରୋଲ୍ (ରେସିଂ ପଏଣ୍ଟ) ଅଧିକାର କରିଥିଲେ। ପ୍ରଥମ ଲାପ୍ ରେସ୍‌ରେ ଅନେକ ସଂଘର୍ଷ ଦେଖିବାକୁ ମିଳିଥିଲା। ଭର୍ଷ୍ଟାପେନ, ସେଞ୍ଜୀ, ଗିଓଭିନାଜି ଏବଂ ନୋରିସଙ୍କୁ ରେସ୍‌ରୁ ଆଉଟ୍ ହେବାକୁ ପଡ଼ିଥିଲା। ରେସ୍ ପୂର୍ବରୁ ହବର୍ଟଙ୍କୁ ସମ୍ମାନ ଜଣାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।



# ଇଣ୍ଡିଆ ଗ୍ରୀନ- ରେଡ୍ ଫାଇନାଲ


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀମାନ୍ ଅଦ୍ୱିକ ପଣ୍ଡା**
ସେକ୍ଟର-୧୦, ସି.ଡି.ଏ, କଟକ
ଶ୍ରୀ ଶ୍ରୀ ଗଣପତି ପାପାଙ୍କ ଆଶୀର୍ବାଦରୁ ତୋତେ ଆଜିଭଳି ଶୁଭ ଦିନରେ ପାଇ ତୋର ବାବା, ମାମା, ଜେଜେ, ବୋଉ, ଅଜା, ଆଈ, ମାମୁ, ଓ ଅନ୍ୟାନ୍ୟ ପରିବାରବର୍ଗ ଯେତିକି ଖୁସି ସେତିକି ପରିମାଣରେ ତୋତେ ଆଶୀର୍ବାଦ କରୁଅଛୁ।
ଧ-୧୪୧୯୧

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରେୟାଂଶ ସାର୍ଥକ (ରେୟାନ୍)**
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ଦିବସରେ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ନିକଟରେ ପ୍ରାର୍ଥନା କରୁଛୁ କି, ସେ ତୋର ସବୁ ବାଧା ବିଘ୍ନକୁ ଦୂରକରି ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:**
ଜେଜେ, ମାଆ, ଅଜା, ଆଈ, ବାପା, ମାମା, ପୁନମ୍ ଦିଦି ଓ ପରିବାରବର୍ଗ।
ଧ-୧୪୧୦୮

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**



**ସାନ୍‌ଭି (ରାଧି)**
ଦିବ୍ୟବିହାର, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହ ଈଶ୍ୱରଙ୍କୁ ଆମେ ସବୁ ପ୍ରାର୍ଥନା କରୁଛୁ କି ତୋର ଜୀବନର ଚଲାପଥ ସୁଦୀର୍ଘ, କୁସୁମିତ ଓ ମଙ୍ଗଳମୟ ହେଉ।
**ଶୁଭେଚ୍ଛା ସହ:**
ପିତା- ପପୁ, ମାତା- ଶ୍ୱାତୀ, ଜେଜେ, ଜେଜେ ମା', ଅଜା, ଆଈ, ଦାଦା, ମାମୁ, ମାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୬୭୮୦୧

**Birthday Wish**



**Suchismita Behera**
Unit-7, Suryanagar, BBSR
**HAPPY BIRTHDAY**
For the first time on your special day, you are apart from us. We all are with you. Enjoy your day to the fullest.
D-14188


ବେଙ୍ଗାଲୁରୁ, ୧।୯(ପି.ଟି.)

ଅଲୁରସ୍ଥିତ କର୍ଣାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଗ୍ରାଉଣ୍ଡରେ ଇଣ୍ଡିଆ ଗ୍ରୀନ୍ ଓ ଇଣ୍ଡିଆ ରେଡ୍ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ଦୁଲୀପ ଟ୍ରଫି କ୍ରିକେଟ ମ୍ୟାଚ୍ ରବିବାର ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧ ରନ ଅଗ୍ରଣୀ ହାସଲ କରିଥିବାରୁ ଇଣ୍ଡିଆ ରେଡ୍ ୩ ପଏଣ୍ଟ ଓ ଇଣ୍ଡିଆ ଗ୍ରୀନକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡିଛି। ଫଳରେ ଇଣ୍ଡିଆ ରେଡ୍ ୬ ପଏଣ୍ଟ ପାଇ ତାଲିକାର ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଇଣ୍ଡିଆ ବ୍ଲୁ ସହ ସମାନ ୨ ପଏଣ୍ଟ ପାଇଥିଲେ ମଧ୍ୟ ରନ୍‌ରେଟ୍ ଦୃଷ୍ଟିରୁ ଇଣ୍ଡିଆ ଗ୍ରୀନ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୪ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଇଣ୍ଡିଆ ଗ୍ରୀନ୍ ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍‌କୁ ଭେଟିବ। ପାଞ୍ଚ ଦିବସୀୟ ଫାଇନାଲ ମ୍ୟାଚ୍ ଦିବା-ରାତ୍ର ହେବ। ପ୍ରଥମ ଇନିଂସରେ ୧୨୬ ରନର ଶତକୀୟ ଇନିଂସ ଖେଳିଥିବା ଇଣ୍ଡିଆ ରେଡ୍‌ର ମହିପାଲ ଲୋମରର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ଇଣ୍ଡିଆ ଗ୍ରୀନ୍ ପ୍ରଥମ ଇନିଂସରେ ୧୩୧.୩ ଓଭରରେ ୪୪୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଲୋମରରଙ୍କ ଶତକ ଏବଂ କରୁଣ ନାୟାର(୯୦) ଓ ଟେଲଏଣ୍ଡର ଆଭେସ ଖାଁ (୬୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ପ୍ରଥମ ଇନିଂସରେ ୧୪୫.୩ ଓଭରରେ ୪୪୧ ରନ କରି ଅଲଆଉଟ ହୋଇ ୧ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଣ୍ଡିଆ ଗ୍ରୀନ୍ ରବିବାର ଅନ୍ତିମ ଦିବସ ଖେଳ ଶେଷ ହେବାବେଳକୁ ୫୪ ଓଭରରେ ୩ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ ଗ୍ରୀନ୍ ପ୍ରଥମ ଇନିଂସ-** ୪୪୦ରେ ଅଲଆଉଟ।
**ଇଣ୍ଡିଆ ରେଡ ପ୍ରଥମ ଇନିଂସ-** ୪୪୧ ଅଲଆଉଟ।
(ଲୋମରର- ୧୨୬, ନାୟାର- ୯୦, ଆଭେସ- ୬୪, ଧର୍ମେନ୍ଦ୍ରସିନ ଜାଡେଜା- ୪/୧୩୫)।
**ଇଣ୍ଡିଆ ଗ୍ରୀନ୍ ଦ୍ୱିତୀୟ ଇନିଂସ-** ୫୪ ଓଭରରେ ୯୮/୩ (ଧ୍ରୁବ ସୋରେ- ୪୪*, ଜୟଦେବ ଉନାଡକଟ- ୧/୮)।

# ଆଶୁତୋଷ ଚାମ୍ପିୟନ

ଭୁବନେଶ୍ୱର, ୧।୯ (କ୍ରୀଡ଼ା ପ୍ରତିନିଧି)

ଏଠାରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ଓ ଆକାଶ ମହାପାତ୍ର ରନର୍ସଅପ୍ ହୋଇଛନ୍ତି। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆଶୁତୋଷ ୫-୪ ଫ୍ରେମ୍‌ରେ ଆକାଶଙ୍କୁ ପରାସ୍ତ କରିଛନ୍ତି। ଏହି ଅବସରରେ ଆଶୁତୋଷ ସର୍ବାଧିକ ୬୭ ପଏଣ୍ଟ ବ୍ରେକ୍ କରିଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଆଶୁତୋଷ ୫-୧ ଫ୍ରେମ୍‌ରେ ସୁବ୍ରତ ଦାସଙ୍କୁ ଏବଂ ଆକାଶ ୫-୪ରେ ଅନୁଜ ପଣ୍ଡାଙ୍କୁ ପରାସ୍ତ କରିଥିଲେ। ସେହିପରି କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ର ୪-୨ରେ ରଣଜୀତ ପତି, ସୁବ୍ରତ ଦାସ ୪-୩ରେ ଜାକିର ଅଲୀ ଖାଁ, ଅନୁଜ ପଣ୍ଡା ୪-୩ରେ ରାକେଶ ରୋଶନ ପ୍ରଧାନ ଏବଂ ଆଶୁତୋଷ ପାଢ଼ୀ ୪-୧ ଫ୍ରେମ୍‌ରେ ଶାରଦା ବେହେରାଙ୍କୁ ପରାସ୍ତ କରିଥିଲେ।


# ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (**Motor Vehicles (Amendment) Act 2019**)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି। ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି। ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା।

**ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)**

| ଦଫା | ଆଇନ ଉଲଙ୍ଘନର ପ୍ରକାର | ପ୍ରଥମ ଉଲଙ୍ଘନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଙ୍ଘନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବର୍ହିଭୁତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଙ୍ଘନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି। ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା।**

ODISHA ROAD SAFETY SOCIETY

**ପରିବହନ କମିଶନର, ଓଡ଼ିଶା**

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**


# ସ୍ୱର୍ଣ୍ଣ ସହ ଯଶସ୍ୱିନୀଙ୍କୁ ଅଲିମ୍ପିକ କୋଟା

ରିଓ ଡି ଜେନେରିଓ,୧।୯(ପି.ଟି.)

ଏଠାରେ ଚାଲିଥିବା ଚତୁର୍ଥ ଆଇଏସ୍‌ଏସ୍‌ଏଫ୍ ରାଇଫଲ/ ପିସ୍ତଲ ବିଶ୍ୱକପ୍‌ରେ ଭାରତର ଯଶସ୍ୱିନୀ ସିଂ ଦେସୱାଲ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ପୂରା ଢ଼ଙ୍ଗରେ ଭାରତ ପାଇଁ ନବମ ଅଲିମ୍ପିକ କୋଟା ହାସଲ କରିଛନ୍ତି। ୨୨ ବର୍ଷୀୟା ଏହି ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଶନିବାର ୮ ଜଣ ମହିଳା ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ୨୩୬.୭ ପଏଣ୍ଟ ସ୍କୋର କରିଥିଲେ। ପୂର୍ବତନ ଅଲିମ୍ପିକ୍ ଓ ବିଶ୍ୱଚାମ୍ପିୟନ ୟୁକ୍ରେନ୍‌ର ୧ ନମ୍ବର ମହିଳା ଶୁଟର ଓଲେନା କୋଷ୍ଟେଭିଚ୍ ୨୩୪.୮ ପଏଣ୍ଟ ସ୍କୋର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସର୍ବିୟାର ଜସମିନା ମିଲାଭୋନୋଭିଚ୍ ୨୧୫.୭ ସ୍କୋର କରି ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଫାଇନାଲରେ ଯଶସ୍ୱିନୀ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ତାଙ୍କ ପ୍ରଦର୍ଶନ ଏପରି ପ୍ରଭାବୀ ଥିଲା ଯେ ସେ କୋଷ୍ଟେଭିଚ୍‌ଙ୍କଠାରୁ ଅଧିକ ୧.୯ ପଏଣ୍ଟ ହାସଲ କରିଥିଲେ। ଅର୍ଥଶାସ୍ତ୍ରର ଛାତ୍ରୀ ଯଶସ୍ୱିନୀ କ୍ୱାଲିଫିକେଶନ ରାଉଣ୍ଡରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରି ଓ ଏଗ୍ରିଗେଟ ୫୮୨ ସ୍କୋର କରିଥିଲେ। ଯଶସ୍ୱିନୀଙ୍କୁ ବାଦ୍ ଦେଲେ ୨୦୨୦ ଟୋକିଓ ଅଲିମ୍ପିକ କୋଟା ହାସଲ କରିଥିବା ଅନ୍ୟ ଭାରତୀୟ ଶୁଟରମାନେ ହେଲେ ସଞ୍ଜୀବ ରାଜପୁତ, ଅଞ୍ଜୁମ ମୋଦଗିଲ, ଅପୂର୍ବୀ ଚାଣ୍ଡିଲା, ସୌରଭ ଚତୁର୍ବେଦୀ, ଅଭିଷେକ ବର୍ମା, ଦିବ୍ୟାଂଶ ସିଂ ପାନୱାର, ରାହି ସାର୍ନୋବାତ ଓ ମନୁ ଭାକର। ରିଓରେ ଏଥି ସହିତ ଯଶସ୍ୱିନୀ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଅଭିଷେକ ବର୍ମା ଓ ଇଲାଭେନିଲ ଭାଲାରିଭାନ ଯଥାକ୍ରମେ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଓ ମହିଳା ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ୍ସ ଇଭେଣ୍ଟରେ ସଞ୍ଜୀବ ରାଜପୁତ ରୌପ୍ୟ ଓ ପୁରୁଷ ୧୦ ମିଟର ଏୟାର ପିସ୍ତଲରେ ସୌରଭ ଚୌଧୁରୀ ବ୍ରୋଞ୍ଜ୍ ଜିତିଛନ୍ତି।



ଯଶସ୍ୱିନୀ ସିଂ ଦେଶୱାଲ

# କିସ୍ ଚାମ୍ପିୟନ, ସୈନିକ ସ୍କୁଲ ରନର୍ସଅପ୍

ଭୁବନେଶ୍ୱର, ୧।୯(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ରବିବାର ଶେଷ ହୋଇଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍) ଚାମ୍ପିୟନ ହୋଇଛି। ଫାଇନାଲରେ କିସ୍ ୨-୦ ଗୋଲରେ ସୈନିକ ସ୍କୁଲକୁ ପରାସ୍ତ କରିଛି।

ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ କିସ୍ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରି ବାଜି ମାରିଥିଲା। ମ୍ୟାଚର ୩୫ତମ ମିନିଟରେ କୁନାରାମ ସୋରେନ ଓ ୪୮ତମ ମିନିଟରେ ହରି ହେମ୍ବ୍ରମ ୨ଟି ଫିଲ୍ଡ ଗୋଲ ଦେଇ କିସ୍‌କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପ୍ରଥମାର୍ଦ୍ଧ ଶେଷ ପରେ ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଆୟୋଜକ ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନନ୍ତ ନାରାୟଣ ଜେନା ଏବଂ ଅନୁଗୋଳ-ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗ୍ଲୋବାଲ ଫିଜିଓଥେରାପି ସେଣ୍ଟରର ଫିଜିଓଥେରାପିଷ୍ଟ ଅମିତ କୁମାର ସାହୁ ଓ ପ୍ରସାଦ ସାହୁଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସଭାପତିତ୍ୱ କରିଥିଲେ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି। ସମ୍ପାଦକ ଦିଲୀପ ଦାସ ବିବରଣୀ ପ୍ରଦାନ କରିଥିବାବେଳେ ସଭା ପରିଚାଳନା କରିଥିଲେ ଅମୀୟ ମିଶ୍ର। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ, ଦିଗ୍‌ବିଜୟ ଦାସ, କୀର୍ତ୍ତିରଞ୍ଜନ ସ୍ୱାଇଁ ଓ ଲକ୍ଷ୍ମୀପ୍ରସାଦ। ସୁଶାନ୍ତ ମହାନ୍ତି ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ଆଇଆରସି ଭିଲେଜ ସରକାରୀ ହାଇସ୍କୁଲକୁ ପୁରସ୍କୃତ କରାଯାଇଥିଲା। କିସ୍‌ର ଦୁଲା ବେସ୍ରା ଶ୍ରେଷ୍ଠ ଗୋଲକିପର, କୁନାରାମ ସୋରେନ ଶ୍ରେଷ୍ଠ ଫରୱାର୍ଡ, କ୍ୟାପିଟାଲ ହାଇସ୍କୁଲର ଚନ୍ଦନ ନାୟକ ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି, ବିଜେଇଏମ୍-୧ର ସ୍ମୃତିସୁନ୍ଦର ନାୟକ ଶ୍ରେଷ୍ଠ ମିଡ୍‌ଫିଲ୍ଡର ପୁରସ୍କାର ପାଇଥିଲେ। ଫାଇନାଲରେ କିସ୍ ଦଳର ଯଦିନାଥ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୈନିକ ସ୍କୁଲର ସୂରଜ ସୁନ୍ଦର ଡିଗଲ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। କୃଷ୍ଣଚନ୍ଦ୍ର ରଣା, ବେଣୁଧର ସାମନ୍ତରାୟ ଓ କୃଷ୍ଣଚନ୍ଦ୍ର ମଲିକଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କଠାରୁ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିପିନ କୁମାର ଦାସ**
କରଡ଼ାଗାଡ଼ିଆ, ଅନୁଗୋଳ
ଆବିର୍ଭାବ: ୦୧।୦୪।୧୯୫୮
ତିରୋଧାନ: ୨୩।୦୮।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ବିଜୟ କୁମାର ଦାସ ଓ ପରିବାରବର୍ଗ
ଧ-୧୪୧୮୯

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ବିଳାସ କୁମାରୀ ଦେବୀ**
ପୂବାଶାସନ
ପ୍ରାକ୍ତନ ଶିକ୍ଷୟିତ୍ରୀ, ସରଦେଇପୁର ଉ.ପ୍ରା. ସ୍କୁଲ
ଆବିର୍ଭାବ: ୦୬।୦୭।୧୯୪୯
ତିରୋଧାନ: ୦୫।୦୯।୨୦୧୬
(ଗଣେଶ ପୂଜା ଓ ଗୁରୁଦିବସ)
"ସବୁ ଦୁଃଖ ଯାତନାକୁ ନୀରବରେ ସହି ଚାଲିଗଲ ଆରପାରେ କିଛି ହିଁ ନ କହି"
**ଶୋକସନ୍ତପ୍ତ:**
ସ୍ୱାମୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ
ଧ-୧୪୦୭୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨/୨୦୧୯ Sambalpur, Monday, September 2 / 2019

## ସଂକ୍ଷେପରେ

### ସଦସ୍ୟତା ଅଭିଯାନ
### ମନ ବଳାଇଲାଣି କଂଗ୍ରେସ

ଭୁବନେଶ୍ୱର,୧।୯(ବ୍ୟୁରୋ): ପ୍ରଥମେ ଭାଜପା ପରେ ବିଜେଡି ବର୍ତ୍ତମାନ କଂଗ୍ରେସ ସଦସ୍ୟତା ଅଭିଯାନ ପାଇଁ ମନ ବଳାଇଛି। ଭାଜପାର ସଦସ୍ୟତା ଅଭିଯାନ ଶେଷ ହୋଇସାରିଛି। ଭାଜପାର ଏହି ପ୍ରକ୍ରିୟା ଶେଷ ହେବାପରେ ବିଜେଡି ଏହାର ସଦସ୍ୟତା ଅଭିଯାନ ବିଧିବଦ୍ଧ ଘୋଷଣା କରିଥିଲା। ସୋମବାରଠାରୁ ଦଳ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର କରାଯାଇଛି। ଏନେଇ ରବିବାର ଦଳ ପକ୍ଷରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଧ ଅନୁଷ୍ଠିତ ହେବାସହ ଏନେଇ ସମସ୍ତ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ଶେଷ ହୋଇଛି। ଦୁଇଦଳର ଏଭଳି କାର୍ଯ୍ୟକ୍ରମକୁ ଦେଖି କଂଗ୍ରେସ ମଧ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ମନ ବଳାଇଥିବା ଲକ୍ଷ୍ୟ କରାଯାଇଛି। ଚଳିତ କିମ୍ବା ଆସନ୍ତା ମାସରୁ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ। ଅନ୍ୟ ଦଳଗୁଡିକ ଭଳି କଂଗ୍ରେସର କିଛି ନିର୍ଦ୍ଧିଷ୍ଟ ଲକ୍ଷ୍ୟ ନ ଥିବାବେଳେ ଯେତେ ହେବେ ସେତେ ସଭ୍ୟଙ୍କୁ ସାମିଲ କରାଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ତେବେ ଏନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ ବୋଲି ସେ ଜଣାଇଛନ୍ତି। ଅନ୍ୟପଟେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ପିସିସି ସଭାପତି ବିଦେଶ ଗସ୍ତରେ ଅଛନ୍ତି। ୪ ତାରିଖରେ ସେ ଫେରିବାପରେ ଏନେଇ ନିଷ୍ପତ୍ତି ନିଆଯିବ। ତେବେ ନିକଟରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯିବା ସହ ନିରଞ୍ଜନ ଏବଂ ଦଳର ଦୁଇ କାର୍ଯ୍ୟକାରୀ ସଭାପତିଙ୍କୁ ବଦଳାଯିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଏହାସହ ଦଳର ଅନ୍ୟ ସମସ୍ତ କମିଟି ଗୁଡିକୁ କିନ୍ତୁ ଏଆଇସିସି ପକ୍ଷରୁ ରଦ୍ଦ କରିଦିଆଯାଇଛି। ତେଣୁ ପୁନର୍ବାର ଦଳ ପକ୍ଷରୁ ନୂତନ କମିଟି ଗଠନ ନ ହେବା ପର୍ଯ୍ୟନ୍ତ ସଦସ୍ୟତା ଅଭିଯାନ ଆରମ୍ଭ ହେବା ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ଆସନ୍ତା ୬ ତାରିଖରେ ଦଳ ପକ୍ଷରୁ ଏକ କମିଟି ଗଠନ କରାଯିବା ଉପରେ ଆଲୋଚନା ଆରମ୍ଭ ହେବ ବୋଲି ଦଳର ଜଣେ ନେତା ସୂଚନା ଦେଇଛନ୍ତି। ଅପରପକ୍ଷରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଖାତା ଦେଖା ଚାଲିଛି। ଆସନ୍ତା ଦିନେରୁ ଦୁଇଦିନ ମଧରେ ବୁଥ୍ ସ୍ତରରେ ହେବାକୁ ଥିବା ନିର୍ବାଚନ ଲାଗି ରିଟର୍ନିଂ ଅଫିସରମାନଙ୍କ ତାଲିକା ପ୍ରକାଶ କରାଯିବ। ପର୍ଯ୍ୟାୟକ୍ରମେ ବୁଥ୍‌ରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ନିର୍ବାଚନ ଚାଲିବ। ଶେଷରେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ଅଧକ୍ଷ ପଦ ସକାଶେ ମଧ ନିର୍ବାଚନ କରାଯିବ ବୋଲି ଜଣାପଡିଛି। ରାଜ୍ୟରେ ଭାଜପାର ହେବାକୁ ଥିବା ସାଙ୍ଗଠନିକ ନିର୍ବାଚନ ଲାଗି ଆସନ୍ତା ୫ତାରିଖରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହିପରି ବିଜେଡି ମଧ ସଦସ୍ୟତା ଅଭିଯାନ କରିବା ସହିତ ଆଗକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ଜାରି ରଖିବ। ଏହା ମଧରେ କଂଗ୍ରେସ କିନ୍ତୁ ସଦସ୍ୟତା ଅଭିଯାନ ନେଇ ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇନ ଥିବା ଜଣାପଡିଛି।

# ଛାତ୍ରୀଛାତ୍ରଙ୍କ ପୋଷାକରେ ବି ପିସି

ଶଶାଙ୍କ ଶେଖର ଝାଙ୍କର
ଦେବଗଡ଼,୧।୯ (ଡି.ଏନ.ଏ.)

- ଶିକ୍ଷା ବିଭାଗର ଅଧିକାରୀ, ବ୍ୟବସାୟୀ ମାଲାମାଲ
- ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ବୁଦ୍ଧିଜୀବୀଙ୍କ ମତ
- ତଳୁ ଉପରସ୍ତର ପର୍ଯ୍ୟନ୍ତ ଲମ୍ବିଛି ହେରଫେର୍‌ର ଚେର

ସରକାର ଯେଉଁ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି, ତାହା ବର୍ତ୍ତମାନ ବାଟବଣା ସଦୃଶ ହୋଇଛି। ଦେବଗଡ ଜିଲାରେ ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ପୋଷାକ ଯୋଗାଣରେ ହେଉଥିବା ପିସି କାରବାରରୁ ତାହା ଜଳଜଳ ଜଣାପଡୁଛି। ଜିଲାର ରିଆମାଳ, ବାରକୋଟ, ତିଲେଇବଣି ବ୍ଲକର ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କ ପୋଷାକ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଡିପିସି ( ଜିଲା ପ୍ରକଳ୍ପ ସଂଯୋଜକ) କାର୍ଯ୍ୟାଳୟକୁ ଆସିଥାଏ। ବିଦ୍ୟାଳୟ ଅନୁଯାୟୀ ଯାହାର ଯେତିକି ଆବଶ୍ୟକ ଉକ୍ତ ବିଦ୍ୟାଳୟର ଆକାଉଣ୍ଟକୁ ସେତିକି ଟଙ୍କା ଟ୍ରାନ୍ସଫର କରାଯାଇଥାଏ। ତା'ପରେ ଆରମ୍ଭ ହୋଇଥାଏ ପିସି କାରବାର। ଛାତ୍ରୀଛାତ୍ରଙ୍କ ପୋଷାକ, ଜୋତା, ମୋଜା ପାଇଁ ଯେଉଁ ବ୍ୟବସାୟୀମାନେ ଟେଣ୍ଡର ପକାଇଥାନ୍ତି, ସେମାନଙ୍କ ମଧ୍ୟରୁ ଯେଉଁ ବ୍ୟବସାୟୀ ଭଲ ପିସି ଶିକ୍ଷା ବିଭାଗର ଅଧିକାରୀ, ପ୍ରଧାନଶିକ୍ଷକ, ପରିଚାଳନା କମିଟିକୁ ଦେଇଥାନ୍ତି ସେ ଟେଣ୍ଡର ପାଇଥାନ୍ତି। ଏପରି କି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଭାପତି, ସିଆରସିସିମାନଙ୍କୁ ଖୁସି କରିବା ପାଇଁ ଭୋଜି ଭାତ, ବିଭିନ୍ନ କିସମର ଉପହାର ମଧ ବ୍ୟବସାୟୀମାନେ ଦେଇଥାନ୍ତି। ବ୍ୟବସାୟୀମାନେ ଏଭଳି ପିସି ଦେଇ ଏକାଧିକ ବିଦ୍ୟାଳୟକୁ ପୋଷାକ ଯୋଗାଣ ଦାୟିତ୍ୱ ପାଇଥାନ୍ତି। ଜଣେ ଜଣେ ବ୍ୟବସାୟୀ ୩୦ରୁ ୧୦୦ ବିଦ୍ୟାଳୟର ପୋଷାକ ଯୋଗାଣ ଦାୟିତ୍ୱ ପାଉଛନ୍ତି। ବିଭିନ୍ନ ବିଦ୍ୟାଳୟକୁ ନିମ୍ନମାନର ପୋଷାକ ଯୋଗାଣ କରି ମାଲାମାଲ ହୁଅନ୍ତି। ବ୍ୟବସାୟୀମାନେ ପିସି ଦେଲେ ମଧ୍ୟ ନିମ୍ନମାନର ପୋଷାକ ଯୋଗାଣ କରୁଥିବାରୁ ଏବଂ ଏକାଧିକ ବିଦ୍ୟାଳୟ ଦାୟିତ୍ୱରେ ରହୁଥିବାରୁ ଲାଭରେ ରହନ୍ତି। ଶିକ୍ଷା ବିଭାଗର ଅଧିକାରୀମାନେ ସବୁ ବିଦ୍ୟାଳୟରୁ ପିସି ନେଇ ମାଲାମାଲ ହୁଅନ୍ତି। ଏସବୁ ଯୋଗୁ ନିମ୍ନମାନର ପୋଷାକ, ଜୋତା, ମୋଜା ପାଇଥାନ୍ତି ବିଚରା ଛାତ୍ରୀଛାତ୍ର। ଏସବୁ ଯାଞ୍ଚ କରୁଛି କିଏ, ଏହାର ନିୟମ ରହିଛି କ'ଣ ତାହା ବର୍ତ୍ତମାନ ପ୍ରଶ୍ନବାଚୀ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି, ସିଆରସିସିମାନଙ୍କୁ ବ୍ୟବସାୟୀମାନେ ଅର୍ଥ ଦେଇ ବେଶ ଲାଭ ଉଠାଇଥାନ୍ତି। କେତେକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଅତି ନିମ୍ନମାନର ପୋଷାକ ଦେଲେ ବି କେହି ଅଭିଯୋଗ କରନ୍ତି ନାହିଁ। ପ୍ରଧାନଶିକ୍ଷକ, ପରିଚାଳନା କମିଟି, ସିଆରସିସି ଅର୍ଥ ନେଇ ଚୁପ୍ ବସିବା ପରେ ସଚେତନତା ଅଭାବରୁ ଅଭିଭାବକମାନେ ଜାଣିପାରନ୍ତି ନାହିଁ। ଫଳରେ ନିମ୍ନମାନର ପୋଷାକ ହେଲେ ବି ନୀରବ ରହନ୍ତି। ଏହି ହେରଫେର୍ ଚେର ତଳୁ ଉପରସ୍ତର ପର୍ଯ୍ୟନ୍ତ ଲମ୍ବିଛି। ଏହି ଦୁର୍ନୀତିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀ ଓ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ମଧ୍ୟ ସାମିଲ ଥିବା କୁହାଯାଉଛି।

ସୂଚନା ମୁତାବକ ୨୦୧୮ରେ ଦେବଗଡ଼ ଜିଲାରେ ମୋଟ ୩୨ହଜାର ୩ଶହ ଆଠ ଛାତ୍ରୀଛାତ୍ରଙ୍କୁ ପୋଷାକ, ମୋଜା, ଜୋତା ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ଛାତ୍ରୀ ୧୬ହଜାର ୧ଶହ ୭୬, ଏସି ଛାତ୍ର ୩ହଜାର ୧ଶହ ୩, ଏସ୍‌ଟି ୭ହଜାର ୧ଶହ ୩୫ ଏବଂ ବିପିଏଲ୍ ୫ହଜାର ୮ଶହ ୯୪ ଜଣ ଅନ୍ତର୍ଭୁକ୍ତ। ମୋଟ ୧କୋଟି ୯୩ଲକ୍ଷ ୮୪ ହଜାର ୮ଶହ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ ଟଙ୍କାର ଡ୍ରେସ କୋର୍ଟ ଦିଆଯାଇଥିଲା। ଚଳିତବର୍ଷର ପୋଷାକ ବଣ୍ଟନ ଆରମ୍ଭ ହେବାକୁ ଯାଉଥିବାବେଳେ ପିସି କାରବାର ହେବାର ଆଶଙ୍କା ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଗଲେ ପୋଷାକ ଯୋଗାଣରେ ହେଉଥିବା ବଡ଼ଧରଣର ହେରଫେର୍ ଧରାପଡ଼ନ୍ତା ଓ କେଉଁମାନେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଦେବଗଡ଼ ଡ଼ିପିସି ଦାୟିତ୍ୱରେ ଥିବା ଡିଇଓ (ଜିଲା ଶିକ୍ଷା ଅଧିକାରୀ) ପ୍ରଦୋଷ ନାଏକ କହନ୍ତି, ବିଦ୍ୟାଳୟର ପରିଚାଳନା କମିଟି ସଭାପତି, ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପୋଷାକ ବଣ୍ଟାଯାଉଛି। ତେଣୁ ସେମାନେ ଯଦି ସେମାନଙ୍କ ପିଲାଙ୍କୁ ଖରାପ ପୋଷାକ ଦେଉଥିବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ତଥାପି ନିର୍ଦ୍ଦିଷ୍ଟ କେଉଁ ବିଦ୍ୟାଳୟ ନାମରେ ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବାଲୁକା କଳାରେ ପ୍ଲାଷ୍ଟିକମୁକ୍ତ ସଚେତନତା ବାର୍ତ୍ତା

ପୁରୀ ଅଫିସ, ୧।୯

ପ୍ଲାଷ୍ଟିକର ବହୁଳ ବ୍ୟବହାର ଦିନକୁ ଦିନ ସାଂଘାତିକ ପରିସ୍ଥିତି ସୃଷ୍ଟି କଲାଣି। ଏହା କେବଳ ପରିବେଶକୁ ପ୍ରଦୂଷଣ କରୁନି ବରଂ ମଣିଷ ପାଇଁ ମଧ ମାରାତ୍ମକ ସାଜୁଛି। ତେଣୁ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ନ କରିବା ଲାଗି ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ମାତ୍ର ଏହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ହୋଇପାରି ନାହିଁ। ଏବେ ବି ପ୍ଲାଷ୍ଟିକ ଏବଂ ପଲିଥିନର ବହୁଳ ବ୍ୟବହାର ହେଉଛି। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବାଲୁକା କଳାରେ ସଚେତନତାର ବାର୍ତ୍ତା ଦେଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପବିତ୍ର ଗଣେଶ ଚତୁର୍ଥୀ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ୧୦୦୦ ପ୍ଲାଷ୍ଟିକ ବୋତଲ ସହ ବାଲିରେ ଗଣେଶ ଗଢିଛନ୍ତି ସୁଦର୍ଶନ। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ପ୍ଲାଷ୍ଟିକ ମଣିଷ ପାଇଁ ମାରାତ୍ମକ ଜାଣି ସୁଦ୍ଧା ଏହାର ବହୁଳ ବ୍ୟବହାର କରାଯାଉଛି। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଏହି ବାଲୁକା କଳା ମାଧମରେ ବାର୍ତ୍ତା ଦିଆଯାଇଛି। ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ କରି ପରିବେଶକୁ ସୁସ୍ଥ ରଖିବା ଦିଗରେ ମିଳିତ ଉଦ୍ୟମ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ସୁଦର୍ଶନ କହିଛନ୍ତି।

# ୪ ରାଜପଥ ଲୁଟେରା ଗିରଫ

ବରଗଡ଼ ଅଫିସ୍,୧।୯

- ଲୁଟ୍ ପିକ୍‌ଅପ୍ ଭ୍ୟାନ ଉଦ୍ଧାର
- ମାରଣାସ୍ତ୍ର, ମୋବାଇଲ ଜବତ


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରି ବରଗଡ଼ ଏସପି ସୂଚନା ଦେଉଛନ୍ତି ।


ଉଦ୍ଧାର ହୋଇଥିବା ଲୁଟ୍ ପିକ୍‌ଅପ୍ ଭ୍ୟାନ ।


ଜବତ ମାରଣାସ୍ତ୍ର ଓ ମୋବାଇଲ ।

ବରଗଡ଼ ସହର ଉପକଣ୍ଠ ଫୋରଲେନ୍ ରାଜପଥ (ଏନଏଚ୍-୫୩)ରେ ଲୁଟ୍‌ପାଟ୍ କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ବରଗଡ଼ ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସହର ପାଣିଛତର ନୂଆଖୁଲିପଡ଼ାର ଡମ୍ବରୁ ମାଝି(୧୯), ତାରିଣୀପଡ଼ାର ସତ୍ୟ ବୁଡ଼େକ(୨୩), ପିଣ୍ଟୁ ବୁଡ଼େକ(୧୯) ଏବଂ ଗୁରୁଦ୍ୱାରା ଛକର କରନ୍ ସିଂ(୨୯)। ଏହାସହିତ ଲୁଟ୍ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୦୫ଏଆର/୮୦୬୯)କୁ ଉଦ୍ଧାର କରାଯାଇଛି । ପୋଲିସ ଅଭିଯୁକ୍ତଙ୍କ ପାଖରୁ ବ୍ୟବହୃତ ଭୁଜାଲି, ଛୁରୀ, ନଖକଟା ମେଶିନ ଆଦି ଧାରୁଆ ଅସ୍ତ୍ର ଏବଂ ୫ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ସ୍ଥାନୀୟ ଟାଉନ ଥାନାରେ ଦଫା ୩୯୫ ଆଇପିସି କ୍ରମେ ଏକ ମାମଲା(ନଂ.୩୯୮/୧୯) ରୁଜୁ ହୋଇଛି । ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି ।

ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଶନିବାର ରାତ୍ରି ପ୍ରାୟ ସାଢ଼େ ୮ଟାରେ ଢ଼େଙ୍କାନାଳ ଜିଲା ସଦର ଥାନା କୋଇଲିପାଙ୍ଗି ନିବାସୀ ଅମୂଲ୍ୟ ବେହେରା ଅଶୋକା ଲେୟଲେଣ୍ଡର ଉପରୋକ୍ତ ପିକ୍‌ଅପ୍ ଭ୍ୟାନ ଧରି ବରପାଲିରୁ ବରଗଡ଼ ପଟକୁ ଆସୁଥିଲେ। ବରପାଲିରେ ଜଣେ ଅଜଣା ଯୁବକ ତାଙ୍କୁ ବରଗଡ଼ ପର୍ଯ୍ୟନ୍ତ ଯିବା ପାଇଁ ଲିଫ୍ଟ ମାଗିଥିଲେ ଏବଂ ସେହି ଗାଡ଼ିରେ ବସି ବରଗଡ଼ ପଟକୁ ଆସିଥିଲେ। ଗାଡ଼ିଟି ବରଗଡ଼ ସହର ଉପକଣ୍ଠ ଫୋରଲେନ୍‌ର ଏକ ଓଭରବ୍ରିଜରେ ପହଞ୍ଚିବା ପରେ ସମ୍ପୃକ୍ତ ଅଜଣା ଯୁବକ ସେଠାରେ ଗାଡ଼ି ଅଟକାଇବାକୁ କହିଥିଲେ ଏବଂ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଅନ୍ୟ ୪ଜଣ ସେହି ଗାଡ଼ି ନିକଟକୁ ପହଞ୍ଚି ଅମୂଲ୍ୟଙ୍କୁ ମାଡ଼ପିଟ୍ କରିବା ସହିତ ରାସ୍ତାକଡରେ ପକାଇ ପିକ୍‌ଅପ୍ ଭ୍ୟାନ ଗାଡ଼ିଟି ଧରି ଫେରାର୍ ହୋଇ ଯାଇଥିଲେ ।

ଏ ନେଇ ଅମୂଲ୍ୟ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ । ଏତଲା ପାଇବା ପରେ ପୋଲିସ ମାମଲା ରୁଜୁ କରିଥିଲା ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ତନାଘନା ଚଳାଇ ୪ ଅଭିଯୁକ୍ତଙ୍କୁ ଧରିବା ସହିତ ଲୁଟ୍ ପିକ୍‌ଅପ୍ ଭ୍ୟାନ ଉଦ୍ଧାର ଓ ବ୍ୟବହୃତ ମାରଣାସ୍ତ୍ର ଜବତ କରିଥିଲା ବୋଲି ଏସ୍‌ପି ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ । ଏଭଳି ଲୁଟ୍‌ପାଟ୍‌ରେ ଆହୁରି ଅଭିଯୁକ୍ତ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି ଏବଂ ସେମାନେ ମଧ୍ୟ ଖୁବଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ପି ସାହୁ କହିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ସତ୍ୟ ଓ ପିଣ୍ଟୁ ପୂର୍ବରୁ ବରଗଡ଼ ଟାଉନ ଥାନାର ଏକ ମାମଲା (ନଂ.୧୨୦/୧୯)ରେ ଏବଂ ପିଣ୍ଟୁ ବରଗଡ଼ ସଦର ଥାନାର ଏକ ମାମଲା (ନଂ.୮୮/୧୯)ରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ପ୍ରକାଶ କରିଥିଲେ । ଖବରଦାତା ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଏସ୍‌ଆଇ ସନୟ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାର ଟଙ୍କା ନ ଦେବାରୁ ଯୁବକଙ୍କୁ ହତ୍ୟା

କେସିଙ୍ଗା,୧।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ କେରୋକୁଡା ଗ୍ରାମରେ ଧାର ଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ ଶନିବାର ରାତିରେ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ଯୁବକ ହେଲେ ଗାଁର ଶୁକଦେବ ସା (୩୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସେହି ଗାଁର ବିଭୂତି ବୁଧିଆ(୩୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଭବାନୀପାଟଣା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା(ନଂ.୨୩୩/୧୯) ରୁଜୁ କରାଯାଇଛି। ଧାର ଟଙ୍କା ସହ ହତ୍ୟା ପଛରେ ଅନ୍ୟ କି କାରଣ ରହିଛି ତାହାର ତଦନ୍ତ ଜାରି ରହିଛି, ବୋଲି ତଦନ୍ତକାରୀ ଅଫିସର ବି.କେ. ରାଓ କହିଛନ୍ତି।

ସୂଚନା ଅନୁସାରେ, କେରୋକୁଡା ଗ୍ରାମର ଶୁକଦେବଙ୍କୁ ସେହି ଗ୍ରାମର ବିଭୂତି ବୁଧିଆ କିଛିଦିନ ତଳେ ୬ ହଜାର ଟଙ୍କା ଧାର ଦେଇଥିଲେ। ବିଭିନ୍ନ ସମୟରେ ମାଗିଲେ ମଧ ସେ ଉକ୍ତ ଟଙ୍କା ଫେରାଉ ନ ଥିଲେ। ୩ ତାରିଖ ନୂଆଁଖାଇ ଥିବାରୁ ବିଭୂତି ଧାର ଟଙ୍କା ଫେରାଇବାକୁ ଶୁକଦେବଙ୍କୁ ତାଗିଦ୍ କରିଥିଲେ। ଶନିବାର ମଧ୍ୟାହ୍ନରେ ଏହାକୁ ନେଇ ଉଭୟଙ୍କ ମଧରେ ଗାଁରେ ପାଟିତୁଣ୍ଡ ହୋଇଥିଲା। ଶନିବାର ରାତିରେ ଏକ ଠେଙ୍ଗା ଧରି ସେ ଶୁକଦେବଙ୍କୁ ଜଗି ରହିଥିଲେ। ରାତି ପ୍ରାୟ ୮ଟା ବେଳେ ଶୁକଦେବ ଗାଁ ନିକଟ ଆମ୍ବତୋଟାକୁ ଶୌଚ ପାଇଁ ଯାଉଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ବିଭୂତି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଶୁକଦେବଙ୍କ ଚିତ୍କାର ଶୁଣି ଘଟଣାସ୍ଥଳରେ ଲୋକେ ରୁଣ୍ଡ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ସକାଳେ ମୃତକଙ୍କ ଭାଇ ଅଶୋକ କୁମାର ସାଙ୍କ ଅଭିଯୋଗ କ୍ରମେ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, କେସିଙ୍ଗା ଥାନା ଏସଆଇ ବି.କେ. ରାଓ ହତ୍ୟାକାଣ୍ଡସ୍ଥଳକୁ ଆସି ତନାଘନା ଚଳାଇଥିଲେ। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଛି।

### ଆଜିଠୁ ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନ
# ଆଧାର ଲିଙ୍କ୍ ହେବ ସଦସ୍ୟତା

ଭୁବନେଶ୍ୱର,୧।୯(ବ୍ୟୁରୋ)

**୬ରୁ ୯ ସଂଯୋଜକଙ୍କ ପ୍ରଶିକ୍ଷଣ**

ଚଳିତ ମାସ ୨ ତାରିଖ ଅର୍ଥାତ ସୋମବାରଠାରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ରାଜ୍ୟସ୍ତରରୁ ଆରମ୍ଭ ହୋଇଥିବା ଏହି ସଭ୍ୟ ସଂଗ୍ରହ ପ୍ରକ୍ରିୟା ଆସନ୍ତା ଅକ୍ଟୋବର ୩୧ ଯାଏ ଚାଲିବ। ହେଲେ ପ୍ରଥମଥର ପାଇଁ ସଭ୍ୟ ସଂଗ୍ରହ ଏବଂ ତାଲିକା ପ୍ରଦାନ ଆଦି ପ୍ରକ୍ରିୟାକୁ ଡିଜିଟାଲାଇଜ୍ କରାଯିବ। ଏପରି କି ସଭ୍ୟ ସଂଗ୍ରହ ବେଳେ ବ୍ୟକ୍ତିବିଶେଷଙ୍କ ଆଧାର ଲିଙ୍କ୍ କରାଯିବ। ଏହାପରେ ଡାଟା ବେସ୍ ପ୍ରସ୍ତୁତ କରାଯାଇ ଦଳୀୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ପରେ ଗଣମାଧମକୁ ଦଳର ନେତା ସୁବାସ ସିଂ ଏହି ସୂଚନା ଦେଇଛନ୍ତି।

ସୁବାସ କହିଛନ୍ତି ଯେ, ଆଧାର ଲିଙ୍କ୍ ହେବା ଦ୍ୱାରା ବ୍ୟକ୍ତି ଜଣଙ୍କ କେଉଁ ସବୁ ସୁବିଧା ପାଉଛନ୍ତି, ତାହା ଜଣାପଡ଼ିବ। ୱେବ୍‌ସାଇଟ୍‌ରେ ମଧ ତାଲିକା ରହିବ। ଏହା ଦ୍ୱାରା ଦଳର ଆଭ୍ୟନ୍ତରୀଣ ପ୍ରକ୍ରିୟା ମଧ ସ୍ୱଚ୍ଛ ହୋଇପାରିବ ବୋଲି ସିଂ କହିଛନ୍ତି। ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଥିବା ପ୍ରାୟ ୪୬ ଲକ୍ଷ ସଭ୍ୟ ରହିଛନ୍ତି। ଏହାକୁ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନିର୍ବାଚନ ପୂର୍ବରୁ କର୍ମୀୱାରି ଭୋଟର ଟ୍ୟାଗିଂ ବ୍ୟବସ୍ଥାର ପ୍ରୟୋଗ ପରେ ସଭ୍ୟ ସଂଗ୍ରହ ପାଇଁ ମଧ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ୱାର୍ଡରୁ ୪, ଏନ୍‌ଏସିରୁ ୫, ପୌର ପରିଷଦରୁ ୧୫ ଏବଂ ମହାନଗର ନିଗମରୁ ୪୦ ଜଣ ଲେଖାଏ ସକ୍ରିୟ ସଭ୍ୟ ରହିବେ। ଜଣେ ସକ୍ରିୟ ସଭ୍ୟ ନିଜକୁ ମିଶାଇ ମୋଟ ୨୫ ସଦସ୍ୟଙ୍କ ପଞ୍ଜୀକରଣ କରିବେ। ଜିଲା ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ଅନୁଶୀଳନରେ ଏହା କରାଯିବ। ସେହିପରି ସେପ୍ଟେମ୍ବର ମଧଭାଗ, ଅକ୍ଟୋବର ପହିଲା, ମଧଭାଗ ଏବଂ ଶେଷଆଡ଼କୁ ଦଳର ସଭାପତି ନବୀନ ପଟ୍ଟନାୟକ ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ। ଜିଲାରେ ଚାଲୁଥିବା କାର୍ଯ୍ୟର ମାସୱାରି ସମୀକ୍ଷା ରିପୋର୍ଟ ପର୍ଯ୍ୟବେକ୍ଷକମାନେ ସଭାପତିଙ୍କୁ ଦେବେ ବୋଲି ଜଣାପଡିଛି। ୫ ସେପ୍ଟେମ୍ବର ପୂର୍ବରୁ ପ୍ରତି ବିଧାୟକ ନିଜ ନିଜ ଅଞ୍ଚଳ ପାଇଁ ଜଣେ ଜଣେ ଡାଟା ଏଣ୍ଟ୍ରି ସଂଯୋଜକଙ୍କ ନାମ ଇ-ମେଲ୍ ଦ୍ୱାରା ଅବଗତ କରାଇବେ। ୬ରୁ ୯ ମଧରେ ସବୁ ସଂଯୋଜକଙ୍କ ଏକ ପ୍ରଶିକ୍ଷଣ ଶିବିର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

କାର୍ଯ୍ୟକାରିଣୀ ପରେ ଦଳର ସାଙ୍ଗଠନିକ ପରିବର୍ତ୍ତନ ନେଇ ସ୍ପଷ୍ଟ ସୂଚନା ମିଳିଛି। ଖୁବ୍‌ଶୀଘ୍ର ଦଳର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ସଭାପତି ପରିବର୍ତ୍ତନ ହେବେ। ସେହିପରି ଦଳୀୟ ନିର୍ବାଚନ ପରିଚାଳନା ପାଇଁ ମଧ ଜଣେ ଦଳୀୟ ନେତାଙ୍କୁ ଚୟନ କରାଯିବ ବୋଲି ଜଣାପଡ଼ିଛି।

# ବିଶ୍ୱ ନାରିକେଳ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର୨ରେ ବିଶ୍ୱ ନାରିକେଳ(ନଡ଼ିଆ)ଦିବସ ପାଳନ କରାଯାଉଛି। ବିଶ୍ୱରେ ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହାସହ ବିଭିନ୍ନ କିସମର ନଡ଼ିଆ ଚାଷ ବୃଦ୍ଧି ଉପରେ ଆଲୋକପାତ କରିବା ତଥା ଏସିଆନ୍ ପାସିଫିକ୍ କୋକୋନଟ୍ କମ୍ୟୁନିଟି (ଏପିସିସି)ର ପ୍ରତିଷ୍ଠା ଦିବସକୁ ମନେପକାଇବା ଉଦ୍ଦେଶ୍ୟରେ ଏହାକୁ ପାଳନ କରାଯାଉଛି। ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନା ସୃଷ୍ଟି କରାଯାଉଛି। ଭାରତରେ ଏହି ଦିବସକୁ କୋକୋନଟ୍ ଡେଭେଲପ୍‌ମେଣ୍ଟ ବୋର୍ଡ (ସିଡିବି) ଦ୍ୱାରା ନଡ଼ିଆଚାଷ କରାଯାଉଥିବା ରାଜ୍ୟଗୁଡ଼ିକରେ ପାଳନ କରାଯାଉଛି। ୨୦୧୭ରେ ଏହି ଦିବସର ସ୍ଲୋଗାନ ଥିଲା- 'ନଡ଼ିଆରେ ସୁସ୍ଥ ଓ ସମୃଦ୍ଧ ଜୀବନ।' ୨୦୧୮ରେ ଏହାର ଉଦ୍ଦେଶ୍ୟ ଥିଲା- 'ସ୍ୱାସ୍ଥ୍ୟ, ଶ୍ରୀ ଓ ସମୃଦ୍ଧି ପାଇଁ ନଡ଼ିଆ।' 'ନଡ଼ିଆ, ଜୀବନର ବୃକ୍ଷ ଓ ପରିବାରର କଲ୍ୟାଣକାରୀ' ଏହି ସ୍ଲୋଗାନକୁ ନେଇ ଆସିଛି ୨୦୧୯ ବିଶ୍ୱ ନାରିକେଳ ଦିବସ।

ଏସିଆନ୍ ପାସିଫିକ୍ କମ୍ୟୁନିଟିରେ୧୮ଟି ଦେଶ ରହିଛନ୍ତି। ନଡ଼ିଆ ଉତ୍ପାଦନ ବୃଦ୍ଧିକରିବା ସହ ଏସିଆ ପାସିଫିକ୍ ଅଞ୍ଚଳରେ ଅର୍ଥନୈତିକ ବିକାଶ ଏହାର ମୁଖ୍ୟ ଲକ୍ଷ୍ୟ। ଭାରତ ମଧ ଏପିସିସିର ଏକ ପ୍ରତିଷ୍ଠାତା ରାଷ୍ଟ୍ର। ଭାରତରେ ବାର୍ଷିକ ହାରାହାରି ୨୪୩୭.୮୦ କୋଟିରୁ ଊର୍ଦ୍ଧ୍ୱ ନଡ଼ିଆ ଉତ୍ପାଦନ ହୁଏ ଓ ହେକ୍ଟର ପିଛା ଉତ୍ପାଦନ କ୍ଷମତା ୧୧,୬୧୬। ବିଶ୍ୱରେ ଏବେ ୮୦ ରୁ ୯୦ ଟି ଦେଶରେ ନଡିଆ ଚାଷ କରାଯାଉଛି। ସେମାନଙ୍କ ମଧରେ ନଡ଼ିଆ ଉତ୍ପାଦନରେ ଇଣ୍ଡୋନେସିଆ ପ୍ରଥମ, ଫିଲିପାଇନ୍ସ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଭାରତର ଦାକ୍ଷିଣାତ୍ୟ ରାଜ୍ୟଗୁଡିକରେ ଦେଶର ମୋଟ୍ ଉତ୍ପାଦନର ୯୦ ପ୍ରତିଶତ ନଡ଼ିଆ ମିଳିଥାଏ। ୨୦୧୬-୧୭ରେ କେରଳରେ ୭୪୪୮.୬୫, କର୍ନାଟକରେ ୬୭୭୩.୦୫,ତାମିଲନାଡୁରେ ୬୫୭୦.୬୩, ଆନ୍ଧ୍ରପ୍ରଦେଶରେ ୧୩୭୭.୫୩ ଓ ଓଡ଼ିଶାରେ ୩୪୧.୬୮ ମିଲିଅନ ନଡ଼ିଆ ଉତ୍ପାଦନ ହୋଇଛି। ବିଶ୍ୱସ୍ତରରେ ୨୦୦୦ ମସିହାରେ ନଡ଼ିଆ ଉତ୍ପାଦନ ୫୧.୧୯ ମିଲିଅନ ମେଟ୍ରିକ ଟନ୍ ଥିବାବେଳେ ଏହା ୨୦୧୭ରେ ୬୦.୭୭ ମିଲିଅନ ଟନ୍ ରହିଥିଲା।

୨୦୧୯ ଆର୍ଥିକ ବର୍ଷରେ ନଡ଼ିଆ ଉତ୍ପାଦର ରପ୍ତାନୀ ୨ ହଜାର କୋଟି ଟଙ୍କାକୁ ଟପିଯିବାର ଆକଳନ କରାଯାଇଛି। ଭାରତ ଜାନୁୟାରୀ ସୁଦ୍ଧା ୧,୧୨୩.୬୪କୋଟି ଟଙ୍କାର ୮୦.୪୬୭ ଟନ୍ ଆକ୍ଟିଭେଟେଡ୍ କାର୍ବନ (ଷଢ଼େଇରୁ ପ୍ରସ୍ତୁତ ହେଉଥିବା ଅଙ୍ଗାର)ରପ୍ତାନୀ କରିଛି ଏବଂ ମୋଟ୍‌ରେ ନଡ଼ିଆରୁ ପ୍ରସ୍ତୁତ ସବୁ ଉତ୍ପାଦ ରପ୍ତାନୀ କରି ପାଇଛି ୧,୮୧୨.୫୫ କୋଟି ଟଙ୍କା। ବର୍ଷ ଶେଷସୁଦ୍ଧା ଏହା ୨,୧୦୦ କୋଟି ହେବ ବୋଲି ଆକଳନ କରାଯାଇଛି। ଦେଖାଯାଉଛି, ଆନ୍ତର୍ଜାତିକସ୍ତରରେ ଆକ୍ଟିଭେଟେଡ୍ କାର୍ବନର ଚାହିଦା ବୃଦ୍ଧିପାଉଛି। ୨୦୧୮ରେ ଏହାର ମୂଲ୍ୟ ୧କିଲୋକୁ ୧୦୦ଟଙ୍କା ଥିବାବେଳେ ୨୦୧୯ରେ ଏହାର ମୂଲ୍ୟ ପହଞ୍ଚିଛି ୧୪୦ଟଙ୍କାରେ। ଷଢ଼େଇର ଦାମ୍ ଅତି କମ୍ ଓ ଅନ୍ୟପକ୍ଷରେ ସେଥିରୁ ପ୍ରସ୍ତୁତ କରାଯାଉଥିବା କାର୍ବନ ବା ଅଙ୍ଗାରରୁ ଅଧିକ ଦାମ ମିଳୁଥିବାରୁ ଏହା ନଡ଼ିଆ ଚାଷୀଙ୍କୁ ଅଧିକ ଆକର୍ଷିତ କରିଛି। ଶିଳ୍ପକୁ ମଧ ଆଗକୁ ନେବାରେ ଏହା ସହାୟକ ହୋଇପାରିଛି। ଆମେରିକା,ଇଂଲଣ୍ଡ, ଜାପାନ,ଜର୍ମାନୀ ଓ କୋରିଆରେ ଆକ୍ଟିଭେଟେଡ୍ କାର୍ବନର ଚାହିଦା ଅଧିକ। ଏହାର ଅବଶୋଷଣ ଗୁଣ ଢେର ଅଧିକ। ସୁନା, ପାଣି ଓ ବାୟୁ ବିଶୁଦ୍ଧୀକରଣ ପ୍ରକ୍ରିୟା ସହ ଜଡ଼ିତ ବ୍ୟବସାୟ କ୍ଷେତ୍ରରେ ଏହାକୁ ବେଶି ବ୍ୟବହାର କରାଯାଉଛି। ଭାରତରେ ଏବେ ସୁଦ୍ଧା ୩୦ଟି କମ୍ପାନୀ ଆକ୍ଟିଭେଟେଡ୍ କାର୍ବନ ପ୍ରସ୍ତୁତ କରୁଛନ୍ତି। ନଡ଼ିଆ କତା ଏବଂ ଏଥିରୁ ପ୍ରସ୍ତୁତ ଉତ୍ପାଦ ବ୍ୟତୀତ ନଡ଼ିଆଗୁଣ୍ଡ, ତେଲ ଆଦି ରପ୍ତାନୀରୁ ୨୦୧୮ ଆର୍ଥିକ ବର୍ଷରେ ମିଳିଥିଲା୧,୮୦୦ କୋଟି ଟଙ୍କା। ଅନ୍ୟ ନଡ଼ିଆ ଉତ୍ପାଦନକାରୀ ଦେଶଗୁଡିକ ତୁଳନାରେ ୨୦୧୭-୧୮, ୨୦୧୮-୧୯ରେ ନଡ଼ିଆ ମୂଲ୍ୟ ଭାରତରେ ତିନିଗୁଣ ବେଶି ହୋଇଛି। ଏହାଦ୍ୱାରା ଆନ୍ତର୍ଜାତିକସ୍ତରରେ ଭାରତକୁ ହୁଏତ ରପ୍ତାନୀ କ୍ଷେତ୍ରରେ ଏକ ପ୍ରତିଯୋଗିତାମୂଳକ ପରିସ୍ଥିତିର ସାମନା କରିବାକୁ ପଡୁଛି,କିନ୍ତୁ ଅପରପକ୍ଷରେ ଭାରତର ନଡ଼ିଆ ଚାଷୀମାନେ ଉପକୃତ ହେଉଛନ୍ତି। ଏକ୍ଷେତ୍ରରେ କୋକୋନଟ୍ ଡେଭେଲପ୍‌ମେଣ୍ଟ ବୋର୍ଡ ଚାଷୀମାନଙ୍କୁ ସାହାଯ୍ୟ କରିବାକୁ ଆଗଭର ହେବା ଲକ୍ଷ୍ୟକରାଯାଇଛି। ଭାରତରେ ନଡିଆଚାଷ ଲାଗି ଏକ ବିଶାଳ କ୍ଷେତ୍ର ରହିଛି। ୯ଟି ଉପକୂଳବର୍ତ୍ତୀ ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏହାକୁ ଆହୁରି ବୃଦ୍ଧିକରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ନିଶ୍ଚିତ ନଡ଼ିଆଚାଷରେ ଉନ୍ନତି ଆଣିବା ସହ ଚାଷୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିବ ଏବଂ ବିଶ୍ୱ ନାରିକେଳ ଦିବସର ବାର୍ତ୍ତା ସଫଳ ହେବ ବୋଲି କୁହାଯାଇପାରେ।

**ନଡ଼ିଆ ଉତ୍ପାଦନରେ ଭାରତ ତୃତୀୟ**

**ଦେଶରେ ବାର୍ଷିକ ୨୪୩୮ କୋଟି ନଡ଼ିଆ ଉତ୍ପାଦନ**

**ଷଢ଼େଇରୁ ପ୍ରସ୍ତୁତ ଅଙ୍ଗାର ରପ୍ତାନୀରୁ ମିଳୁଛି ୧୮୧୨ କୋଟି**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଘଟଣା
### ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ

ବିନିକା,୧।୯(ଡି.ଏନ୍.ଏ.)- ବିନିକାର ଅଶୋକ କୁମାର ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିନିକା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସିଂଘିଯୁବା ପଞ୍ଚାୟତ କମିରା ଗ୍ରାମର ନିର ସାହୁ। ଅଭିଯୋଗ ମୁତାବକ, ନିର ୩ମାସ ତଳେ ଅଶୋକଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଶୋକ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୪୪/୧୯) ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ନିରଙ୍କୁ ଗିରଫ କରି ବିନିକା କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

### ଥାନାରୁ ଖସିଗଲେ ଯୁବକ, ପୋଲିସ ନାସ୍ତାନାବୁଦ

ସୋନପୁର,୧।୯(ନି.ପ୍ର.)
ସୋନପୁର ଥାନା ପରିସରରୁ ଜଣେ ଯୁବକଙ୍କୁ ଦୌଡି ପଳାଉ ଥିବା ରବିବାର ମଧ୍ୟାହ୍ନରେ ଦେଖିବାକୁ ମିଳିଥିଲା । ପୋଲିସ ଟିମ୍ ପିଛା କରି ଖୋଜାଖୋଜି ପରେ ମଧ ଯୁବକଙ୍କୁ ଧରିପାରି ନାହିଁ। ପୋଲିସ ଖୋଜୁଥିବା ଯୁବକ ଜଣକ ଖାରୀ ପଞ୍ଚାୟତ ଅଞ୍ଚଳର ବୋଲି ଜଣାପଡିଛି । ମିଳିଥିବା ସୂଚନା ମୁବାବକ, ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ହେଲେ ଯୁବକ ଜଣକ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ସଂକ୍ରାନ୍ତରେ ଯୁବକଙ୍କୁ ପଚରାଉଚୁରା କରୁଥିଲା । ହେଲେ ପରିଶ୍ରା ଯିବା ବାହାନାରେ ଯୁବକ ଜଣକ ଥାନାରୁ ଚମ୍ପଟ୍ ମାରିଥିଲେ। ପୀଡିତା ଯୁବତୀ ପରିବାର ଲୋକଙ୍କ ସହ ଥାନା ବାରଣ୍ଡାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଥିବା ଦେଖିବାକୁ ମିଳିଥିଲା। ହେଲେ ପ୍ରେମିକଙ୍କ ପ୍ରତାରଣା ପରେ ଯୁବତୀ ଜଣକ ଭାଙ୍ଗି ପଡିଛନ୍ତି । ଏ ନେଇ ଥାନା ଅଧିକାରୀ ଲୋକେଶ ସାହୁଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ଯୁବକଙ୍କୁ ପଚରାଉଚୁରା କରୁଥିବା ବେଳେ ସେ ଭୟରେ ଦୌଡି ପଳାଇଥିବା କହିଛନ୍ତି।

### ତିହାର ବଜାରରେ ଭିଡ଼

**ନୂଆପଡ଼ା ଅଫିସ/ଖରିଆର ରୋଡ, ୧।୯ (ଡି.ଏନ.ଏ.)**- ନୂଆପଡା ଜିଲା ଖରିଆର ରୋଡ ଓ ଏହାର ଆଖପାଖ ବଜାରରେ ଏବେ ତିହାର ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ସୋମବାର ଗଣେଶ ପୂଜା ଓ ଦିନକ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଗଣେଶ ପ୍ରତିମାଠାରୁ ଆରମ୍ଭ କରି ନାନାଦି ପୂଜା ସାମଗ୍ରୀ ବିକ୍ରିବଟା ଚାଲିଛି। ସେହିପରି ନୂଆଁଖାଇ ପାଇଁ ନୂଆଁଧାନ, ନୂଆଲୁଗା, ନୂଆ ବାଉଁଶ ତିଆରି ସାମଗ୍ରୀର କିଣିବିକା ଚାଲିଛି।

■ ଦିନକ ପରେ ନୂଆଖାଇ

# ନାଚଗୀତର ଝଲକ ଦେଖାଇଲେ କଳାକାର

ବୌଦ୍ଧ,୧।୯(ସ୍ୱ.ପ୍ର)

ଦିନକ ପରେ ପଶ୍ଚିମ ଓଡିଶାର ଭାଇଚାରା ଓ କୃଷିଭିତ୍ତିକ ଗଣପର୍ବ ନୂଆଖାଇ। ଗଣପର୍ବ ନୂଆଖାଇ ପାଇଁ ପରମ୍ପରା ଅନୁସାରେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନବାନ୍ନ ଲଗ୍ନ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ସକାଳ ୮ଟା ୩୦ ମିନିଟରୁ ୧୦ଟା ୧୦ ମିନିଟ ମଧ୍ୟେ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ଠାରେ ନବାନ୍ନ ଭୋଗ ଲାଗିବ। ନୂଆଖାଇ ପାଇଁ ସମଗ୍ର ବୌଦ୍ଧ ଜିଲାର ଗାଁଠାରୁ ସହର ଚଳଚଞ୍ଚଳ ହୋଇପଡିଛି। ସମସ୍ତେ ପ୍ରସ୍ତୁତିରେ ବ୍ୟସ୍ତ। ଏହି ପର୍ବରେ ସବୁ ନୂଆଁ ଜିନିଷ ବ୍ୟବହାର ହୋଇଥାଏ। ଏଣୁ ସମସ୍ତେ ନୂଆଖାଇ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଡ କଲେଣି। ନୂଆ ମାଟି ହାଣ୍ଡି ଠାରୁ ଆରମ୍ଭ କରି ମାଟି ତିଆରି ଠେକି, ଦୀପ ବାଉଁଶ ତିଆରି ଭୁଗା, କୂଲା, ଟୋକେଇ, ଚାଙ୍ଗୁଡି



ନୂଆଖାଇ ପାଇଁ ବୌଦ୍ଧର ଏକ ପାର୍କରେ ନାଚଗୀତ ପ୍ରସ୍ତୁତି ଚାଲିଛି ।

ଆଦି ସଂଗ୍ରହ କରାଯାଉଛି। ନୂଆଖାଇ ସମୟରେ ଜିଲାର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ନୂଆଖାଇ ହାଟ ବସିଥାଏ । ଏହି ହାଟରେ ନୂଆଖାଇ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ମିଳିଥାଏ। ସରିଆ ଧାନ ନୂଆଖାଇ ବେଳକୁ ହୋଇଥାଏ । ଫଳରେ ଏହି ନୂଆ ଧାନରୁ ପ୍ରସ୍ତୁତ ଚାଉଳରୁ ନୂଆଖାଇ ପାଇଁ ନବାନ୍ନ କରାଯାଇଥାଏ । ଏହି ସରିଆ ଧାନ ଚାଷ କରିଥିବା ଚାଷୀମାନେ ନୂଆଖାଇ ପୂର୍ବରୁ ହାଟରେ ବିକ୍ରୟ କରି ଭଲ ଦୁଇପଇସା ମଧ୍ୟ ପାଇଥାନ୍ତି। ଢିଙ୍କିକୁଟା ନୂଆ ଚାଉଳରେ ଭାତ, ଖିରୀ, ଜୁଖା ତିଆରି ହୁଏ । ଘର ସବୁ ଲିପାପୋଛା କରାଯାଇ ସଫା କରାଯାଏ। ଭାଇଚାରାର ପର୍ବ ନୂଆଖାଇ ପାଇ ବାହାରେ କାମ କରୁଥିବା ଲୋକେ ସପରିବାର ଗାଁକୁ ଆସି ନୂଆଖାଇରେ ସାମିଲ ହୁଅନ୍ତି। କୃଷିଭିତ୍ତିକ ନୂଆଖାଇ ପର୍ବ । ବଢ଼ି, ମରୁଡି, ରୋଗପୋକ ଦାଉରୁ ଫସଲକୁ ଦେବଦେବୀ ରକ୍ଷା କରନ୍ତି ବୋଲି ବିଶ୍ୱାସ କରି ଚାଷୀ ନିଜ ଚାଷଜମିରେ ପୂଜା କରିବାକୁ ଭୁଲି ନ ଥାଏ। ପ୍ରଥମ ଫସଲ ଇଷ୍ଟ ଦେବୀଙ୍କୁ ନୂଆଖାଇ ଦିନ ଅର୍ପଣ କରିଥାଏ। ନୂଆଖାଇ ସହ ଭେଟଘାଟ ଆହୁରି ମଜା ଦେଇଥାଏ। ନୂଆଖାଇକୁ ଜାକଜକମରେ ପାଳିବା ଲାଗି କଳାକାରମାନେ ସମ୍ବଲପୁରୀ ନାଚ ଗୀତ ଓ ବାଦ୍ୟ ଶିଖିବାରେ ବ୍ୟସ୍ତ। ବୌଦ୍ଧର ଇଷ୍ଟଦେବୀ ମା' ଭୈରବୀଙ୍କ ମନ୍ଦିରରେ ମଧ୍ୟ ଚାଲିଛି ସଫେଇ କାମ। ନୂଆ ଭାବେ ସଜା ଯାଉଛି ମାଁଙ୍କ ମନ୍ଦିର। ଜିଲାର ବିଭିନ୍ନ ଗ୍ରାମରେ ଥିବା ଇଷ୍ଟ ଦେବଦେବୀଙ୍କ ପୂଜା ପାଇଁ ସବୁ ମନ୍ଦିର ମଧ୍ୟ ସଫାସୁତରା ସହ ସାଜସଜା କରାଯାଉଛି ।

■ ଲିଳାବତୀଙ୍କ ମୁହଁରେ ମାଂସ ବୃଦ୍ଧି ଘଟଣା

# ଅସ୍ତ୍ରୋପଚାର ପରେ ନୂଆ ଜୀବନ ଆଶା

ଘଣ୍ଟାପଡା, ୧।୯ (ଡି.ଏନ.ଏ)

କନ୍ଧମାଳ ବ୍ଲକ କୁଲୁତାଯୋର ଗ୍ରାମପଞ୍ଚାୟତ ଛପରା ଗ୍ରାମର ଅସହାୟ ମହିଳା ଲୀଳାବତୀ ପୁଟେଲଙ୍କ ମୁହଁରେ ମାଂସ ବୃଦ୍ଧି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରପଞ୍ଚ ପଦ୍ମାବତୀ ରଣା ଓ ସାମାଜିକ କର୍ମୀ ପ୍ରେମରାଜ ରଣାଙ୍କ ସହଯୋଗରେ ତାଙ୍କୁ ଗତ ୧୨ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମହିଳାଙ୍କ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ରବିବାର ଅସ୍ତ୍ରୋପଚାର କରାଯାଇଛି। କନ୍ଧମାଳ ବିଧାୟକ ମହୀଧର ରଣା ଏବଂ କନ୍ଧମାଳ ଏମ୍ପି ଅଚ୍ୟୁତ ସାମନ୍ତଙ୍କ ଅନୁରୋଧ କ୍ରମେ ଲିଳାବତୀଙ୍କ ଅସ୍ତ୍ରୋପଚାର ସମ୍ଭବ ହୋଇଛି ବୋଲି ସାମାଜିକ କର୍ମୀ ରଣା କହିଛନ୍ତି।

ସୂଚନାଯୋଗ୍ୟ, ଲୀଳାବତୀ ପୁଟେଲ(୫୫)ଙ୍କ ଆଖି ଓ ନାକ ମଝିରେ ଉଠିଥିବା ଏକ ବଏଲ ୬ ମାସ ହେଲା ଏପରି ଭାବେ ବୃଦ୍ଧି ହେଲା ଯେ ଡାହାଣ ଆଖି ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ସେ କନ୍ଧମାଳ, ସୋନପୁର, ବଲାଙ୍ଗୀର, ବୁର୍ଲା, କଟକ ଆଦି ବଡ ମେଡିକାଲରେ ଚିକିତ୍ସିତ ହୋଇଥିଲେ । କିନ୍ତୁ ଲାଭ କିଛି ହୋଇ ନ ଥିଲା । ଏହି ଘଟଣା ଧରିତ୍ରୀରେ ପ୍ରକାଶିତ ହେବା ପରେ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ତାଙ୍କୁ ୧୮ ହଜାର ଟଙ୍କା ସହାୟତା ମିଳିଥିଲା । କିନ୍ତୁ ଅସ୍ତ୍ରୋପଚାର ପାଇଁ ଅଧିକ ଖର୍ଚ୍ଚ ହେଉଥିବାରୁ କୁଲୁତାଯୋର ସରପଞ୍ଚ ରଣା ଓ ସମଜିକ କର୍ମୀ ପ୍ରେମରାଜ ରଣା ସହଯୋଗର ହାତ ବଢ଼ାଇଥିଲେ । ଫଳରେ ଆଜି ଲୀଳାବତୀ ନୂଆ ଜୀବନ ପାଇବାକୁ ଆଶା ବାନ୍ଧିଛନ୍ତି ।



ମହିଳାଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି ।

# ନିଲମ୍ବିତ ହାବିଲଦାରଙ୍କୁ ପୁନଃ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ

ବୌଦ୍ଧ,୧।୯(ସ୍ୱ.ପ୍ର)

**ଯୁବକଙ୍କୁ ମାଡ ଘଟଣା**

ବୌଦ୍ଧ ଥାନା ସାନବଙ୍କାପଡା ଓ କାଳେଶ୍ୱର ଗ୍ରାମର ଦୁଇଜଣ ଛାତ୍ରୀ ବିଦ୍ୟାଳୟରୁ ଫେରୁଥିବାବେଳେ ସେମାନଙ୍କୁ ଦୁର୍ବ୍ୟବହାର କରିଥିବାରୁ ବୌଦ୍ଧ ପୋଲିସର ଏପିଆର ହାବିଲଦାର ରଞ୍ଜନ କୁମାର ମହାପାତ୍ର ଜଣେ ଯୁବକଙ୍କୁ ପ୍ରବଳ ମାଡ ମାରିଥିଲେ। ଏହି ଘଟଣା ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲା ଆରକ୍ଷୀ ଅଧୀକ୍ଷକ ହାବିଲଦାର ମହାପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ । ଏଥିସହିତ ମାଡ ଖାଇଥିବା ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ବୌଦ୍ଧ ଥାନା ପକ୍ଷରୁ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ତେବେ ହାବିଲଦାର ମହାପାତ୍ର ଦୁର୍ବ୍ୟବହାରର ଶିକାର ହୋଇଥିବା ଛାତ୍ରୀମାନଙ୍କ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କୁ ସାହାଯ୍ୟ କରିବାକୁ ଯାଇ ଯୁବକଙ୍କୁ ମାଡ ମାରିଥିଲେ ବୋଲି ସାନବଙ୍କାପଡା ଗ୍ରାମବାସୀ ରବିବାର ବୌଦ୍ଧ ଥାନା ଅଧିକାରୀଙ୍କ ଜରିଆରେ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହାବିଲଦାର ଛାତ୍ରୀମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଲମ୍ବିତ ହୋଇଥିବାରୁ ତାଙ୍କୁ ତୁରନ୍ତ କାର୍ଯ୍ୟରେ ପୁନଃ ନିଯୁକ୍ତି ସହ ଛାତ୍ରୀମାନଙ୍କୁ ବିଦ୍ୟାଳୟ ଯିବା ଆସିବା ସମୟରେ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି ।



ଗ୍ରାମବାସୀ ଥାନାଧିକାରୀଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି ।

## ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧।୯

ବରଗଡ଼ ସହରର ଗୋବିନ୍ଦପାଲିରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ସ୍ଥାନୀୟ ଗୋବିନ୍ଦପାଲି ସ୍କୁଲ ପରିସରରେ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବାଳସଭା କାର୍ଯ୍ୟକ୍ରମରେ ପାଠାଗାର ତରଫରୁ ଛାତ୍ରୀଛାତ୍ରଙ୍କୁ ଶିଶୁ କିଶୋର ସାହିତ୍ୟ ଆଧାରିତ ଗପ, କବିତା, ଜୀବନୀ ପୁସ୍ତକ ସହିତ ବିଭିନ୍ନ ଶିଶୁ ସାହିତ୍ୟ ପୁସ୍ତକ ପଢ଼ିବାକୁ ଦିଆଯାଇଥିଲା। ପୁସ୍ତକ ପଠନ ପରେ ପଠିତ ପୁସ୍ତକ ସମ୍ପର୍କରେ ଛାତ୍ରୀଛାତ୍ରମାନେ ନିଜ ବକ୍ତବ୍ୟ ରଖିଥିଲେ। ସେମାନଙ୍କ ମଧ୍ୟରୁ ରେଣୁକା ଦାଶ, ରାନୁ ପଟେଲ, ଝାସ୍ମେର ନାଗ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ପଠନ ପ୍ରତି ଧ୍ୟାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମିଶ୍ର, ମମତା ରଥ, ସନତ କୁମାର ଷଡ଼ଙ୍ଗୀ, ଅପର୍ଣ୍ଣା ତ୍ରିପାଠୀ, ମିନତୀ ଦାଶ, ସାଗରିକା ପାଣିଗ୍ରାହୀ, ନମ୍ରତା ବେହେରା, ରଶ୍ମି ପୃଷ୍ଟେଠ୍, ସ୍ନେହଲତା ମହାରଣା, ଲୀନା ପୁରୋହିତ ପ୍ରମୁଖ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ପାଠାଗାର ଆବାହକ ଡଃ ରବି ନାରାୟଣ ସାହୁ ପାଠାଗାରକୁ ଜନ୍ମଦିନରେ ପୁସ୍ତକ ଉପହାର ଦେବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ପାଇଁ ସାମୂହିକ ଶପଥ ଗ୍ରହଣ

ମନମୁଣ୍ଡା, ୧।୯ (ଡି.ଏନ.ଏ)

ବୌଦ୍ଧ ଜିଲା ଯୋଗୀନ୍ଦ୍ରପୁର କ୍ଲଷ୍ଟର ରାବିଡି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାରଠାରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ପ୍ରଧାନଶିକ୍ଷକ ଉଷତ କହଁରଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ସଭା କରାଯାଇଥିଲା। କହଁର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବାଠାରୁ ଆରମ୍ଭ କରି ନିଜ ଶରୀରକୁ କିପରି ସ୍ୱଚ୍ଛ ରଖାଯାଇପାରିବ, ବିଦ୍ୟାଳୟ ପରିସର, ଗ୍ରାମ୍ୟ ରାସ୍ତା, ଘର, ଗ୍ରାମ ଇତ୍ୟାଦି ସ୍ୱଚ୍ଛ ରଖାଯିବା ଉପରେ ସହକାରୀ ଶିକ୍ଷକ ପ୍ରହଲ୍ଲାଦ ହୋଇ, ବିହାରୀ ପ୍ରଧାନ, ଶିକ୍ଷୟିତ୍ରୀ ସଂଯୁକ୍ତା ମହାକୁଡ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିକ୍ଷକ କାର୍ତ୍ତିକ ମହାକୁଡ ଏବଂ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପାତ୍ର ସ୍ୱଚ୍ଛତାର ଉପକାରିତା ଉପରେ ଆଲୋକପାତ କରିଥିଲେ । ସେହିପରି ଛାତ୍ର ଶ୍ରୀବତ୍ସ ନାୟକ, ରାହୁଲ ଭଇନା, ଛାତ୍ରୀ ମମତା ବନଛୋର ଏବଂ ଜସ୍ମିନ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ସ୍ୱଚ୍ଛତା ଉପରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ସାମୂହିକ ଭାବେ ଶପଥ ନେଇଥିଲେ । ଏହି ଅବସରରେ ସମସ୍ତେ ମିଶି ବିଦ୍ୟାଳୟ ସାମନା ରାସ୍ତାରୁ ଅନାବନା ଗଛଲତା ସଫାସୁତୁରା କରିଥିଲେ ।




ସ୍ୱଚ୍ଛତା ପକ୍ଷରେ ଶପଥ ପାଠ କରାଯାଉଛି ।

# ନୂଆଖାଇ ଛୁଟିରେ ପାତରଅନ୍ତର

ବରଗଡ଼ ଅଫିସ୍,୧।୯

ସାରା ପଶ୍ଚିମଓଡ଼ିଶାରେ ମଙ୍ଗଳବାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳନ କରାଯିବ । ତେବେ ଏହି ପର୍ବ ପାଳନକୁ ନେଇ ଛୁଟିରେ ମଧ୍ୟ ତାରତମ୍ୟ ରହିଥିବା ଅଭିଯୋଗ ହୋଇଛି । କେତେକ ଜିଲାରେ କ୍ରମାଗତ ଦୁଇଦିନ ମଙ୍ଗଳବାର ଓ ବୁଧବାର ନୂଆଖାଇ ଛୁଟି ହୋଇଥିବାବେଳେ ବରଗଡ଼ ଭଳି କେତେକ ଜିଲାରେ କେବଳ ମଙ୍ଗଳବାରକୁ ଛୁଟି ଘୋଷଣା କରାଯାଇଥିବା ସୂଚନା ମିଳିଛି । କେବଳ ସେତିକି ନୁହେଁ, ବରଗଡ଼ ଜିଲା ଶିକ୍ଷା ବିଭାଗରେ ମଧ୍ୟ ନୂଆଖାଇ ଛୁଟି ନେଇ ତାରତମ୍ୟ ଦେଖାଯାଇଛି । ଉକ୍ତ ଜିଲାର ବିଜେପୁର, ଝାରବନ୍ଧ, ପାଇକମାଳ ଓ ଭଟଲି ବ୍ଲକରେ ଆସନ୍ତା ୩ ଓ ୪ ତାରିଖ ଛୁଟି ହୋଇଥିବାବେଳେ ଅନ୍ୟ କେତେକ ବ୍ଲକରେ ଏଭଳି ଛୁଟି ଘୋଷଣା ହୋଇ ନ ଥିବା ସୂଚନା ମିଳିଛି । ଏପରିକି ବିଜେପୁର ଭଳି କେତେକ ବ୍ଲକକୁ ଛୁଟି ଘୋଷଣା ନେଇ ନୋଟିଫିକେଶନ ପହଞ୍ଚି ସାରିଥିବାବେଳେ ଅନ୍ୟ କିଛି ବ୍ଲକ ଏଥିରୁ ବାଦ୍ ପଡ଼ିଛନ୍ତି । ଫଳରେ ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲା, ମାତ୍ର ସେ ଫୋନ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ ।

# ଶିଶୁଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶିତ ହେଲା ଚଳଚ୍ଚିତ୍ର

ସୋନପୁର,୧।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଚଳଚ୍ଚିତ୍ର ମାଧ୍ୟମରେ ଶିଶୁଙ୍କ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାପା, ମା'ଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଓ ସେବା ଯତ୍ନ ଆବଶ୍ୟକ କରୁଥିବା ଶିଶୁ ଗୃହରେ ରହୁଥିବା ଶିଶୁମାନଙ୍କୁ ଚଳଚ୍ଚିତ୍ର ଦେଖିବାକୁ ସୁଯୋଗ ମିଳିଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷା ତଥା ଶିଶୁ ଗୃହ ପରିଦର୍ଶନ କମିଟିର ସଭ୍ୟା ରେଣୁକା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ଏକ ଭଲ ଓ ସମୟ ଉପଯୋଗୀ କାର୍ଯ୍ୟକ୍ରମ। ଚଳଚ୍ଚିତ୍ର ପ୍ରଦର୍ଶନ ଜରିଆରେ ଶିଶୁମାନଙ୍କ ମୁହଁରେ ଖୁସି ଆଣିବା ଉଦ୍ୟମକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, କିଶୋର ନ୍ୟାୟ ବୋର୍ଡ ସଭ୍ୟ ଛବିଳ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୪ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଶିଶୁ ମଙ୍ଗଳ କମିଟି ସଭ୍ୟ ବରୁଣ ମହାନ୍ତି,




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ବିଜୟ ବିଶ୍ୱାଳ, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଳସାଏ, ବିଶେଶ୍ୱର ହୋତା, ସରିତା ସୁନା, ପ୍ରଶାନ୍ତ ମହାକଡ଼, ଚଉଭନ ସଠୀ ସହଯୋଗ କରିଥିଲେ।

# ୫୮ ୬ବୁଥରେ ଭୋଟର ତାଲିକା ଯାଞ୍ଚ ହେଲା

ସୋନପୁର,୧।୯(ନି.ପ୍ର.)

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାର ସମସ୍ତ ୫୮୬ଟି ବୁଥରେ ରବିବାରଠାରୁ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ପୂର୍ବରୁ ମତଦାତାଙ୍କୁ ସଚେତନ କରାଯାଇଥିଲା। ମତଦାତାମାନେ ନିଜର ଓ ନିଜ ପରିବାରର ସମସ୍ତ ସଦସ୍ୟମାନଙ୍କ ନିର୍ବାଚନ ପରିଚୟ ପତ୍ରରେ ଥିବା ତଥ୍ୟକୁ ଠିକ୍ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ପରିପ୍ରେକ୍ଷିରେ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତି କରିବାରେ ଜିଲା ପ୍ରଶାସନକୁ ସହାୟତା କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ ଜିଲାର ସମସ୍ତ ନାଗରିକ ଓ ବୁଦ୍ଧିଜୀବୀଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ବୁଥସ୍ତରୀୟ ଅଧିକାରୀ ସମ୍ପୃକ୍ତ ବୁଥରେ ଉପସ୍ଥିତ ରହି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ସହାୟତା କରିବା ପାଇଁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଏବଂ ସହକାରୀ ରିଟର୍ନିଂ ଅଫିସରମାନଙ୍କୁ ଜିଲାପାଳ ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି।



ଜିଲାପାଳ ମଝିପଡା ୧୮୪ ନଂ ବୁଥ୍ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟ ତଦାରଖ କରୁଛନ୍ତି।

ଜିଲାପାଳ ବାନାର୍ଜୀ ରବିବାର ମଝିପଡା ପ୍ରାଥମିକ ବିଦ୍ୟାଳୟର ବୁଥ ନଂ ୧୮୪ ଓ ୧୮୫ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟର ତଦାରଖ କରିବା ସହ ଏହି ଦୁଇ ବୁଥରେ ଉପସ୍ଥିତ ଥିବା ମତଦାତାଙ୍କୁ ଶପଥ ପାଠ କରାଇଥିଲେ। ସେହିଭଳି ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ବୁଥ୍ ନଂ ୧୭୭ ଆଦର୍ଶ ସ୍କୁଲ ପରିଦର୍ଶନ କରି ଉପସ୍ଥିତ ମତାଦାତାଙ୍କୁ ଶପଥ ପାଠ କରାଇଥିବା ଜଣାପଡିଛି । ଜିଲାପାଳ ବାନାର୍ଜୀ ପଟାଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୧୮୭ ଓ ଗଡଭିତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୧୮୨ ପରିଦର୍ଶନ କରିଥିଲେ। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବଳରାମ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ ବିଭିନ୍ନ ବୁଥ ପରିଦର୍ଶନ କରି ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ। ସହକାରୀ ଜିଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀ ଓ ନବୀନ କିଶୋର ପାଢୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଟ୍ରାଫିକ ସଚେତନତା କାର୍ଯ୍ୟରେ ସହଯୋଗ ପାଇଁ ନିର୍ଦ୍ଦେଶ

ଅତାବିରା, ୧।୯ (ଡି.ଏନ.ଏ)
ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗରଙ୍କୁ ସହଯୋଗ କରିବା ପାଇଁ ସମ୍ବଲପୁର, ବରଗଡ, ବଲାଙ୍ଗୀର, ଝାରସୁଗୁଡା, ସୋନପୁର ଜିଲା ଏସ୍‌ପିମାନଙ୍କୁ ଉତ୍ତରାଞ୍ଚଳ ଡିଆଇଜି ତାଙ୍କ ପତ୍ର ସଂଖ୍ୟା ୩୪୧୨ ତାରିଖ ୩୧ଅଗଷ୍ଟ, ୨୦୧୯ରେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ପଦ୍ମଲୋଚନ ୨୦୧୪ ମସିହାରୁ ଛାତ୍ରୀଛାତ୍ର, ବାଟୋଇମାନଙ୍କୁ ସଚେତନତା କରିଆସୁଥିବାରୁ ଏହାକୁ ଗୁରୁତ୍ୱ ଦେଇ ଡିଆଇଜି ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଟ୍ରାଫିକ ବିଷୟରେ ସଚେତନ ହେଲେ ଦୁର୍ଘଟଣାକୁ ରୋକା ଯାଇପାରିବ ବୋଲି ପଦ୍ମଲାଚନ କହିଛନ୍ତି ।

### ୩ ମାସରେ ରାସ୍ତାରୁ ଉଠିଗଲା ପିଚୁ

ପଦ୍ମପୁର, ୧।୯ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ କନସିଂହା ଗ୍ରାମପଞ୍ଚାୟତର ଚଣ୍ଡିପାଲି ଗ୍ରାମରୁ ବିଜୁ ଏକ୍ସପ୍ରେସ ୱେ ୩ ମାସ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି । ନିମ୍ନମାନର କାମ ଯୋଗୁ ବର୍ତ୍ତମାନ ସ୍ଥାନେ ସ୍ଥାନେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଛି । ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଗ୍ରାମର ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ଓ ଅନ୍ୟମାନେ ଦାବି କରିଛନ୍ତି ।

# ନୂଆଁଖାଇ: ପତ୍ର ଦେଇଛି ଜୀବିକା



ବରଗଡ଼ ଥାନାଛକ ଆଗରେ ନୂଆଧାନ ସହିତ ବିଭିନ୍ନ ବୃକ୍ଷର ପତ୍ର ବିକ୍ରି କରୁଛନ୍ତି ।

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍, ୧।୯**

ନୂଆଖାଇ ତିହାର୍, ପଶ୍ଚିମ ଓଡ଼ିଶାବାସୀଙ୍କ ମୁଖ୍ୟ ଗଣପର୍ବ । ଏହି ପର୍ବକୁ ଆଉ ମାତ୍ର ୨ ଦିନ ବାକି । ଏହାକୁ ପାଳନ କରିବା ପାଇଁ ସଭିଙ୍କ ମନରେ ଆନନ୍ଦ ଉଲ୍ଲାସ ଦେଖାଯାଇଛି। ଏଥିପାଇଁ ପ୍ରାୟତଃ ପ୍ରତି ଘରେ ପ୍ରସ୍ତୁତି ପର୍ବ ସରିଯାଇଛି। କେବଳ ଶୁଭଲଗ୍ନକୁ ସମସ୍ତେ ଅପେକ୍ଷା କରିଛନ୍ତି । ହେଲେ ଅନେକ ଲୋକ ଏହି ଗଣପର୍ବ ବେଳେ କିଛି ରୋଜଗାର ପାଇଁ ମନରେ ଆଶା ମଧ୍ୟ ବାନ୍ଧିଥାନ୍ତି । ଖରାତାତି, ଗୁଳୁଗୁଳି ସହ୍ୟ କରି କିଏ ନୂଆଧାନ ବିକିବାକୁ ତ ଆଉ କେହି ବିଭିନ୍ନ ବୃକ୍ଷର ପତ୍ରବିକ୍ରି କରିବା ପାଇଁ ପସରା ମେଲାଇ ବସିଥାନ୍ତି । ବରଗଡ଼ ସହର ଥାନା ଛକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ନୂଆଖାଇରେ କେବଳ ନୂଆଧାନ ନୁହେଁ, ଭିନ୍ନ କିସମର ବୃକ୍ଷର ପତ୍ରର ଚାହିଦା ମଧ୍ୟ ରହିଛି । ବିଭିନ୍ନ ଜାତିର ଲୋକେ ପୃଥକ ଗଛର ପତ୍ରରେ ନବାନ୍ନ ଭକ୍ଷଣ କରିବାର ପରମ୍ପରା ରହି ଆସିଛି । ଏହି କ୍ରମରେ କୁରେ, ଭେଲୁଆଁ, ମହୁଲ, ରେଙ୍ଗାଲ(ସର୍ଗି) ଆଦି ପତ୍ର ରହିଛି । ମାତ୍ର ଏହି ପରମ୍ପରା ଦିନକୁ ଦିନ ହଜିବାରେ ବସିଛି । ଖୁବ୍ ଅଳ୍ପ ଲୋକ ଏଭଳି ପତ୍ରରେ ନବାନ୍ନ ଭକ୍ଷଣର ପରମ୍ପରା ରଖିଥିବାବେଳେ ସାଧାରଣତଃ ଆଜିକାଲି ମେଶିନ ଖଲିଦନାର ଚାହିଦା ମଧ୍ଯ ବଢ଼ି ଚାଲିଛି। ହେଲେ ପୂର୍ବପୁରୁଷଙ୍କ ସେହି ପରମ୍ପରାକୁ ଏବେ ମଧ୍ୟ ଜଙ୍ଗଲ ପାଖଲୋକେ ଉଜ୍ଜୀବିତ କରି ରଖିଛନ୍ତି। ନୂଆଖାଇ ପର୍ବ ପୂର୍ବରୁ ସେଭଳି ପତ୍ର ଜଙ୍ଗଲରୁ ସଂଗ୍ରହ କରି ତିହାର ହାଟକୁ ବିକ୍ରି କରିବାକୁ ଆଣୁଛନ୍ତି ଏବଂ ତାହା ସେମାନଙ୍କୁ ରୋଜଗାର ମଧ୍ୟ ଯୋଗାଇ ଦେଇଛି ।

## ନୂଆଖାଇକୁ ଦୁଇ ଦିନ ବାକି



“ସବୁବର୍ଷ ନୂଆଖାଇ ପୂର୍ବରୁ ପରିବାର ଲୋକେ ନିକଟସ୍ଥ ଜଙ୍ଗଲରୁ କୁରେ, ମହୁଲ, ସର୍ଗି ଆଦି ପତ୍ର ସଂଗ୍ରହ କରିଥାଉ । ଗତବର୍ଷ ଭଳି ଏଥର ମଧ୍ୟ ତାହା ସଂଗ୍ରହ କରି ବରଗଡ଼ ସହରକୁ ବିକ୍ରି କରିବା ପାଇଁ ଆଣିଛି । ଆଜି ତ ପତ୍ରର ବିକ୍ରିବଟା ମାନ୍ଦା ଥିଲା । ସୋମବାର ବିକ୍ରିବଟା ଟିକିଏ ଭଲ ହେବ ବୋଲି ଆଶା ରଖିଛି ।
-ପୌଲସ୍ତି ରାଉତିଆ, ସର୍ଗିବାହାଲ



“ଗାଁ ପାଖ ଜଙ୍ଗଲରୁ କୁରେ, ସର୍ଗି, ମହୁଲ ଆଦି ପତ୍ର ସଂଗ୍ରହ କରି ବରଗଡ଼ ସହରକୁ ବିକ୍ରି ପାଇଁ ଆସିଛି । ଆଜି ପ୍ରାୟ ଦେଢ଼ଶହ ଦୁଇ ଶହ ଟଙ୍କାର ପତ୍ର ବିକିଛି। ମଙ୍ଗଳବାର ନୂଆଖାଇ ଥିବା ଯୋଗୁ ସୋମବାର ବିକ୍ରି ଟିକିଏ ଅଧିକ ହେବ ବୋଲି ଆଶା ରହିଛି ।
-ରାମ ସାହୁ, ମେଲଛାମୁଣ୍ଡା



“ଲୋକେ ନୂଆଧାନ ଅଧିକ କିଣୁଛନ୍ତି । ଆଗଭଳି ପତ୍ର କିଣୁ ନାହାନ୍ତି । ତଥାପି କେହି କେହି ପତ୍ର ବି ନେଉଛନ୍ତି । ନୂଆଧାନ କିଣି ଆଣିଛି । ହେଲେ ଜଙ୍ଗଲରୁ ପତ୍ର ନିଜେ ତୋଳି ଆଣିଛି । ପତ୍ର ଅପେକ୍ଷା ନୂଆଧାନକୁ ଅଧିକ ଲୋକେ କିଣୁଛନ୍ତି । କିଛି ରୋଜଗାର ହେବ ବୋଲି ଏଠାକୁ ଆସିଛି ।
-ନେପାଳ ମେହେର, ବିଜେପୁର



“ନୂଆଖାଇରେ ବିଭିନ୍ନ କିସମର ପତ୍ର ବ୍ୟବହାର କରିବାର ଅନେକ କାରଣ ରହିଛି। ଏହି ପର୍ବ ବହୁ ପୁରାତନ। କେବେଠାରୁ ଆରମ୍ଭ ହେଲା, ତାହା ବି କହିବା ମୁସ୍କିଲ । ଲୋକେ ଭିନ୍ନ କିସମର ପତ୍ରରେ ନବାନ୍ନ ଭକ୍ଷଣ କରୁଛନ୍ତି । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ବୃକ୍ଷ କିମ୍ବା ପତ୍ର ଲୋପ ପାଉନାହିଁ । ସେହିପରି ସମ୍ପୃକ୍ତ ପତ୍ରରେ ଖାଇବାର ଯେଭଳି ମଜା ରହିଛି, ପତ୍ର ଗୁଡ଼ିକର ଔଷଧୀୟ ଗୁଣ ମଧ୍ୟ ରହିଛି । ଏପରିକି ପତ୍ର ସବୁଜ ହୋଇଥିବା ବେଳେ ଏହି ବର୍ଣ୍ଣ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଏକତାକୁ ସୂଚୀତ କରିଥାଏ।
-ସୁଦାମ ଭୋଇ, ସହଁରାଟିକ୍ରା

# ଜିଲାପାଳଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

**ପାଇକମାଳ, ୧।୯ (ଡି.ଏନ.ଏ)**

ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ରବିବାର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନ ସହ ଆୟୁର୍ବେଦ କଲେଜ ପରିଦର୍ଶନ କରିଥିଲେ। ଏହାପରେ ସେ ମଲଦା ଗ୍ରାମକୁ ଯାଇ ସେଠାରେ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ସେଠାରେ ଛତୁଆର ମାନ ଦେଖିବା ସହ ପ୍ରସୂତୀ ଓ ଗର୍ଭବତୀ ମହିଳା ତଥା ଶିଶୁମାନଙ୍କୁ ଦିଆଯାଉଥିବା ସୁଜି, ଘିଅ, ଅଣ୍ଡା, ଛତୁଆ ଠିକ ଭାବେ ବଣ୍ଟନ କରାଯାଉଛି ନା ନାହିଁ ସେ ନେଇ ପଚାରି ବୁଝିଥିଲେ । ମଲଦା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଓ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ବିଷୟରେ ହିତାଧିକାରୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ସେଠାରୁ ଭେଙ୍ଗରାଜପୁର ଯାଇ ମଲଦାକଟା (ପୋଖରୀ)ର ପଙ୍କୋଦ୍ଧାର କରି ସେଠାରେ ମାଛ ଚାଷ, ହିଡ ଚାରିପାଖେ ବୃକ୍ଷ ରୋପଣ, ଶିଶୁ ଉଦ୍ୟାନ ଓ ଦୋକାନ ଗୃହ ଇତ୍ୟାଦି କରାଯାଇ ଏକ ପର୍ଯ୍ୟଟନ ସ୍ଥଳି କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏ ନେଇ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବାକୁ ବିଡିଓ ସଦାଶିବ ନାୟକଙ୍କୁ ଜଣାଇଥିଲେ। ତାଙ୍କ ସହ ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ, ସରପଞ୍ଚ ଭୀଷ୍ମଦେବ ସାହୁ, ରମେଶ ଚନ୍ଦ୍ର ସେଠୀ, ପୂର୍ଣ୍ଣାନନ୍ଦ ପାଣିଗ୍ରାହୀ, ଭୀଷ୍ମଦେବ ମାଝୀ ଉପସ୍ଥିତ ଥିଲେ ।



ଜିଲାପାଳ ଛତୁଆ ଯାଞ୍ଚ କରୁଛନ୍ତି ।

# ଗ୍ରାମବାସୀ କଲେ ସାମୂହିକ ବୃକ୍ଷରୋପଣ

**ଗଣ୍ଡତୁରୁମ, ୧।୯ (ଡି.ଏନ.ଏ)**

ଭେଡେନ ବ୍ଲକ ସୁନାଲରମ୍ଭା ପଞ୍ଚାୟତ ଅନ୍ତର୍ଗତ ଗୁନିଆଁପାଲି ଗ୍ରାମବାସୀ ରବିବାର ଜିରା ନଦୀ ଧାର ଘାଟ ନିକଟସ୍ଥ ଗ୍ରାମ ଜଙ୍ଗଲରେ ଥିବା ଗୋଚର ଜମିରେ ଦୁଇ ହଜାର ଆମ୍ବ ଚାରା ରୋପଣ କରିଛନ୍ତି । ପୂର୍ବରୁ ୬ ଏକର ଗୋଚର ଜମିରେ ୫ଶହ ଆମ୍ବ, ଅର୍ଜୁନ, ନିମ୍ବ ଏବଂ ବହଳ ପ୍ରାୟ ଚାରା ଲଗାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ତେବେ ଅବଶିଷ୍ଟ ୩ ଏକର ଜମି ପଡିଆ ରହିଥିଲା । ଗ୍ରାମର ଦିବ୍ୟାଙ୍ଗ ମକରଧ୍ୱଜ ପାତ୍ରଙ୍କ ଉଦ୍ୟମରେ ଶନିବାର ଏକ ଗ୍ରାମସଭା ଡକାଯାଇଥିଲା। ରବିବାର ନିଜ ଘର ବାଡିରେ ପ୍ରସ୍ତୁତ ଆମ୍ବ ଚାରା ସଂଗ୍ରହ କରି ରୋପଣ କରାଯାଇଥିଲା । ଏଥିରେ ମେଘରାଜ ଖମାରୀ, ରାଜ କୁମାର ଖମାରୀ, ଅଶୋକ ଖମାରୀ, ସରୋଜ ଖମାରୀ, ଗୌରାଙ୍ଗ ଖମାରୀ, ଈଶ୍ୱର ଦେହେରୀ ଏବଂ ଫକିର ଦେହେରୀ ନେତୃତ୍ୱ ନେଇଥିଲେ ।



ଗୁନିଆଁପାଲି ଗ୍ରାମବାସୀ ବୃକ୍ଷ ଚାରାରୋପଣ କରୁଛନ୍ତି ।

# ଭୋଟର ଯାଞ୍ଚ କାର୍ଯ୍ୟକ୍ରମ

**ପଦ୍ମପୁର, ୧।୯ (ଡି.ଏନ.ଏ)**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଭୋଟର ଯାଞ୍ଚ କାର୍ଯ୍ୟକ୍ରମରୁ ଆରମ୍ଭ କରାଯାଇଛି । ଏହି କ୍ରମରେ ରବିବାର ବରଗଡ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ପଦ୍ମପୁର ସହରାଞ୍ଚଳର ୱାର୍ଡ ନଂ. ୨୧୩ ଏବଂ ୨୧୪ ରଜାପଡା ଉପ୍ରା ବିଦ୍ୟାଳୟକୁ ଯାଇ ଭୋଟର ଯାଞ୍ଚ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଏହି ପ୍ରକ୍ରିୟାରେ ଭୋଟରମାନେ ଭୋଟର ତାଲିକାରେ ତାଙ୍କ ନାମ ତଥା ଅନ୍ୟାନ୍ୟ ବିବରଣୀ ଭୋଟର ପରିଚୟପତ୍ର ବ୍ୟତୀତ ଆଧାର କାର୍ଡ, ପାନ କାର୍ଡ ଆଦି ସାହାର୍ଯ୍ୟରେ ଏହାର ସଠିକତା ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ତାକୁ ସଂଶୋଧନ କରିବା ପାଇଁ ଆବେଦନ କରିବେ । ପ୍ରତି ବୁଥ ପାଇଁ ନିଯୁକ୍ତିପ୍ରାପ୍ତ ବିଏଲଓ ମାନେ ଘର ଘର ଯାଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଭୋଟର ମାନଙ୍କ ସହିତ ଯୋଗାଯୋଗ କରି ନିର୍ଭୁଲ ତାଲିକା ପ୍ରସ୍ତୁତ କରିବେ। ଏହି ଅବସରରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରାଜବୋଡାସମ୍ବର ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗିରିନ୍ଦ୍ର ସାହୁ, ନିର୍ବାଚନ ସହାୟକ ତୁଷାରକାନ୍ତ ପ୍ରଧାନଙ୍କ ସମେତ ଉକ୍ତ ୱାର୍ଡର ବିଏଲଓ ତଥା ଭୋଟର ଉପସ୍ଥିତ ଥିଲେ ।

# ନୂଆଁଖାଇରେ ରହିଛି ନୂଆହାଣ୍ଡିର ଚାହିଦା

**ଘଣ୍ଟାପଡା, ୧।୯ (ଡି.ଏନ.ଏ)**

ଗୋଟିଏ ଦିନ ପରେ ପାଳନ ହେବ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଗାଁଠୁ ସହର ହୋଇ ଉଠିଛି ଚଳଚଞ୍ଚଳ। ନୂଆଁଖାଇ ପାଇଁ କୁମ୍ଭକାରମାନଙ୍କୁ ଆଉ ଫୁରସତ ନାହିଁ। ମାଟିହାଣ୍ଡି ବ୍ୟବହାର ଆଜିକାଲିର ନୁହେଁ, କେଉଁ ଆବହମାନ କାଳରୁ ଲୋକେ ଏକୋଇଶିଆ, ବିବାହ, ଦଶାହ, ନୂଆଁଖାଇ ସମୟରେ ଏହାକୁ ବ୍ୟବହାର କରିଥାନ୍ତି । ମାଟିରେ ତିଆରି ସାମଗ୍ରୀର ଉପକାରୀ ଗୁଣ ଥିବାରୁ ନୂଆଖାଇରେ ନୂଆଁହାଣ୍ଡି, ମାଟିପାତ୍ର, ମାଟିଦୀପ ଆଦି ବ୍ୟବହାର କରାଯାଏ । ନୂଆଁଖାଇରେ ଧନୀ ହେଉ କି ଗରିବ ସମସ୍ତେ ନୂଆହାଣ୍ଡିରେ ବ୍ୟଞ୍ଜନ ରାନ୍ଧିବାର ପରମ୍ପରା ଥିବାରୁ ସମସ୍ତେ ମାଟିହାଣ୍ଡି କିଣିଥାନ୍ତି । ଏଥିପାଇଁ କାରିଗରମାନେ ବି ବେଶ୍ ଦୁଇ ପଇସା ରୋଜଗାର କରନ୍ତି। କାରିଗରମାନେ ଦିନରାତି ଏକ କରି ମାଟିହାଣ୍ଡି ପ୍ରସ୍ତୁତିରେ ଲାଗି ପଡନ୍ତି । ବିଭିନ୍ନ ଗ୍ରାମର ଲୋକମାନେ ମଧ କୁମ୍ଭକାରଙ୍କଠାରୁ ମାଟିହାଣ୍ଡି କିଣିବା ଆରମ୍ଭ କଲେଣି ।



ଜଣେ କୁମ୍ଭକାର ମାଟିହାଣ୍ଡି ବିକ୍ରି ପାଇଁ ନେଉଛନ୍ତି ।

# ନୂଆଖାଇ ପୂର୍ବରୁ ଦରମା ପାଇଲେନି କନିଷ୍ଠ ଶିକ୍ଷକ

**ବୌଦ୍ଧ, ୧।୯ (ସ୍ୱ.ପ୍ର)**

ଗଣପର୍ବ ନୂଆଖାଇ ପୂର୍ବରୁ ସମସ୍ତ ସରକାରୀ କର୍ମଚାରୀ ଓ ପେନଶନଧାରୀଙ୍କୁ ଦରମା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନିର୍ଦ୍ଦେଶନାମା ପ୍ରକାଶ କରିଥିଲା। ତେବେ ବିଭାଗୀୟ ଅବହେଳା ଯୋଗୁ ବୌଦ୍ଧ ଜିଲାର କନିଷ୍ଠ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ରେଗୁଲାର କର୍ମଚାରୀମାନଙ୍କ ଠାରୁ କନିଷ୍ଠ ଶିକ୍ଷକମାନେ କମ ଦରମା ପାଉଥିବାବେଳେ ନୂଆଖାଇ ପୂର୍ବରୁ ତାହା ମଧ୍ୟ ନ ମିଳିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶାରେ ଗଣପର୍ବ ନୂଆଖାଇ ଅବସରରେ ଘରେ ଘରେ ପିଠା ପଣାର ମାହୋଲ ଜମିବା ସହିତ ପରିବାରର ସମସ୍ତେ ନୂଆ ବସ୍ତ୍ର ଧାରଣ କରି ଏକାଠି ନୂଆ ଖାଇଥାନ୍ତି। କିନ୍ତୁ ଅନ୍ୟ ସବୁ କର୍ମଚାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦରମା ମିଳିଥିବାବେଳେ କନିଷ୍ଠ ଶିକ୍ଷକମାନେ ଏଥିରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ନୂଆଖାଇ ନେଇ କୌଣସି ଉତ୍ସାହ ନ ଥିବା କିଛି ଶିକ୍ଷକ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ସମସ୍ତ କର୍ମଚାରୀଙ୍କ ଦରମା ପ୍ରଦାନ କରିବା ପାଇଁ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ତାଙ୍କ ନିକଟକୁ ଆସିଥିବା ସମସ୍ତ ଦରମା ଫାଇଲକୁ ସେ ଅନୁମୋଦନ କରିସାରିଛନ୍ତି । ଯଦି କନିଷ୍ଠ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ସେଥିରେ ତାଙ୍କ ବିଭାଗୀୟ କର୍ମଚାରୀଙ୍କ ଅବହେଳା ରହିଥିବ ବୋଲି ସେ ପ୍ରକାଶ କରିଥିଲେ । ତେବେ ଶିକ୍ଷା ବିଭାଗ ପକ୍ଷରୁ ଆଲଟମେଣ୍ଟ ଆସିନାହିଁ, ଦରମା ବିଲ୍ ହୋଇପାରିନାହିଁ ଭଳି ଉତ୍ତର ଦିଆଯାଉଥିବା ବେଳେ କାହାରି ପାଖରେ ସଠିକ ତଥ୍ୟ ନ ଥିବା ଜଣାଯାଇଛି।

# ତୈଳିକ ସମାଜ ମହାସଭା ପାଇଁ ପ୍ରସ୍ତାବ

**ଜହ୍ନାପଙ୍କ, ୧।୯ (ଡି.ଏନ.ଏ)**

ବୌଦ୍ଧ ଜିଲା ତୈଳିକ ବୈଶ୍ୟ ସମାଜର ବାର୍ଷିକ ବୈଠକ ଦହ୍ୟାଠାରେ ଜିଲା ସଭାପତି ଧନେଶ୍ୱର ସାହୁଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ଉପସଭାପତି ପଞ୍ଚାନନ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ କପିଳେଶ୍ୱର ସାହୁ, ଉପଦେଷ୍ଟା ସଦାନନ୍ଦ ସାହୁ, ହରି ସାହୁ, କଣ୍ଟାମାଳ ବ୍ଲକ ସମ୍ପାଦକ ପୁରନ୍ଦର ସାହୁ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ହରଭଙ୍ଗା ବ୍ଲକ ଉପସଭାପତି ଧର୍ମଧର ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଆସନ୍ତା ୮ ତାରିଖରେ କଣ୍ଟାମାଳ ବ୍ଲକରେ ନୂଆଁଖାଇ ଭେଟଘାଟ, ନଭେମ୍ବର ୨ରେ ସମାଜର ପ୍ରତିଷ୍ଠା ଉତ୍ସବ ଏବଂ ୨୦୨୦ ଏପ୍ରିଲ ମାସରେ ପଶ୍ଚିମ ଓଡିଶାର ଏକ ବଳଦିଆ ତୈଳିକ ସମାଜକୁ ନେଇ ଏକ ମହାସଭା କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଶେଷରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭେଡ଼େନ ବ୍ରାହ୍ମଣ ସମାଜ ବୈଠକ

**ଭେଡ଼େନ, ୧।୯ (ଡି.ଏନ.ଏ)**

ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ଲକ ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଦେବୀ ଗାୟତ୍ରୀ ଏବଂ ଭଗବାନ ପର୍ଶୁରାମଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ସାମୂହିକ ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ପଠନ କରାଯାଇଥିଲା। ପ୍ରିୟବ୍ରତ କର, ପ୍ରେମ ପ୍ରକାଶ ପୁରୋହିତ, ସମୀର ଶତପଥିଙ୍କ ପ୍ରସ୍ତାବ ସମର୍ଥନ କ୍ରମେ ବିମଳେଶ୍ୱର ରଥଙ୍କୁ ସଭାର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସରୋଜ ରଥ ସ୍ୱାଗତ ଭାଷଣ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ସଭାରେ ଭେଡ଼େନ ବ୍ଲକର ୨୧ ଟି ଗ୍ରାମପଞ୍ଚାୟତରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଯୋଗ ଦେଇଥିଲେ । ଏହି ସଭାରେ ସ୍ଥାୟୀ ସଭାପତିଙ୍କ ନେତୃତ୍ୱରେ ଏକ କମିଟି ଏବଂ କର୍ମକାଣ୍ଡୀୟ ସଭାପତିଙ୍କ ନେତୃତ୍ୱରେ ଅନ୍ୟ ଏକ କମିଟି ଗଠିତ ହୋଇଥିଲା। ବରିଷ୍ଠ ସଭ୍ୟ ଲମ୍ବୋଦର ହୋତା, ଭକ୍ତ ଚରଣ ରଥଙ୍କ ସମେତ ସମସ୍ତ ପଞ୍ଚାୟତରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ପ୍ରିୟବ୍ରତ କର ଧନ୍ୟବାଦ ଅର୍ପଣ କରିଥିଲେ ।



ଭେଡ଼େନରେ ବ୍ରାହ୍ମଣ ସମାଜ ସଭାରେ ଉପସ୍ଥିତ ସଦସ୍ୟଗଣ ।

# ନୃସିଂହନାଥ ଆୟୁର୍ବେଦ କଲେଜ ପରିଦର୍ଶନ କଲେ ଜିଲାପାଳ

**ପାଇକମାଳ, ୧।୯ (ଡି.ଏନ.ଏ)**

ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନ ରବିବାର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣାଗାର ପରିଦର୍ଶନ କରିଛନ୍ତି । ତାଙ୍କ ସହିତ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଉପଜିଲାପାଳ ତନ୍ମୟ ଦରୱାନ, ପାଇକମାଳ ବିଡିଓ ସଦାଶିବ ନାୟକ, ତହସିଲଦାର ସୁଶାନ୍ତ ରଣା, ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ, ସରପଞ୍ଚ ଧବଳେଶ୍ୱର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଜିଲାପାଳ ଉକ୍ତ କଲେଜର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରୁ ଗତ ଅଗଷ୍ଟ ୨୮ ତାରିଖରେ ପତ୍ର ପାଇଥିଲେ। ଏହି କ୍ରମରେ ସେ ରବିବାର କଲେଜକୁ ପରିଦର୍ଶନ ପାଇଁ ଆସିଥିଲେ। କଲେଜର ନୂତନ ପରିଚାଳନା କମିଟି ଗଠନ ପାଇଁ ସଭାପତି ବରଗଡ ଜିଲାପାଳ ସମ୍ପାଦକ ତଥା ଉପସଭାପତି ଆୟୁର୍ବେଦ କଲେଜ ଅଧକ୍ଷ, ଦୁଇଜଣ ସିନିୟର ଶିକ୍ଷକ, ଆୟୁଷ ଡାଇରେକ୍ଟର, ଭାଇସ ଚାନସେଲର, ଏସ୍‌ପି ଏବଂ ଏମଏଲଏଙ୍କ ପ୍ରତିନିଧି, ବିଜୟ କୁମାର ସ୍ୱାଇଁ, ଧବଳେଶ୍ୱର ସାହୁ, ପ୍ରଶାନ୍ତ ମହାନ୍ତି, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ହୃଷିକେଶ ବରିହାଙ୍କୁ ପରିଚାଳନା କମିଟି ପାଇଁ ମନୋନିତ କରାଯାଇଥିଲା। ପୂର୍ଣ୍ଣ କମିଟି ଗଠନ ପରେ ସଭାପତି ବରଗଡ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ କରାଯିବାର ଜଣାପଡିଛି । ଜିଲାପାଳ କଲେଜ ଅଧକ୍ଷା ପ୍ରଫେସର ଡ. କାମିନୀ କରଙ୍କ ସହିତ କଲେଜର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ କଲେଜର ଆକାଉଣ୍ଟ ବନ୍ଦ କରାଯାଇଥିବାରୁ କଲେଜର ଦୈନନ୍ଦିନ ଆବଶ୍ୟକ ଜିନିଷ କିଣିବାରେ ଅସୁବିଧା ହେଉଛି। ଏହାସହ ନୂଆଖାଇ ପାଇଁ କର୍ମଚାରୀମାନେ ଆଡଭାନ୍ସ ମାଗୁଥିବା କଥା କଲେଜ ଅଧକ୍ଷା ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ନୂତନ କମିଟି ପୂର୍ଣ୍ଣାଙ୍ଗ ଭାବେ ଗଠନ ପରେ ସମସ୍ତ କାମ କରାଯିବ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ କଲେଜରୁ ଛଟେଇ ହୋଇଥିବା କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ତାଙ୍କର ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଜିଲାପାଳ ନୃସିଂହନାଥ ମନ୍ଦିର ପରିଦର୍ଶନ କରି ଠାକୁରଙ୍କ ଦର୍ଶନ କରିଥିଲେ।



ଜିଲାପାଳ ଆୟୁର୍ବେଦ କଲେଜ ପରିଦର୍ଶନ କରୁଛନ୍ତି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଡିଜେଲ ଚୋରା କାରବାର ପୋଲିସ ଚଢ଼ାଉ: ତେଲ ଟ୍ୟାଙ୍କର ଜବତ, ୩ ଅଟକ

**ସଇଁତଲା,୧।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ପୋଲିସ ଡିଜେଲ ଚୋରା କାରବାର ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖିଛି। ଏପରି କି ପୋଲିସ ଏକ ତେଲ ଟ୍ୟାଙ୍କର ଜବତ କରି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ସଇଁତଲା ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ କରେଲଧୁଆ ଛକରେ ବେଆଇନ ଭାବେ ଏକ ତେଲ ଟ୍ୟାଙ୍କରରୁ ଡିଜେଲ ଓ ପେଟ୍ରୋଲ ଚୋରା ଚାଲାଣ ହେଉଥିଲା। ଏନେଇ ସଇଁତଲା ଥାନା ଅଧିକାରୀ ବାରିଣୀ ଦାସଙ୍କୁ ଖବର ମିଳିଥିଲା। ଥାନା ଏଏସ୍ଆଇ. ଜେ. ମହାନନ୍ଦ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତେଲ ଟ୍ୟାଙ୍କରକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖିଛି।







ଟିଟିଲାଗଡ ଜୁଆ ଆଡ୍ଡାରୁ ଜବତ୍ ଟଙ୍କା, ମୋବାଇଲ ଓ ବାଇକ୍(ବାମ)। ଏସ୍‌ପି ମାଡାକର ସନ୍ଦୀପ ସମ୍ପତ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ■ ଜୁଆଆଡ୍ଡା ଉପରେ ଚଢ଼ାଉ

# ୩୨ ଜୁଆଡ଼ି ଗିରଫ, ୭୫ ହଜାର ଟଙ୍କା ଜବତ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼,୧।୯**

■ଉଦ୍ଧାର ହେଲା ୬ ଶହ ତାସପତ୍ତା, ୧୮ ମୋବାଇଲ ଫୋନ୍, ୧୪ ବାଇକ

■ସନ୍ତୋଷ ନାୟକଙ୍କ ଘରେ ହେଉଥିଲା ଜୁଆ ଖେଳ

ବଲାଙ୍ଗୀର ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଶନିବାର ରାତି ପ୍ରାୟ ୧୨ଟାରେ ଟିଟିଲାଗଡ଼ ସହର ବ୍ଲକପଡ଼ାସ୍ଥିତ ଏକ ଘରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ାଉ କରି ୩୨ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ପୋଲିସ ତାଙ୍କଠାରୁ ନଗଦ୍ ୭୫ ହଜାର ୧୨୭ ଟଙ୍କା, ୬ ଶହ ତାସପତ୍ତା, ୧୮ଟି ମୋବାଇଲ ଫୋନ୍, ୧୪ଟି ବାଇକ୍ ଓ ଏକ ସାଇକେଲ ଜବତ୍ କରିଛନ୍ତି । ଏନେଇ ବଲାଙ୍ଗୀର ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଟିଟିଲାଗଡ଼ ବ୍ଲକ୍‌ପଡ଼ାର ସନ୍ତୋଷ ନାୟକ ଓରଫ୍ ଗେଡାଙ୍କ ଘରେ ଏକ ଜୁଆଆଡ୍ଡା ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏନେଇ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ରାତି ପ୍ରାୟ ୧୨ଟାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଧିକାରୀମାନେ ଘର ମାଲିକ ସନ୍ତୋଷ ନାୟକ, ପ୍ରତାପ ରାୟ, ସୁଦାମ ବାଗ, ଶ୍ରବଣ କୁମାର ସୁନା, ଅବଦୁଲ ୟୁସୁପ୍, ଶୁକ ପୁଟେଲ, ନେପାଲ ପଟେଲ, ବେଦ ତାଣ୍ଡି, ଭବାନୀ ବାଗ, ମହେନ୍ଦ୍ର ମନହୀରା, ଜିତେନ୍ ବେହେରା, ଲାଲୁ ହିଆଲ, ସୁନାଧର ଛତର, ଯୁଗଳ ସେଠୀ, ସୁରୁ ରଟାଇ, ଅନିଲ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ଗଣେଶ ସାହୁ, ବ୍ରଜକିଶୋର ମହାନ୍ତି, ବୀରେନ୍ଦ୍ର ନାୟକ, ସନ୍ତୋଷ ଗହୀର, ଭୁବନେଶ୍ୱର ସାହୁ, ପ୍ରସନ୍ନ ବାଗ, ଲକ୍ଷ୍ମଣ ସୁନାନୀ, କାହ୍ନା ବଛା, ଉମେଶ ପୁଟେଲ, ରାମଚନ୍ଦ୍ର ଷଡଙ୍ଗୀ, ରୋହିତ ସେନାପତି, ଗଙ୍ଗାଧର ନାଗ, ସଞ୍ଜିତ ସିହ୍ନା, ମନୋଜ କୁମାର ବାବୁ, ଗୁପ୍ତେ ବାଗଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏନେଇ ଟିଟିଲାଗଡ଼ ଥାନାରେ ୩ ଓପିଜି ଆକ୍ଟରେ ଏକ ମାମଲା (ନଂ.୧୫୨/୨୦୧୯) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଖବରଦାତା ସମ୍ମିଳନୀରେ ଏସ୍‌ପି ସମ୍ପତ୍ ଜିଲାରେ ଆଇନ୍ ଶୃଙ୍ଖଳାକୁ କଡାକଡି କରିବା ସହ ଜୁଆ, ସଟ୍ଟା, କଫ୍ ସିରପ୍ ଚୋରା ଚାଲାଣ, ନିଶା କାରବାର ବନ୍ଦ କରିବା ଦିଗରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସହରର ଟ୍ରାଫିକ୍ ସମସ୍ୟାକୁ ସୁଦୃଢ଼ କରିବା ସହ ଲୋକେ କିଭଳି ସୁରକ୍ଷିତ ରହିବେ ସେନେଇ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। ଏନେଇ ଏସ୍‌ପି ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଖବରଦାତା ସମ୍ମିଳନୀରେ ଆଡିସ୍‌ନାଲ ଏସ୍‌ପି ସୁବାସ ଜମାଦାର, ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଡିଏସ୍‌ପି ରବି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଁଖାଇ ପାଇଁ ମିଳୁନି ନୂଆଧାନ

**ଗୁଡ଼ଭେଲା, ୧।୯(ଡି.ଏନ.ଏ.)**

ଦିନକ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଗାଁଠୁ ସହର ସବୁ ଚଳଚଞ୍ଚଳ। ଅଗଷ୍ଟ ଦ୍ୱିତୀୟ ସପ୍ତାହର ବନ୍ୟାକୁ ଭୁଲି ପର୍ବ ପାଳନ ପାଇଁ ଲୋକେ ନୂଆଁଖାଇ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ହେଲେ ନବାନ୍ନ ପାଇଁ ଲାଗି ହେଉଥିବା ନୂଆଧାନ ମିଳୁନାହିଁ। ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଏହି ଚିତ୍ର ଦେଖିବାକୁ ମିଳୁଥିବା ବେଳେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳ ଏଥିରୁ ବାଦ୍ ପଡିନାହିଁ। ଚଳିତ ବର୍ଷ ଚାଷକାମ ପଛେଇ ଯିବା ସାଙ୍ଗକୁ ବନ୍ୟା ଧାନ ଫସଲ ଧୋଇଦେବା କାରଣରୁ ଏହି ସ୍ଥିତି ଦେଖିବାକୁ ମିଳୁଛି। ଅନ୍ୟବର୍ଷମାନଙ୍କରେ ଭାଦ୍ରବ ମାସରେ ସଅଳ କିସମର ଧାନ ଅମଳ ହୋଇ ଯାଇଥାଏ । ଚଳିତ ବର୍ଷ କାଁଭାଁ ଯେଉଁଠି ସଅଳ କିସମ ଧାନ ଅମଳ ହୋଇଛି ତାହା ଆବଶ୍ୟକତା ମେଣ୍ଟାଉ ପାରୁ ନ ଥିବା ବେଳେ ଧାନ ବିଡା ପ୍ରତି ୨୦ରୁ ୪୦ଟଙ୍କା ଦରରେ ବଜାରରେ ବିକ୍ରି ହେଉଛି। ଏଣୁ ନୂଆଧାନର ଚୂଡା ଓ ଚାଉଳ କରିବା ପାଇଁ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି।




କୁଠୁର୍ଲାରେ ସ୍ୱଚ୍ଛତା ଅଭିଯାନ ଅବସରରେ ଗାଁର ମହିଳାମାନେ ଗାଁ ସଫେଇ ପାଇଁ ବାହାରିଛନ୍ତି ।

# କୁଠୁର୍ଲାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ଦେଓଗାଁ,୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଦରବ୍ଲକ ଭୂତିଆର୍‌ବାହାଲ ପଞ୍ଚାୟତ ଅଧୀନ କୁଠୁର୍ଲାଠାରେ ରବିବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଏକାଠି ହୋଇ ସଫେଇ କାର୍ଯ୍ୟ କରିଥିଲେ। ଏପରି କି ଗ୍ରାମବାସୀ ରାସ୍ତାରେ ହୋଇଥିବା ଖାଲଖମାରେ ମାଟି ପକାଇ ସମତୁଳ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ରିଲାଏନ୍ସ ଫାଉଣ୍ଡେଶନର ଇଥେଲ କିସ୍‌ପୋର୍ଟା ଏବଂ କୁଞ୍ଜ ବିହାରୀ ଭୋଇ ଉପସ୍ଥିତ ରହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମର ସମସ୍ତ ମହିଳା, ପୁରୁଷଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ତିନି ସପ୍ତାହ ହେଲା ବନ୍ଦ ପଡ଼ିଛି ଏଟିଏମ

**ଗୁଡ଼ଭେଲା, ୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ତିନି ସପ୍ତାହ ହେଲା ଅଚଳ ହୋଇ ପଡିଛି। ଏହି ଏଟିଏମ ଉପରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭରଶୀଳ କରୁଥିବା ବେଳେ ଦୀର୍ଘଦିନ ହେଲା ବନ୍ଦ ପଡିବାରୁ ଲୋକେ ଟଙ୍କା ଉଠାଣରେ ଅସୁବିଧା ଭୋଗୁଛନ୍ତି। ଏବେ ନୂଆଁଖାଇ ପାଇଁ ଟଙ୍କାର ଆବଶ୍ୟକତା ଥିବା ବେଳେ ଏଟିଏମ କାମ ନ କରିବା ଅଞ୍ଚଳବାସୀଙ୍କୁ ସମସ୍ୟାରେ ପକାଇ ଦେଇଛି। ରବିବାର, ଗଣେଶ ପୂଜା ଓ ନୂଆଁଖାଇ ପାଇଁ ତିନିଦିନ କାଳ ସରକାରୀ ଛୁଟି ରହୁଥିବା ବେଳେ ଏଟିଏମ ଅଚଳ ଯୋଗୁ ପର୍ବ ପାଳନରେ ଲୋକେ ଅସୁବିଧା ଗୋବି ନିଶ୍ଚିତ ହୋଇଛି। ଏଟିଏମର ଦୁଇଟି ଯାକ ମେଶିନ ଖରାପ ହୋଇ ଯାଇଛି। ନୂତନ ମେଶିନ ଆସିଲା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି ବ୍ୟାଙ୍କ ପରିଚାଳକ ଅଜିତ ବାବୁ କହିଛନ୍ତି।




ଅଚଳ ହୋଇ ପଡିଥିବା ଏଟିଏମ।

# ଶିଶୁ ଉଦ୍ୟାନରେ ଚାରାରୋପଣ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୧।୯(ଡି.ଏନ.ଏ.)**

**ବିଧାୟକ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି**

କଣ୍ଟାବାଞ୍ଜି ବିର୍ଣ୍ଣା ରୋଡ଼ରେ ଥିବା ଶିଶୁ ଉଦ୍ୟାନରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଜନସାଧାରଣଙ୍କ ସହ ଚାରାରୋପଣ କରିଥିଲେ। ଉଦ୍ୟାନକୁ ସୁନ୍ଦର ଓ ଆକର୍ଷଣ କରିବା ପାଇଁ ବିଧାୟକ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ମୁଖ୍ୟଅତିଥି ସାଲୁଜା ପ୍ରତିଶ୍ରୁତି ଦେଇଥିଲେ। ମ୍ୟୁନିସିପାଲିଟି ଜେଇ ଆଦିତ୍ୟ କୁମାର ମିଶ୍ର, ବାବୁଲା ମହାନ୍ତି, ଗୋକୁଲା ପ୍ରଧାନ, ସାମ୍ବାଦିକ ସଂଘ ସଭାପତି ସୁବାସ ବେହେରା, ସମ୍ପାଦକ ଗୁରୁଦୟାଲ ହଂସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଚାରାରୋପଣ କରିଥିଲେ।



କଣ୍ଟାବାଞ୍ଜି ଶିଶୁ ଉଦ୍ୟାନରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଚାରାରୋପଣ କରୁଛନ୍ତି।

# ଗଣେଶ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

**ଦେଓଗାଁ,୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଚନ୍ଦ୍ରପୁର ଡକୁଆପଡ଼ାରେ ଅନୁଷ୍ଠିତ ଗଣେଶପୂଜା ପାଇଁ ରବିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ସ୍ଥାନୀୟ ବୁଢିଆଇବନ୍ଧରୁ କଳସରେ ପାଣି ଧରି ପୂଜା ମଣ୍ଡପରେ ପହଞ୍ଚି ଥିଲେ। ପରେ ପୂଜାର୍ଚ୍ଚନା ପରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଡକୁଆଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ପୂଜନୋତ୍ସବରେ ପୂଜାକର୍ତ୍ତା ଭାବେ ସନ୍ତୋଷ ଦୀପ ଓ ମାନସୀ ଦୀପ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ଭାବେ ସନ୍ତୋଷ କୁମାର ନାୟକ ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ସ୍ଥାନୀୟ କୁନିକୁନି କଳାକାରମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରକୃତ ହୋଇଛି। ଏପରିକି ୫ ତାରିଖରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ ହେବ। ଉପସଭାପତି ନେହେରୁ ଦୀପ, ଏମ୍.ଈଶ୍ୱର, ଏମ୍. ରାଜେଶ, ନେତ୍ରାନନ୍ଦ ଦୀପ, ବିଜୟ ଦୀପ, ବବଲୁ ବିଶ୍ୱାଳ, ମନୋଜ ଦୀପ, ସୂର୍ଯ୍ୟ ଦୀପ, ଶିବା ଦୀପ, ବିନୟ ଦୀପ, ଟନ ଦୀପ, ରାଜୀବ ଦୀପ, ନାନୁ ଦୀପ, ସାନୁ ଦୀପ ତଥା ପଡାବାସୀ ସହଯୋଗ କରୁଛନ୍ତି।



ଚନ୍ଦ୍ରପୁର ଡକୁଆପଡ଼ାରେ ଗଣେଶପୂଜା ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

# ଅଙ୍ଗନୱାଡି କର୍ମୀଙ୍କୁ ସିଡିପିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

## ■ ପ୍ରତିବାଦ ପାଇଁ ବୈଠକ ଡାକିଲା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ

**ଲୋଇସିଂହା,୧।୯(ଡି.ଏନ.ଏ.)**

**ଜିଲାପାଳଙ୍କୁ ଫେରାଦ ହେବ ସଂଘ**

କଥା କଥାରେ ଦରମା ବନ୍ଦ, ପିଠିରେ ନୁହେଁ ପେଟରେ ମାରିବି ଏହା କୌଣସି ସିନେମାର ଡାଇଲଗ୍ ନୁହେଁ । ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସିଡିପିଓ ଜ୍ୟୋତିର୍ମୟୀ ନାଏକ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଏପରି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ଆସନ୍ତା ୫ ତାରିଖରେ ଏକ ବୈଠକ କରିବାକୁ ସ୍ଥିର ହୋଇଛି। ୬ତାରିଖ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସଂଘ ପକ୍ଷରୁ ଫେରାଦ ହେବାକୁ ସଂଘ ସଭାନେତ୍ରୀ ରୋହିନୀ ବିଶି କହିଛନ୍ତି।

ଅଭିଯୋଗ ମୁତାବକ, ଆଗଲପୁର ବ୍ଲକ ଭରସୁଜା ଏଏନ୍‌ଏମ ସେଣ୍ଟର ନିକଟ ଅଙ୍ଗନୱାଡି କେନ୍ଦ୍ରରେ ସେଣ୍ଟର ମିଟିଂ ରହିଥିଲା । ଏଥିରେ ସିଡିପିଓ ଜ୍ୟୋତିର୍ମୟୀ ନାଏକ, ସୁପରଭାଇଜର ପ୍ରଫୁଲ୍ଲ କୁମାରୀ ଦୋରା, ମିଶନଶକ୍ତି ସଂଯୋଜିକା ସଚ୍ଚିଦାନନ୍ଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କର୍ମୀମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ମମତା ହିତାଧିକାରୀଙ୍କ ସହାୟତା ରାଶି ଫର୍ମ ଦାଖଲ କରିଥିଲେ। ହେଲେ ମନୁପାଲି କେନ୍ଦ୍ରର କର୍ମୀ ତିଲୋତ୍ତମା ବାଗ ଜନୈକ ମମତା ହିତାଧିକାରୀଙ୍କ ଫର୍ମ ସିଡିପିଓଙ୍କ ନିକଟରେ ଦାଖଲ କରିଥିଲେ। ସିଡିପିଓ ନାଏକ ସମ୍ପୃକ୍ତ ହିତାଧିକାରୀଙ୍କ ବୟସ ୧୯ ବର୍ଷ ହୋଇ ନ ଥିବା ଜାଣି କର୍ମୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ୧୯ବର୍ଷ ନ ହେଲେ ମମତା ଯୋଜନା ସହାୟତା ମିଳି ନ ଥାଏ । ଭଦ୍ରାମି ଦେଖେଇ ହେଉଛ, ମାସକର ଦରମା ବନ୍ଦ କରିଦେବି କହି ସର୍ବସମ୍ମୁଖରେ କର୍ମୀଙ୍କୁ ଗାଳିଗୁଳଜ କରିଥିବା ଅଭିଯୋଗ ହୋଇଛି। ସିଡିପିଓଙ୍କ ଏଭଳି ଆଚରଣକୁ ନେଇ କର୍ମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ କର୍ମୀ ତିଲୋତ୍ତମା ବାଗ ସଂଘ ସଭାନେତ୍ରୀ ରୋହିନୀ ବିଶିଙ୍କୁ ଘଟଣା ସଂକ୍ରାନ୍ତରେ ଅବଗତ କରିଛନ୍ତି। ସେହିପରି ରବିବାର ଡୁଡକା ପଞ୍ଚାୟତ ଅଞ୍ଚଳରେ ଛତୁଆ ବଣ୍ଟନ ବେଳେ ସିଡିପିଓ କର୍ମୀମାନଙ୍କୁ ଗାଳିଗୁଳଜ କରିଥିବା ଅଭିଯୋଗ ହୋଇଛି। ଏନେଇ ସିଡିପିଓ ଜ୍ୟୋତିର୍ମୟୀ ନାଏକଙ୍କୁ ତାଙ୍କ ମୋଇବାଲ ନଂ.୯୪୩୭୭୦୫୫୫୦ ସହ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରି ନାହିଁ।

## ଫଟୋରେ ଖବର







ବଲାଙ୍ଗୀର ଲିଟିଲ୍ ଫ୍ଲାୱାର ସ୍କୁଲର କୁନି ବୈଜ୍ଞାନିକମାନେ ବିଜ୍ଞାନ ପ୍ରଦର୍ଶନୀରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି(ବାମ) । ବଲାଙ୍ଗୀର ପ୍ରତାପସାଗର ପଡାର ଏକ ପରିବାର ବର୍ଷା ପାଣି ଘେରରେ ରହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି(ମଝି) । ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବଲାଙ୍ଗୀର ଜିଲାପାଳ, ଏସପି ଓ ସହରର ବୁଦ୍ଧିଜୀବୀ । **(ଫଟୋ–ସୁନୀଲ)** ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ




### କୋମନାରେ ଏଟିଏମ୍ ସେବା ବ୍ୟାହତ

**କୋମନା,୧।୯ (ଡି.ଏନ.ଏ.)-** ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆଉ ଗୋଟିଏ ଦିନ ବାକି ଥିବା ବେଳେ କୋମନାରେ ଥିବା ଏସବିଆଇ ଏଟିଏମ ସେବା ବ୍ୟାହତ ହୋଇଛି । କୋମନା ବ୍ଲକର ଦୁଇଟି ସ୍ଥାନ କୋମନା ଓ କୁରେଶ୍ୱରରେ ଏଟିଏମ ସେବାର ସୁବିଧା ରହିଥିା ବେଳେ ନୂଆଁଖାଇ ଭଳି ମୁଖ୍ୟପର୍ବରେ ଏଟିଏମଗୁଡିକ ବନ୍ଦ ରହିଥିବା ଯୋଗୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରବିବାର ପ୍ରତେକ ବ୍ୟାଙ୍କ ଛୁଟିଥିବା ବେଳେ କୋମନାରେ ଏଟିଏମ ସେବା ମଧ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ସେହିଭଳି କୁରେଶ୍ୱର ଏଟିଏମ ଦିନବେଳା ଖୋଲାଥିବା ବେଳେ ସନ୍ଧ୍ୟା ୭ଟାରୁ ବନ୍ଦ ରହିଥିବା ଲୋକେ ଅଭିଯୋଗ କରିଛନ୍ତି। ନୂଆଁଖାଇ ବଜାର କରିବା ଉଦ୍ଦେଶ୍ୟରେ ଟଙ୍କା ନେବା ପାଇଁ ଆସୁଥିବା ଗ୍ରାହକମାନେ ଖାଲି ହାତରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏଟିଏମ ସେବାକୁ ୨୪ ଘଣ୍ଟା ଚାଲୁ ରଖିବା ପାଇଁ ଦାବି ହେଉଛି।

### ତିହାର ବଜାରରେ ଭିଡ଼

**ନୂଆପଡ଼ା ଅଫିସ/ଖରିଆର ରୋଡ, ୧।୯ (ଡି.ଏନ.ଏ.)-** ନୂଆପଡା ଜିଲା ଖରିଆର ରୋଡ ଓ ଏହାର ଆଖପାଖ ବଜାରରେ ଏବେ ତିହାର ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ସୋମବାର ଗଣେଶ ପୂଜା ଓ ଦିନକ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଗଣେଶ ପ୍ରତିମାଠାରୁ ଆରମ୍ଭ କରି ନାନାଦି ପୂଜା ସାମଗ୍ରୀ ବିକ୍ରିବଟା ଚାଲିଛି। ସେହିପରି ନୂଆଁଖାଇ ପାଇଁ ନୂଆଁଧାନ, ନୂଆଲୁଗା, ନୂଆ ବାଉଁଶ ତିଆରି ସାମଗ୍ରୀର କିଣିବିକା ଚାଲିଛି।

### ରକ୍ତଦାନ, ଅଙ୍ଗଦାନ ସଚେତନତା ରାଲି

**ନୂଆପଡ଼ା ଅଫିସ/ଖରିଆର ରୋଡ, ୧।୯(ଡି.ଏନ.ଏ.)-** ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ଖରିଆର ରୋଡ ଶାଖା ପକ୍ଷରୁ ରକ୍ତଦାନ ଓ ଅଙ୍ଗଦାନ ଉପରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମ ମନ୍ଦିରଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାରେ ମାରୱାଡ଼ି ମହିଳା ସମ୍ମେଳନ ସଦସ୍ୟାଙ୍କ ସହ ସ୍ଥାନୀୟ ଗୋଲଡେନ ଜୁବୁଲି ମହିଳା କଲେଜର ଛାତ୍ରୀମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ନଗର ପରିକ୍ରମା କରି ଗଣପତି ପ୍ୟାଲେସରେ ପହଞ୍ଚିବା ପରେ ସେଠାରେ ସମ୍ମେଳନ ଅଧକ୍ଷିକା ସୁଷମା ଅଗ୍ରୱାଲଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ନେତ୍ର ବିଶେଷଜ୍ଞ ଡା. ସବିର ଖାନ, ସମ୍ମାନୀତ ଅତିଥି ପ୍ରମିଳା ଶର୍ମା, ମୁଖ୍ୟବକ୍ତା ଭାବେ ଡା. ଶିବପ୍ରସାଦ ବେହେରା ଉପସ୍ଥିତ ଥିଲେ। ଅନ୍ଧବିଶ୍ୱାସକୁ ଦୂରେଇ ରକ୍ତଦାନ ଏବଂ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ସଭାରେ ମିନାଲ ଢୋଲକିଆ ଓ କଳ୍ପନା ଢୋଲକିଆ ମୃତ୍ୟୁପରେ ଅଙ୍ଗଦାନ ଏବଂ କୌଶଲ୍ୟା ଗୁପ୍ତା ଓ ମୋନି ଶର୍ମା ମୃତ୍ୟୁ ପରେ ଚକ୍ଷୁଦାନ କରିବାକୁ ଘୋଷଣା କରିଥିଲେ । ସୋନୁ ଗାନ୍ଧୀ ସଭା ସଞ୍ଚାଳନ କରିଥିଲେ।



ନୂଆପଡା ବଜାରରେ ମାଟି ପାତ୍ର କିଣାବିକା କରୁଛନ୍ତି ଲୋକେ ।



ସୁନାବେଡାରେ ଜଣେ ମହିଳା ନିଜ ଘର ଅଗଣା ଲିପାପୋଛା କରୁଛନ୍ତି ।

# ଦିନକ ପରେ ନୂଆଁଖାଇ, ସହର ଚଳଚଞ୍ଚଳ

- ସବୁ ସ୍ତରରେ ପ୍ରସ୍ତୁତି ଶେଷ
- ଜରୁରିକାଳୀନ ସେବା ବ୍ୟାହତ

**ନୂଆପଡା ଅଫିସ,୧।୯**

ପୂର୍ବବର୍ଷ ଭଳି ଭାଦ୍ରବ ମାସ ପଞ୍ଚମୀ ତିଥିରେ ସମଗ୍ର ପଶ୍ଚିମ ଓଡିଶାରେ ନୂଆଖାଇ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏଥିପାଇଁ ସବୁଠି ଏକ ପ୍ରକାର ପ୍ରସ୍ତୁତିଶେଷ ହୋଇଯାଇଛି । ସହର ବଜାର ଚଳଚଞ୍ଚଳହୋଇପଡିଥିବାବେଳେ ଦୂରଦୂରାନ୍ତରୁ ପୁଅଝିଅ ଘରକୁ ଲେଉଟିବା ଆରମ୍ଭ କରି ଦେଇଛନ୍ତି । ହେଲେ ସରକାରୀସ୍ତରରେ ଯେତିକି ଗୁରୁତ୍ୱ ଦିଆଯିବା କଥା ସେତିକି ଦିଆଯାଇ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି । ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ପ୍ରତି ଉପେକ୍ଷା କରାଯାଉଥିବା ନେଇ ଭିନ୍ନ ମତ ପ୍ରକାଶ ପାଉଛି । ଦିନକ ପରେ ଗଣପର୍ବ ନୂଆଁଖାଇ । କୃଷି ପର୍ବ ବୋଲି କୁହାଯାଉଥିବା ପର୍ବରେ ଲୋକଙ୍କୁ ନୂଆଁ ଅନ୍ନ ମିଳିବ। ଇଷ୍ଟଦେବୀ ସମଲେଇଙ୍କୁ ଅନ୍ନ ଦେଇ ସମସ୍ତେ ଅନ୍ନ ଛୁଇଁବେ। ସେଥିପାଇଁ ପ୍ରତି ପରିବାରରେ ପ୍ରସ୍ତୁତି କରାଯାଇଛି। ସମସ୍ତଙ୍କ ଘରେ ଲିପାପୋଛା କାମ ସରିଯାଇଛି । ଗାଁରେ ମା'ମାନେ ତାଙ୍କର ଘର ଅଗଣାକୁ ନୂତନ ଭାବେ ସଜ୍ଜିତ କରିଛନ୍ତି ।

ଏମିତିକି ଜିଲାର ଉପାନ୍ତ ସୁନାବେଡା ଅଭୟାରଣ୍ୟ ଭିତରେ ମଧ୍ୟ ଆଦିବାସୀମାନେ ନୂଆଁଖାଇ ପାଇଁ ସ୍ୱତନ୍ତ୍ର ଭାବେ ସଜାଇଥିବା ଦେଖାଯାଇଛି। ପିଲାଠୁ ବୁଢା ଏହି ଦିନ ନୂଆଁ ବସ୍ତ୍ର ପରିଧାନ ପରମ୍ପରା ରହିଥିବାରୁ ଦୋକାନ ବଜାରରେ ଭିଡ ଦେଖିବାକୁ ମିଳିଛି । ନୂଆଁଖାଇ ପାଇଁ ବ୍ୟବହୃତ ମାଟି ପାତ୍ର, ଚାଙ୍ଗିଡି, ଝାଡୁ ଆଦି ମା'ମାନେ ବଜାରରୁ ସଂଗ୍ରହ କରୁଛନ୍ତି । ଘରର ପୁଅ ଝିଅ ଯେତିକି ଦୂରେ ଥାଆନ୍ତୁ ନା କାହିଁକି ଘରକୁ ଲେଉଟି ଆସିଛନ୍ତି । ପଡୋଶୀ ଛତିଶଗଡ, ଝାଡଖଣ୍ଡ ଅଞ୍ଚଳରେ ବାସ କରୁଥିବା ଲୋକେ ଗାଡି ଭଡା କରି ନିଜ ଗାଁକୁ ଫେରୁଥିବା ଦେଖାଯାଉଛି। ଏକାଠି ବସି ସମସ୍ତେ ନୂଆଁଖାଇବେ। ଏହା ପଶ୍ଚିମ ଓଡିଶାର ଗଣପର୍ବ । ଏହାକୁ ସମସ୍ତ ପର୍ବ ମଧ୍ୟରେ ରାଜା ପର୍ବ ବୋଲି କେହି କେହି ଆଖ୍ୟା ଦିଅନ୍ତି। ହେଲେ ସରକାରୀସ୍ତରରେ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉ ନ ଥିବା ଲୋକେ ଅଭିଯୋଗ କରନ୍ତି। ଏହି ପ୍ରସଙ୍ଗରେ ଜିଲା ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ ସଭାପତି ଭାନୁ ଦଣ୍ଡସେନାଙ୍କ କହିବାନୁଯାୟୀ ରାଜ୍ୟ ସରକାର ନୂଆଁଖାଇ ସମେତ ୫ ଦିନ ଧରି କୌଣସି ଅଧିକାରୀ ନିଜ କାର୍ଯ୍ୟସ୍ଥଳ ନ ଛାଡିବାକୁ ଚିଠି କରିଛନ୍ତି । ଏହାକୁ ନେଇ ସବୁସ୍ତରରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି କହିଛନ୍ତି । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବରେ ଜିଲାର ନୂଆପଡା ଭଳି ଜିଲା ସଦର ମହକୁମାର ସମସ୍ତ ଏଟିଏମ ଆଜକୁ ୨ ଦିନ ହେବ ବନ୍ଦ ହୋଇପଡିଛି। ପେଟ୍ରୋଲ ପମ୍ପଗୁଡିକ ଅଚଳ ହୋଇପଡିଛି । ଲୋକେ ସାଧାରଣ ସେବା ପାଇଁ ହଇରାଣ ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧିପାଉଛି । ଏହା ଉପରେ ରାଜ୍ୟ ସରକାର ହସ୍ତକ୍ଷେପ କରି ଲୋକ ସଂସ୍କୃତି ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଦାବି ହେଉଛି ।

# ମହେନ୍ଦ୍ର ଯୋଷୀଙ୍କୁ ଶ୍ରେଷ୍ଠ ସମାଜସେବୀ ପୁରସ୍କାର

**ନୂଆପଡା ଅଫିସ,୧।୯**

**ମୁଖ୍ୟମନ୍ତ୍ରୀ ପୁରସ୍କୃତ କଲେ**

ନୂଆପଡା ଭଳି ବଣପାହାଡ ଘେରା ଉପାନ୍ତ ଅଞ୍ଚଳରେ ନିଜକୁ ଉତ୍ସର୍ଗ କରି ଜୀବନବ୍ୟାପି ସମାଜ ସେବାକୁ ବ୍ରତ କରିଆସିଥିବା ସାମାଜିକ କର୍ମୀ ମହେନ୍ଦ୍ର କୁମାର ଯୋଷୀ ରାଜ୍ୟର ଶ୍ରେଷ୍ଠ ସମାଜ ସେବୀ ତାଲିକାଭୁକ୍ତ ହୋଇଛନ୍ତି । ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରି ଉତ୍ସାହିତ କରିଛନ୍ତି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ କ୍ରିଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଯୋଷୀଙ୍କୁ ମାନପତ୍ର ଏହ ନଗଦ ୨୫ ହଜାର ଟଙ୍କାର ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ନୂଆପଡ଼ା ଜିଲା ବୋଡେନ ବ୍ଲକ ତରାପୁର ଗାଁରେ ଜନ୍ମ ଗ୍ରହଣ କରିଥିବା ଯୋଷୀ ଶିକ୍ଷାଗ୍ରହଣ ପରେ ଆରମ୍ଭରୁ ସମାଜ ସେବା କ୍ଷେତ୍ରରେ ମନବଳାଇଥିଲେ। ସ୍ୱେଚ୍ଛାସେବୀ ଭାବେ ପ୍ରଥମେ ଶ୍ରମିକ ଶକ୍ତି ସଙ୍ଗଠନରେ ଯୋଗ ଦେଇଥିବାବେଳେ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା, ମହିଳାଙ୍କୁ ସଶକ୍ତ କରିବା ପାଇଁ ଲୋକଙ୍କ ନିକଟତର ହୋଇ କାମ କରିଥିଲେ। ସହଭାଗୀ ବିକାଶ ଅଭିଯାନ, ସେବା ଜଗତ, କେୟାର ଇଣ୍ଡିଆ, ଅକ୍ସଫାମ ଇଣ୍ଡିଆ, ଚାଇଲ୍ଡ ଫଣ୍ଡ ଇଣ୍ଡିଆ ଭଳି ଆଗଧାଡିର ସଙ୍ଗଠନଗୁଡିକରେ କାମ କରି ନିଜର କୃତୀତ୍ୱ ପ୍ରତିପାଦନ କରିଛନ୍ତି। ବର୍ତ୍ତମାନ ଖଡିଆଳ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ଗାଁରେ ଜୈବ କୃଷି ପାଇଁ ଚାଷୀଙ୍କୁ ପ୍ରବର୍ତାଇ ସଫଳତା ହାସଲ କରିଛନ୍ତି। ଏଥିସକାଶେ ନିକଟରେ ଜିଲା ପ୍ରଶାସନ ତରଫରୁ ପ୍ରକୃତି ବନ୍ଧୁ, ପରିମଳ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ତାଙ୍କୁ ଆଗକୁ ଆଣି ସମ୍ମାନିତ କରିଥିବାରୁ ଜିଲାର ବିଭିନ୍ନ ବର୍ଗରେ ଖୁସିର ଲହରୀ ଖେଳିଯାଇଛି ।



ମହେନ୍ଦ୍ର କୁମାର ଯୋଷୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଭବାନୀପାଟଣା,୧।୯ (ଡି.ଏନ.ଏ.)**

ସ୍ଥାନୀୟ ପୌରାଞ୍ଚଳ ବଡପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗତ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଠାକୁର ଚନ୍ଦ୍ର ସାହୁ ଓ ଅନ୍ୟତମ ସହଶିକ୍ଷା ଅଧିକାରୀ ଜୟ କୁମାର ମାଝି ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ପାତ୍ରଙ୍କ ଚାକିରୀ ଜୀବନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଆଦର୍ଶରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ବିଦ୍ୟାଳୟ ଶିକ୍ଷା କମିଟି ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ସବିତା ମିଶ୍ର, ମିନତୀ ରଥ, ପଙ୍କଜିନୀ ନାଏକ, ସୀମାରାଣୀ ପଟ୍ଟନାୟକ, ରୀତା ବେହେରା, ପ୍ରତିଭା ଦାସ, ସରିତା ମୁଣ୍ଡ, ଶ୍ରଦ୍ଧାଞ୍ଜଳି ରଥ ଓ ରୋଜି ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ବଡ଼ପଡ଼ା ଉ.ପ୍ରା. ବିଦ୍ୟାଳୟରେ ବିଦାୟକାଳୀନ ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

## ସଙ୍ଗୀତ, କୁଇଜ ପ୍ରତିଯୋଗିତା

**ସମ୍ବଲପୁର, ୧।୯ (ବ୍ୟୁରୋ)**

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ରାଷ୍ଟ୍ରୀୟ ସମୂହ ସଙ୍ଗୀତ ଗାନ ଓ ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ହୀରାକୁଦର ୪ଟି ସ୍କୁଲର ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ରଞ୍ଜନ କୁମାର ମିଶ୍ର, ଯୋସେଫ କୁମାର ଦୀପ, ମଧୁସ୍ମିତା ହୋତା ସଂଗୀତ ବିଭାଗ ବିଚାରକ ଭାବେ ଯୋଗ ଦେଇଥିଲେ । ହିଣ୍ଡାଲ୍‌କୋ ହୀରାକୁଦ ସ୍ମେଲ୍ଟର୍ ଜେନେରାଲ ମ୍ୟାନେଜର ଏସ. ଷଡଙ୍ଗୀ ମୁଖ୍ୟ ଅତିଥି, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସମ୍ମାନିତ ଅତିଥି, ଭାରତ ବିକାଶ ପରିଷଦ ପ୍ରାନ୍ତ ଉପସଭାପତି ସୁଦର୍ଶନ ପୂଜାରୀ, ପ୍ରାନ୍ତୀୟ ପର୍ଯ୍ୟବେକ୍ଷକ ଚଞ୍ଚଳା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସଦସ୍ୟ ସରୋଜ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ସଭାପତି ମନୋହର ସିଂ, ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, କୋଷାଧ୍ୟକ୍ଷ ଅବନି ପାଣିଗ୍ରାହୀ, ରଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଣିକି ଭୋଟର ନିଜ ପରିଚୟପତ୍ର ଯାଞ୍ଚ କରିବେ

**ନୂଆପଡା ଅଫିସ,୧।୯**

**ଆନୁଷ୍ଠାନିକ ଭାବେ ଶୁଭାରମ୍ଭ**

ରାଜ୍ୟରେ ସମସ୍ତ ଭୋଟର ନିଜର ଠିକ ପରିଚୟପତ୍ର ଯେପରି ପାଇପାରିବେ ସେଥିପ୍ରତି ରାଜ୍ୟ ନିର୍ବାଚନ କମିଶନର ବିକଳ୍ପ ଚିନ୍ତା କରିଛନ୍ତି । ଏଣିକି ଭୋଟରମାନେ ନିଜ ପରିଚୟପତ୍ର ନିଜ ନିଜ ଅଞ୍ଚଳର ବୁଥକୁ ଆସି ଯାଞ୍ଚ କରିପାରିବେ । ଏହି କାର୍ଯ୍ୟକ୍ରମକୁ ରବିବାର ଉପଜିଲାପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଜୟଲାଲ ବେଶ୍ରା ସଭାପତିତ୍ୱ କରିଥିବାବେଳେ ଉପଜିଲାପାଳ ତରଣୀସେନ ନାଏକ, ନୂଆପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ବଳଦେବ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବାବେଳେ ପ୍ରତ୍ୟେକ ଭୋଟର ନିଜର ପରିଚୟପତ୍ରର ଜେରକ୍ସ କପି ନେଇ ସମ୍ପୃକ୍ତ ବୁଥରେ କେତେଦୂର ଠିକ ତାହା ଯାଞ୍ଚ କରିପାରିବେ । ଏହି ଅବସରରେ ଉପଜିଲାପାଳ ନିଜେ ତାଙ୍କର ଭୋଟର ପରିଚୟ ପତ୍ରର ଯାଞ୍ଚ କରି ନମୁନା ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଦିନ ଗୋଟିଏ ସମୟରେ ଜିଲାବ୍ୟାପି ସମସ୍ତ ବ୍ଲକ, ବୁଥସ୍ତରରେ ଏକକାଳୀନ କରାଯାଇଥିଲା। ଏହା ଆଗାମୀ ଅକ୍ଟୋବର ୧୫ ତାରିଖ ଯାଏଁ ଚାଲିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ, ଏନଏସି କର୍ମଚାରୀମାନେ ଯୋଗଦେଇଥିବାବେଳେ କେତେକ ନୂତନ ଭୋଟର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭୁଦତ ମିଶ୍ର, ଅଶୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଭୋଟର ଯାଞ୍ଚ ପ୍ରକ୍ରିୟା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

## ସୁଇଟ ପରିସରରେ ଚାରା ରୋପଣ

**ସମ୍ବଲପୁର, ୧।୯ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୁଇଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ନାରାୟଣ ପଣ୍ଡା ସ୍ମୃତି ପରିଷଦ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁଇଟ କର୍ମଚାରୀଙ୍କ ସମେତ ଆୟୋଜକ, ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳର ପରିବେଶ ପ୍ରେମୀ ଯୋଗଦେଇ ୧୬୦ଟି ଚାରା ରୋପଣ କରିଥିଲେ । ବନ ଅଧିକାରୀ ଗୌରିଶଙ୍କର ଦାଶ ଓ ହିମାଂଶୁ ସେଟ ଯୋଗ ଦେଇଥିଲେ । ସୁଇଟ ନିର୍ଦ୍ଦେଶକ ନିହାରରଞ୍ଜନ ଶତପଥୀ, ପ୍ରଶାନ୍ତ କୁମାର ନାଥଶର୍ମା, ଶିବମ୍ ନାଥ ଶର୍ମା, କୈଳାଶ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ ।

### ଗାଡ଼ିରେ ଛାଡ଼ି ନ ଦେବାରୁ ଖବରଦାତାଙ୍କୁ ହତ୍ୟା ଧମକ ଘଟଣା

# ଗିରଫ ବଦଳରେ ଜାମିନରେ ଛାଡିଲା ପୋଲିସ

- ଅଭିଯୁକ୍ତଙ୍କ ପ୍ରତି ପୋଲିସର ଅନୁକମ୍ପା

**ଜୁନାଗଡ,୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ସାପ୍ତାହିକ ବଜାରରେ ଗତ ଶୁକ୍ରବାର ଅପରାହ୍ନରେ ଗାଡିରେ ଛାଡି ନ ଦେବାରୁ ସର୍ବସାଧାରଣ ଆଗରେ ଦାସିଗାଁ ସିର୍ଲିପଡା ବସ୍ତିର ଗୁଞ୍ଜନ ବାଗ ନାମକ ଜଣେ ବ୍ୟକ୍ତି ଅଞ୍ଚଳର ଜଣେ ଖବରଦାତା ଟିକେଚନ ବାଗଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଟିକେଚନ ସମ୍ପୃକ୍ତ ଗୁଞ୍ଜନଙ୍କ ନାମରେ ଟିଲଗୁଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ଗୁଞ୍ଜନ ସର୍ବସାଧାରଣ ଆଗରେ ଟିକେଚନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବାର ଭିଡିଓ ଫୁଟେଜ ମଧ୍ୟ ପୋଲିସକୁ ଦେଇଥିଲେ। ଏହା ପରେ ଉକ୍ତ ଦିନ ଜୁନାଗଡ ଥାନାରେ ଏ ନେଇ ଏକ ମାମଲା (ନଂ.୨୦୨/୧୯) ରୁଜୁ କରି ଗୁଞ୍ଜନଙ୍କ ବିରୋଧରେ ଆଇପିସି ଦଫା ୩୪୧, ୨୯୪, ୩୨୩, ୪୨୭, ୫୦୬ ଲଗାଯାଇଥିଲା। ପୋଲିସ ଅଭିଯୁକ୍ତ ଗୁଞ୍ଜନଙ୍କ ପ୍ରତି ଅନୁକମ୍ପା ଦେଖାଇ ଗିରଫ ନ କରି ୪୧ ଜାମିନରେ ଛାଡିଦେଇଥିବା ଜଣାପଡିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସର୍ବସାଧାରଣ ଆଗରେ ଗୁଞ୍ଜନ ଖବରଦାତା ଟିକେଚନଙ୍କୁ ହତ୍ୟା ଧମକ ଦେଉଥିବାରୁ ଭିଡିଓ ଫୁଟେଜ ରହିଥିଲେ ମଧ୍ୟ ଏହି ଘଟଣାରେ ପୋଲିସ କୌଣସି ତଦନ୍ତ ନ କରି ତୁରନ୍ତ ଜାମିନରେ ଅଭିଯୁକ୍ତ ଗୁଞ୍ଜନଙ୍କୁ ଛାଡି ଦେବା ସାଧାରଣରେ ପୋଲିସର କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏପରିକି ସମ୍ପୃକ୍ତ ବ୍ୟକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ କିଛି ମାମଲା ରହିଥିବା ଜଣାପଡିଛି। ଏ ନେଇ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବି .ଗଙ୍ଗାଧରଙ୍କୁ ପଚାରିବାରୁ ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ନାହିଁ

# ପୋଲିସର ଦ୍ୱାରସ୍ଥ ହେଲେ ମହିଳା

- ମହିଳା ସଙ୍ଗଠନକୁ ଧମକଚମକ୍ ଅଭିଯୋଗ
- ଦେଶୀ ମଦରେ ଭାସୁଛି ମୋହନଗିରି

**ମୋହନଗିରି,୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରି ଅଞ୍ଚଳରେ ଖୋଲାଖୋଲି ମଦ ବିକ୍ରି ହେଉଥିବା ନେଇ ସାଧରଣରେ ଅସନ୍ତୋଷ ଦେଖାଦେଇଛି । ଏଠାରେ ଏକମାତ୍ର ମାନ୍ୟତା ପ୍ରାପ୍ତ ମହୁଲି ମଦଭାଟି ରହିଛି । କିନ୍ତୁ ତାରି ମଧ୍ୟମରେ ସ୍ଥାନୀୟ ବାଲିଭଟା, ଦେଉଳିପଡା, ଶାନ୍ତିପୁର, ମୋହନଗିରି, ମୁଚେଲପଦର, ପଣ୍ଡାପଦର, ସରାବେଡା, ତେଜିପଡା, ସତମୌଜା, କୁଟୁରୁପଲା, ବିଜାମାଲ ଆଦି ଅହୁରି ଅନେକ ଗାଁରେ ଖୋଲାଖୋଲି ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଗତ ୨୮ ତାରିଖରେ ବିଜାମାଲ ଗ୍ରାମର ୧୪ଟି ମହିଳା ସଙ୍ଗଠନ ଚାଲିଥିବା ବେଆଇନ ମଦ ବିକ୍ରିକୁ ବିରୋଧ କରି ମୋହନଗିରି ପୋଲିସରେ ଲିଖିତ ଭାବେ ଜଣାଇଥିଲେ। ମହିଳାମାନଙ୍କ ଅଭିଯୋଗ ଆଧାରରେ ମୋହନଗିରି ପୋଲିସ ମଦ ବିକ୍ରି କରୁଥିବା ଉକ୍ତ ଗ୍ରାମର ଲୋକଙ୍କୁ ଚେତାବନୀ ଦେଇଥିଲେ। ମଦ ବିକ୍ରିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ସଙ୍ଗଠନ ମହିଳାମାନଙ୍କୁ ଧମକ ଚମକ ଦେଇଥିଲେ । ଏହାର ବିରୋଧ କରି ଶନିବାର ଶତାଧିକ ମହିଳା ମୋହନଗିରି ପୋଲିସର ଦ୍ୱାରସ୍ଥ ହୋଇଛନ୍ତି । ମଦୁଆଙ୍କ ଉତ୍ପାତରେ ସାଧରଣ ଲୋକେ ନୂଆଁଖାଇ ଆସିଲେ ଖୁସି ମନାଇବା ପରିବର୍ତ୍ତେ ପ୍ରମାଦ ଗଣୁଛନ୍ତି । ଦୁଇବର୍ଷ ପୂର୍ବେ ନୂଆଁଖାଇବାସି ଦିନ କୁଟୁରୁପଲା ଗ୍ରାମର ନରୋତମ ମାଝି ନାମକ ଜଣେ ବ୍ୟକ୍ତିଙ୍କୁ ମଦ ନିଶାରେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ବେଳେ ଗତବର୍ଷ ନୂଆଁଖାଇ ଦିନ ଡଲାବାହାଲି ଗ୍ରାମର ଶୁକଲ ପାତ୍ର ନାମକ ଜଣେ ବ୍ୟକ୍ତିର ଟାଙ୍ଗିଆ ଚୋଟରେ ଜଣଙ୍କ ଜୀବନ ଯାଇଥିଲା । ତେଣୁ ବେଆଇନ ମଦ ବିକ୍ରିକୁ ନେଇ ସ୍ଥାନୀୟ ମହିଳା ସଙ୍ଗଠନ ଓ ଜନସାଧାରଣ ବିରୋଧ କରିଆସୁଛନ୍ତି। କିନ୍ତୁ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ବିଭାଗ ପାଇଁ ସତେ ଯେମିତି ଲୋକଙ୍କ ବିରୋଧର ସ୍ୱର ଅରଣ୍ୟ ରୋଦନ ସମ ହୋଇଯାଇଛି । ଫଳରେ ପ୍ରଶାସନର କାର୍ଯ୍ୟଧାର ଉପରେ ଲୋକଙ୍କ ସନ୍ଦେହ ସୃଷ୍ଟି ହେଉଛି । ଏ ନେଇ ମୋହନଗିରି ପୋଲିସ ଅଧିକାରୀଙ୍କୁ ପଚାରିବାରୁ ସେ ବେଆଇନ ମଦ ବିକ୍ରିକୁ ରୋକିବା ପାଇଁ ପ୍ରୟାସ ଜାରି ରଖାଯାଇଛି । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।



ବିଜାମାଲ ଗ୍ରାମର ମହିଳାମାନେ ବେଆଇନ ମଦ ବିକ୍ରିକୁ ବୋରୋଧ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨ ସେପ୍ଟେମ୍ବର ୨୦୧୯



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ବର୍ଷାରେ ପୁଣି ଧୋଇ ଗଲା ଅସ୍ଥାୟୀ ପୋଲ

**ଖପ୍ରାଖୋଲ, ୧।୯ (ଡି.ଏନ.ଏ.) :** ବର୍ଷା ଯୋଗୁ ଖପ୍ରାଖୋଲ ଲାଠୋର ରାସ୍ତା ବଡଗୁର୍ଜିଭଟା ସୁକତେଲ ନାଳ ନିକଟରେ ନିର୍ମାଣାଧୀନ ପୋଲ ପାଇଁ କରାଯାଇଥିବା ଅସ୍ଥାୟୀ ରାସ୍ତା ରବିବାର ଧୋଇ ଯାଇଛି। ଫଳରେ ଦିନ ଗୋଟାଏ ଯାଏଁ ଗାଡି ଚଳାଚଳ ବ୍ୟାହତ ହୋଇଯାଇଥିଲା। ମରାମତି ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଠିକ ଭାବରେ ଅସ୍ଥାୟୀ ପୋଲ କରାଯାଇ ନ ଥିବାରୁ ବାରମ୍ବାର ଏଭଳି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମାର୍କଣ୍ଡ ଯୋଶୀଙ୍କୁ ପଚାରିବାରୁ ଉପର ମୁଣ୍ଡରେ ବର୍ଷା ଯୋଗୁଁ ରାତିରେ ପୋଲ ଧୋଇ ଯାଇଥିଲା। ହେଲେ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରାଯାଇଛି ବୋଲି କହିଛନ୍ତି।

### ମତଦାତା ଯାଞ୍ଚ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧।୯ (ଡି.ଏନ.ଏ.) :** ଖପ୍ରାଖୋଲ ବ୍ଲକ କପସିପାଲି ସେବାଶ୍ରମ ପରିସରରେ ମତଦାତା ଯାଞ୍ଚ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଥ୍ ଲେବେଲ ଅଫିସର ତଥା ଆଙ୍ଗନୱାଡି କର୍ମୀ କସ୍ତୁରୀ ଦୀପ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ସମ୍ମାନୀତ ଅତିଥି ସ୍ଥାନୀୟ ପ୍ରଧାନଶିକ୍ଷକ ଗୋବୋନ୍ଦ କାଲସାଏ ଯୋଗଦେଇଥିଲେ। ଅତିଥିମାନେ ଭୋଟର ତାଲିକା ଯାଞ୍ଚ କରିବା ସହିତ ନୂତନ ଭୋଟର ନିଜ ନାମ ସଂଯୋଗ କରିବା, ଭୋଟର ପରଚୟ ପତ୍ର ପାଇଁ ଆବେଦନ, ମୃତ ଏବଂ ସ୍ଥାନାନ୍ତରଙ୍କ ନାମ ବାଦ୍ ଦେବା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ।

## ■ ବଲାଙ୍ଗୀରରେ ମୁଖ୍ୟ ଶାସନ ସଚିବଙ୍କୁ ସମ୍ବର୍ଦ୍ଧନା

# ଗ୍ଲୋବାଲ ବେଞ୍ଚମାର୍କଠୁ ଭଲ କରିବାର ଚେଷ୍ଟା ଚାଲିଛି

**ବଲାଙ୍ଗୀର ଅଫିସ,୧।୯**

ଦେଶର ୨୮ଟି ପ୍ରଦେଶ ଓ ଗ୍ଲୋବାଲ ବେଞ୍ଚ ମାର୍କରେ ଯେଉଁଠି ଯାହା ସବୁ ପରୀକ୍ଷାମୂଳକ ଭାବେ ଭଲ କାମ ହୋଇଛି ତାକୁ ଓଡ଼ିଶାରେ ଅନୁକରଣ କରାଯାଉଛି। ଏଭଳି କି ଗ୍ଲୋବାଲ ବେଞ୍ଚ ମାର୍କଠୁ କିଭଳି ଅଧିକ ଭଲ କାମ କରାଯାଇପାରିବ ସେଦିଗରେ ଚେଷ୍ଟା ଚାଲିଛି ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଏକ ସଭାରେ ସୂଚନା ଦେଇଛନ୍ତି। ଓଡ଼ିଶାକୁ ଏକ ଆଗୁଆ ଓ ଅଧିକ ଉପାର୍ଜନକ୍ଷମ ରାଜ୍ୟରେ ପରିଣତ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ କାର୍ଯ୍ୟରେ ରୂପାନ୍ତରିତ କରାଯିବାର ଖସଡ଼ା ପ୍ରସ୍ତୁତ ହୋଇସାରିଛି ବୋଲି ତ୍ରିପାଠୀ କହିଥିଲେ।

ଜିଲା ସାମ୍ବାଦିକ ସଂଘ, ରାଜେନ୍ଦ୍ର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ମୁଖ୍ୟ ଶାସନ ସଚିବ ତ୍ରିପାଠୀଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଥିଲା ଜିଲାର ପ୍ରଥମ ପ୍ରଶାସକ ଭାବେ ତ୍ରିପାଠୀ ମୁଖ୍ୟ ଶାସନ ସଚିବ ପଦବୀରେ ଅବସ୍ଥାପିତ ହୋଇଥିବାରୁ ଏହା ଜିଲା ପାଇଁ ଗୌରବର ବିଷୟ ବୋଲି କୁହାଯାଇଥିଲା। ପୁରାତନ ଛାତ୍ର ସଂଘ ସଭାପତି ଲଳିତ କୁମାର ନାୟକ, ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ ଓ ସମ୍ପାଦକ ବଳରାମ ମିଶ୍ର ଟ୍ରଫି, ଉପାୟନ ଦେଇ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଥିଲେ ଯେ, ଆଗକୁ ଓଡ଼ିଶାରେ ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦିଆଯାଉଛି। ରାସ୍ତା, ବନ୍ଦର, ବିଦ୍ୟୁତିକରଣ, ଜଳସେଚନ ଭଳି କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ। ରାଜ୍ୟର ପ୍ରତ୍ୟେକ କ୍ଷେତ୍ରର ପ୍ରତ୍ୟକ୍ଷ ରୂପାନ୍ତରଣ କିଭଳି ସମ୍ଭବ ହେବ ସେ ଦିଗରେ ଧ୍ୟାନ ଦିଆଯାଉଛି। ଦେଶର ଯେଉଁ ସବୁ ରାଜ୍ୟରେ ପରୀକ୍ଷାମୂଳକ ଭାବେ ଲୋକାଭିମୁଖୀ ଯୋଜନା ଓ ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେଭଳି ମଡେଲକୁ ଓଡ଼ିଶାରେ ଅନୁକରଣ କରାଯାଉଛି। ଗ୍ଲୋବାଲ ବେଞ୍ଚ ମାର୍କଠୁ କିଭଳି ଅଧିକ ସଫଳ କାର୍ଯ୍ୟକ୍ରମ କରାଯାଇ ପାରିବ ସେଦିଗରେ ଏବେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ତ୍ରିପାଠୀ କହିଥିଲେ। କିଛିଦିନ ତଳେ ସମସ୍ତ ନିର୍ଦ୍ଦେଶାଳୟକୁ ସଚିବାଳୟରେ ମିଶାଇ ଦିଆଗଲା। ନିର୍ଦ୍ଦେଶାଳୟଗୁଡିକରେ ଯେଉଁସବୁ କାମ ପାଇଁ ମାସମାସ ଧରି ଫାଇଲ କାମ ଅଟକି ପଡୁଥିଲା ତାହା ଆଉ ହେବ ନାହିଁ। ଏବେ ନିର୍ଦ୍ଦେଶକମାନେ ସିଧାସଳଖ ସଚିବମାନଙ୍କୁ ଫାଇଲ ପ୍ରଦାନ କରିବେ। ଇଲୋକ୍ଟ୍ରୋନିକ୍ସ ଫାଇଲିଂ ହେବା ପରେ କାମଗୁଡିକ କ୍ଷୀପ୍ର ବେଗରେ ହୋଇପାରିବ। ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାର ଜିଡିପି ଅଭିବୃଦ୍ଧି ହାର ଜାତୀୟ ଅଭିବୃଦ୍ଧି ହାରଠାରୁ ସାମାନ୍ୟ ଅଧିକ ରହିଛି।



ବଲାଙ୍ଗୀରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଓଡ଼ିଶା ହେବ ଅଧିକ ଉପାର୍ଜନକ୍ଷମ

ଅର୍ଥନୀତି ପରିପ୍ରେକ୍ଷୀରେ ଯେଉଁ ଜାଗାରେ ଅଛୁ ତାକୁ ଯଦି ଆଗକୁ ନେବାକୁ ଚାହିଁବା ତେବେ ଭିତ୍ତିଭୂମି କ୍ଷେତ୍ରରେ ଅଧିକ ବିନିଯୋଗ କରିବାକୁ ପଡିବ ବୋଲି କହିଥିଲେ। ତାମିଲନାଡୁ ମଡେଲ ଭଳି ରାଜ୍ୟରେ ମାଇକ୍ରୋ କମ୍ପୋଷ୍ଟିଂ ବ୍ୟବସ୍ଥା ଲାଗୁ କରାଯାଉଛି ବୋଲି କହିଥିଲେ। ନିକଟରେ ବଲାଙ୍ଗୀରରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପ୍ରବଳ ବର୍ଷା ଯୋଗୁ ହୋଇଥିଲା ବୋଲି କହିବା ସହ ସହରର ଡ୍ରେନ୍ ବ୍ୟବସ୍ଥାର ଉନ୍ନତି କରାଯିବା ଉପରେ କହିଥିଲେ। ସଭାରେ ପୁରାତନ ଛାତ୍ର ସଂଘ ସଭାପତି ନାୟକ ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ପ୍ରକଳ୍ପର ଶୀଘ୍ର ଶେଷ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଉନ୍ନତି, ବାଇପାସ୍ ରାସ୍ତା ତିଆରି, ଦେଓଗାଁ ଚିନିକଳର ପୁନରୁଦ୍ଧାର ଉପରେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଉପରେ ସେ ଆଲୋଚନା କରିବେ ବୋଲି ତ୍ରିପାଠୀ କହିଥିଲେ। ରାଜେନ୍ଦ୍ର କଲେଜର ଉନ୍ନତି ଦିଗରେ ସେ ପୂର୍ତ୍ତବିଭାଗ ସହ ଆଲୋଚନା କରିଥିବା କହିଥିଲେ। ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍, ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ଈଶ୍ୱର ଜୈନ ଧନ୍ୟବାଦ ଦେଇଥିଲେ।

## ଥାନାରୁ ଖସିଗଲେ ଯୁବକ, ପୋଲିସ ନୟାନ୍ତ

**ସୋନପୁର,୧।୯(ନି.ପ୍ର.)**

ସୋନପୁର ଥାନା ପରିସରରୁ ଜଣେ ଯୁବକଙ୍କୁ ଦୌଡି ପଳାଉ ଥିବା ରବିବାର ମଧ୍ୟାହ୍ନରେ ଦେଖିବାକୁ ମିଳିଥିଲା। ପୋଲିସ ଟିମ୍ ପିଛା କରି ଖୋଜାଖୋଜି ପରେ ମଧ ଯୁବକଙ୍କୁ ଧରିପାରି ନାହିଁ। ପୋଲିସ ଖୋଜୁଥିବା ଯୁବକ ଜଣକ ଖାରୀ ପଞ୍ଚାୟତ ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁବାବକ, ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ହେଲେ ଯୁବକ ଜଣକ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ସଂକ୍ରାନ୍ତରେ ଯୁବକଙ୍କୁ ପଚରାଉଚୁରା କରୁଥିଲା। ହେଲେ ପରିଶ୍ରା ଯିବା ବାହାନାରେ ଯୁବକ ଜଣକ ଥାନାରୁ ଚମ୍ପଟ୍ ମାରିଥିଲେ। ପୀଡିତା ଯୁବତୀ ପରିବାର ଲୋକଙ୍କ ସହ ଥାନା ବାରଣ୍ଡାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଥିବା ଦେଖିବାକୁ ମିଳିଥିଲା। ହେଲେ ପ୍ରେମିକଙ୍କ ପ୍ରତାରଣା ପରେ ଯୁବତୀ ଜଣକ ଭାଙ୍ଗି ପଡିଛନ୍ତି। ଏ ନେଇ ଥାନା ଅଧିକାରୀ ଲୋକେଶ ସାହୁଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ଯୁବକଙ୍କୁ ପଚରାଉଚୁରା କରୁଥିବା ବେଳେ ସେ ଭୟରେ ଦୌଡି ପଳାଇଥିବା କହିଛନ୍ତି।

## ଶିଶୁଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶିତ ହେଲା ଚଳଚ୍ଚିତ୍ର

**ସୋନପୁର,୧।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଚଳଚ୍ଚିତ୍ର ମାଧ୍ୟମରେ ଶିଶୁଙ୍କ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାପା, ମା'ଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଓ ସେବା ଯତ୍ନ ଆବଶ୍ୟକ କରୁଥିବା ଶିଶୁ ଗୃହରେ ରହୁଥିବା ଶିଶୁମାନଙ୍କୁ ଚଳଚ୍ଚିତ୍ର ଦେଖିବାକୁ ସୁଯୋଗ ମିଳିଥିଲା। ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷା ତଥା ଶିଶୁ ଗୃହ ପରିଦର୍ଶନ କମିଟିର ସଭ୍ୟା ରେଣୁକା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ଏକ ଭଲ ଓ ସମୟ ଉପଯୋଗୀ କାର୍ଯ୍ୟକ୍ରମ। ଚଳଚ୍ଚିତ୍ର ପ୍ରଦର୍ଶନ ଜରିଆରେ ଶିଶୁମାନଙ୍କ ମୁହଁରେ ଖୁସି ଆଣିବା ଉଦ୍ୟମକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, କିଶୋର ନ୍ୟାୟ ବୋର୍ଡ ସଭ୍ୟ ଛବିଳ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୪ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିଶୁ ମଙ୍ଗଳ କମିଟି ସଭ୍ୟ ବରୁଣ ମହାନ୍ତି, ବିଜୟ ବିଶ୍ୱାଳ, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସାଏ, ବିଶେଶ୍ୱର ହୋତା, ସରିତା ସୁନା, ପ୍ରଶାନ୍ତ ମହାକଡ଼, ଚଉଭନ ସଠୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ରାସ୍ତାରେ ଦବିଲା ଗହମ ବୋଝେଇ ଟ୍ରକ୍

**ଖପ୍ରାଖୋଲ, ୧।୯ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଦମେଇପାଲି ପଞ୍ଚାୟତ ଲଛିମାଲ ରାସ୍ତାରେ ରବିବାର ଏକ ଗହମ ବୋଝେଇ ଟ୍ରକ୍ ଦବି ଯାଇଥିଲା। ଟ୍ରକରେ ଗହମ ଯୋଗାଣ ସମ୍ପର୍କିତ କୌଣସି ବ୍ୟାନର ଲାଗି ନ ଥିବାରୁ ଏହା ଚୋରା ବୋଲି କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଥିଲା। ଟ୍ରକରେ ପିଡିଏସ ଗହମ ଯୋଗିମୁଣ୍ଡାରୁ ବୋଝେଇ ହୋଇ ଲୁହାସିଂହା, ଦମେଇପାଲି ପଞ୍ଚାୟତରେ ଦେଲା ପରେ ମଟିଆଭଟା, ଭାନପୁର, ନାନ୍ଦୁଲପଲା ଏବଂ ମହରାପଦର ପଞ୍ଚାୟତକୁ ଅନଲୋଡ ପାଇଁ ଯାଉଥିଲା। ଭୁଲ ରାସ୍ତାରେ ଯିବାରୁ ନିର୍ମାଣାଧୀନ ମାଟିରାସ୍ତାରେ ଗାଡି ଦବି ଯାଇଥିବା ଡ୍ରାଇଭର ରିଙ୍କୁ ସାହୁ କହିଥିଲେ। ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ସହ ଟ୍ରାନଜିଟ୍ ପାସ୍ ସ୍ଲିପ୍ ମଧ୍ୟ ଦେଖିଥିଲେ। ପରେ ଅନ୍ୟ ଗାଡି ସାହାଯ୍ୟରେ ଗହମ ଅନଲୋଡ କରାଯାଇଥିଲା। ଏ ନେଇ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ରାଜରାମ ହୋତାଙ୍କୁ ପଚାରିବାରୁ ସରକାରୀ ପିଡିଏସ ଗହମ ଯାଉଥିବା କହିବା ସହ ଭୁଲ ରାସ୍ତା ଯୋଗୁ ଗାଡି ଦବି ଯାଇଥିବା ପ୍ରକାଶ କରିଥିଲେ।



କବିତା ଆସରରେ ଯୋଗଦେଇଥିବା କବିମାନେ।

## ମହୁରୁଣ୍ଡିରେ କବିତା ଆସର

**ଖପ୍ରାଖୋଲ, ୧।୯ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ବିଦ୍ୟାଳୟ ପରିସରରେ କୋସଲି କବି କରୁଣାକର ଭୋଇ ସ୍ମୃତି କମିଟି ତରଫରୁ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକି ଅବସରରେ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। କବି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରରେ ବ୍ଲକର ବିଭିନ୍ନ ପ୍ରାନ୍ତରରୁ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ପ୍ରଥମେ ସ୍ୱର୍ଗତ କବିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହିତ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। କବି ଶୋଭାକର ପଧାନ, କୁଞ୍ଜ ବିହାରୀ ସରାଫ୍, ବବ୍ରୁବାହନ ଭୋଇ, ଦୋଳଗୋବିନ୍ଦ ପଧାନ, ସୁଶାନ୍ତ ଭୋଇ, ଟେକେନ୍ଦ୍ର ଜାଲ, କିଶୋର ଭୋଇ, ପ୍ରେମାନନ୍ଦ ଷାଣ୍ଢ, ଜନ୍ମେଜୟ ଭୋଇ, ବାବୁଲାଲ ଭୋଇ ସମେତ କବି, ସାହିତ୍ୟିକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅଭିଲାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୮୬ ବୁଥ୍‌ରେ ଭୋଟର ତାଲିକା ଯାଞ୍ଚ ହେଲା

**ସୋନପୁର,୧।୯(ନି.ପ୍ର.)**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାର ସମସ୍ତ ୫୮୬ଟି ବୁଥରେ ରବିବାରଠାରୁ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ପୂର୍ବରୁ ମତଦାତାଙ୍କୁ ସଚେତନ କରାଯାଇଥିଲା। ମତଦାତାମାନେ ନିଜର ଓ ନିଜ ପରିବାରର ସମସ୍ତ ସଦସ୍ୟମାନଙ୍କ ନିର୍ବାଚନ ପରିଚୟ ପତ୍ରରେ ଥିବା ତଥ୍ୟକୁ ଠିକ୍ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ପରିପ୍ରେକ୍ଷିରେ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତି କରିବାରେ ଜିଲା ପ୍ରଶାସନକୁ ସହାୟତା କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ ଜିଲାର ସମସ୍ତ ନାଗରିକ ଓ ବୁଦ୍ଧିଜୀବୀଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ସମ୍ପୃକ୍ତ ବୁଥ୍‌ରେ ଉପସ୍ଥିତ ରହି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ସହାୟତା କରିବା ପାଇଁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଏବଂ ସହକାରୀ ରିଟର୍ନିଂ ଅଫିସରମାନଙ୍କୁ ଜିଲାପାଳ ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାପାଳ ବାନାର୍ଜୀ ରବିବାର ମଝିପଡା ପ୍ରାଥମିକ ବିଦ୍ୟାଳୟର ବୁଥ ନଂ ୧୮୪ ଓ ୧୮୫ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟର ତଦାରଖ କରିବା ସହ ଏହି ଦୁଇ ବୁଥରେ ଉପସ୍ଥିତ ଥିବା ମତଦାତାଙ୍କୁ ଶପଥ ପାଠ କରାଇଥିଲେ। ସେହିଭଳି ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ବୁଥ୍ ନଂ ୧୭୭ ଆଦର୍ଶ ସ୍କୁଲ ପରିଦର୍ଶନ କରି ଉପସ୍ଥିତ ମତାଦାତାଙ୍କୁ ଶପଥ ପାଠ କରାଇଥିବା ଜଣାପଡିଛି। ଜିଲାପାଳ ବାନାର୍ଜୀ ପଟାଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୧୮୭ ଓ ଗଡଭିତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୧୮୨ ପରିଦର୍ଶନ କରିଥିଲେ। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବଳରାମ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ ବିଭିନ୍ନ ବୁଥ ପରିଦର୍ଶନ କରି ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ। ସହକାରୀ ଜିଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀ ଓ ନବୀନ କିଶୋର ପାଢୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।



ଜିଲାପାଳ ମଝିପଡ଼ା ୧୮୪ ନଂ ବୁଥ୍ ପରିଦର୍ଶନ କରି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟ ତଦାରଖ କରୁଛନ୍ତି।


ଲଗାଣ ବର୍ଷାରେ ବେଲପଡ଼ା ରାସ୍ତା ଜଳମଗ୍ନ ହୋଇଯାଇଛି।


ବର୍ଷାରେ ଭାଙ୍ଗି ଯାଇଥିବା ଘର।

## ବେଲପଡ଼ାରେ ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

**ବେଲପଡା,୧।୯(ଡି.ଏନ୍.ଏ.)**

କିଛିଦିନ ତଳେ ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀରରେ ପ୍ରଳୟଙ୍କରୀ ବନ୍ୟା ଦେଖାଦେଇଥିଲା। ହେଲେ ଲଗାଣ ବର୍ଷା ଯୋଗୁ ଶନିବାର ରାତିରୁ ଜିଲାର ବେଲପଡ଼ାଠାରେ ନାହିଁ ନ ଥିବା ଅବସ୍ଥା ସୃଷ୍ଟି ହୋଇଛି। ଏପରି କି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅନେକ ଲୋକଙ୍କ ସମ୍ପତ୍ତି ବର୍ଷା ପାଣିରେ ନଷ୍ଟ ହୋଇଯାଇଥିବା ଜଣାପଡିଛି।

ଲଗାଣ ବର୍ଷା ଯୋଗୁ ବେଲପଡା କଟା ଉଚ୍ଛୁଳି ପଡିଥିଲା। ଫଳରେ ଶିବମନ୍ଦିରପଡ଼ା ଓ ବାସୁଦେବପଡ଼ାରେ ରହୁଥିବା ଅଧିବାସୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ପାଣି ଲୋକଙ୍କ ଘରେ ପଶିବାରୁ ଖାଦ୍ୟ ସାମଗ୍ରୀ ସହ ଆସବାବପତ୍ର ମଧ ନଷ୍ଟ ହୋଇଯାଇଛି। ଏନେଇ ବେଲପଡ଼ା ସରପଞ୍ଚ ମହାଦେବ ମେହେର, ସମିତି ସଭ୍ୟ ଆଲୋକ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପୀଡିତଙ୍କୁ ଆଶ୍ରୟ ନେବାକୁ କହିଛନ୍ତି। ବେଲପଡ଼ା ବିଡିଓ ବିଜୟ ହୋତା, ତହସିଲଦାର ପ୍ରିୟରଞ୍ଜନ କୁମାର, ସହକାରୀ ଯନ୍ତ୍ରୀ ଚୁଡାମଣି ବାଗ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। କଟାରୁ ଜଳ ନିଷ୍କାସନ କରିବା ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀ ପମ୍ପ ଯୋଗେ ଜଳନିଷ୍କାସନ କରୁଛନ୍ତି। ଗୋଟିଏ ଦିନରେ ୨୦୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଶିବମନ୍ଦିର ସମ୍ମୁଖରେ ୧ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହୋଇଛି। ପ୍ରଶାସନ ପକ୍ଷରୁ ପଞ୍ଚାୟତ ରିଲିଫ କେନ୍ଦ୍ରରେ ୨ ଶହ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଜଳନିଷ୍କାସନ ସମୟରେ ଶିବମନ୍ଦିର ପଡାର ଲୋକେ ପକ୍କାଘର ନିର୍ମାଣ ଓ କଟା ପାର୍ଶ୍ୱରେ ବାଡ ନିର୍ମାଣ ଦାବିରେ ୪୨ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ବିଡିଓ ହୋତା, ବ୍ଲକ ଉପାଧକ୍ଷ ରୁକ୍ମଣ ସୁନା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା। ୧୦ ଦିନ ମଧରେ ସମସ୍ୟାରେ ସମାଧାନ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲିଅଧିକାରୀମାନେପ୍ରତିଶ୍ରୁତିଦେଇଛନ୍ତି।

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।

- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ୨୦ ଦିନ ପରେ ବି ମରାମତି ହୋଇନି

**ରିଷିଡା,୧୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା-ମ.ରାମପୁର ରାସ୍ତାଠାରୁ ବୁଢ଼ୀମୁଣ୍ଡାକୁ ଯାଉଥିବା ରାସ୍ତା ଗତ ବନ୍ୟାରେ ଧୋଇ ହୋଇଯାଇଥିଲା । ହେଲେ ରାସ୍ତା କଟିବା ୨୦ ଦିନ ହେଲାଣି ତାହା ମରାମତି ହୋଇ ପାରି ନାହିଁ । ଫଳରେ ଲୋକଙ୍କ ଯାତାୟାତ ହୋଇ ପାରୁନାହିଁ । ଏହି ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତାୟତ ଚାଲିଛି । ତୁରନ୍ତ ମରାମତି ପାଇଁ ଦାବି ହେଉଛି ।



### ନୂତନ ଟାଉନ ଥାନା ଅଧିକାରୀଙ୍କ ଯୋଗଦାନ

**ଭବାନୀପାଟଣା,୧୯ (ଡି.ଏନ.ଏ.)-** ଭବାନୀପାଟଣା ଟାଉନ୍ ଥାନାରେ ନୂଆ ଥାନାଧିକାରୀ ଭାବେ ବାସୁଦେବ ଛତ୍ରିଆ ଗତ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଆଇଅଇସି ସତ୍ୟ କୁମାର ନନ୍ଦଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଅପରାଧ ନିୟନ୍ତ୍ରଣ ପାଇଁ ଟାଉନ ପୋଲିସ ସମସ୍ତ ବ୍ୟବସ୍ଥା କରିବ ବୋଲି ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ଛତ୍ରିଆ କହିଛନ୍ତି। ଏଥିସହ ସହରର ଧନଜୀବନର ସୁରକ୍ଷା ନିମନ୍ତେ ପ୍ରାଥମିକତା ଦେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେ ସହରର ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଧନଜୀବନ ରକ୍ଷା ପାଇଁ ସମସ୍ତ ନାଗରିକ ପୋଲିସକୁ ଠିକ ସମୟରେ ସୂଚନା ଦେବା ସହ ଅପରାଧ ନିୟନ୍ତ୍ରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

### ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ବଣ୍ଟନ

**ରିଷିଡା,୧୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ବୌରକେଲା ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ୍ ଏବଂ ପୌରକେଲା ସେବା ସଙ୍ଗଠନ ଓ ରାଧାକୃଷ୍ଣ କ୍ଲବ, ମଥୁରା ଆନୁକୂଲ୍ୟରେ ରବିବାର ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅମିତା ସାହୁ, ମୁଖ୍ୟବକ୍ତା ଭାବେ ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ ଯୋଗଦେଇଥିବା ବେଳେ ଅଧକ୍ଷତା କରିଥିଲେ ସୁମନ୍ତ ଦଣ୍ଡସେନା । ବସ୍ତ୍ର ବଣ୍ଟନ କାର୍ଯ୍ୟ ଏକ ସ୍ୱାଗତ ଯୋଗ୍ୟ ଓ ପ୍ରଶଂସା କାର୍ଯ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ । ସଙ୍ଗଠନ ସମ୍ପାଦକ ରୁଦ୍ରମଣି ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଲେଇ କେନ୍ଦ୍ର ସମସ୍ତ ଶିକ୍ଷାର୍ଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରକେଲା, ବୁଢ଼ୀପଦର, ଖରଝୁରା ଗ୍ରାମର ଗରିବ ଓ ଅସହାୟମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ପଲମ,୧୯(ଡି.ଏନ.ଏ.)-**କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ଘୋଡାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲମ୍ବୋଦର ନାଗଙ୍କ ଅବସରକାଳିନ ସମ୍ବର୍ଦ୍ଧନା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ ମୁଡିଙ୍ଗ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଶିଷ୍ଠ ପଧାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମ.ରାମପୁର ଏବିଇଓ ଗୋବର୍ଦ୍ଧନ ମାଝି ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମ.ରାମପୁର ଶିକ୍ଷକ ସଂଘ ସଭାପତି ବିଭୁତି ପ୍ରହରାଜ, ସିଆରସିସି ପ୍ରଶାନ୍ତ ମାଝି, ମେନେଜର ସାହୁ ଏବଂ ମ୍ୟାନେଜିଙ୍ଗ କମିଟି ସଭାପତି ସିଦ୍ଧେଶ୍ୱର ପୁଟେଲ, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ଭୋଇ, ଈଶ୍ୱର ଦାସ ନାଗ ଓ ମୁଡିଙ୍ଗ କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟତ୍ରୀମାନେ ଯୋଗଦାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସିଆରସିସି ମୋହନ ଶଙ୍କର ପଧାନ ମଞ୍ଚ ପରିଚାଳନା କରିଥିଲେ। ସଭା ଶେଷ ହେବା ପରେ ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ନାଗଙ୍କୁ ଶିକ୍ଷକମାନେ ଉପଢୌକନ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ସହ ତାଙ୍କର ଦିର୍ଘାୟୁ କାମନା କରି ବିଦ୍ୟାଳୟଠାରୁ ନିଜ ବାସଭବନକୁ ନେଇ ଯାଇଥିଲେ ।

# ବସ୍ ଧକ୍କାରେ ହୋମଗାର୍ଡ, ଯବାନଙ୍କ ମୃତ୍ୟୁ

**କୋକସରା,୧୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ବସ୍ ଧକ୍କାରେ ଜଣେ ଆଇଆରବି ଯବାନ ଏବଂ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ରହିଥିବା ସୂଚନା ମିଳିଛି। ମୃତକ ହେଲେ ହୋମଗାର୍ଡ ପୂର୍ଣ୍ଣଚନ୍ଦ୍ର ନାଏକ ଏବଂ କ୍ଷୀରସିନ୍ଧୁ ଧରୁଆ (୨୫)। ପୂର୍ଣ୍ଣଚନ୍ଦ୍ରଙ୍କ ଘର କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ପାଣିଗାଁ ଏବଂ କ୍ଷୀରସିନ୍ଧୁଙ୍କ ଘର ଜୟପାଟଣା ବ୍ଲକ ଉଚ୍ଛୁଲା ପଞ୍ଚାୟତ ପାଣ୍ଡିରିପଖାନ ଗ୍ରାମରେ। କ୍ଷୀରସିନ୍ଧୁ କୋରାପୁଟ ଆଇଆରବି ବାଟାଲିୟନରେ କାର୍ଯ୍ୟରତ ଥିଲେ ।

ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ମାଲକାନଗିରିରୁ ଏକ ଯାତ୍ରୀବାହୀ ସମ୍ବଲପୁର ଯାଉଥିଲା। ସେହି ବସ୍‌ରେ କୋକସରାଠାରୁ ମୋଟେର ଫାଣ୍ଡିକୁ ଯିବା ପାଇଁ ପୂର୍ଣ୍ଣଚନ୍ଦ୍ର ଅପେକ୍ଷାରେ ଥିଲେ। ବସ ନ ଅଟିକିବାରୁ ତାଙ୍କର ଦୁଇ ବନ୍ଧୁ ସେହି ସମୟରେ ଏକ ବୁଲେଟରେ ବସ୍‌କୁ ଓଭରଟେକ କରିବା ବେଳେ ବସ୍ ଧକ୍କାରେ ଭାରସାମ୍ୟ ହରାଇ ରାସ୍ତା କଡ ଏକ ପାଚେରୀରେ ପିଟିହୋଇ ଛିଟିକି ପଡିଥିଲେ। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ପୂର୍ଣ୍ଣଚନ୍ଦ୍ର ଓ କ୍ଷୀରସିନ୍ଧୁଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କର ଅନ୍ୟ ଜଣେ ସାଙ୍ଗ ବିଘ୍ନେଶ୍ୱର ପଟ୍ଟନାୟକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଖବର ପାଇ କୋକସରା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୩ ଜଣ ଯୁବକଙ୍କୁ ପ୍ରଥମେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବସ୍ ମୋଟେର ଫାଣ୍ଡିରେ ଅଟକ ରହିଥିବା ଜଣାପଡିଛି। ରବିବାର ସକାଳେ ଦୁର୍ଘଟଣା ଖବର ପାଇ ୨ ମୃତକଙ୍କ ପରିବାର ପହଞ୍ଚିଥିଲେ। ଡାକ୍ତରଖାନା ପରିସରରେ କାନ୍ଦବୋବାଳି ସହ ଚାପା ଉତ୍ତେଜନା ଦେଖାଦେଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ବଡପୁଅଙ୍କୁ ହୋମଗାର୍ଡରେ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିବା ସହ ଶବ ବ୍ୟବଚ୍ଛେଦ ପରେ କିଛି ସମୟ କୋକସରା ଥାନା ଆଗରେ ପାଣିଗାଁ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୋକସରା ଅତିରିକ୍ତ ତହସିଲଦାର ଶରତଚନ୍ଦ୍ର ଶବର, ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ପହଞ୍ଚି ପୋଲିସ ବିଭାଗ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମୃତ ହୋମଗାର୍ଡଙ୍କ ପୁଅଙ୍କୁ ନିଯୁକ୍ତି ଦେବା ସହ ସରକାରୀସ୍ତରରେ କ୍ଷତିପୂରଣ ଓ ସହାୟତା ଦିଆଯିବା ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଯବାନ କ୍ଷୀରସିନ୍ଧୁଙ୍କ ପରିବାର ପହଞ୍ଚିଥିଲେ । ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ କ୍ଷତିପୂରଣ ଓ ଅନ୍ୟାନ୍ୟ ସହାୟତା ଦିଆଯିବ ବୋଲି କହିବା ପରେ ମୃତଦେହ ନିଜ ଗାଁକୁ ନେଇଥିଲେ।



କ୍ଷତିପୂରଣ ଦାବିରେ ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି।

**କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ**

କେସିଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା

# ପ୍ରଶାସନର ଉପସ୍ଥିତିରେ ଛତୁଆ ବଣ୍ଟନ

**କେସିଙ୍ଗା,୧୯ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ମାସର ୧ ତାରିଖରେ ଛତୁଆ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲାପାଳ ସମଗ୍ର ଜିଲାର ୧୩ଟି ବ୍ଲକରେ ପ୍ରଶାସନିକମାନଙ୍କୁ ନିୟୋଜିତ କରାଇ ରବିବାର ୧ ତାରିଖରେ ବଣ୍ଟନ କରାଯାଇଛି ।

କେସିଙ୍ଗା ବ୍ଲକର କାଣ୍ଡେଲ ସେକ୍ଟର ପାଇଁ କେସିଙ୍ଗା ବିଡିଓ ଭୀମସେନ ଶବର, ନୁନ୍‌ମାଠ ଓ ତୁଣ୍ଡଲା ସେକ୍ଟରେ ତହସିଲଦାର ଗଣ୍ଡାରାମ ଖମାରୀ, କେସିଙ୍ଗା ଏନଏସି ଏବଂ କେସିଙ୍ଗା ପାଇଁ ସିଡିପିଓ ମୁଜିବୁନୀ ନିଶାଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତୁଆ ବଣ୍ଟନ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି । କେସିଙ୍ଗା ବ୍ଲକର ୧୯୫ଟି ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯାଇଥିବା ସିଡିପିଓଙ୍କଠାରୁ ପ୍ରକାଶ । ଗର୍ଭବତୀ, ପ୍ରସୂତୀ, ବିଭିନ୍ନ ବର୍ଗର ହିତାଧିକାରୀମାନଙ୍କୁ ଛତୁଆ ବଣ୍ଟନ କରାଯାଇଛି ।



କାଣ୍ଡେଲ ସେକ୍ଟରରେ ବିଡିଓ, ସୁପରଭାଇଜରଙ୍କ ମିଳିତ ଉଦ୍ୟମରେ ଛତୁଆ ବଣ୍ଟନ ।

ଅପରିଚିତା ବୃଦ୍ଧାଙ୍କ ପରିଚୟ ମିଳିଲାନି

# ମିଶନ ଅଫ୍ ଚ୍ୟାରିଟିକୁ ହସ୍ତାନ୍ତର

**କୋକସରା,୧୯ (ଡି.ଏନ.ଏ.)**

ମୁମ୍ବାଇସ୍ଥିତ ଶ୍ରଦ୍ଧା ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗତ ଅଗଷ୍ଟ ୧୫ ତାରିଖରେ ଚେନ୍ନାଇ ରେଳ ଷ୍ଟେଶନରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲା। ପରେ ମୁମ୍ବାଇ ଆଣି ଚିକିତ୍ସା କରିବାରୁ ବୃଦ୍ଧାଙ୍କ ଅବସ୍ଥା ସ୍ୱାଭାବିକତା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବୃଦ୍ଧାଙ୍କଠାରୁ ମିଳିଥିବା ଠିକଣାକୁ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ। ବୃଦ୍ଧାଙ୍କଠାରୁ ମିଳିଥିବା ଠିକଣା ଅନୁସାରେ ଅନୁଷ୍ଠାନ କାର୍ଯ୍ୟରତ ଜଣେ ସାମାଜିକ କର୍ମୀ ଯୁବତୀ ଲକ୍ଷ୍ମୀପ୍ରିୟା ବିଶୋୟୀ ବୃଦ୍ଧାଙ୍କୁ ନେଇ କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡା ଗ୍ରାମରେ ପହଞ୍ଚି ଥିଲେ । ଯୁବତୀଙ୍କ କହିବା ଅନୁସାରେ ବୃଦ୍ଧାଙ୍କ ନାମ ମେସୀ ପୂଝାରୀ (୬୯) ଓ ତାଙ୍କ ଘର ସାନପୋଡାଗୁଡା ବୋଲି ଅନୁଷ୍ଠାନ କଗଜପତ୍ର ଉଲ୍ଲେଖ ଅଛି। ବୃଦ୍ଧାଙ୍କୁ ସେହି ଗ୍ରାମରେ କୌଣସି ଲୋକ ଚିହ୍ନି ନ ଥିବାରୁ ପୁଣି ଥରେ କୋକସରା ଆସି ପୋଲିସ ସହ ଯୋଗାଯୋଗ କରି ବୃଦ୍ଧାଙ୍କୁ ଧର୍ମଗଡଠାରେ ଥିବା ମିଶନ ଅଫ ଚ୍ୟାରିଟି ଟ୍ରଷ୍ଟକୁ ହସ୍ତାନ୍ତର କରିଥିବା ଜଣାପଡିଛି ।



ବୃଦ୍ଧାଙ୍କୁ କମିଶନ ଅଫ ଚ୍ୟାରିଟି ଟ୍ରଷ୍ଟକୁ ହସ୍ତାନ୍ତର ପାଇଁ ନିଆଯାଉଛି।

# ଏମ୍‌ଭି ଆକ୍ଟ କଡ଼ାକଡ଼ି ଲାଗୁ

**ଭବାନୀପାଟଣା,୧୯ (ଡି.ଏନ.ଏ.)**

ବର୍ତ୍ତମାନ ଯାନବାହନ ସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା ବେଳେ ପ୍ରତିଦିନ ବିଭିନ୍ନ ରାସ୍ତାରେ ଗାଡି ଚଳାଇବା ବେଳେ ଦୁର୍ଘଟଣା ମଧ୍ୟ ଘଟୁଛି। ଦୁର୍ଘଟଣାରେ ବହୁ ଧନଜୀବନ ନଷ୍ଟ ହେଉଛି। ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ପାଇଁ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ମୋଟରଯାନ ଦାରା ୧୯୮୮କୁ ପରିବର୍ତ୍ତନ କରି ନୂତନ ନିୟମ ଲାଗୁ କରାଯାଇଛି। ବର୍ତ୍ତମାନ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଓ ଜିଲା ପୋଲିସ ପକ୍ଷରୁ ଏହାକୁ ସେପ୍ଟେମ୍ବର ପହିଲାରୁ କଡାକଡି ଭାବେ ଲାଗୁ କରାଯାଇଛି। ବିନା ହେଲମେଟ, ସିଟ ବେଲ୍ଟ ନ ପିନ୍ଧି, ସିଗ୍‌ନାଲ ନ ମାନି ଗାଡି ଚଳାଇବା, ବାଇକରେ ୨ରୁ ଅଧିକ ଯାତ୍ରୀ ବସିବା, ବିନା ଲାଇସେନ୍ସରେ ଗାଡି ଚଳାଇବା, ଆମ୍ବୁଲାନ୍ସକୁ ରାସ୍ତା ନ ଦେବା ଓ ମୋବାଇଲରେ କଥା ହୋଇ ଗାଡି ଚଳାଇବା ଭଳି କାର୍ଯ୍ୟ ପ୍ରତି ପରିବହନ ବିଭାଗ ଓ ପୋଲିସ ବିଭାଗ କଡା ନଜର ରଖି ଆଇନ ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଠି ପ୍ରକାଶ କରିଛନ୍ତି। ଏଥିଲାଗି ଜରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି।

# ବସ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

- **କ୍ଷତିପୂରଣ ଦାବିରେ ୨୬ ନଂ. ଜାତୀୟ ରାଜପଥ ଅବରୋଧ**
- **ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା**

**ଜୁନାଗଡ,୧୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମଥୁରା ଛକ ୨୬ ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ମଥୁରା ଗ୍ରାମର ଧର୍ମାନନ୍ଦ ବଗର୍ତ୍ତୀ ଓରଫ ମିଲୁ (୧୩)। ଖବର ପାଇ ଉତ୍ତ୍ୟକ୍ତ ମଥୁରା ଗ୍ରାମବାସୀ ଓ ସମ୍ପର୍କୀୟ ଲୋକେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ଯାଏ କ୍ଷତିପୂରଣ ଦାବିରେ ମୃତଦେହ ରଖି ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ, ଏସ୍‌ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ, ସାବିତ୍ରୀ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ବସ୍ ମାଲିକଙ୍କ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ପୋଲିସ ଉପସ୍ଥିତିରେ ଦେଢଲକ୍ଷ ଟଙ୍କା ଦିଆଯିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଯୋଗୁ ଯାନବାହନ ଚଳାଚଳ ବ୍ୟାଘାତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ମଥୁରା ଗ୍ରାମର ଧର୍ମାନନ୍ଦ ଘରେ ପୂଜା କରିବା ପାଇଁ ରବିବାର ସକାଳେ ଛକ ନିକଟସ୍ଥ ରାସ୍ତାକଡର ଏକ ଘରକୁ ଫୁଲ ତୋଳିବାକୁ ଯାଇଥିଲେ। ସେଠାରୁ ସାଇକେଲରେ ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଗାୟତ୍ରୀ ନାମକ ଏକ ଘରୋଇ ବସ୍ (ନଂ.ଓଡି୦୩ଏଚ୍-୮୨୨୪) ତାଙ୍କୁ ଧକ୍କା ଦେଇଥିଲା। ଧର୍ମାନନ୍ଦ ରାସ୍ତାରେ ଛିଟିକି ପଡି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଏକମାତ୍ର ପୁଅକୁ ହରାଇ ମା', ବାପା ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଧର୍ମାନନ୍ଦ ସ୍ଥାନୀୟ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ଦୁର୍ଘଟଣା ଘଟାଇଥିବା ବସ୍‌କୁ ସ୍ଥାନୀୟ ପୋଲିସ ଥାନାରେ ଅଟକ ରଖିଛି।



ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ଏମ୍‌ଜିଏନ୍‌ଆରଇଜିଏସ୍ ଫାଣ୍ଡି ହଡ଼ପ

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**ଭବାନୀପାଟଣା,୧୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲି ପଞ୍ଚାୟତ ପଦମପୁର ଗାଁ ଦେଇ ଯାଇଥିବା ରାସ୍ତା ରେଙ୍ଗାଲପାଲି, ଉଚ୍ଛୁଲା, ଭଇଁରିପାଲି ଓ ଗୁଚାଗାଁ ଆଦି ୪ଟି ପଞ୍ଚାୟତକୁ ସଂଯୋଗ କରୁଛି । ବର୍ଷ ବର୍ଷ ଧରି ଗାଁର ସମସ୍ୟା ଓ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଡିଓଙ୍କଠୁ ସରପଞ୍ଚଙ୍କଠାରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ । ୨୦୧୭-୧୮ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ଗୋପାଲପୁରଠାରୁ ଗାଇବନ୍ଧାପଡା ପର୍ଯ୍ୟନ୍ତ ମାଟି ମୋରୁମର ସଡକ ତିଆରି ହେଲା । କିନ୍ତୁ ଗରିବଙ୍କ ଝାଳବୁହା ପରିଶ୍ରମର ମଜୁରୀ ଆଜି ପର୍ଯ୍ୟନ୍ତ ପାଇ ନ ଥିବା ବୁଦ୍ଧିମନ୍ତ ଶବର, ଉମ୍ବର ଶବର, ସନ୍ତୁରାମ ମାଝି, ବଳଦେବ ରାଉତ ଭଳି ଅନେକ ଅଭିଯୋଗ କରିଛନ୍ତି। ଏବେ ୨୦୧୯-୨୦ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଅନୁଦାନରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶ୍ରମିକଙ୍କ ଦ୍ୱାରା କିଛି ଅଂଶ ମାଟି କାମ କରି ଟ୍ରାକ୍ଟର ଯୋଗେ ମୋରୁମ୍ ନାମରେ ଚିକିଟା ମାଟି ଗଦା କରି ଦେଇଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହୋଇପଡିଛି। ବିଶେଷ କରି ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ସଡକ ନିର୍ମାଣରେ ଅନିୟମିତତାକୁ ନେଇ ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ଏବଂ ରେଙ୍ଗାଲିପାଲି ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ରାତାରାତି ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ଉଦ୍ୟମ କରିଛନ୍ତି । ଏବେ ଜେସିବି ଓ ଟ୍ରାକ୍ଟର ଦ୍ୱାରା କିଛି ବାଲି ପକାଇ ଲୋକଙ୍କ ପୁଞ୍ଜିଭୁତ ଆକ୍ରୋଶକୁ ଦବାଇ ଦେବା ପାଇଁ କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି। ଜୟପାଟଣା ବ୍ଲକ ଅନ୍ତର୍ଗତ ଅନେକ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଲାଗି ରହିଥିବା ବେଳ ଅଭିଯୋଗ କଲେ ମଧ୍ୟ ଜିଲା ପ୍ରଶାସନ ନିରବ ରହୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଏ ନେଇ ବିଡିଓଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ହୋଇପାରି ନାହିଁ। ସଦର ମହକୁମାଠାରୁ ବହୁଦୂରରେ ଥିବା ଏହି ଗ୍ରାମପଞ୍ଚାୟତ ଦ୍ୱାରା ଲଗାତାର ଭାବେ ଅନେକ ଦୁର୍ନୀତି କାର୍ଯ୍ୟ ଓ ଅନିୟମିତତା ହେଉଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଲୋକମାନଙ୍କ ମନରେ ଅସନ୍ତୋଷ ପୁଞ୍ଜିଭୁତ ହେବାରେ ଲାଗିଥିବା ଜଣାଯାଇଛି ।

# ଗାଁଠୁ ସହର ସବୁଆଡ଼େ ପର୍ବର ମାହୋଲ

**ଦିନକ ପରେ ନୂଆଁଖାଇ**

**ଜୁନାଗଡ,୧୯ (ଡି.ଏନ.ଏ.)**

ମଙ୍ଗଳବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଗତ କିଛିଦିନ ହେଲା ଗ୍ରାମରୁ ସହର ସବୁଆଡେ ପର୍ବର ମାହୋଲ ଦେଖିବାକୁ ମିଳିଛି । ହାଟ, ବାଟ, ମନ୍ଦିର, ପୋଖରୀତୁଠ, ଘରଦ୍ୱାର ସବୁ ଆଡେ ନୂଆଁଖାଇର ଝଲକ। ଇତିମଧ୍ୟରେ ଗୃହିଣୀମାନେ ଘରର ସମସ୍ତ ଜିନିଷ ଟେକାରଖା, ସଫାସୁତୁରା କରିସାରି ନୂଆଖାଇ ପାଇଁ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଗୃହ କର୍ତ୍ତାମାନେ ବଜାର ସଉଦା ସବୁ କିଣିସାରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଅଞ୍ଚଳର ଲୋକେ ଏଥର ଆନନ୍ଦ ଓ ଉତ୍ସାହର ସହ ନୂଆଁଖାଇ ପର୍ବ ପାଳନ ପ୍ରସ୍ତୁତିରେ ଲାଗିପଡିଛନ୍ତି। ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ହାତୀ ନଦୀ ବଢି ଯୋଗୁ ଚଳିତବର୍ଷ ଧାନଚାଷ ବିଳମ୍ବ ହୋଇଛି। ଫଳରେ ଜୁନାଗଡ ବ୍ଲକ ଅଞ୍ଚଳରେ ନୂଆଁଖାଇ ପାଇଁ ସବୁଠି ନୂଆଧାନ ମିଳୁନାହିଁ । କେବଳ ପାହାଡିଆ ଅଞ୍ଚଳରେ ନୂଆଁଧାନ ମିଳୁଛି। ଫଳରେ ନବାନ୍ନ ଭୋଗ ଲଗାଇବା ସକାଶେ ଲୋକେ ବିଭିନ୍ନ ହାଟ ବଜାରକୁ ଯାଇ ନୂଆଁଧାନ କିଣିବାକୁ ବାଧ୍ୟ ହେଉଛନ୍ତି । ଗୋଟିଏ ଲେଖାଏଁ ଧାନ କେଣ୍ଡା ବିଭିନ୍ନ ହାଟରେ ୧୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି । କେବଳ ସେତିକି ନୁହେଁ ନବାନ୍ନ ଭୋଗ ଲାଗି ସରଗି, କଦଳୀ, କୁରେଇ, ସାରୁ, ଭଲିଆ, ମହୁଲ, ପଣସ, ଶିଆଳ ଆଦିପତ୍ର ବିଡା ଗତଥର ୫ଟଙ୍କା ଥିବା ବେଳେ ଏଥର ୧୦ ଟଙ୍କାରେ ବିକ୍ରି ହେଉଛି । ହାଟରେ ଯେଉଁ ନୂଆହାଣ୍ଡି ଆଗରେ ୧୦ ଟଙ୍କାରେ ମିଳୁଥିଲା ଏଥର ତାହା ୨୦ ଟଙ୍କାରେ ବିକ୍ରି ହେଉଛି । ରବିବାର ଜୁନାଗଡ ସାପ୍ତାହିକ ହାଟରେ ନୂଆଁଖାଇ ସକାଶେ ପ୍ରବଳ ଭିଡ ହୋଇଥିବା ଦେଖିବାକୁ ମିଳିଥିଲା। ନବାନ୍ନ ଭକ୍ଷଣ ପାଇଁ ନୂଆଁ ଦନା, ନୂଆମାଟି ହାଣ୍ଡି, ନୂଆଧାନ ବିକ୍ରେତାଙ୍କ ପାଖରେ ଅଧିକ ଭିଡ ରହିଥିଲା । ଚାଷୀ ଅମଳ କରିଥିବା ନୂଆଁଧାନକୁ ନୂଆଁଖାଇରେ ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରିବା ପରେ ନିଜେ ନୂଆଁ ଅର୍ଣ୍ଣ ଗ୍ରହଣ କରିଥାନ୍ତି। ଏପରିକି ଆକାଶଛୁଆଁ ଦର ସତ୍ତ୍ୱେ ବି ଲୋକେ ପରମ୍ପରାର ରକ୍ଷା ଲାଗି ବାଧ ହୋଇ ଚଢାଦର ଦେଇ ବିଭିନ୍ନ ଜିନିଷ କିଣୁଛନ୍ତି। ଏ ସବୁକୁ ଖାତିର ନ କରି ଏହି ଅଞ୍ଚଳର ଲୋକେ ନୂଆଁଖାଇ ପାଇଁ ପ୍ରସ୍ତୁତି କରିସାରିଛନ୍ତି । ଏପଟେ ଜିଲା ତଥା ରାଜ୍ୟ ବାହାରେ ରହୁଥିବା ଲୋକମାନେ ମଧ୍ୟ ଖୁସିରେ ପରିବାର ସହ ନୂଆଁଖାଇ ପାଳନ କରିବା ପାଇଁ ଘରକୁ ଆସୁଥିବା ଦେଖିବାକୁ ମିଳୁଛି। ଯେତେ ଅଭାବ ଅସୁବିଧା ଥିଲେ ବି ଧାର ଉଧାର କରି ଏହି ବର୍ଷର ନୂଆଖାଇଁ ପର୍ବର ଆନନ୍ଦର ସହ ପାଳନ କରିବୁ ବୋଲି ଅଞ୍ଚଳବାସୀ କହୁଛନ୍ତି। ସାମାଜିକ ଭାଇଚାରା, ଜୁହାର ଭେଟ୍ ପରମ୍ପରାର ଏହି ନୂଆଁଖାଇ ପର୍ବ ଅଞ୍ଚଳବାସୀଙ୍କ ପାଇଁ ପାଳିବା ଚଳିତବର୍ଷ ପାଇଁ କଷ୍ଟସାଧ ହେଉଥିଲେ ମଧ୍ୟ ଆଗ୍ରହ କମି ନ ଥିବା ପରିଲକ୍ଷିତ ହେଉଛି ।



ରବିବାର ଜୁନାଗଡ ସାପ୍ତାହିକ ହାଟରେ ନୂଆଖାଇଁ ପାଇଁ ପ୍ରବଳ ଭିଡ ଜମିଛି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ପାୱାର୍ ହାଉସ୍ ରୋଡ୍ ଦୁର୍ଘଟଣା
### ଗୁରୁତର ଛାତ୍ରଙ୍କ ମୃତ୍ୟୁ

ରାଉରକେଲା ଅଫିସ, ୧୯: ଶନିବାର ରାତି ପ୍ରାୟ ୯ଟାରେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ପାୱାର୍ ହାଉସ୍ ରୋଡ୍‌ରେ ଦୁର୍ଘଟଣା ଘଟିଥିଲା। ଏଥିରେ ୩ଜଣ ଛାତ୍ର ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଜେଲ ରୋଡ୍ ଅଞ୍ଚଳର ରବି ଷଡ଼ଙ୍ଗୀ, ଦୀପକ ସାହୁ ଓ ସଲିମ ଦୀପା। ସମସ୍ତଙ୍କୁ ପୋଲିସ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ରବିଙ୍କ ମୃତ୍ୟୁ ହୋଇଛି। ଦୀପକ ଓ ସଲିମ ଏବେ ଚିକିତ୍ସାଧୀନ ଥିବା ପୋଲିସ କହିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୬୫/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ରବି, ଦୀପକ ଓ ସଲିମ ସ୍କୁଟି (ନଂ. ଓଡି୧୪-ପି୬୪୫୧) ଯୋଗେ ବିଶ୍ରା ଛକରୁ ମ୍ୟୁନିସିପାଲ ରୋଡ୍ ପଟକୁ ଯାଉଥିବା ବେଳେ ପାୱାର୍ ହାଉସ୍ ରୋଡ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଲୁହା ବୋଝେଇ ଟ୍ରେଲର (ନଂ. ଜେଏଚ୍୦୨-ଏପି୦୩୭୬)କୁ ପଛରୁ ଧକ୍କା ଦେଇଥିଲେ।

### 'ଆର୍ମି' ପ୍ରତିଷ୍ଠା ଦିବସରେ ସଚେତନତା

ରାଉରକେଲା ଅଫିସ,୧୯

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପ୍ରାଣୀକଲ୍ୟାଣ ଟ୍ରଷ୍ଟ 'ଆର୍ମି'ର ୧୯ଶ ପ୍ରତିଷ୍ଠା ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନ ପ୍ରତିଷ୍ଠାତା ସଂଗ୍ରାମ ପରିଡ଼ା ଓ ଡା. ଜେ.କେ. ପଟ୍ଟନାୟକ ଯୋଗଦେଇ ଗୃହପାଳିତ ପଶୁପକ୍ଷୀଙ୍କ ସେବା ଯତ୍ନ କରିବା ସହ ସମସ୍ତ ପ୍ରକାର ରୋଗର ଟିକାକରଣ ସ୍ଥାନୀୟ ଭେଟେନାରି ଡାକ୍ତରଖାନାରେ କରାଇବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଏହାସହ ଘରେ ସାପ ପଶିଲେ ବନବିଭାଗ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେବା ପାଇଁ ଅନୁରୋଧ କରିଥିଲେ। ଏହାବ୍ୟତୀତ ଗାଈ, ବଳଦ, କୁକୁର ଖାଲରେ ପଡ଼ିଥିବା ନଜରକୁ ଆସିଲେ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗକୁ ଜଣାଇବାକୁ କହିଥିଲେ। ଇଂ. ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ଅଫ ଟ୍ରଷ୍ଟି ବୈଠକରେ ଗତ ୬ମାସର ହିସାବ କିତାବ ଟ୍ରଷ୍ଟି ପଶୁପତିନାଥ ଚାଟାର୍ଜୀ ଦାଖଲ କରିଥିଲେ। ପରେ ବଜେଟ ପାରିତ ହୋଇଥିଲା। ସଙ୍ଗଠନକୁ ସମର୍ଥନ କରୁଥିବା ସମସ୍ତ ସଦସ୍ୟ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଡା. ଡି.କେ. ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଇପିଏସ୍-୯୫ ଅନ୍‌ଲାଇନ ଆବେଦନ ପ୍ରସଙ୍ଗ
### ଆର୍‌ଏସ୍‌ପି କର୍ତ୍ତୃପକ୍ଷ ପରିଚାଳନା କରନ୍ତୁ

ରାଉରକେଲା ଅଫିସ,୧୯: ଏମ୍ପ୍ଲଇଜ ପେନସନ ସ୍କିମ୍ (ଇପିଏସ୍)-୯୫ ଆବେଦନ ନେଇ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ପରିଚାଳନା କରିବାକୁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି। ଯେଉଁ କର୍ମଚାରୀ ପେନସନ ସ୍କିମ୍‌ରେ ଅନ୍ତର୍ଭୁକ୍ତ ହେବାକୁ ଚାହୁଁଛନ୍ତି ସେମାନଙ୍କୁ କାରଖାନା କର୍ତ୍ତୃପକ୍ଷ ସହଯୋଗ କରନ୍ତୁ। ସମସ୍ତ କର୍ମଚାରୀଙ୍କ ବ୍ୟକ୍ତିଗତ ଫାଇଲ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ପାଖରେ ମହଜୁଦ ରହୁଛି। ଏଣୁ ଏହା ସହଜ ହେବ ବୋଲି ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଛନ୍ତି। ଏହି ମର୍ମରେ ସେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍‌ଲାଇନ ଫର୍ମ ପୂରଣ ନେଇ କର୍ମଚାରୀ ଦ୍ୱନ୍ଦ୍ୱରେ ରହୁଥିବାରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସହଯୋଗ କଲେ ଏହା ସମସ୍ତଙ୍କୁ ସୁହାଇବ ବୋଲି ବେହେରା ପ୍ରକାଶ କରିଛନ୍ତି।

## ସମବାୟ ବିଭାଗର ଛୁଟି ବାତିଲ
# କର୍ମଚାରୀଙ୍କ ବିରୋଧ, ମାନିବେନି ନିର୍ଦ୍ଦେଶ

ସମ୍ବଲପୁର,୧୯(ବୁରୋ)

ପଶ୍ଚିମ ଓଡିଶା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ରହି ଆସୁଛି । ଏହା ନିଜେ ରାଜ୍ୟ ସରକାର ପ୍ରମାଣିତ କରିଛନ୍ତି । ସମବାୟ ବିଭାଗ ଗଣେଶ ପୂଜା, ନୂଆଁଖାଇ ଓ ଏହା ସହ ରବିବାର ଛୁଟିକୁ ବାତିଲ କରିଛି। ଏହି ଦିନରେ ଅଫିସ ଖୋଲି ଚାଷୀ ପଞ୍ଜିକରଣ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସମବାୟ ସମିତି କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରବିବାର ସମଲେଶ୍ୱରୀ ପ୍ରଥମିକ ଦୁଗ୍ଧ ଓ ବହୁମୁଖୀ ସମବାୟ ସମିତି ପକ୍ଷରୁ ସମଲେଇ ମନ୍ଦିର ପରିସରରେ ଏକ ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସର୍ବସମ୍ମିତି କ୍ରମେ କୌଣସି କର୍ମଚାରୀ କାମରେ ଯୋଗ ନ ଦେବାକୁ ନିଷ୍ପତ୍ତି ନିଆଯାଇଛି।

ବିଧାୟକ ନାଉରୀ ନାଏକ ଏଥିରେ ଯୋଗ ଦେଇ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ। ସରକାର ଗଣେଶ ପୂଜା ଓ ନୂଆଁଖାଇ ଛୁଟି ଘୋଷଣା କରିଛନ୍ତି। ହେଲେ ସମବାୟ ବିଭାଗ ଛୁଟି ବାତିଲ କରି ସେହିଦିନ ଚାଷୀ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛି, ଯାହା ଦୁର୍ଭାଗ୍ୟ ଜନକ । ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ଏକ ଗଣପର୍ବ । ଗାଁରୁ ସହର ସବୁଠି ଧୁମ୍‌ଧାମ୍‌ରେ ଲୋକେ ଏହାକୁ ପାଳନ କରନ୍ତି । ଘରଠୁ ବାହାରେ ରହୁଥିବା ଲୋକମାନେ ଛୁଟି ନେଇ ଘରକୁ ଆସନ୍ତି। ହେଲେ ଏଠାରେ କର୍ମଚାରୀମାନଙ୍କୁ କାମ କରିବାକୁ ବାଧ କରାଯାଉଛି । ସେମାନଙ୍କ ଉପରେ ଚାପ ପକାଯାଉଛି। ଚାଷୀ ପଞ୍ଜୀକରରଣ ଧାର୍ଯ୍ୟ ସମୟ ଅଗଷ୍ଟ ୩୧ ତାରିଖଠାରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। କୃଷି ଭିତ୍ତିକ ପର୍ବ ହୋଇଥିବାରୁ ପ୍ରତି ଚାଷି ପରିବାର ନୂଆଁଖାଇ ପାଳନ କରିବେ। ଏଣୁ ସେମାନେ ଚାଷୀଙ୍କ ନାମ ପଞ୍ଜୀକରଣ କାମ କରିବା ପାଇଁ ଆସିବା ସମ୍ଭବ ହେବନି। ତେଣୁ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି ବିଧାୟକ କହିଛନ୍ତି। ଏହି ବୈଠକରେ ସମ୍ବଲପୁର ସମେତ ବରଗଡ, ଦେବଗଡ, ଝାରସୁଗୁଡା ଜିଲାର କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ବୈଠକରେ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ବିଧାୟକ ନାଏକ ରହିଛନ୍ତି। ସମ୍ପାଦକ ଭାବେ ନିତେଶ କୁମାର ସାହୁ, ଉପସଭାପତି ଭାବେ ଭଗବାନ ପଟେଲ, ଦାଶରଥି କର୍ଣ୍ଣ, ସୁମନ୍ତ ଦୀକ୍ଷିତ, ସରୋଜ ପ୍ରଧାନଙ୍କ ନାମ ଚୟନ କରାଯାଇଛି। ତୋଫାନ ଭୋଇ, ଜିତେନ୍ଦ୍ର ପ୍ରଧାନ, ଗଣେଶ ସାହୁ, ସୂର୍ଯ୍ୟ କାଣ୍ଡ, ପ୍ରଦ୍ୟୋତ ପଟ୍ଟନାୟକ ଓ ହାରାଧନ ପଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭାବନୀ ଶଙ୍କର ଭୋଇ ଓ ଭାଜପା ମିଡିଆ ପ୍ରଭାରୀ ମାନସ ବକ୍ସି ସରକାରଙ୍କ ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି।



ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ବୈଠକ ବସିଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

କୋଲାବିରା,୧୯(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର କୋଲାବିରା ଥାନା ଲରିଆପାଲି ନିକଟରେ ଏକ ଟ୍ରକ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜମନକିରା ଥାନା କୁସୁମି ଗ୍ରାମର ମଳୟ ସେଠ (୩୦)। ମଳୟ ଓଡି୨୮-୦୨୪୦ନଂ ବାଇକ୍‌ରେ କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଆସୁଥିବା ବେଳେ ପୂର୍ବାହ୍ନ ୯ଟାରେ ବିପରୀତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ. ଓଡି୨୩-ଜି୦୬୯୯) ଧକ୍କା ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଦୀନବନ୍ଧୁ ମହାକୁଲ (୩୫)ଙ୍କୁ ପୋଲିସ ଅଟକ ରଖିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୧୦୬/୧୯) ରୁଜୁ କରି ପୋଲିସ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ଓ ୧୦ନଂ ରାଜ୍ୟ ରାଜପଥ ମରଣାଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଗତ ସପ୍ତାହକ ମଧ୍ୟରେ ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

# ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ




ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଛାତ୍ରୀଛାତ୍ର ଶପଥ ଗ୍ରହଣ କରୁଛନ୍ତି।

ରାଉରକେଲା ଅଫିସ,୧୯

ଆର୍‌ଏସ୍‌ପି ପକ୍ଷରୁ ଅଗଷ୍ଟ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିଲା ସ୍ୱଚ୍ଛତା ପକ୍ଷ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରଖାନା କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କାରଖାନା ପକ୍ଷରୁ ଶପଥ ଗ୍ରହଣ, ସଫେଇ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ମିକ ବିଭାଗ ସମ୍ମିଳନୀରେ ଗତ ୨୨ ତାରିଖରେ ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା। ଏଥିରେ ବିଭାଗୀୟ ଡିଜିଏମ୍ ଇନ୍‌ଚାର୍ଜ ବିଜୟା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହିପରି ୨୩ ତାରିଖ ନୁତନ ପ୍ଲେଟ ମିଲ ବିଭାଗରେ ଜିଏମ୍ ରାଜୀବ ରଞ୍ଜନ, ୨୪ ତାରିଖରେ ପ୍ଲେଟ ମିଲ ବିଭାଗରେ ଜିଏମ୍ ଡି. ଦତ୍ତା କର୍ମଚାରୀଙ୍କ ସହ ସଫେଇ ଅଭିଯାନରେ ସାମିଲ ହେବା ସହ ଶପଥପାଠ କରାଇ ଚାରାରୋପଣ କରିଥିଲେ। ୨୮ ତାରିଖରେ ସି ଆଣ୍ଡ ଆଇଟି ବିଭାଗରେ ଜିଏମ୍ ରାମ ନାରାୟଣ ନାଏକ ଏବଂ ୩୧ ତାରିଖରେ ଏଚ୍‌ଆର୍‌ଡି ଓ ଏସ୍‌ପିପି ବିଭାଗରେ ସ୍ୱଚ୍ଛତା ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଚ୍‌ଆର୍‌ଡି ବିଭାଗ ଜିଏମ୍ ରାଜେନ୍ଦ୍ର ମିଶ୍ର ଓ ଏସ୍‌ପିପି ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ଏସ୍. ଘୋଷାଲ ଅଧ୍ୟକ୍ଷତା କରିଥିଲେ। ସିଏସ୍‌ଆର୍ ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅର୍ନ୍ତଗତ ତରାଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସିଏସ୍‌ଆର୍ ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ପି.ଏମ୍. ବେହେରା ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ୮୪ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

# ଏସ୍‌ପି-ସିପିଆଇ(ଏମ୍) ପ୍ରତିନିଧି ଆଲୋଚନା

ରାଉରକେଲା ଅଫିସ,୧୯

ସିପିଆଇ(ଏମ୍) ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ରାଉରକେଲା ଏସ୍‌ପି କେ. ଶିବା ସୁବ୍ରମଣିଙ୍କୁ ଜିଲା ପୋଲିସ ମୁଖ୍ୟାଳୟରେ ସାକ୍ଷାତ କରି ତାଙ୍କୁ ସ୍ୱାଗତ କରିବା ସହ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବଣାଇ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଓ ପାଖ ଜାତୀୟ ରାଜପଥରେ ଗାଡ଼ି ଚଳାଚଳରେ ଘୋର ବିଶୃଙ୍ଖଳା ଲାଗି ରହିଛି। ଲହୁଣୀପଡ଼ା-ଟେନସା ରାସ୍ତାରେ ମଧ୍ୟ ସମାନ ଅବସ୍ଥା ଲାଗି ରହିଥିବା ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାଲଟା ମାଇନ୍ସ ଅଞ୍ଚଳରେ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ଏଠାରେ ଅସମାଜିକ ଲୋକଙ୍କ ଦୌରାତ୍ମ୍ୟ ଅସହ୍ୟ ହେଲାଣି। ଜିଲାରେ ଅବାଧ ଜୁଆ, ଚୋରାମଦ, ସଟ୍ଟା କାରବାର, ଟ୍ରଫିକ ସମସ୍ୟା, ଚୋରି, ଛିନ୍‌ତାଇ ଚାଲିଥିବା ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ଗଠନମୂଳକ କାମରେ ଜିଲା ପୋଲିସକୁ ଦଳ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କୁହାଯାଇଥିଲା। ଏଥିରେ ଜିଲା ସମ୍ପାଦକ ପ୍ରମୋଦ ସାମଲ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ଆନନ୍ଦମାସି ହରୋ ଓ ଗୋପୀନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି ସିପିଆଇ(ଏମ୍) ପ୍ରତିନିଧି।

### ନୂଆଖାଇ ଭେଟଘାଟ ଫୁଟବଲ
### ଫାଇନାଲରେ ଚାରଭାଟି

ବ୍ରଜରାଜନଗର,୧୯(ଡି.ଏନ୍.ଏ.)

ରାଜପୁର କଟାପାଲି ଫୁଟବଲ ପଡ଼ିଆରେ ଚାଲିଥିବା ନୂଆଖାଇ ଭେଟଘାଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ଚାରଭାଟି ଦଳ ଓ ସୁନ୍ଦରଗଡ଼ ଭାଲୁଗାଡ଼ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଚାରଭାଟି ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ନୂଆଖାଇ ଦିନ ବୀଣାପାଣି କ୍ଲବ କେଛୋବାହାଲ ଓ ଚାରଭାଟି ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷ ପୀତାମ୍ବର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଟାପାଲି ଗଣପତି କ୍ଲବ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି। କ୍ଲବ ସଭାପତି ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନ୍ୟ ସଦସ୍ୟମାନେ ଏଥିରେ ସହଯୋଗ କରୁଛନ୍ତି।

### ବ୍ୟାଙ୍କ ଖାତାରୁ ୮୦ ହଜାର ଗାଏବ

ରାଉରକେଲା ଅଫିସ,୧୯

ଉଦିତନଗର ଷ୍ଟେଟ ବ୍ୟାଙ୍କ ଶାଖାର ଜଣେ ଗ୍ରାହକଙ୍କ ଖାତାରୁ ପର୍ଯ୍ୟାୟ କ୍ରମେ ୮୦ ହଜାର ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଖାତାଧାରୀ ରାଜକିଶୋର ବେହେରା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଶନିବାର ପୂର୍ବାହ୍ନ ସାଢ଼େ ୯ଟାରେ ଏକ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରରୁ ତାଙ୍କୁ କଲ୍ ଆସିଥିଲା। ଏହାର କିଛି ସମୟ ପରେ ଖତାରୁ ୪୦ ହଜାର ଉଠାଣ ହୋଇଥିବା ମେସେଜ୍ ଆସିଥିଲା। ପରେ ୨୦ ହଜାର ଲେଖାଏଁ ଦୁଇ ପର୍ଯ୍ୟାୟରେ ଆଉ ୪୦ ହଜାର ଟଙ୍କା ଖାତାରୁ ଉଠାଣ ହୋଇଥିବା ମେସେଜ୍ ଆସିଥିଲା। କିଏ, କେଉଁ ପରିସ୍ଥିତିରେ ଓ କିପରି ଜମା ଖାତାରୁ ଏତେ ଟଙ୍କା ଉଠାଣ କଲା ସେ ନେଇ ତଦନ୍ତ କରିବାକୁ ବେହେରା ଦାବି କରିଛନ୍ତି।

# ପ୍ରଫୁଲ୍ଲ ମହାପାତ୍ର ସ୍ମୃତି ବକ୍ତୃତା ପ୍ରତିଯୋଗିତା

ରାଉରକେଲା ଅଫିସ,୧୯

ରାଉରକେଲା ସିଟିଜେନ ଫୋରମର ପୂର୍ବତନ ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ଆଇନଜୀବୀ ପ୍ରଫୁଲ୍ଲ ମହାପାତ୍ରଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆନ୍ତଃ ବିଦ୍ୟାଳୟ ଓ ଯୁକ୍ତ୨ସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତା, ପୁରସ୍କାର ବିତରଣ ଉତ୍ସବ, ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ମ୍ୟୁନିସିପାଲ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୭ ବିଦ୍ୟାଳୟ ଓ କନିଷ୍ଠ ମହାବିଦ୍ୟାଳୟର ୫୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରସାଦ ପାତ୍ର, ଡ. ମାଲା ମହାନ୍ତି, ପ୍ରଫେସର ବିରଞ୍ଚି ପାଣିଗ୍ରାହୀ, ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। କମିଟି ଅଧ୍ୟକ୍ଷା ପୁଷ୍ପଲତା ପତି, ସଂଯୋଜକ କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରାଯାଇଥିଲା। ମୁଖ୍ୟଅତିଥି ରୂପେ ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ ପାଣିଗ୍ରାହୀ ଯୋଗଦେଇ ପ୍ରଫୁଲ୍ଲ ବାବୁ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଓ ସ୍ୱାଭିମାନୀ ଓଡ଼ିଆପ୍ରେମୀ ଥିଲେ ବୋଲି କହିଥିଲେ। ଏଥିରେ ପୂର୍ବତନ କଲେଜ ଅଧ୍ୟକ୍ଷ ପାତ୍ର, ଓ ଡ. ମାଲା ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରଫୁଲ୍ଲ ମହାପାତ୍ର ସ୍ମାରକୀ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ପ୍ରତିଯୋଗୀ।

# ୩୫ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା ଅଫିସ,୧୯

ପତଞ୍ଜଳି ଯୋଗ ସମିତି ପକ୍ଷରୁ ବାସନ୍ତୀ କଲୋନୀ ପାଠାଗାର ପ୍ରଙ୍ଗଣରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଭାରତ ସ୍ୱାଭିମାନର ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ଓ ବାସନ୍ତୀ ପାଠାଗାର ସଭାପତି ପି.କେ. ରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି ପାଇବା ଦିଗରେ ପ୍ରଚେଷ୍ଟା କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରକ୍ତ ବିନା ସମାଜରେ ଯେମିତି କେହି ଜଣେ ହେଲେ ମୃତ୍ୟୁବରଣ ନ କରନ୍ତି ସେ ନେଇ ଆମକୁ ସଚେତନ ରହିବାକୁ ହେବ। ଏଭଳି ଏକ ମହତ କାର୍ଯ୍ୟ ପାଇଁ ଲୋକେ ଆଗ୍ରହ ପ୍ରକାଶ କରିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ୩୫ ଜଣ ରକ୍ତଦାନ କରିଥିଲେ। ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ପୀତବାସ ପ୍ରଧାନ, ନିତମ୍ବିନୀ ସ୍ୱାଇଁ, ଗଙ୍ଗାଧର ଦାସ, ବିକାଶ ଭୋଇ, ରଞ୍ଜନ ମହାପାତ୍ର, ପ୍ରଦୀପ ସାହୁଙ୍କ ସମେତ ବାସନ୍ତୀ ପାଠାଗାର କାର୍ଯ୍ୟକାରୀ ସଭାପତି ବିକ୍ରମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବିଭୁଦତ୍ତ ବେହେରା, ଅଜୟ ପ୍ରଧାନ, ମନୋଜ ବିଶୋୟୀ, ପି.କେ. ସାବତ, ସୁଶାନ୍ତ ପତି ଓ ସଞ୍ଜୟ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।




ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର।

# ପରିବହନ ଅଧିକାରୀଙ୍କ ଅବସର



ଅଟୋରିକ୍ସା କର୍ମଚାରୀ ମହାସଂଘ ପକ୍ଷରୁ ଆର୍‌ଟିଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ରାଉରକେଲା ଅଫିସ,୧୯

ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଅଶୋକ ଜେନା ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ସୁନ୍ଦରଗଡ଼ ଅଟୋରିକ୍ସା କର୍ମଚାରୀ ମହାସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସଂଘ କର୍ମକର୍ତ୍ତା ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ କନିଷ୍ଠ ଏମ୍‌ଭିଆଇ ପର୍ଶୁରାମ ସାହୁ ଉପସ୍ଥିତ ଥିଲେ। ସଂଘ ଉପଦେଷ୍ଟା ରମେଶ ବଳ, ସାଧାରଣ ସମ୍ପାଦକ ସୁଧୀର ଜେନା, ଅରୁଣ କୁନ୍ଦ୍ରା, ସରୋଜ ପତି ଓ ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ଜେନାଙ୍କ ସହ ଆଲୋଚନା କରିଥିଲେ।

# ଶିଶୁ ମନ୍ଦିରରେ ଗୀତା ଆବୃତ୍ତି ପ୍ରତିଯୋଗିତା

ବ୍ରଜରାଜନଗର,୧୯(ଡି.ଏନ୍.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କଟକ ଜଗତପୁର ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିବପ୍ରିୟା ମିଶ୍ରଙ୍କ ସଂଯୋଜନାରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ନିତ୍ୟାନନ୍ଦ ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରଜରାଜନଗର ପୌରାଞ୍ଚଳ ସରସ୍ୱତୀ ଶିଶୁ ମନ୍ଦିର, ଓପିଏମ୍ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଡିଏଭି ପବ୍ଲିକ ସ୍କୁଲ, ବ୍ରଜରାଜନଗର କଲେଜ, ଇନ୍ଦିରା ଗାନ୍ଧୀ ମହିଳା କଲେଜର ୬୮ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୀଲ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

# ଏଟିଏମ୍ ବନ୍ଦ, ଗ୍ରାହକ ହନ୍ତସନ୍ତ

ରାଉରକେଲା ଅଫିସ,୧୯

ଗଣେଶ ପୂଜା ଓ ନୂଆଖାଇ ଭଳି ପାର୍ବଣ ଋତୁରେ ସହରର ଅନେକ ଏଟିଏମ୍‌ର ଶଟର ବନ୍ଦ ରହିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ରବିବାର ଲୋକେ ଟଙ୍କା ଉଠାଇବାକୁ ନାକେଦମ ହୋଇଛନ୍ତି। ବିଭିନ୍ନ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସହରରେ ମାଳ ମାଳ ଏଟିଏମ୍ ଖୋଲାଯାଇଛି। ତେବେ ଗତ କିଛିଦିନ ହେବ ଏଥିରୁ ଅନେକ ଅଚଳ ପଡ଼ିଛି। ଯେଉଁ କେତେକ ଏଟିଏମ୍ ଖୋଲା ରହୁଛି ସେଥିରେ ଲିଙ୍କ ରହୁନି। ଟଙ୍କା ମହଜୁଦ ରହୁ ନ ଥିବାରୁ ମଧ୍ୟ ଲୋକେ ହଇରାଣ ହେଉଛନ୍ତି। କାଁ ଭାଁ ବ୍ୟାଙ୍କ ଶାଖା ପାଖରେ ଥିବା ଏଟିଏମ୍ ଖୋଲା ରହୁଥିବା ବେଳେ ଏଠାରେ ଗ୍ରହକଙ୍କୁ ଟଙ୍କା ଉଠାଣ ନେଇ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡୁଛି। ରବିବାର ସ୍ୱାଭାବିକ କେତେକ ଏଟିଏମ୍ କାଉଣ୍ଟର ବନ୍ଦ ରହିଥିବା ଦେଖାଯାଇଥିଲା। ସୋମବାର ଗଣେଶ ପୂଜା, ମଙ୍ଗଳବାର ନୂଆଖାଇ। ଏମିତି ଅବସ୍ଥାରେ ବ୍ୟାଙ୍କ, ଏଟିଏମ୍ ବନ୍ଦ ରହିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ପର୍ବପର୍ବାଣି ସମୟରେ ଯଦି ଲୋକେ ଟଙ୍କା ଉଠାଇବାକୁ ହନ୍ତସନ୍ତ ହୁଅନ୍ତି ତେବେ ମାଳ ମାଳ ଏଟିଏମ୍ ଥାଇ କି ଲାଭ ବୋଲି ଆଇନଜୀବୀ କୈଳାସ ସାବତ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ



### ଇଲେକ୍ଟ୍ରୋନିକ୍ସ ଦୋକାନରେ ଅଗ୍ନିକାଣ୍ଡ

**ଟେନ୍‌ସା, ୧୯ (ଡି.ଏନ.ଏ)-** କୋଇଡା ଥାନା କୋଇଡା ଛକରେ ଥିବା ଜିତୁ ଇଲେକ୍ଟ୍ରୋନିକ୍ସ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। ହଠାତ ଦୋକାନରୁ ନିଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକ ଜିତୁଙ୍କୁ ଖବର ଦେଇଥିଲେ। ଜିତୁ ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ନିଆଁକୁ ଆୟତ୍ତ କରିବାକୁ ୪ଘଣ୍ଟା ସମୟ ଲାଗିଥିଲା। ଦୋକାନରେ ଥିବା ସବୁ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମେତ ନଗଦ ୨ ଲକ୍ଷ ଟଙ୍କା ମଧ ପୋଡି ଯାଇଥିବା ଜଣାପଡିଛି।

### ସାପ କାମୁଡ଼ାରେ ନାବାଳକ ମୃତ

**କୁଆଁରମୁଣ୍ଡା,୧୯(ଡି.ଏନ.ଏ.)-** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଝାରବେଡ଼ାର ଜୁନାସ ସିନ୍ଦୁରଙ୍କ ଘରକୁ ବୁଲିବାକୁ ଆସିଥିବା ନାବାଳକ ଗୋବିନ୍ଦ କିସପଟା(୧୬)ଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ତାଙ୍କ ଘର ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବାରଗାଡ଼ିଆରେ। ଶନିବାର ରାତିରେ ଶୋଇଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ଗୋବିନ୍ଦଙ୍କୁ ରାଉରକେଲା ଡ଼ାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ପ୍ରିକ୍ୱାର୍ଟର ଫାଇନାଲ

**ସୁନ୍ଦରଗଡ଼, ୧୯ (ଡି.ଏନ୍.ଏ)-** ସୁନ୍ଦରଗଡ଼ଠାରେ ଚାଲିଥିବା ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପର ଦ୍ୱିତୀୟ ପ୍ରି କ୍ୱାଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ୪ର୍ଥ ବାଟାଲିୟନ ରାଉରକେଲା ବନାମ କୋରାପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ବିଜୟୀ ହୋଇ କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଝାରସୁଗୁଡା ବନାମ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ତୃତୀୟ ମ୍ୟାଚ୍ କମିଶନରେଟ ପୋଲିସ -ଏ ବନାମ ଷଷ୍ଠ ଆଇଆରବିଏନ୍ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଶନରେଟ ପୋଲିସ -ଏ ପେନାଲିଟି ସୁଟ ଆଉଟରେ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ୍ ରାଉରକେଲା ବନାମ ୪ର୍ଥ ଆଇଆରବିଏନ୍ ଦେବଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଉରକେଲା ଦଳ ପେନାଲିଟି ସୁଟ ଆଉଟ ମାଧ୍ୟମରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି।

ଭେଡାବାହାଲ ପ୍ରସ୍ତାବିତ ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ଆରମ୍ଭ ପ୍ରସଙ୍ଗ

# କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି

**ସୁନ୍ଦରଗଡ଼, ୧୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ପ୍ରସ୍ତାବିତ ଅଲଟ୍ରାମେଗା ପାୱାର ପ୍ରୋଜେକ୍ଟ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଏନେଇ ସ୍ଥାନୀୟ ଭାଜପା ଯୁବନେତା ତଥା ଜାତୀୟ ଅନୁସୂଚିତ ଜାତି କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ୍ ତନ୍ତୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀଠାରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ. ସିଂଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ଭେଡାବାହାଲ ଠାରେ ଏହି ବୃହତ୍ତ


କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧି ମଣ୍ଡଳୀ।

ବିଦ୍ୟୁତ୍ ପ୍ରକଳ୍ପ ସକାଶେ ଗତ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜମି ଅଧିଗ୍ରହଣ କାର୍ଯ୍ୟ ସରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର କୌଣସି କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଏହି ପ୍ରକଳ୍ପ ସକାଶେ ରାଜ୍ୟ ସରକାର ଇଡକୋ ମାଧ୍ୟମରେ ୩୨୪୬ ଏକର ଜମି ଅଧିଗ୍ରହଣ ଯୋଜନା ଆରମ୍ଭ କରିଥିଲେ। ମାତ୍ର ୨୦୦୬ରେ ଜମି ଅଧିଗ୍ରହଣ ସକାଶେ ଅନୁଷ୍ଠିତ ଗ୍ରାମସଭାରେ ଲଙ୍କାହୁଡା ଗ୍ରାମପଞ୍ଚାୟତର ସେମନା ଓ ଜପଙ୍ଗା ଗ୍ରାମବାସୀ ଜମି ଦେବାକୁ ରାଜି ନ ହେବାରୁ ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ୨ଟି ଗ୍ରାମକୁ ବାଦ୍ ଦେଇ ଲଙ୍କାହୁଡା ସମେତ ରୁପିଡିହି ଓ କୋପସିଂହା ଗ୍ରାମର ଜମି ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ଓ ବିସ୍ଥାପିତ ଲୋକେ ଦ୍ୱନ୍ଦରେ ରହିଛନ୍ତି। ଜମି ଅଧିଗ୍ରହଣ ପରେ କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ସମ୍ପୃକ୍ତ ଗ୍ରାମଗୁଡିକରେ କୌଣସି ସରକାରୀ ଯୋଜନାଗୁଡିକ କାର୍ଯ୍ୟକାରୀ ହେଉନାହିଁ। ଏହି ପ୍ରତିନିଧିଦଳରେ ଦିଲୀପ ପଟେଲ, ମଣୀନ୍ଦ୍ର କୁମାର, ଦୀପେନ୍ ପଟେଲ, ଆଦିତ୍ୟ ପଟେଲ ସାମିଲ ଥିଲେ।

# ଅବନକେଲା ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି

**ସୁନ୍ଦରଗଡ଼, ୧୯ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଅବନକେଲା ଗଣେଶପୂଜା କମିଟି ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। କମିଟିର ସମ୍ପାଦକ ମିରାନନ୍ଦ ସେଠଙ୍କ ଆବାହନ କ୍ରମେ ଅଧ୍ୟାପକ ଫିରୋଜ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୩ ତାରିଖରେ ଉଦ୍‌ଘାଟନୀ ଓ ୪ ତାରିଖରେ ଉଦ୍‌ଯାପନୀ ଉତ୍ସବ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଛି। ଅବନକେଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ମଞ୍ଚ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହି ନୂଆଁଖାଇ ତିହାର ପାଇଁ ପଶ୍ଚିମ ଓଡିଶାର ବିଶିଷ୍ଟ ବ୍ୟକ୍ତି, କବି, କଳାକାରମାନେ ନୂଆଁଖାଇ ମଞ୍ଚରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଭଲ ଭୁଆସେନ୍, ପଶ୍ଚିମ ଓଡିଶାର ଲୋକବାଦ୍ୟ, ଲୋକନୃତ୍ୟର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ଜୟ ଜଗନ୍ନାଥ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ଚଢେନ୍ ଝୁରୀର ମୁଡେ ବାଡି ନାଟକ ମଞ୍ଚସ୍ଥ ହେବ। ପ୍ରସ୍ତୁତି ବୈଠକରେ ଚେତନ ଅଡା, ନିରୋଜ ପଟେଲ, ଅଜିତ ପଟେଲ, ଭୁବନ ବଡେକ ଆଦି କମିଟି ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ବିଭିନ୍ନ ବ୍ୟକ୍ତିମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶେଷରେ କମିଟିର ସଭାପତି ଗୁରୁଚରଣ ବଡେକ ଧନ୍ୟବାଦ ଦେଇଥିଲେ।

# ସ୍କ୍ରାପ ଚୋରା ଚାଲାଣ, ନାହିଁ କାର୍ଯ୍ୟାନୁଷ୍ଠାନ

**କୁଆଁରମୁଣ୍ଡା, ୧୯ (ଡି.ଏନ.ଏ.)**

ବୀରମିତ୍ରପୁର ଥାନା ଅଞ୍ଚଳରେ ଚୋରା ଲୁହା ସ୍କ୍ରାପ ଚାଲାଣ ବୃଦ୍ଧି ପାଉଛି। ଲୁହାକଣ୍ଟା ବ୍ୟବସାୟୀମାନେ ଲୁହା ସ୍କ୍ରାପଗୁଡିକୁ କୁଆଁରମୁଣ୍ଡା ଓ ବୀମରିତ୍ରପୁର ତଥା ଏହାର ଆଖପାଖରେ ଥିବା ସ୍ପଞ୍ଜ ଆଇରନ କମ୍ପାନୀଗୁଡିକୁ ବଡି ଭୋର୍ ଓ ବିଳମ୍ବିତ ରାତିରେ ପଠାଉଥିବା ଅଭିଯୋଗ ହେଉଛି। ଉକ୍ତ ସ୍କ୍ରାପ ବୋଝେଇ ଟ୍ରକ, ଟ୍ରେଲରଗୁଡିକ ରାଉରକେଲାରୁ ୧୪୩ ନମ୍ବର ଜାତୀୟ ରାଜପଥରେ ବୀରମିତ୍ରପୁର ଅଞ୍ଚଳକୁ ଆସୁଛି। ଏହି ଚାଲାଣ ସମୟରେ ଲୁଙ୍ଗେଇ ନିକଟରେ ସମୟେ ସମୟେ ବ୍ରାହ୍ମଣୀତରଙ୍ଗ ପୋଲିସ ପାଟ୍ରୋଲିଂ ଦଳ ହାବୁଡ଼ରେ ପଡ଼ି ଚାଳକ ସମେତ ଅନ୍ୟମାନେ ଗିରଫ ହୋଇଥିବାର ନଜିର ରହିଛି। ହେଲେ କୁଆଁରମୁଣ୍ଡା ଓ ବୀରମିତ୍ରପୁର ପୋଲିସ ପକ୍ଷରୁ ଚୋରା ସ୍କ୍ରାପ ଚାଲାଣକୁ ରୋକିବା ପାଇଁ ଆଦୌ ପାଟ୍ରୋଲିଂ ହେଉ ନ ଥିବାରୁ ଚାଲାଣକାରୀମାନେ ଏହି ଅଞ୍ଚଳରେ ଅବାଧ କାରବାର ଚଳାଇଛନ୍ତି। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲୁଛି। ଏହି ଅଞ୍ଚଳରେ ବର୍ଷବର୍ଷ ଧରି ସ୍କ୍ରାପ ବ୍ୟବସାୟୀମାନେ ସେମାନଙ୍କ ନେଟ୍‌ୱାର୍କ ବଢେଇ ଚାଲୁଥିବା ବେଳେ ଏଥିରେ ରୋକ୍ ଦେବାକୁ ହେଲେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ରହିଛି।

## ସାମୂହିକ ବୃକ୍ଷରୋପଣ

**ଗଣ୍ଡତୁରୁମ, ୧୯ (ଡି.ଏନ.ଏ)**

ଭେଡେନ ବ୍ଲକ ସୁନାଲରମ୍ଭା ପଞ୍ଚାୟତ ଗୁନିଆଁପାଲି ଗ୍ରାମବାସୀ ରବିବାର ଜିରା ନଦୀ ଧାର ଘାଟ ନିକଟ ଗ୍ରାମ୍ୟ ଜଙ୍ଗଲରେ ଦୁଇ ହଜାର ଆମ୍ବ ଚାରା ରୋପଣ କରିଛନ୍ତି । ପୂର୍ବରୁ ୬ ଏକର ଗୋଚର ଜମିରେ ୫ଶହ ଆମ୍ବ, ଅର୍ଜୁନ, ନିମ୍ବ ଏବଂ ବହଳ ପ୍ରାୟ ଚାରା ଲଗାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ତେବେ ଅବଶିଷ୍ଟ ୩ ଏକର ଜମି ପଡିଆ ରହିଥିଲା । ଗ୍ରାମର ଦିବ୍ୟାଙ୍ଗ ମକରଧ୍ୱଜ ପାତ୍ରଙ୍କ ଉଦ୍ୟମରେ ଶନିବାର ଏକ ଗ୍ରାମସଭା ଡକାଯାଇଥିଲା। ରବିବାର ନିଜ ଘର ବାଡିରେ ପ୍ରସ୍ତୁତ ଆମ୍ବ ଚାରା ସଂଗ୍ରହ କରି ରୋପଣ କରାଯାଇଥିଲା । ଏଥିରେ ମେଘରାଜ ଖମାରୀ, ରାଜ କୁମାର ଖମାରୀ, ଅଶୋକ ଖମାରୀ, ସରୋଜ ଖମାରୀ, ଇଶ୍ୱର ଦେହେରୀ ଦେହେରୀ ନେତୃତ୍ୱ ନେଇଥିଲେ ।


ହକି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ବାଳକ।

# ତିଲେଇକାନୀ ଗ୍ରାମରେ ହକି ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା, ୧୯ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ତିଲେଇକାନୀ ଖେଳ ପଡିଆରେ ବାଳକମାନଙ୍କୁ ନେଇ ଏକ ଦିନିଆ ହକି ଖେଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଇଲିଆସ ତିର୍କୀଙ୍କ ନେତୃତ୍ୱରେ ଏହି ଏକ ଦିନିଆ ଶିବିରରେ ମୁଖ୍ୟକୋଚ ଭାବେ ଦୌଉନିକ ଟପ୍ପୋ, ହରସମରା ଫାଦର ଅନୀଲ କୁଲୁ, ସିକାଯୋର ଫାଦର ଫୁଲଜେନ୍ସ ମାଝି, କଇଁସରା ଫାଦର ଫାଉଲୁସ ଏକ୍କା ପ୍ରମୁଖ ଯୋଗଦେଇଥିଲେ। ହରସମରା ଉପ୍ରା ପ୍ରାଥମିକ ବିଦ୍ୟାଳୟ ଓ ସିକାଯୋର ଉପ୍ରା ବିଦ୍ୟାଳୟ ବାଳକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାଳକମାନଙ୍କର ଶାରିରୀକ ବିକାଶ ଓ ଖେଳ ପ୍ରତି ଉତ୍ସାହ ବୃଦ୍ଧି କରିବାର ପ୍ରୟାସ ବୋଲି ଜଣାପଡିଛି।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଦଳର ଖେଳାଳି।

# ଫୁଟବଲ ଟୁର୍ନାମେଣ୍ଟ, ମହପଡା ଚାମ୍ପିୟନ

**ବଡଗାଁ, ୧୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ପଞ୍ଚାୟତର ନିକଟିପଡାଠାରେ ସ୍ଥାନୀୟ ହିଟଲର୍ କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ପଞ୍ଚୁପଡାକୁ ହରାଇ ମହପଡା ଚାମ୍ପିୟନ ହୋଇଛି। ୨୬ଟି ଦଳ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଲାଖପଡା ଓ ହିଟଲର୍ କ୍ଲବ ମଧରେ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଲବଣୀଧର ମାଝି ମୁଖ୍ୟଅତିଥି, ୱାର୍ଡ ମେମ୍ବର ବିଦ୍ୟାଧର ସା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ଲବ ସଦସ୍ୟ ଜେନାମଣୀ ଟପ୍ପୋ, ଦୈଲତ, ପ୍ରଶାନ୍ତ, ସୁମନ୍ତ, ଦିନେଶ, ରମେଶ, ଦିଲୀପ, କାଳିଆ, ରାଜା, ପ୍ରଦୀପ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।

## ବଡଗାଁରେ ଦେମୁଲ ପୂଜା

**ବଡଗାଁ, ୧୯ (ଡି.ଏନ.ଏ)**

ବଡଗାଁରେ ଗ୍ରାମବାସୀମାନେ ଦେମୁଲ ପୂଜା ପାଳନ କରିଛନ୍ତି । ଶୁକ୍ରବାର ପାରମ୍ପାରିକ ରୀତିନୀତି ଅନୁସାରେ ଗଏଲୋଗଡ ସ୍ଥିତ ଦେମୁଲରେ କାଲୋ (ପୂଜକ) ପୂଜାର୍ଚ୍ଚନା କରିଥିଲେ । ଏହାପରେ ଗ୍ରାମଦେବୀଙ୍କଠାରେ ବୋଦାବଳୀ ଦିଆଯାଇଥିଲା । ନିୟମାନୁଯାଇ, ଦେମୁଲ ନିକଟରେ ରନ୍ଧା ହେଲାପରେ ଗ୍ରାମବାସୀମାନେ ସେଠାରେ ଭୋଜନ କରିଥିଲେ। ଗୌତିଆ ପ୍ରକାଶ ପାଣିଗ୍ରାହୀ ତୈଳିକ ସମାଜର ପୂଜାରେ ଯୋଗଦେଇ ନୂଆଁଖାଇ ଲଗ୍ନ ଉପରେ ସୂଚନା ଦେଇଥିଲେ । କାଲୋ ଧନସିଂ କୁମରା ପୂଜା କାର୍ଯ୍ୟ ତୁଲାଇଥିଲେ । ପୂର୍ବ କାଳରେ ଲୋକେ ପ୍ରବାସନ କରି ଅନ୍ୟତ୍ର ଚାଲିଯାଉଥିଲେ । ସେମାନେ ଯେଉଁ ସ୍ଥାନକୁ ବସତି ପାଇଁ ଉପଯୁକ୍ତ ମଣୁଥିଲେ ସେଠାରେ ଘଞ୍ଚ ବୃକ୍ଷ ଦେଖି ଦଳର ବୟସ୍କ ବ୍ୟକ୍ତି ପଥର ରଖି ଗ୍ରାମଦେବୀ ସ୍ଥାପନ କରୁଥିଲେ ।

# ବଡ଼ଗାଁରେ ପୋଷ୍ଟାଲ ଇନ୍‌ସୁରାନ୍ସ ମେଳା

**ବଡ଼ଗାଁ, ୧୯ (ଡି.ଏନ.ଏ)**

ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶୁକ୍ରବାର ସୁନ୍ଦରଗଡ ପୋଷ୍ଟାଲ ନର୍ଥ ଡିଭିଜନ ପକ୍ଷରୁ ପୋଷ୍ଟାଲ ଇନସୁରାନ୍ସ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବରିଷ୍ଠ ଡାକ ଅଧୀକ୍ଷକ ମନୋଜ ନାଏକ, ଏସଡିଆରପି ଦୀପକ କୁମାର, ଓଭରସିଅର୍ ଦିଲୀପ ପଟେଲ ଯୋଗଦେଇଥିଲେ। ଆୟୋଜିତ ମେଳାରେ ଡାକ ବିଭାଗର ଅଧିକାରୀମାନେ ବିଭିନ୍ନ ଚିଟଫଣ୍ଡରେ ଟଙ୍କା ନ ରଖି ଯେଉଁଟା ଆଇଆରଡିଏ ଏବଂ ଆରବିଆଇ ଅଧିନରେ ନିୟନ୍ତ୍ରିତ କରୁଥିବା ସଂସ୍ଥାରେ ଟଙ୍କା ରଖିବା, ବର୍ଷକୁ ୧୨ ଟଙ୍କା ଜମା କରି ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ୨ ଲକ୍ଷ ଟଙ୍କାର ବୀମା ସୁବିଧା ପାଇବା ଓ ପ୍ରତ୍ୟେକ ବ୍ୟକ୍ତି ବୀମା ଭୁକ୍ତ ହେବା ଦିଗରେ କାର୍ଯ୍ୟ କରିବା ଏବଂ ଲୋକଙ୍କୁ ସରକାରୀ ଯୋଜନାର ସୁବିଧାଗୁଡକ ଉପରେ ବୁଝାଇବାକୁ ଗ୍ରାମୀଣ ଡାକ ସେବକଙ୍କୁ କହିଥିଲେ । ଆରମ୍ଭ ହେବାକୁ ଥିବା ଇଣ୍ଡିଆ ପୋଷ୍ଟାଲ ପେମେଣ୍ଟରେ ବିଦ୍ୟୁତ ବିଲ, ଫୋନ ବିଲ, ଟିଭି ରିଚାର୍ଜ ଅନ୍ ଲାଇନରେ କିପରି କରାଯିବ ଓ ଏହାଦ୍ୱାରା ଗ୍ରାହକମାନେ କଣ ସୁବିଧା ପାଇବେ ସୂଚନା ଦେଇ ଏହା ଉପରେ ଲୋକଙ୍କୁ ଜଣାଇବାକୁ କହିଥିଲେ । କାର୍ଯ୍ୟକ୍ରମରେ ବଡଗାଁ, କୁତ୍ରା, ରାଜଗାଙ୍ଗପୁର, ତୁନମୁର, ଲାଞ୍ଜିବେର୍ଣ୍ଣା ସବ୍‌ପୋଷ୍ଟଅଫିସର ସମସ୍ତ ଗ୍ରାମୀଣ ଡାକ ସେବକ ଯୋଗଦେଇଥିଲେ । କୁସୁମଡେଗିର ଗ୍ରାମୀଣ ଡାକ ସେବକ ଗୌରାଙ୍ଗ ପୃଷେଟ ଅତିଥି ପରିଚୟ କରାଇଥିଲା ବେଳେ ଆର କୁକୁଡା ଗ୍ରାମର ଗ୍ରାମୀଣ ଡାକ ସେବକ ପୂର୍ଣ୍ଣଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।


ପୋଷ୍ଟାଲ ଇନସୁରାନ୍ସ ମେଳାରେ ବିଭାଗୀୟ କର୍ମଚାରୀ, ଅଧିକାରୀ ଉପସ୍ଥିତ।

ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼, ୧୯ (ଡି.ଏନ୍.ଏ)**

ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ପ୍ରଗତିମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ସୁନ୍ଦରଗଡ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ବୈଠକର ବିବରଣୀ ଅନୁଯାୟୀ ସଡକ ସୁରକ୍ଷା ନିମନ୍ତେ ସଂପୃକ୍ତ ବିଭିନ୍ନ ବିଭାଗର କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜ୍ୟ ରାଜପଥ ନଂ.୧୦ ଏବଂ ତତ୍‌ସଂଲଗ୍ନ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ରାସ୍ତା ସହ ଜିଲାର ଅନ୍ୟାନ୍ୟ ବ୍ୟସ୍ତବହୁଳ ରାସ୍ତା ସମେତ ରାଉରକେଲା ଓ ଅନ୍ୟାନ୍ୟ ସହରର ରାସ୍ତା ଗୁଡିକର ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ, ଦୁର୍ଘଟଣାକୁ ରୋକିବା ନିମନ୍ତେ ବିଭାଗୀୟ ପଦକ୍ଷେପ ସ୍ୱରୂପ ବିଭିନ୍ନ ରାସ୍ତାରେ ସାଙ୍କେତିକ ଚିହ୍ନ ସୁନିଶ୍ଚିତ କରିବା, ବିଶେଷ କରି ରାଜ୍ୟ


ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ।

ରାଜପଥ ୧୦ ବିଜୁ ଏକ୍ସପ୍ରେସ ୱେରେ ବିଭିନ୍ନ ଜନବସତି ଅଞ୍ଚଳରେ ଅନାଧିକର ପ୍ରବେଶ ପଥ ଯାହାକି ଦୁର୍ଘଟଣାପ୍ରବଣ ସଡକ ପ୍ରମୁଖ କାରଣ ତାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଏଲଆଣ୍ଡଟି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ବେଦବ୍ୟାସ ଛକ ଠାରୁ ପାନପୋଷ ଛକ ମଧ୍ୟରେ ଭାରିଯାନ ନିମନ୍ତେ ପାର୍କିଂସ୍ଥଳର ବ୍ୟବସ୍ଥା ଶିଘ୍ର କରିବା, ଜମି ଚିହ୍ନଟ ସହ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ପରିବହନ ବିଭାଗର କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟ ରାଜପଥ ତଥା ଅନ୍ୟାନ୍ୟ ରାସ୍ତା ଗୁଡିକରେ ଧନଜୀବନକୁ ସୁରକ୍ଷା ଯୋଗାଇବା ସହ ଦୁର୍ଘଟଣା ରୋକିବା ନିମନ୍ତେ ବିଭିନ୍ନ ଯାନର ଗତିବିଧିକୁ ନଜର ରଖିବା ନିମନ୍ତେ ସିସିଟିଭି କ୍ୟାମେରା ସହ ଟ୍ରାଫିକ ସିଗନାଲ ଆଲୋକ ପ୍ରଚଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପୁନଶ୍ଚ ରାଜ୍ୟ ରାଜପଥ ୧୦ରେ ଦ୍ରୁତଗତିରେ ଗାଡିଚାଳନାକୁ ରୋକିବା ନିମନ୍ତେ ସ୍ପିଡ ଲେଜର କ୍ୟାମେରା ଲଗାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ମାସ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପରିବହନ ବିଭାଗ ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳର ରାସ୍ତା ଓ ବ୍ୟସ୍ତବହୁଳ ରାସ୍ତା ଗୁଡିକୁ ଯାଇ ଯାଞ୍ଚ କରିବା ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଗାଡିଚାଳକ ଓ ବିଭିନ୍ନ ଯାନ ବାହାନ ଗୁଡିକ ଯାଞ୍ଚ କରିବା ଉପରେ ଜୋର ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ରାସ୍ତା ସଂଲଗ୍ନ ସ୍କୁଲ କଲେଜ ଗୁଡିକର ଛାତ୍ରୀ ଛାତ୍ର ତଥା ଅଭିଭାବକମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନା ସୃଷ୍ଟି କରିବା ଉପରେ ପ୍ରାଥମିକତା ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକା, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ କୁମାର ଜେନା, ଏଆରଟିଓ ସସ୍ମିତା ବେହେରା, ଏମଭିଆଇ ରାମଦାସ ଟୁଡୁ, ପର୍ଶୁରାମ ସାହୁ, ଡିଏସପି ସୁନ୍ଦରଗଡ ପି.କେ ବିଶ୍ୱାଳ, ଘରୋଇ ବସ ମାଲିକ ସଂଘର ସଭାପତି ରତନ ଷଡଙ୍ଗୀଙ୍କ ସମେତ ଏଲଆଣ୍ଡଟି ଓ ରେଡକ୍ରସ ସଂସ୍ଥାର କର୍ମକର୍ତ୍ତା ତଥା ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟାଳୟ ପରିସରରେ ଚାରା ରୋପଣ

**ବେଦବ୍ୟାସ, ୧୯ (ଡି.ଏନ.ଏ)**

ଲାଠକଟା ବ୍ଲକ ଅନ୍ତର୍ଗତ ଗୋପପାଲି ପାହାଡିଟୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବେଦବ୍ୟାସ ଶହୀଦ ସ୍ମୃତି କମିଟି ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। କ୍ରାନ୍ତି ବିରଙ୍ଗନା ରାଣୀ ଗୀତାୟିଲୋଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ବାଲୁ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶହୀଦ ସ୍ମୃତି କମିଟିର ସଭାପତି, ବିଶିଷ୍ଟ ସମାଜସେବୀ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଟିଏ ବୃକ୍ଷ ରୋପଣ କରିବା ସହ ବୃକ୍ଷ ଦ୍ୱାରା ପରିବେଶ ସନ୍ତୁଳିତ ହୋଇ ଅଧିକ ବର୍ଷାର ସମ୍ଭାବନା ରହିବା ସହ ପରିବେଶ ସ୍ୱଚ୍ଛଳ ରହିଥାଏ । ଏଣୁ ପ୍ରତ୍ୟେକ ବ୍ୟକ୍ତି ମାନସିକସ୍ତରରେ ସଚେତନ ହୋଇ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିବା ସହ ତାହାର ଉଚିତ ଯତ୍ନ ନେବା ଉଚିତ ବୋଲି ବକ୍ତବ୍ୟ ମାଧମରେ ଗୁରୁତ୍ୱାରୋପ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଚାରା ଯଥା ନିମ୍ବ, ଆମ୍ବ, ଦେବଦାରୁ ଆଦି ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ପାକେଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।